# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୧/୨୦୧୮ (୧୬ ପୃଷ୍ଠା) | Bhubaneswar, Tuesday, September 11 / 2018 | ★★★★★★

୪୪ଶ ଭାଗ ୨୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଜୋକୋଭିଚ୍ ୟୁଏସ୍ ଓପନ୍ ଚାମ୍ପିୟନ

ସର୍ବିୟାର ନୋଭାକ ଜୋକୋଭିଚ୍ ଆର୍ଜେଣ୍ଟିନାର ଜୁଆନ ମାର୍ଟିନ ଡେଲ ପୋଟ୍ରୋଙ୍କୁ ପରାସ୍ତ କରି ୟୁଏସ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି।

୧୪ ୦୨

## ଅଭିନେତ୍ରୀ ରାଧିକା ମଦନ ଉତ୍ସାହିତ

ରାଧିକା ମଦନଙ୍କ ଅଭିନୀତ 'ମର୍ଦ କୋ ଦର୍ଦ ନହିଁ ହୋତା' ଟରଣ୍ଟୋ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ୍‌ରେ ପ୍ରଦର୍ଶିତ ହେବାକୁ ଯାଉଥିବାରୁ ସେ ବେଶ୍ ଉତ୍ସାହିତ ଅଛନ୍ତି।








### ରାଜସ୍ଥାନ ପରେ ଆନ୍ଧ୍ରପ୍ରଦେଶ

## ତେଲ ଦର ୨ ଟଙ୍କା କମାଇଲା

**ହାଇଦ୍ରାବାଦ,୧୦।୯**

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆଙ୍କ ପରେ ସୋମବାର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରା ବାବୁ ନାଇଡୁ ରାଜ୍ୟରେ ତେଲ ଦର ହ୍ରାସ ଘୋଷଣା କରିଛନ୍ତି। ରବିବାର ବସୁନ୍ଧରା ରାଜେ ରାଜ୍ୟରେ ତେଲ ଦର ୨.୫୦ ଟଙ୍କା ହ୍ରାସ କରାଯାଇଛି ବୋଲି ଘୋଷଣା କରିଥିଲେ। ନାଇଡୁ ଏହାକୁ ଅନୁକରଣ କରି ରାଜ୍ୟରେ ତେଲ ଦରକୁ ୨ ଟଙ୍କା ହ୍ରାସ କରାଯିବ ବୋଲି ବିଧାନସଭାରେ ଘୋଷଣା କରିଛନ୍ତି। ଫଳରେ ଆନ୍ଧ୍ରପ୍ରଦେଶରେ ସୋମବାର ମଧ୍ୟରାତ୍ରରୁ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ପାଇବ। ନାଇଡୁଙ୍କ ଭାଟ୍ ହ୍ରାସ ଘୋଷଣା ଯୋଗୁ ରାଜ୍ୟ ସରକାର ତେଲ ବାବଦରେ ୧,୧୨୦ କୋଟି ଟଙ୍କା ରାଜସ୍ୱ ହରାଇବେ। ତେଲ ଦରବୃଦ୍ଧିକୁ ନେଇ ସେ ବିଧାନସଭାରେ ବର୍ଷିଥିଲେ। ସେ କହିଥିଲେ ଯେ, ୨୦୧୩-୧୪ରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୫.୫୨ ଡଲାରରୁ ୪୬ ଡଲାର ହ୍ରାସ ପାଇବା ସତ୍ତ୍ୱେ କେନ୍ଦ୍ର ସରକାର ତେଲ ଦର ହ୍ରାସ କଲେ ନାହିଁ। ଏବେ ଏହା ୭୦ ଡଲାର ରହିଛି। କିନ୍ତୁ କେନ୍ଦ୍ର ଏବେ ବି ପେଟ୍ରୋଲ ଓ ଡିଜେଲ ଦର ବଢ଼ାଇ ଚାଲିଛନ୍ତି ବୋଲି ସେ ☞ପୃଷ୍ଠା-୪

# ବନ୍ଦ ଶାନ୍ତିପୂର୍ଣ୍ଣ

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

- ଗୋଲାପ, ଚକୋଲେଟ ବାଣ୍ଟିଲେ କଂଗ୍ରେସ କର୍ମୀ
- ରାଜ୍ୟର କାଁ ଭାଁ ସ୍ଥାନରେ ହିଂସା
- ରେଳ, ଯାନବାହନ, ଦୋକାନ ବଜାର ବନ୍ଦ
- ଯାତ୍ରୀ ହନ୍ତସନ୍ତ

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଛି। ଏଥିଯୋଗୁ ସୋମବାର ରାଜ୍ୟରେ ଶିକ୍ଷାନୁଷ୍ଠାନ, ଦୋକାନ ବଜାର, ଯାନବାହନ, ରେଳ ଚଳାଚଳ ବନ୍ଦ ରହିଥିଲା। ଓଡ଼ିଶାରେ ବନ୍ଦ ପ୍ରାୟତଃ ଶାନ୍ତିପୂର୍ଣ୍ଣ ରହିଥିଲାବେଳେ କାଁ ଭାଁ ହିଂସା ଦେଖିବାକୁ ମିଳିଛି। ଲୋକମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦକୁ ସମର୍ଥନ କରିନେଇଥିବା ଭଳି ମନେହୋଇଥିଲା। ହେଲେ ବ୍ୟବସାୟୀ ଓ ଗାଡ଼ି ମାଲିକମାନେ ଭଙ୍ଗାରୁଜା ଘଟିବା ଆଶଙ୍କା କରିଥିଲେ। ତେଣୁ ଦୋକାନ ବଜାର ସମେତ ବସ୍, ଟ୍ରକ୍, ଅଟୋରିକ୍ସା ଏବଂ ଅନ୍ୟାନ୍ୟ ଯାନବାହନ ଚଳାଚଳକୁ ବନ୍ଦ କରିଦେଇଥିଲେ। କଂଗ୍ରେସ ସହିତ ବାମପନ୍ଥୀ ଦଳଗୁଡିକ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ସିପିଆଇ, ସିପିଆଇ(ଏମ୍) କର୍ମୀମାନେ ହାତରେ ପତାକା ଓ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା କରିଥିଲେ। ବନ୍ଦକୁ ଦୃଷ୍ଟିରେ ରଖି ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ସୋମବାର ଥିବା ପରୀକ୍ଷାକୁ ବାତିଲ ଘୋଷଣା କରି ଦେଇଥିଲେ।

ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ, ଏଜି ଛକ, ରାଜମହଲ, ବାଣୀବିହାର, ରସୁଲଗଡ, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ସୈନିକ ସ୍କୁଲ ଛକ, ଡମଣା ଛକ, ଫାୟାର ଷ୍ଟେଶନ, ଗଣ୍ଡମୁଣ୍ଡା, କଳ୍ପନା ଛକ, ସାମନ୍ତରାପୁର ଛକ, ରବି ଟକିଜ, ନାଲ୍‌କୋ ଛକ ଆଦି ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ବରିଷ୍ଠ ନେତା ଭକ୍ତ ଚରଣ ଦାସ, ଏଆଇସିସିର ଅନିଲ ଚୌଧୁରୀ, ଏଆଇସିସି ସମ୍ପାଦକ ଜି. ରୁଦ୍ରରାଜୁ, ପ୍ରସାଦ ହରିଚନ୍ଦନ, ସୁରେଶ କୁମାର ରାଉତରାୟ, ଚିରଞ୍ଜୀବ ବିଶ୍ୱାଳ ଓ କଂଗ୍ରେସ ବିଧାୟକମାନଙ୍କ ନେତୃତ୍ୱରେ ଏକ ପଦଯାତ୍ରା ମାଷ୍ଟରକ୍ୟାଣ୍ଟିନଛକଠାରୁ ଆରମ୍ଭ ହୋଇ ରାଜମହଲ, ସଚିବାଳୟ ଓ ବିଧାନସଭା ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲା। ପୂର୍ବରୁ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ବେଳେ ହିଂସା ଦେଖିବାକୁ ମିଳୁଥିଲା। ଏଥର କିଭଳି ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ କରାଯିବ ସେନେଇ ପିସିସି ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ଏପରି କି ଭୁବନେଶ୍ୱରରେ ନିଆରା କୌଶଳ ଅବଲମ୍ବନ କରାଯାଇଥିଲା। ଯୁବ, ଛାତ୍ର, ମହିଳା କଂଗ୍ରେସ ନେତ୍ରୀମାନେ ପଥଚାରୀଙ୍କୁ ଅଟକାଇ ଗୋଲାପ ଫୁଲ ଓ ଚକୋଲେଟ ଦେଇ ବନ୍ଦକୁ ସମର୍ଥନ କରିବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଥିଲା। ହେଲେ ରାଜଧାନୀର ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ଗାଡି ଚାଳକମାନଙ୍କୁ ଠେଙ୍ଗାବାଡି ଦେଖାଇ ଭୟଭୀତ କରାଯାଉଥିବା ଦେଖିବାକୁ ମିଳିଥିଲା। ସେହିପରି ପୁରୀ ଜିଲାର କାକଟପୁର ତହସିଲ କାର୍ଯ୍ୟାଳୟର ପଛପଟ ଗେଟ୍ ଭାଙ୍ଗି କେତେଜଣ ଆନ୍ଦୋଳନକାରୀ ପଶିବା ସହ ଜଣେ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ନବରଙ୍ଗପୁର ଜିଲାପାଳଙ୍କ ଅଫିସ୍‌ରେ ମଧ୍ୟ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ ଫାଟକ ଠେଲାପେଲା କରି ହୋହାଲ୍ଲା କରିଥିଲେ। କଟକରେ କଂଗ୍ରେସ କର୍ମୀଙ୍କ ଦ୍ୱାରା ବାଦାମବାଡି, ହାଇକୋର୍ଟ ଅଞ୍ଚଳ, କଲେଜ ଛକ, ମଧୁପାଟଣା, ଶିଖରପୁର ଆଦି ସ୍ଥାନରେ ରାସ୍ତା ଅବରୋଧ କରାଯାଇଥିଲା। ରେଳଷ୍ଟେଶନରେ ମଧ୍ୟ କର୍ମୀମାନେ ପିକେଟିଂ କରିବା ସହ ରେଳ ଅଟକାଇଥିଲେ। କିଛି ସମୟ ପାଇଁ ବିଭିନ୍ନ ଷ୍ଟେଶନରେ ଯାତ୍ରୀବାହୀ ଟ୍ରେନ ଅଟକି ରହିଥିଲା। ବାଲେଶ୍ୱର, ଭଦ୍ରକ, ସୋର, ସୋହେଲା, ଖଲ୍ଲିକୋଟ, ସମ୍ବଲପୁର, ରାୟଗଡା, ତାଳଚେର, ପାଲଲହଡା, ଆଠମଲ୍ଲିକ, କେନ୍ଦୁଝର, ଆନନ୍ଦପୁର, ଛେଣ୍ଡିପଦା, ଝାରସୁଗୁଡା, ☞ପୃଷ୍ଠା-୪



ଭୁବନେଶ୍ୱରରେ କଂଗ୍ରେସ କର୍ମୀମାନେ ଜଣେ ବାଇକ୍ ଆରୋହୀଙ୍କୁ ଫୁଲ ଦେଇ ବନ୍ଦକୁ ସମର୍ଥନ କରିବାକୁ ନିବେଦନ କରୁଛନ୍ତି।

### ହାଇଦ୍ରାବାଦ ବିସ୍ଫୋରଣ ମାମଲାର ରାୟ ପ୍ରକାଶ

## ୨ ଜଣଙ୍କୁ ମୃତ୍ୟୁଦଣ୍ଡ, ଜଣଙ୍କୁ ଆଜୀବନ

**ହାଇଦ୍ରାବାଦ,୧୦।୯(ପି.ଟି.)**

୨୦୦୭ ହାଇଦ୍ରାବାଦ ଡବଲ୍ ବୋମା ବିସ୍ଫୋରଣ ମାମଲାରେ ସୋମବାର ୩ ଦୋଷୀଙ୍କୁ ଦଣ୍ଡାଦେଶ ହୋଇଛି। ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଇ ଅଭିଯୁକ୍ତ ଅନିକ୍ ସୟିଦ ଏବଂ ଆକ୍‌ବର ଇସ୍‌ମାଇଲ ଚୌଧରୀଙ୍କୁ ସୋମବାର ସ୍ଥାନୀୟ ମେଟ୍ରୋପଲିଟାନ୍ କୋର୍ଟ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ତୃତୀୟ ଅଭିଯୁକ୍ତ ତାରିକ୍ ଅଞ୍ଜୁମ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ଆଜୀବନ ଜେଲଦଣ୍ଡ ଘୋଷଣା କରିଛନ୍ତି। ଦୀର୍ଘ ୧୧ ବର୍ଷର ନ୍ୟାୟିକ ଶୁଣାଣି ପରେ ଅନିକ୍ ଏବଂ ଆକ୍‌ବରଙ୍କୁ ସେପ୍ଟେମ୍ବର ୪ରେ ଦ୍ୱିତୀୟ ଅତିରିକ୍ତ ମେଟ୍ରୋପଲିଟାନ୍ ସେସନ୍ ଜଜ୍ ଦୋଷୀ ସାବ୍ୟସ୍ତ କରିଥିଲେ। ଦଣ୍ଡାଦେଶ ଘୋଷଣା କରିବା ଲାଗି ସେପ୍ଟେମ୍ବର ୧୦ ତାରିଖ ଧାର୍ଯ୍ୟ କରିଥିଲେ। କିନ୍ତୁ ପ୍ରମାଣ ଅଭାବରୁ ଅନ୍ୟ ଦୁଇ ଅଭିଯୁକ୍ତ ମହମ୍ମଦ ସାଦିକ୍ ଆଇଜାର୍ ଅହମ୍ମଦ ଶେକ୍ ଏବଂ ଫାରୁକ୍ ଶର୍‌ଫରୁଦ୍ଦିନ୍ ତାର୍‌କଶ୍‌ଙ୍କୁ ଅଦାଲତ ଦୋଷମୁକ୍ତ କରିଥିଲେ। ଅନ୍ୟ ୩ ଅଭିଯୁକ୍ତ ରିୟାଜ୍ ଭଟ୍‌କଲ, ଇକ୍‌ବାଲ ଭଟ୍‌କଲ ଏବଂ ଆମିର ରାଜା ☞ପୃଷ୍ଠା-୪

## ୱାଟର ଏରୋଡ୍ରମ୍ ପ୍ରସ୍ତାବରୁ ଓହରିଲା କେନ୍ଦ୍ର

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ଚିଲିକାରେ ହେବାକୁ ଥିବା ଜଳ ବିମାନ ବନ୍ଦର(ୱାଟର ଏରୋଡ୍ରମ୍) ପ୍ରସ୍ତାବରୁ କେନ୍ଦ୍ର ସରକାର ଓହରି ଯାଇଛନ୍ତି। ଚିଲିକାର ପ୍ରାକୃତିକ ଜୈବ ବିବିଧତାକୁ ଦେଖି କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏହି ପ୍ରସ୍ତାବ ଆସିବା ପରେ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ପକ୍ଷରୁ ପ୍ରବଳ ବିରୋଧ କରାଯାଇଥିଲା। କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ସ୍ଥଗିତ ରଖିବା ପାଇଁ ସାଧାରଣ ପ୍ରଶାସନ(ଜିଏ) ବିଭାଗକୁ ଜଣାଇ ଦେଇଛନ୍ତି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ନନ୍ଦ କହିଛନ୍ତି ଯେ, ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ(ଏଏଆଇ) ସି ପ୍ଲେନ ପ୍ରୋଜେକ୍ଟକୁ ରଦ୍ଦ କରିଛନ୍ତି। ଚିଲିକାର ଜୈବ ବିବିଧତା ଏବଂ ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ଏହାର କୁପ୍ରଭାବ ପଡୁଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ଏହାକୁ ଆମେ ସ୍ୱାଗତ କରୁଛୁ ବୋଲି ସେ କହିଛନ୍ତି।

ଚିଲିକାରେ ସି ପ୍ଲେନ ପ୍ରକଳ୍ପ କରାଗଲେ ୧୦ ଲକ୍ଷ ପକ୍ଷୀ ପ୍ରଭାବିତ ହେବା ସହ ଜଳଚର ଜୀବ ଓ ଏହା ଚତୁଃପାର୍ଶ୍ୱରେ ଥିବା ଗ୍ରାମର ମତ୍ସ୍ୟଜୀବୀମାନେ ମଧ୍ୟ ପ୍ରଭାବିତ ହେବେ। ଏ ନେଇ ସେପ୍ଟେମ୍ବର ୪ ତାରିଖରେ ସିଡିଏ ପକ୍ଷରୁ ଏଏଆଇକୁ ଜଣାଇ ଦିଆଯାଇଥିଲା। ୭ ତାରିଖରେ କେନ୍ଦ୍ର ସରକାରଙ୍କ ସହ ଭିଡିଓ କନଫରେନ୍ସିଂ ବେଳେ ରାଜ୍ୟ ସରକାର ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ। ରାଜ୍ୟ ସରକାରଙ୍କ ଅନୁରୋଧକୁ ରକ୍ଷା କରି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଚିଲିକାରେ ପ୍ରସ୍ତାବିତ ସି ପ୍ଲେନ ପ୍ରସ୍ତାବରୁ ଓହରି ଯାଇଥିବା ନେଇ ଏଏଆଇ ଅଧ୍ୟକ୍ଷ ଗୁରୁ ପ୍ରସାଦ ମହାପାତ୍ର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ଜଣାଇଛନ୍ତି। ଚିଲିକା ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ସି ପ୍ଲେନ ସୁବିଧା ଥିଲେ କେନ୍ଦ୍ର ସରକାର ସମସ୍ତ ସହାୟତା କରିବେ ବୋଲି ମଧ୍ୟ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିବା ଜଣାପଡିଛି।

ଚିଲିକା ବିଶ୍ୱର ଦ୍ୱିତୀୟ ବୃହତ୍ ଲବଣାକ୍ତ ହ୍ରଦ। ସି ପ୍ଲେନ ପ୍ରକଳ୍ପ ହେଲେ ଏହା ଗଭୀର ଭାବେ ପ୍ରଭାବିତ ହେବ । ପ୍ରାକୃତିକ ସୌନ୍ଦର୍ଯ୍ୟ ଧ୍ୱଂସ ☞ପୃଷ୍ଠା-୪

**ପାଣି ନେଲା ୪ଜୀବନ**

........୪........

**ଆଜିର ସମ୍ପାଦକୀୟ**

**ଉଭୟ ହିସାବ**

**ଆଜିର ମନ୍ତବ୍ୟ**

"ହିନ୍ଦୁ ଶବ୍ଦକୁ କିଛି ଲୋକ ଅସହିଷ୍ଣୁ ଏବଂ ଅସ୍ପୃଶ୍ୟତାର ରୂପ ଦେଉଛନ୍ତି।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

**କିଛି ତଥ୍ୟ**

ଭାରତୀୟଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବୀମା ପ୍ରତି ସଚେତନତା ବୃଦ୍ଧି ପାଉଛି। ୨୦୧୧-୧୨ ବେଳକୁ ଏ ବାବଦ ଦେଶରେ ମୋଟ ପ୍ରିମିୟମ ମୂଲ୍ୟ ୩.୨ ଲକ୍ଷ କୋଟି ଟଙ୍କା ଥିବା ବେଳେ ୨୦୧୭-୧୮ ବେଳକୁ ଏହା ୫ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

-ଆସୋଚାମ


NECC NATIONAL EGG CO-ORDINATION COMMITTEE | 10.09.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 58 | 103 | 113 |
| BDK | 59 | 105 | 115 |
| BLS | 59 | 105 | 115 |
| ANG | 59 | 105 | 115 |

*Conditions Apply

Eggs Retail Price- 45/-Dozen

Issued in the Interest of Consumers


### ବନ୍ୟାସ୍ଥିତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୩ଜିଲାର ୭.୫ଲକ୍ଷ ପ୍ରଭାବିତଙ୍କୁ ମିଳିବ ରିଲିଫ

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

- ୭ଦିନ ପାଇଁ ରିଲିଫ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ପ୍ରୌଢ଼ଙ୍କୁ ୬୦ଟଙ୍କା, ୧୨ବର୍ଷରୁ କମ୍ ବୟସ ପିଲାଙ୍କୁ ଦୈନିକ ହିସାବରେ ୪୫ଟଙ୍କା ମିଳିବ
- ବ୍ଲକସ୍ତରରେ ରିପୋର୍ଟ ପ୍ରସ୍ତୁତ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ
- ବିଶୁଦ୍ଧ ପାଣି ଲୋକଙ୍କୁ ଯୋଗାଇବା ଉପରେ ଗୁରୁତ୍ୱ
- ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ମିଳିବ ଇନ୍‌ପୁଟ ସବ୍‌ସିଡି

ରାଜ୍ୟରେ ଲଗାଣବର୍ଷା ଲାଗି ରହିବାପରେ ଭଦ୍ରକ, ଯାଜପୁର ଏବଂ କେନ୍ଦ୍ରାପଡା ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାଦ୍ୱାରା ୭.୫ଲକ୍ଷ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହି ବନ୍ୟା ପରିସ୍ଥିତି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ସବୁ ଚାଷ ଜମିରେ ପାଣି ପଶି ଫସଲ ନଷ୍ଟ ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କୁ ସରକାରଙ୍କ ତରଫରୁ ରନ୍ଧା ଖାଦ୍ୟ ଯୋଗାଯାଇଥିବା କୁହାଯାଇଛି। ମାତ୍ର ଲୋକମାନେ କେବଳ ଚୁଡା ପାଉଥିବା ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ଭଦ୍ରକ, ଯାଜପୁର ଏବଂ କେନ୍ଦ୍ରାପଡା ବନ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ସହାୟତା ଘୋଷଣା କରିଛନ୍ତି। ଅନ୍ୟପଟେ ଯେଉଁ ଚାଷୀମାନଙ୍କ ଫସଲ ନଷ୍ଟ ହୋଇଛି ସେମାନଙ୍କୁ ଇନ୍‌ପୁଟ ସବ୍‌ସିଡି ଯୋଗାଇ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସଚିବାଳୟଠାରେ ଭଦ୍ରକ, କେନ୍ଦ୍ରାପଡା ଓ ଯାଜପୁର ଜିଲାର ବନ୍ୟା ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ଜିଲାର ଜିଲାପାଳମାନଙ୍କ ସହ ବନ୍ୟା ପରିସ୍ଥିତି ଏବଂ ଜିଲାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ପ୍ରଭାବିତ ଅଞ୍ଚଳର ଲୋକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୭ଦିନ ରିଲିଫ ଘୋଷଣା କରିଛନ୍ତି। ଏ ବାବଦରେ ପ୍ରୌଢ଼ଙ୍କୁ ଦୈନିକ ୬୦ଟଙ୍କା ଏବଂ ୧୨ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ଦୈନିକ ୪୫ଟଙ୍କା ହିସାବରେ ରିଲିଫ ପ୍ରଦାନ କରାଯିବ। ଅନ୍ୟପଟେ ☞ପୃଷ୍ଠା-୪






“ ଆଇନ ପ୍ରଣୟନରେ ସୀମିତ ନ ରହୁ ମାନବିକ ଅଧିକାର। ମାନବିକ ମୂଲ୍ୟବୋଧ ସହ ବଞ୍ଚିବାର ଅଧିକାର ଲାଗି ଆମକୁ ଏକ ଅନୁକୂଳ ସଂସ୍କୃତି ତିଆରି କରିବାକୁ ହେବ। ପରସ୍ପରର ସମ୍ମାନ, ସହିଷ୍ଣୁ ସ୍ୱଭାବ ଏବଂ ବହୁଳବାଦକୁ ପ୍ରାଧାନ୍ୟ ଦେବାକୁ ହେବ।

- କୈଳାଶ ସତ୍ୟାର୍ଥୀ, ନୋବେଲ ଶାନ୍ତି ବିଜେତା



## ସଂକ୍ଷେପରେ

### ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲା
### ତଳକୋର୍ଟଙ୍କୁ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୦।୯(ପି.ଟି.)**-ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାର ଶୁଣାଣି ଏପ୍ରିଲ ୨୦୧୯ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ କିଭଳି ଯୋଜନା ହୋଇଛି, ତାହାର ରିପୋର୍ଟ ଦେବାକୁ ସୋମବାର ସୁପ୍ରିମକୋର୍ଟ ଉତ୍ତରପ୍ରଦେଶର ତଳକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରେ ଭାଜପାର ବରିଷ୍ଠ ନେତା ଏଲ୍.କେ. ଆଡଭାନୀ, ମୁରଲୀ ମନୋହର ଜୋଷୀ ଏବଂ ଉମା ଭାରତୀଙ୍କ ବିରୋଧରେ ଆପରାଧିକ ମାମଲା ଚାଲିବ ବୋଲି ଗତବର୍ଷ ଏପ୍ରିଲ ୧୯ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ତଳକୋର୍ଟରେ ନିତିଦିନିଆ ଶୁଣାଣି କରି ଦୁଇବର୍ଷ ମଧ୍ୟରେ ଫଇସଲା କରିବାକୁ କୁହାଯାଇଥିଲା। ଟ୍ରାଏଲ୍ କୋର୍ଟ ଜଜ୍ ଏସ୍.କେ. ଯାଦବ ମାମଲାର ନିତିଦିନିଆ ଶୁଣାଣି କରୁଛନ୍ତି। ସେ ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାର ଶୁଣାଣି କରୁଥିବାରୁ ତାଙ୍କ ପଦୋନ୍ନତିକୁ ଆହ୍ଲାହାବାଦ ହାଇକୋର୍ଟ ଅଟକାଇ ଦେଇଛନ୍ତି। ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଛନ୍ତି ଯାଦବ।

### ସିପିଇସିରେ ପକ୍ଷପାତିତା ଅଭିଯୋଗ ଆଣିଲେ ଇମ୍ରାନ

**ଇସ୍‌ଲାମାବାଦ,୧୦।୯(ପି.ଟି.)**-ଚାଇନାର ମହତ୍ତ୍ୱାକାଂକ୍ଷୀ ‘ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର୍’ (ସିପିଇସି)ରେ ପକ୍ଷପାତିତା ହୋଇଥିବା ଅଭିଯୋଗ ଆଣିଛନ୍ତି ପାକିସ୍ତାନର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍। ଏଥିରେ ଚାଇନିଜ୍ କମ୍ପାନୀଗୁଡ଼ିକ ଉପରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଛି ଏବଂ ପାକିସ୍ତାନ ପ୍ରତି ଅନ୍ୟାୟ ହୋଇଥିବା ଇମ୍ରାନ ଅଭିଯୋଗ ଆଣିଛନ୍ତି।



ଏହାସହ ସିପିଇସି ରାଜିନାମାର ପୁନଃ ନୋଗୋସିଏଶନ୍ ପ୍ରକ୍ରିୟା ଆରମ୍ଭ କରିବାକୁ ଇମ୍ରାନ ଦାବି କରିଥିବା ଜଣାପଡ଼ିଛି। ମନ୍ତ୍ରୀ ଏବଂ ଅର୍ଥନୈତିକ ପରାମର୍ଶଦାତାଭାବେ ପିଟିଆଇ ସରକାରଙ୍କୁ ଚୁକ୍ତିର ଦୁର୍ବଳତା ବିଷୟରେ ସତର୍କ କରାଇବା ସହ ଏହାକୁ ଆଉଥରେ କରିବା ଲାଗି ପରାମର୍ଶ ଦେଇଥିବା ‘ଫାଇନାନ୍ସିଆଲ୍ ଟାଇମ୍ସ’ ରିପୋର୍ଟରେ ଦାବି କରାଯାଇଛି। ରିପୋର୍ଟ ଅନୁଯାୟୀ, ସିପିଇସି ରାଜିନାମାର ଗୋପନ ରଖାଯାଇଥିବା ଟିକିନିଖି ତଥ୍ୟ ଦାବି କରିଛନ୍ତି ପ୍ରଧାନମନ୍ତ୍ରୀ। ଚାଇନା ସହ ସିପିଇସି ଚୁକ୍ତି ବେଳେ ପାକିସ୍ତାନର ପୂର୍ବତନ ସରକାର ଅନେକ ଭୁଲ୍ କରିଛନ୍ତି। ଠିକ୍ ଭାବେ ହୋମ୍‌ୱାର୍କ ନ କରି ରାଜିନାମା ଚୁକ୍ତି ସ୍ୱାକ୍ଷର କରିଥିଲେ। ପ୍ରକଳ୍ପର ଆମୂଳଚୂଳ ତର୍ଜମା କରିବା ପାଇଁ ପ୍ରଧାନମନ୍ତ୍ରୀ ଖାନ୍ ଏକ ୯ ଜଣିଆ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ରାଜିନାମାର ସମସ୍ତ ଲାଭକ୍ଷତିର ଆକଳନ କରିବ ବୋଲି ସରକାରଙ୍କ ଅର୍ଥନୈତିକ ପରାମର୍ଶଦାତା ଅବ୍‌ଦୁଲ ରଜାକ୍ ଦାଉଦ୍ ପ୍ରକାଶ କରିଥିବା ଖବରକାଗଜ ଦାବି କରିଛି। ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ଦୁର୍ନୀତି ନିରୋଧୀ ଅଭିଯାନକୁ ତୀବ୍ରରୂପ ଦେବାକୁ ଯାଇ ଇମ୍ରାନ ଏଭଳି କଠୋର ନୀତି ଆପଣାଉଥିବା କୁହାଯାଉଛି।

## ■ ତୈଳ ଦର ବୃଦ୍ଧି: ରାସ୍ତାକୁ ଓହ୍ଲାଇଲେ ୨୧ ଦଳ

# କେନ୍ଦ୍ର ବିରୋଧରେ ଗର୍ଜିଲେ ବିରୋଧୀ

**ନୂଆଦିଲ୍ଲୀ, ୧୦।୯(ପି.ଟି.)**

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ଅନବରତ ବୃଦ୍ଧି ହେଉଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ଆକାଶଛୁଆଁ ହୋଇଗଲାଣି, ଯାହାକି ଖାଉଟିଙ୍କୁ ଚିନ୍ତାରେ ପକାଇଛି। ଏଭଳି ସ୍ଥିତି ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରି ରାସ୍ତାକୁ ଓହ୍ଲାଇଛି ବିରୋଧୀ କଂଗ୍ରେସ। ଅନ୍ୟ ବିରୋଧୀ ଦଳଗୁଡ଼ିକର ସମର୍ଥନରେ ଏହା ସୋମବାର ଦେଶବ୍ୟାପୀ ବନ୍ଦ ପାଳନ କରିଛି। ଭାରତ ବନ୍ଦ ଯୋଗୁ କେତେକ ରାଜ୍ୟରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲି ନ ଥିବାବେଳେ ରାସ୍ତାରେ ଯାନବାହନ ଚଳାଚଳରେ ବାଧା ଉପୁଜିଛି। ବିରୋଧୀ କର୍ମୀଙ୍କ ରାସ୍ତାରୋକୋ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କେଉଁଠି ରୋଗୀମାନେ ହସ୍ପିଟାଲ ପହଞ୍ଚିପାରି ନାହାନ୍ତି, ଆଉ କେଉଁଠି ବିକ୍ଷୋଭକାରୀଙ୍କ କୋପର ଶିକାର ହୋଇଛନ୍ତି ଆଗନ୍ତୁକ। ଅସୁର ବେଶ ଧରି ‘ମେହଙ୍ଗାୟୀ ଡାୟନ୍’ ଗୀତ ଗାଇବା ସହ ବଳଦ ଗାଡ଼ିରେ ବାଇକ୍ ଲୋଡ୍ କରି ଏବଂ ଘୋଡ଼ାଗାଡ଼ିରେ ଚଢ଼ି ଅନେକେ ବିରୋଧ ପ୍ରଦର୍ଶନ କରିଥିଲେ। ଅନେକ ସ୍ଥାନରେ ମଧ୍ୟ ବିକ୍ଷୋଭକାରୀଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଭିନ୍ନ ଜାଗାରେ ହିଂସା ଘଟଣା ଘଟିଥିଲେ ସୁଦ୍ଧା ମୋଟାମୋଟି ଭାରତ ବନ୍ଦ ସଫଳ ହୋଇଥିବା କୁହାଯାଉଛି।

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ୨୧ ବିରୋଧୀ ଦଳ ବନ୍ଦ ଡାକରା ଦେଇଥିଲେ। କୈଳାସ ମାନସରୋବର ଯାତ୍ରାରୁ ଫେରିଥିବା ରାହୁଲ ପ୍ରସିଦ୍ଧ ଶୈବପୀଠରୁ ପବିତ୍ର ଜଳ ଆଣି ଦିଲ୍ଲୀର ରାଜଘାଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ସମାଧିପୀଠରେ ଅର୍ପଣ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ବନ୍ଦ ପାଳନ। ବିରୋଧୀ ନେତାଙ୍କ ସହ ରାହୁଲ ରାଜଘାଟରୁ ରାମଲୀଳା ମଇଦାନ ପର୍ଯ୍ୟନ୍ତ ବିରୋଧ ଶୋଭାଯାତ୍ରା କରିଥିଲେ। ସେପଟେ ଦେଶବ୍ୟାପୀ କଂଗ୍ରେସ ଓ ଅନ୍ୟ ସମର୍ଥନକାରୀ ବିରୋଧୀ ଦଳଗୁଡ଼ିକର କର୍ମୀମାନେ ମଧ୍ୟ କେନ୍ଦ୍ର ବିରୋଧରେ ନାରାବାଜି ଚଳାଇଲେ। କେରଳ, କର୍ଣ୍ଣାଟକ, ବିହାର, ଓଡ଼ିଶା, ଅରୁଣାଚଳପ୍ରଦେଶରେ ବନ୍ଦ ପାଳନର ପ୍ରଭାବ ଅଧିକ ପଡ଼ିଛି। ଏସବୁ ରାଜ୍ୟରେ ସାଧାରଣ ଜୀବନଯାତ୍ରା ଠପ୍ ହୋଇଯାଇଥିଲା। କିନ୍ତୁ ଉତ୍ତରପ୍ରଦେଶ (ୟୁପି), ପଶ୍ଚିମବଙ୍ଗ, ମିଜୋରାମ୍‌ରେ ବନ୍ଦ ପାଳନର ପ୍ରଭାବ ସେତେଟା ଦେଖିବାକୁ ମିଳିନାହିଁ। ବନ୍ଦ ଡାକରା ସତ୍ତ୍ୱେ ଦିଲ୍ଲୀରେ ସ୍କୁଲ, କଲେଜ ଓ କାର୍ଯ୍ୟାଳୟଗୁଡ଼ିକ ସ୍ୱାଭାବିକ ଭାବେ ଚାଲିଥିଲା। ବିକ୍ଷୋଭ ପ୍ରଦର୍ଶନ ଯୋଗୁ ଦରିୟାଗଞ୍ଜ ଏବଂ ରାମଲୀଳା ମଇଦାନକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ଟ୍ରାଫିକ୍ ଜାମ୍ ହୋଇଥିଲା। ଆନ୍ଧ୍ରପ୍ରଦେଶ ଏବଂ ରାଜସ୍ଥାନରେ ପେଟ୍ରୋଲ ଓ ଡିଜେଲ୍‌ର ଭାଟ୍ ଉପରୁ ୨ ଟଙ୍କା ହ୍ରାସ କରିଛନ୍ତି ରାଜ୍ୟ ସରକାର।

ଓଡ଼ିଶାରେ କଂଗ୍ରେସକର୍ମୀମାନେ ରେଳପଥ ଅବରୋଧ କରିବା ଯୋଗୁ ଟ୍ରେନ୍‌ଯାତ୍ରା ବାଧାପ୍ରାପ୍ତ ହୋଇଥିଲା। ପ୍ରାୟ ୧୦ଟି ଟ୍ରେନ୍ ବାତିଲ କରାଯାଇଥିଲା। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବସ୍, ଟ୍ୟାକ୍ସି ଓ ଅଟୋରିକ୍ସା ଚାଲି ନ ଥିଲା। କୋଣାର୍କ ସୂର୍ଯ୍ୟ ମନ୍ଦିରର ଟିକେଟ୍ କାଉଣ୍ଟରରେ ମଧ୍ୟ ବିକ୍ଷୋଭକାରୀମାନେ ତାଲା ଝୁଲାଇଦେଇଥିଲେ। କେରଳରେ ହରତାଳ ଯୋଗୁ ଲୋକେ ପ୍ରଭାବିତ ହୋଇଥିଲେ। ଉଭୟ ସରକାରୀ ଓ ଘରୋଇ ପରିବହନ ବ୍ୟବସ୍ଥା ବନ୍ଦ ରହିଥିଲା। କିନ୍ତୁ ତେଲେଙ୍ଗାନାରେ ବନ୍ଦ ପାଳନର ମିଶ୍ର ପ୍ରଭାବ ଦେଖିବାକୁ ମିଳିଛି। କଂଗ୍ରେସ, ବାମଦଳ ଏବଂ ଟିଡିପିର ଅନେକ କର୍ମୀଙ୍କୁ ବିକ୍ଷୋଭସ୍ଥଳରୁ ନେଇ ପୋଲିସ ଅଟକ ରଖିଥିଲା। କରିମ୍‌ନଗର ସହରୁ ଏଆଇସିସି ସମ୍ପାଦକ ଶ୍ରୀନିବାସନ୍ କ୍ରିଷ୍ଣନ୍ ଓ ଅନ୍ୟ ୪୦ ଜଣଙ୍କୁ ନେଇ ଅଟକ ରଖାଯାଇଥିଲା। ଓସାମ୍‌ନିଆ ବିଶ୍ୱବିଦ୍ୟାଳୟରେ ପ୍ରି-ପିଏଚ୍.ଡି. ପରୀକ୍ଷା ବାତିଲ କରାଯାଇଛି। କର୍ଣ୍ଣାଟକରେ ରାସ୍ତାଗୁଡ଼ିକ ମରୁଭୂମି ସଦୃଶ ପାଲଟିଯାଇଥିଲା। ବ୍ୟବସାୟିକ ପ୍ରତିଷ୍ଠାନ, ବଜାର, ମଲ୍ ଏବଂ ଘରୋଇ ସଂସ୍ଥାରେ ତାଲା ଝୁଲିଥିଲା। ମାଙ୍ଗାଲୁରୁରେ କେତେକ ହୋଟେଲ ଏବଂ ଦୋକାନ ଉପରେ ବିକ୍ଷୋଭକାରୀ ଟେକାମାଡ଼ କରିଥିଲେ। ଝାଡ଼ଖଣ୍ଡରେ ୫୮ କଂଗ୍ରେସକର୍ମୀଙ୍କୁ ପୋଲିସ ଅଟକ ରଖିଥିଲା।

କିନ୍ତୁ ପଶ୍ଚିମବଙ୍ଗରେ ସବୁ ସ୍କୁଲ, କଲେଜ ଓ ଅଫିସ୍ ଖୋଲା ରହିଥିଲା। ଯାଦବପୁର ଷ୍ଟେଶନରେ ବିକ୍ଷୋଭକାରୀ ରେଳପଥ ଅବରୋଧ କରିଥିଲେ। ଆଗନ୍ତୁକମାନେ ବିରୋଧ କରିବାରୁ ସେମାନେ ହଟିଯାଇଥିଲେ। ତାମିଲନାଡୁରେ ଜୀବନଯାତ୍ରା ସେତେଟା ପ୍ରଭାବିତ ହୋଇନାହିଁ। ବାଣିଜ୍ୟ ସଂଘର ସହବନ୍ଧତାରେ ପରିଚାଳିତ ଯାନଗୁଡ଼ିକ ଗଡ଼ି ନ ଥିଲା। ପଞ୍ଜାବ, ହରିୟାଣା ଓ ଗୁଜରାଟରେ ମିଶ୍ର ପ୍ରଭାବ ଦେଖିବାକୁ ମିଳିଛି। ଗୁଜରାଟରେ ୩୦୦ ବିକ୍ଷୋଭକାରୀ ଅଟକ ରହିଛନ୍ତି। ତ୍ରିପୁରାରେ ମଧ୍ୟ ବିରୋଧୀ ଦଳଗୁଡ଼ିକର ୪୦୦ କର୍ମୀଙ୍କୁ ଅଟକ ରଖାଯାଇଥିଲା।

ସେପଟେ ବିହାରରେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି। ପୋଡ଼ାଜଳା, ଭଙ୍ଗାରୁଜା ସାଙ୍ଗକୁ ରେଳ ଓ ସଡ଼କପଥ ଅବରୋଧ କରି କେନ୍ଦ୍ର ସରକାରଙ୍କୁ ବିରୋଧ କରିଥିଲେ ବିକ୍ଷୋଭକାରୀ। ପାଟନା ସହରରେ ରେଳପଥରେ ଟାୟାର ଜଳାଇଥିଲେ। ଘରୋଇ ସ୍କୁଲ ଏବଂ ଦୋକାନ ବଜାର ବନ୍ଦ କରାଯାଇଥିଲା। ଅରୁଣାଚଳ ପ୍ରଦେଶରେ ବନ୍ଦ ଯୋଗୁ ଲୋକେ ପୂରା ପ୍ରଭାବିତ ହୋଇଥିଲେ। ଏଠାରେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନରେ ତାଲା ଝୁଲିଥିଲା। ଇଟାନଗରରେ ପ୍ରାୟ ୧୦୦ କଂଗ୍ରେସ କର୍ମୀଙ୍କୁ ଅଟକ ରଖାଯାଇଥିଲା। ମହିଳା କଂଗ୍ରେସ କର୍ମୀଙ୍କୁ ଏସ୍‌ପି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଏଆଇସିସି ସାଧାରଣ ସମ୍ପାଦକ ଜାରଜୁମ୍ ଏଟେ କହିଛନ୍ତି। କିନ୍ତୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏସ୍‌ପି। ତେବେ କଂଗ୍ରେସ ଶାସିତ ମିଜୋରାମ୍‌ରେ ବନ୍ଦର ପ୍ରଭାବ ପଡ଼ି ନାହିଁ। ଏଠାରେ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟଗୁଡ଼ିକ ଖୋଲା ରହିଥିଲା। ଜମ୍ମୁ-କଶ୍ମୀର, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ବନ୍ଦ ପାଳନ ସଫଳ ହୋଇଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।



ଅଜମେର୍‌ରେ କଂଗ୍ରେସ କର୍ମୀମାନେ ଘୋଡ଼ାଗାଡ଼ି ଚଢ଼ି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ରାମଲୀଳା ମଇଦାନରେ ରାହୁଲ ଗାନ୍ଧୀ।

### ‘ଭାରତ ବନ୍ଦ ସଫଳ’

- ■ ରାଜଘାଟରୁ ବିକ୍ଷୋଭ ଶୋଭାଯାତ୍ରା ଆରମ୍ଭ
- ■ ରେଳସେବା, ସାଧାରଣ ଜୀବନଯାତ୍ରା ବ୍ୟାହତ
- ■ ଶହ ଶହ ବିକ୍ଷୋଭକାରୀ ଅଟକ
- ■ ଦିଲ୍ଲୀ, ୟୁପି, ପଶ୍ଚିମବଙ୍ଗରେ ପଡ଼ିଲାନି ବନ୍ଦର ପ୍ରଭାବ

### ଆଖି ବୁଜିଲେ ଶିଶୁକନ୍ୟା

**ଜେହାନାବାଦ,୧୦।୯**- ବନ୍ଦ ପାଳନବେଳେ ବିହାରର ଜେହାନାବାଦରେ ୨ ବର୍ଷର ଶିଶୁକନ୍ୟା ପ୍ରାଣ ହରାଇଛନ୍ତି। ଝାଡ଼ାବାନ୍ତିରେ ପୀଡ଼ିତ ଝିଅକୁ ଅଟୋରିକ୍ସାରେ ହସ୍ପିଟାଲ ନେବାବେଳେ ବିକ୍ଷୋଭକାରୀ ଅଟକାଇଥିଲେ। ଅଧାବାଟରେ ପିଲାଟି ଆଖିବୁଜିଥିଲା। ହସ୍ପିଟାଲ ଯିବାକୁ ଦେଇଥିଲେ ଝିଅର ଜୀବନ ବଞ୍ଚିଯାଇଥାଆନ୍ତା ବୋଲି ପରିବାର ଲୋକେ କହିଛନ୍ତି। ଏହି ଘଟଣା ପାଇଁ ରାହୁଲ ଗାନ୍ଧୀଙ୍କୁ ଦାୟୀ କରିଛି ଭାଜପା।

### ଏମାନେ କହନ୍ତି...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ ଅମଳରେ ଦେଶ ବିଭାଜିତ ହୋଇଯାଇଛି। ଚାରିଆଡ଼େ ଘୃଣା ବିସ୍ତାର ହେଉଛି। ମିଳିତ ବିରୋଧୀ ଶକ୍ତି ଆଗାମୀ ନିର୍ବାଚନରେ ଭାଜପାକୁ ପରାଜିତ କରିବେ।

**-ରାହୁଲ ଗାନ୍ଧୀ**, କଂଗ୍ରେସ ଅଧ୍ୟକ୍ଷ

ଦେଶର ସାର୍ବଭୌମତ୍ୱ ଏବଂ ଗଣତନ୍ତ୍ରକୁ ରକ୍ଷା କରିବା ଲାଗି ସମସ୍ତ ବିରୋଧୀ ଦଳ ମତଭେଦ ଭୁଲି ଏକାଠି ହେବାର ସମୟ ଉପନୀତ ହୋଇଛି। ମୋଦି ସରକାର ଦେଶର ସ୍ୱାର୍ଥ ବିରୋଧୀ ପଦକ୍ଷେପ ନେଉଛନ୍ତି। ଏବେ ସବୁ ସୀମା ଟପିଗଲାଣି।

**- ମନମୋହନ ସିଂ**, ପୂର୍ବତନ ପ୍ରଧାନମନ୍ତ୍ରୀ

ତୈଳ ଦର ବୃଦ୍ଧି ଯୋଗୁ ଲୋକେ ବ୍ୟଥିତ ହୋଇପଡ଼ିଛନ୍ତି। ଲୋକ-ବିରୋଧୀ ଭାଜପା ସରକାରକୁ ପ୍ରତିହତ କରିବା ପାଇଁ ଏକାଠି ହେବାକୁ ସେମାନେ ବିରୋଧୀ ଦଳଗୁଡ଼ିକ ଉପରେ ଚାପ ପକାଉଛନ୍ତି।

**-ସୀତାରାମ ୟେଚୁରୀ**, ସିପିଏମ୍ ସାଧାରଣ ସମ୍ପାଦକ

ଦରଦାମ୍ ବୃଦ୍ଧି ଯୋଗୁ ଲୋକେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। କିନ୍ତୁ ସରକାରଙ୍କ ନିୟନ୍ତ୍ରଣରେ ନ ଥିବା କିଛି କାରଣ ଏଥିପାଇଁ ଦାୟୀ ବୋଲି ଲୋକେ ଅବଗତ ଅଛନ୍ତି। ତେଣୁ ସେମାନେ ଭାରତ ବନ୍ଦକୁ ସମର୍ଥନ କରୁ ନାହାନ୍ତି। କଂଗ୍ରେସ ହିଂସାର ନୃତ୍ୟ ଏବଂ ମୃତ୍ୟୁର ଖେଳ ବନ୍ଦ କରୁ।

**- ରବିଶଙ୍କର ପ୍ରସାଦ**, କେନ୍ଦ୍ରମନ୍ତ୍ରୀ

ଭାରତ ବନ୍ଦ ନକାରାତ୍ମକ ଚିନ୍ତାଧାରାର ପ୍ରତିଫଳନ। ଉତ୍ତରପ୍ରଦେଶରେ ଏହାର ପ୍ରଭାବ ପଡ଼ି ନାହିଁ। ବିରୋଧୀ ନେତାଙ୍କୁ ଭଗବାନ ସଦ୍‌ବୁଦ୍ଧି ଦିଅନ୍ତୁ।

**-ଯୋଗୀ ଆଦିତ୍ୟନାଥ**, ୟୁପି ମୁଖ୍ୟମନ୍ତ୍ରୀ

ବନ୍ଦ ପାଳନ ଦିନ ମଧ୍ୟ ତୈଳ ଦର ବୃଦ୍ଧି ହୋଇଛି। ସାଧାରଣ ଲୋକଙ୍କ ପ୍ରତି ସରକାର ସମ୍ବେଦନଶୀଳ ନ ଥିବା ଏଥିରୁ ବାରି ହୋଇପଡ଼ୁଛି।

**- ଅଖିଳେଶ ଯାଦବ**, ସମାଜବାଦୀ ପାର୍ଟି ମୁଖ୍ୟ

## ଫୁର୍‌ସତ

### ଶସ୍ୟଶ୍ୟାମଳା ହେବ ସାହାରା

**ୱାଶିଂଟନ୍:** ସୋଲାର ଓ ୱିଣ୍ଡଫାର୍ମ ନିର୍ମାଣ ଦ୍ୱାରା ଜଳୀୟ ବାଷ୍ପର ଘନିଭବନ ପ୍ରକ୍ରିୟା ସମ୍ଭବ। ଫଳରେ ବିଶ୍ୱର ସର୍ବବୃହତ୍ ମରୁଭୂମି ସାହାରା ଅଞ୍ଚଳରେ ବୃଷ୍ଟିପାତ ହୋଇପାରିବ। ଏ ସମ୍ପର୍କିତ ଅଧ୍ୟୟନ ଜର୍ନାଲ ସାଇନ୍ସରେ ପ୍ରକାଶ ପାଇଛି। ସୌର ଓ ୱିଣ୍ଡଫାର୍ମ ନିର୍ମାଣ ଦ୍ୱାରା ମରୁଭୂମିରେ ବର୍ଷା କରାଇବା ଗବେଷଣା ପ୍ରଥମ ବୋଲି ଆମେରିକାର ଏଲିନୟ ୟୁନିଭର୍ସିଟିର ଗବେଷକ ୟାନ୍ ଲି ପ୍ରକାଶ କରିଛନ୍ତି। ଏହି ଅଧ୍ୟୟନ ବିଭିନ୍ନ କାରଣ ପାଇଁ ସାହାରା ମରୁଭୂମି ଉପରେ ଗୁରୁତ୍ୱ ଦେଇଛି। ଏହାକୁ ବାଛିବାର କାରଣ ଏହା ବିଶ୍ୱରେ ଏକ ସର୍ବବୃହତ୍ ମରୁଭୂମି।



ୱିଣ୍ଡଫାର୍ମ ଏବଂ ସୋଲାର ଫାର୍ମ ପ୍ରତିଷ୍ଠା ଦ୍ୱାରା ସାହାରାର ପାଖାପାଖି ୯ ନିୟୁତ ବର୍ଗ କିଲୋମିଟର ଅଞ୍ଚଳକୁ ଯଥାକ୍ରମେ ୩ ଟେରାୱାଟ୍ ଏବଂ ୭୯ ଟେରାୱାଟ୍ ବିଜୁଳି ଶକ୍ତି ଯୋଗାଣ ହୋଇପାରିବ। ସୋଲାର ଫାର୍ମ ତାପମାତ୍ରା ପରିବର୍ତ୍ତନ କରିବା ସହିତ ଜଳୀୟବାଷ୍ପର ଘନୀଭବନ ପ୍ରକ୍ରିୟାରେ ସହାୟକ ହେବ।

### ଏ ବର୍ଷ ଏଲ୍ ନିନ୍ୟୋ ସମ୍ଭାବନା ୭୦%

**ଜେନେଭା:** ଚଳିତ ବର୍ଷ ଏଲ୍ ନିନ୍ୟୋ ସମ୍ଭାବନା ଅଧିକ। ବର୍ଷର ଶେଷଭାଗକୁ ଏହା ବିଶ୍ୱ ପାଣିପାଗକୁ ପ୍ରଭାବିତ କରିପାରେ ବୋଲି ଜାତିସଂଘ ପକ୍ଷରୁ ଆଶଙ୍କା କରାଯାଇଛି।

ଏଥିପାଇଁ ପୂର୍ବରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥଲା। ୱାର୍ଲଡ ମେଟେରୋଲୋଜିକାଲ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏମ୍ଓ)ର ଭବିଷ୍ୟବାଣୀ ଅନୁସାରେ ଚଳିତ ବର୍ଷ ଶେଷଭାଗକୁ ଏଲ୍ ନିନ୍ୟୋ ସୃଷ୍ଟିହେବା ୭୦% ସମ୍ଭାବନା ରହିଛି। ପୂର୍ବ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସାମୟିକ ଗ୍ରୀଷ୍ମପ୍ରବାହ ଦ୍ୱାରା ଏଲ୍ ନିନ୍ୟୋ ସୃଷ୍ଟି ହୋଇଥାଏ। ଏହାଦ୍ୱାରା କେତେକ ଅଞ୍ଚଳରେ ମରୁଡି ସୃଷ୍ଟି ହେବାବେଳେ ଅନ୍ୟ କେତେକ ଅଞ୍ଚଳରେ ପ୍ରବଳ



ବର୍ଷା ହୋଇଥାଏ। ତେବେ ଆଗକୁ ହେବାକୁ ଥିବା ଏଲ୍ ନିନ୍ୟୋ ୨୦୧୫-୧୬ ଭଳି ଏତେଟା ପ୍ରଭାବଶାଳୀ ହେବ ବୋଲି ଆଶଙ୍କା କରାଯାଉ ନାହିଁ। ତଥାପି ଏହାର କିଛିଟା ପ୍ରଭାବ ରହିବ। ଏସିଆ-ପ୍ୟାସିଫିକ୍, ୟୁରୋପ, ଉତ୍ତର ଆମେରିକା, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ଅଧିକାଂଶ ଉପକୂଳ ଅଞ୍ଚଳରେ ଏହାର ଯଥେଷ୍ଟ ପ୍ରାଧାନ୍ୟ ରହିବ ବୋଲି ଡବ୍ଲ୍ୟୁଏମ୍ଓ ଆଶଙ୍କା କରୁଛି। ଦକ୍ଷିଣ ଆମେରିକାର କେତେକ ଆଭ୍ୟନ୍ତରୀଣ ଅଞ୍ଚଳ, ଗ୍ରୀନ୍‌ଲାଣ୍ଡ, ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଅନେକ ଦ୍ୱୀପ ଏବଂ କାରିବିୟାନ୍‌ର କେତେକ ଅଞ୍ଚଳ ଏହାର ପ୍ରଭାବରୁ ବାଦ୍ ପଡିବା ସମ୍ଭାବନା ଅଛି।

ଚଳିତବର୍ଷ ଜୁଲାଇ ଓ ଅଗଷ୍ଟରେ ବିଶ୍ୱର ଅନେକ ଅଞ୍ଚଳରେ ଅତ୍ୟଧିକ ତାପମାତ୍ରା ଅନୁଭୂତ ହୋଇଥିବାରୁ ୨୦୧୮କୁ ଉଷ୍ଣତମ ବର୍ଷ ଭାବେ ବିଚାର କରାଯାଉଛି ବୋଲି ଡବ୍ଲ୍ୟୁଏମ୍ଓ ସେକ୍ରେଟାରି ଜେନେରାଲ ପେଟେରି ଟାଲାସ୍ ପ୍ରକାଶ କରିଛନ୍ତି।

### ଇତିହାସର ଆଇନାରେ
### ସେପ୍ଟେମ୍ବର ୧୧ର ପ୍ରମୁଖ ଘଟଣା

**୨୦୦୧** ସେପ୍ଟେମ୍ବର ୧୧ରେ ଆମେରିକାରେ ଅଲ୍-କାଏଦାର ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ୨,୯୯୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬୦୦୦ ଆହତ ହୋଇଥିଲେ। ୧୯ ଜଣ ଆତଙ୍କବାଦୀ ୪ଟି ବିମାନକୁ ଅପହରଣ କରିନେଇଥିଲେ। ଦୁଇଟି ବିମାନକୁ ନ୍ୟୁୟର୍କର ବିଶ୍ୱ ବାଣିଜ୍ୟ କେନ୍ଦ୍ର(ଡବ୍ଲୁଟିସି) ରେ ମାଡ଼ କରିଥିଲେ। ଏହାପରେ ଆତଙ୍କବାଦୀମାନେ ତୃତୀୟ ବିମାନକୁ ପେଣ୍ଟାଗନରେ ଏବଂ ୪ର୍ଥଟି ପେନସିଲଭାନିଆରେ ଆକ୍ରମଣ କରିଥିଲେ।

**୨୦୧୨** ସେପ୍ଟେମ୍ବର ୧୧ରେ ପାକିସ୍ତାନରେ ଥିବା ଦୁଇଟି କାରଖାନାରେ ଅଗ୍ନିକାଣ୍ଡ ଘଟିଥିଲା। ପଶ୍ଚିମ କରାଚିରେ ପୋଷାକ କାରଖାନା ଏବଂ ଲାହୋରରେ ଥିବା ଜୋତା କାରଖାନାରେ ଅଗ୍ନିକାଣ୍ଡ ଯୋଗୁ ୩୧୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ପାକିସ୍ତାନ ଶିଳ୍ପ ଇତିହାସର ସବୁଠାରୁ ଖରାପ ଦିନ ବୋଲି କୁହାଯାଏ। ଏହି ଅଗ୍ନିକାଣ୍ଡରେ ୬୦୦ ଜଣ ଆହତ ହୋଇଥିଲେ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୪ | ୨୫.୧ |
| ଚାନ୍ଦବାଲି | ୩୪.୬ | ୨୬.୬ |
| କଟକ | ୩୪.୫ | ୨୪.୬ |
| ପାରାଦ୍ୱୀପ | ୩୧.୭ | ୨୮.୦ |
| ଭୁବନେଶ୍ୱର | ୩୪.୧ | ୨୫.୯ |
| ଗୋପାଳପୁର | ୩୩.୫ | ୨୬.୭ |
| ପୁରୀ | ୩୩.୦ | ୨୬.୮ |
| ଅନୁଗୋଳ | ୩୪.୭ | ୨୩.୬ |
| ବାରିପଦା | ୩୩.୨ | ୨୬.୨ |
| ଝାରସୁଗୁଡ଼ା | ୩୩.୨ | ୨୫.୬ |
| କେନ୍ଦୁଝର | ୩୧.୧ | ୨୩.୯ |
| ସମ୍ବଲପୁର | ୩୪.୦ | ୨୩.୫ |
| ସୁନ୍ଦରଗଡ଼ | ୩୩.୦ | ୨୧.୦ |
| ହୀରାକୁଦ | ୩୩.୯ | ୨୧.୫ |
| ତାଳଚେର | ୩୨.୨ | ୨୪.୫ |
| ଭବାନୀପାଟଣା | ୩୩.୫ | ୨୪.୬ |
| ବଲାଙ୍ଗୀର | ୩୪.୩ | ୨୪.୫ |
| କୋରାପୁଟ | ୨୯.୮ | ୨୦.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୩.୦ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୨.୦ | ୨୩.୫ |
| ଦାରିଙ୍ଗିବାଡ଼ି | ୨୯.୫ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ରାଧିକା ମଦନ ଉତ୍ସାହିତ



**ମୁମ୍ବାଇ:** ଅଭିନେତ୍ରୀ ରାଧିକା ମଦନ ବେଶ୍ ଉତ୍ସାହିତ ଅଛନ୍ତି। କାରଣ ତାଙ୍କ ଅଭିନୀତ ଫିଲ୍ମ ‘ମର୍ଦ୍ଦ କୋ ଦର୍ଦ୍ଦ ନହିଁ ହୋତା’ ଟରଣ୍ଟୋ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ୍ (ଟିଫ୍)ରେ ପ୍ରଦର୍ଶିତ ହେବାକୁ ଯାଉଛି। ଉକ୍ତ ଫିଲ୍ମକୁ ଟିଫ୍-୨୦୧୮ ୱାର୍ଲଡ ପ୍ରିମିୟର ପାଇଁ ଚୟନ କରାଯାଇଛି।

ଜଣେ ନବାଗତା ଅଭିନେତ୍ରୀ ଭାବରେ ଟରଣ୍ଟୋରେ ସମ୍ମାନଜନକ ଫିଲ୍ମ ଫେଷ୍ଟିଭାଲ୍‌ରେ ଅଂଶଗ୍ରହଣ କରୁଥିବାରୁ ସେ ବେଶ୍ ଉତ୍ସାହିତ ଜଣାପଡୁଛନ୍ତି। କାରଣ ବିଶ୍ୱ ସ୍ତରରେ ଉକ୍ତ ଫିଲ୍ମ ପ୍ରଦର୍ଶିତ ହେବା ସହ ଦର୍ଶକଙ୍କର ପ୍ରତିକ୍ରିୟା ମଧ୍ୟ ମିଳିବ। ଏହାଦ୍ୱାରା ଏକ ନିଆରା ଅନୁଭୂତି ହାସଲ ହୋଇପାରିବ ବୋଲି ରାଧିକା ପ୍ରକାଶ କରିଛନ୍ତି। ମୋ ଅଭିନେତ୍ରୀ ଜୀବନର ଏହା ହେଉଛି ଏକ ଉତ୍ସାହଜନକ ପର୍ଯ୍ୟାୟ। କାରଣ ପଛକୁ ପଛ ଦୁଇଟି ଫିଲ୍ମ ରିଲିଜ ହେବାକୁ ଯାଉଛି। ଏହା ସ୍ୱପ୍ନ ପରି ଲାଗୁଛି। ସେ ବିଶାଲ୍ ଭରଦ୍ୱାଜଙ୍କ ‘ପଟାଖା’ରେ ପ୍ରଥମକରି ଅଭିନୟ ଆରମ୍ଭ କରିଛନ୍ତି। ‘ମର୍ଦ୍ଦ କୋ ଦର୍ଦ୍ଦ ନହିଁ ହୋତା’ ଜଣେ ବ୍ୟକ୍ତିଙ୍କ ଜୀବନ କାହାଣୀକୁ ନେଇ ନିର୍ମାଣ ହୋଇଛି, ଯିଏ ଆଦୌ ଯନ୍ତ୍ରଣା ଅନୁଭବ କରନ୍ତି ନାହିଁ। ଉକ୍ତ ଫିଲ୍ମ ଆସନ୍ତା ସପ୍ତାହରେ ଟରଣ୍ଟୋ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ୍‌ରେ ପ୍ରଦର୍ଶିତ ହେବ। ଏଥିରେ ଅଭିନୟ କରିଛନ୍ତି ‘ମୈନେ ପ୍ୟାର କିୟା’ର ଅଭିନେତ୍ରୀ ଭାଗ୍ୟଶ୍ରୀଙ୍କ ପୁତ୍ର ଅଭିମନ୍ୟୁ ଦସାନି।

### ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ବୟସକୁ ଏଠି ଚ୍ୟାଲେଞ୍ଜ ଭାବେ ନେଇଛନ୍ତି ଜଣେ ୮୯ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀ। ବୟସର ଅପରାହ୍ନରେ ପହଞ୍ଚିଥିବା ଏହି ବ୍ୟକ୍ତି ଜଣକ ପିଏଚ୍‌ଡି ଡିଗ୍ରୀ ପାଇଁ ଆଶା ରଖିଛନ୍ତି। କର୍ନାଟକ କୋପାଲରେ ରହୁଥିବା ସ୍ୱାଧୀନତା ସଂଗ୍ରାମୀ ଶାରନାବାସଭରାଜ ବିସାରହଲି ପିଏଚ୍‌ଡି ଡିଗ୍ରୀ ପାଇବାକୁ ଏବେବି ପଢ଼ାପଢ଼ି କରୁଛନ୍ତି। କନ୍ନଡ଼ ସାହିତ୍ୟରେ ହମ୍ପି ବିଶ୍ୱବିଦ୍ୟାଳୟରେ ସେ ପିଏଚ୍‌ଡି କରିବେ। ଏଥିପାଇଁ ସେ ପ୍ରବେଶିକା ପରୀକ୍ଷା ମଧ୍ୟ ଦେଇ ସାରିଛନ୍ତି। ଗତବର୍ଷ ସେ ଏହି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନ ଥିବା ବେଳେ ଏବର୍ଷ କିନ୍ତୁ ସେ ସଫଳ ହେବାର ଆଶା ରଖିଛନ୍ତି।




## ସଂକ୍ଷେପରେ

ଏସ୍‌ସିବିରେ ଚତୁର୍ଥ ଡେଙ୍ଗୁ ମୃତ୍ୟୁ

### ଆଖିବୁଜିଲେ ବିଚାରାଧୀନ କଏଦୀ

**କଟକ ଅଫିସ, ୧୦।୯:** ସୋମବାର ସକାଳେ ଏସ୍‌ସିବି ମେଡିକାଲରେ ଡେଙ୍ଗୁରେ ଆଉ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ରବୀନ୍ଦ୍ର ନାୟକ(୨୫)। ସେ ରାୟଗଡ଼ା ଉପକାରାଗାରରେ ଜଣେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଡେଙ୍ଗୁରେ ଆକ୍ରାନ୍ତ ହୋଇ ଗତ ୩ ତାରିଖରେ ସେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଖରାପ ହେବାରୁ ତାଙ୍କୁ ୫ ତାରିଖରେ ବ୍ରହ୍ମପୁର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ୯ ତାରିଖରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହା ହେଉଛି ଚଳିତବର୍ଷ ଏସ୍‌ସିବିର ଚତୁର୍ଥ ଡେଙ୍ଗୁ ମୃତ୍ୟୁ। ଅଗଷ୍ଟ ୧୯ରେ ଏସ୍‌ସିବିରେ ତୃତୀୟ ଡେଙ୍ଗୁ ମୃତ୍ୟୁ ଘଟିଥିଲା। ସେ ହେଲେ କଟକ ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ହରିଅନ୍ତା ଗ୍ରାମର ପ୍ରତିମା ସ୍ୱାଇଁ। ଏସ୍‌ସିବିରେ ପ୍ରଥମ ଡେଙ୍ଗୁ ମୃତ୍ୟୁ ଗତ ଜୁନ ୨୪ରେ ଘଟିଥିଲା। ସୋମବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ମୋଟ ୧୩୯ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୧୭ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ସୋମବାର ୧୬୦ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୫୦ ଜଣଙ୍କ ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ପଜିଟିଭ ରୋଗୀଙ୍କ ମଧ୍ୟରୁ କଟକରୁ ୧୭ଜଣ ଥିବାବେଳେ ଜଗତ୍‌ସିଂହପୁରରୁ ୨୧ ଜଣ ରହିଛନ୍ତି।




■ ଡାକ୍ତରଙ୍କ ବିବାଦ ଯୋଗୁ ରୋଗୀ ମୃତ୍ୟୁ ଘଟଣା

# ୨ ଡାକ୍ତରଙ୍କ ବିରୋଧରେ ମାମଲା

**ଢେଙ୍କାନାଳ ଅଫିସ,୧୦।୯**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଦୁଇ ଡାକ୍ତରଙ୍କ ମଧ୍ୟରେ ବିବାଦ ଓ ଚିକିତ୍ସାରେ ଅବହେଳା ଯୋଗୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ସୋମବାର ପୋଲିସ ନଂ.୨୫୨/୧୮, ଦଫା ୩୦୪ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଅଭିନବ ଡାଲୁଆ ସୂଚନା ଦେଇଛନ୍ତି। ଏଥିସହ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଘଟଣାର ତଦନ୍ତ ଜାରି ରହିଛି। ଦୁଇ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଛି। ତଦନ୍ତ ରିପୋର୍ଟରେ ଯିଏ ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୁଇ ଡାକ୍ତରଙ୍କ ମଧ୍ୟରେ ବିବାଦ ଓ ଅବହେଳା ଯୋଗୁ ଚିକିତ୍ସା ପାଇଁ ଆସିଥିବା ଗଁଦିଆ ଥାନା ଗୁଣ୍ଡୁରାପଶି ଗ୍ରାମର ତ୍ରୈଲୋକ୍ୟ ସାହୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଗୁଣ୍ଡୁରାପଶି ଗ୍ରାମରେ ଉତ୍ତେଜନା ସୃଷ୍ଟି ହେବା ସହ ବିଧାରପୁରଠାରେ ରାସ୍ତାରୋକୋ ମଧ୍ୟ କରାଯାଇଥିଲା। ପରେ ମୃତକଙ୍କ ସମ୍ପର୍କୀୟ ଭାଇ ରବି ନାରାୟଣ ସାହୁ ଅଭିଯୁକ୍ତ ଦୁଇ ଡାକ୍ତରଙ୍କ ବିରୋଧରେ ଜିଲା ପ୍ରଶାସନ ଓ ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ।

# ତେଲରେ ଭାସିଗଲା ବିଧାନସଭା

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**



କଂଗ୍ରେସର ବନ୍ଦ ଡାକରା ଯୋଗୁ ସୋମବାର ବିଧାନସଭାରେ କମ୍ ସଂଖ୍ୟକ ବିଧାୟକଙ୍କ ଉପସ୍ଥିତି।

ତୈଳଦର ବୃଦ୍ଧି ପ୍ରତିବାଦରେ ପ୍ରଦେଶ କଂଗ୍ରେସ ବାହାରେ ବିକ୍ଷୋଭ କରୁଥିବା ବେଳେ ବିଧାନସଭାରେ ମଧ୍ୟ ଏହାର ତାତି ଦେଖିବାକୁ ମିଳିଥିଲା। କଂଗ୍ରେସ ସଦସ୍ୟମାନଙ୍କ ହଟ୍ଟଗୋଳରେ ବିଧାନସଭାରେ ପୂରା ଦିନ ବରବାଦ ହୋଇଯାଇଥିଲା। ତୈଳ ଦର ବୃଦ୍ଧି ପ୍ରତିବାଦରେ ଭାସି ଯାଇଥିଲା ବିଧାନସଭା କାର୍ଯ୍ୟକ୍ରମ। ଗୃହ ବିଭାଗ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ମଧ୍ୟ ଡୁବି ଯାଇଥିଲା। ଅନ୍ୟ ଉପାୟ ନ ପାଇ ବାଚସ୍ପତି ପ୍ରଦୀପ ଅମାତ ଗିଲୋଟିନ ଜରିଆରେ ଏହାକୁ ଅନୁମୋଦନ କରାଗଲା ବୋଲି ଘୋଷଣା କରିଥିଲେ। ବିରୋଧୀଙ୍କ ହଙ୍ଗାମାକୁ ଦେଖି ମାତ୍ର ୪ ମିନିଟ୍ ପରେ ଗୃହକୁ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା।

କଂଗ୍ରେସର ବନ୍ଦ ଡାକରା ଥିବାରୁ ବିଜେଡି ଓ ଭାଜପାର କେତେକ ସଦସ୍ୟ ପୂର୍ବାହ୍ନ ୯ଟା ୩୦ ମିନିଟ୍ ପୂର୍ବରୁ ବିଧାନସଭାରେ ପହଞ୍ଚି ଯାଇଥିଲେ। କଂଗ୍ରେସର ୪ଜଣ ଓ ଭାଜପାର ୨ ଜଣ ବିଧାୟକ ମଧ୍ୟ ପୂର୍ବରୁ ଆସିଥିଲେ। ସଭା କାର୍ଯ୍ୟ ଆରମ୍ଭ ହେବା ବେଳକୁ ଗୃହରେ ହାତଗଣତି ବିଧାୟକମାନଙ୍କର ଉପସ୍ଥିତି ଦେଖିବାକୁ ମିଳିଥିଲା। ଶାସକ ବିଜେଡିର ୨୦ରୁ ୨୫ଜଣ ବିଧାୟକ ଉପସ୍ଥିତ ଥିବା ବେଳେ ଭାଜପାର ୨ ଜଣ ଓ କଂଗ୍ରେସର ୪ଜଣ ବିଧାୟକ ଉପସ୍ଥିତ ଥିଲେ। ବାଚସ୍ପତି ୧୦ଟା ୩୦ ମିନିଟ୍‌ରେ ଗୃହକୁ ପ୍ରବେଶ କରିଥିଲେ ମଧ୍ୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରି ନ ଥିଲେ। କଂଗ୍ରେସ

■ ବିରୋଧୀଙ୍କ ହଙ୍ଗାମା
■ ମଙ୍ଗଳବାର ଯାଏ ଗୃହ ମୁଲତବୀ

ସଦସ୍ୟ ତାରାପ୍ରସାଦ ବାହିନୀପତି, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା ଏବଂ ଚନ୍ଦ୍ରଶେଖର ମାଝି ଗୃହର ମଧ୍ୟଭାଗକୁ ଆସି ତୈଳଦର ବୃଦ୍ଧିର ପ୍ରତିବାଦ କରିଥିଲେ। ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ ଓ ରବି ନାଏକ ଚାରା ଦୁର୍ନୀତି ପ୍ରସଙ୍ଗ ଉଠାଇ ଗୃହରେ ହଟ୍ଟଗୋଳ କରିଥିଲେ। କଂଗ୍ରେସ ସଦସ୍ୟମାନେ ବିଜେଡି, ଭାଜପା ହାଏ..ହାଏ..ସ୍ଲୋଗାନ ଦେଇ ଗୃହକୁ କମ୍ପାଇ ଦେଇଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ନ କରି ହଟ୍ଟଗୋଳରେ ମାତିଥିବା କଂଗ୍ରେସ ଓ ଭାଜପା ବିଧାୟକମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହି ସମୟରେ ତାରା ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠି ମାଇକକୁ ଟଣାଘୋଷରା କରିଥିବା ବେଳେ ଭାଜପା ସଭ୍ୟ ରବି ନାୟକ ବାଚସ୍ପତିଙ୍କ ଆସନ ଆଡକୁ ମାଡି ଆସିଥିଲେ। ସୁରକ୍ଷାକର୍ମୀମାନେ ତାଙ୍କୁ ଅଟକାଇଥିଲେ। ୧୦ଟା ୩୩ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ଗୃହକୁ ପ୍ରବେଶ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିବର୍ତ୍ତେ ହଟ୍ଟଗୋଳକୁ ଦେଖି ୧୦ଟା ୩୪ ମିନିଟ୍‌ରେ ଗୃହକୁ ମଙ୍ଗଳବାର ୧୦ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଦେଇଥିଲେ।

# ବଦଳିଲେ ଶ୍ରୀମନ୍ଦିର ନୀତି ପ୍ରଶାସକ

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

**ଓଏଏସ୍‌ସ୍ତରରେ ଅଦଳବଦଳ**
■ ବିଶ୍ୱଜିତ ବିଶ୍ୱାଳଙ୍କୁ ନୂଆ ଦାୟିତ୍ୱ
■ ଜଳସମ୍ପଦ ବିଭାଗକୁ ଆସିଲେ ପ୍ରଦୀପ

ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ସ୍ତରରେ ସୋମବାର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ନିଯୁକ୍ତି ଅନୁଯାୟୀ ଶ୍ରୀମନ୍ଦିରର ନୀତି ପ୍ରଶାସକ ଥିବା ପ୍ରଦୀପ କୁମାର ଦାସ ଜଳସମ୍ପଦ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ କାର୍ଯ୍ୟ କରିବେ। ପ୍ରଦୀପଙ୍କ ସ୍ଥାନରେ ବିଶ୍ୱଜିତ ବିଶ୍ୱାଳ ଶ୍ରୀମନ୍ଦିର ପ୍ରଶାସକ(ନୀତି) ଭାବେ କାର୍ଯ୍ୟ କରିବେ। କନ୍‌ସୋଲିଡେଶନ୍‌ର କମିଶନର ଥିବା ଅଶୋକ କୁମାର ନାୟକ ବିଭାଗୀୟ ତଦନ୍ତର ଅତିରିକ୍ତ ଦାୟିତ୍ୱରେ ରହିବେ। ବିଶ୍ୱମୋହନ ରାୟ କଟକସ୍ଥିତ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ଏମ୍‌ଡି, ରବୀନ୍ଦ୍ରନାଥ ମିଶ୍ର ସିଡିଏ ଉପାଧ୍ୟକ୍ଷ, ବୌଦ୍ଧ ଅତିରିକ୍ତ ଜିଲାପାଳ ଥିବା ତାରିଣୀସେନ୍ ନାୟକ-୧ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମର ଜିଏମ୍ ଭାବେ କାର୍ଯ୍ୟ କରିବେ।

ଭୂମେଶ ଚନ୍ଦ୍ର ବେହେରା ପୂର୍ବଭଳି ସୁନ୍ଦରଗଡ଼ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ କରାଯାଇଥିବା ତାଙ୍କର ପୂର୍ବ ବଦଳିକୁ ବାତିଲ କରାଯାଇଛି। ବିଜୟ କୁମାର ରଥଙ୍କୁ ମଧ୍ୟ ପୂର୍ବ ଭଳି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତାଙ୍କର ସିଏମ୍‌ସି କମିଶନର ଭାବେ ହୋଇଥିବା ବଦଳିକୁ ବାତିଲ କରାଯାଇଛି। ଓଏଏସ୍ ଅଧିକାରୀ ସୁକାନ୍ତ ତ୍ରିପାଠୀଙ୍କ ପୂର୍ବ ବିଜ୍ଞପ୍ତିକୁ ବାତିଲ କରାଯାଇ ସମ୍ବଲପୁର ଡିଆରଡିଏ ପିଡି ଭାବେ ନିଯୁକ୍ତି ଦିଆଯାଇଛି। ନାରାୟଣ ମୁର୍ମୁଙ୍କୁ କୋରାପୁଟର ଅତିରିକ୍ତ ଜିଲାପାଳ, ସୁଜାତା ମିଶ୍ରଙ୍କୁ ଅତିରିକ୍ତ ଭୂ କମିଶନର ଭାବେ ନିଯୁକ୍ତି ମିଳିଛି। ଶୁଭଦର୍ଶିନୀ ସ୍ୱାଇଁଙ୍କୁ ଓଡ଼ିଶା ପାନୀୟ ଜଳ ନିଗମର ଜିଏମ୍, ଡ. ପ୍ରମୋଦ ପୃଷ୍ଟିଙ୍କୁ ବିଏମ୍‌ସିର ଡେପୁଟି କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏତଦ୍‌ବ୍ୟତୀତ ଦରିଦ୍ର ଭଞ୍ଜନ ଏମ୍.ଏମ୍. ପାତ୍ରଙ୍କୁ ଜଳସମ୍ପଦ ବିଭାଗର ଜମି ଅଧିଗ୍ରହଣ ଅଧିକାରୀ, ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ନିୟୋଜନ ନିର୍ଦ୍ଦେଶକ, ପବିତ୍ର ବେହେରାଙ୍କୁ ରେଜିଷ୍ଟ୍ରାର କୋଅପ୍‌ରେଟିଭ ସୋସାଇଟିର ଏ.ଓ ଭାବେ ବଦଳି କରାଯାଇଛି।







## ଉଠୁନି ନିଲମ୍ବନ, ରାମଚନ୍ଦ୍ରଙ୍କ ଅସନ୍ତୋଷ

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ଦଳ ତାଙ୍କ ଉପରୁ ନିଲମ୍ବନ ହଟାଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ମୟୂରଭଞ୍ଜ ବିଜେଡି ଏମ୍‌ପି ରାମଚନ୍ଦ୍ର ହାଁସଦା। ଗଣମାଧ୍ୟମକୁ ସୂଚନା ଦେଇ ସୋମବାର ରାମଚନ୍ଦ୍ର କହିଛନ୍ତି ଯେ, ମୁଁ ଆଦିବାସୀ ଅଧ୍ୟୁଷିତ ନେତା ହୋଇଥିବାରୁ ନିଲମ୍ବନ ଉଠୁନି। ମୋ ପାଇଁ ଜିଲାସ୍ତରୀୟ ନେତା ଲବି କରୁ ନାହାନ୍ତି। ଉପକୂଳ ଅଞ୍ଚଳର ପ୍ରତିନିଧି ହୋଇଥିଲେ ନିଲମ୍ବନ ଉଠିସାରନ୍ତାଣି। ମୋ ନିଲମ୍ବନ ଉଠିବା ନେଇ ହାଇକମାଣ୍ଡଙ୍କ ପାଖରେ ଯେପରି ଉପସ୍ଥାପନ ହେବା କଥା, ତାହା ହେଉ ନାହିଁ ବୋଲି ରାମଚନ୍ଦ୍ର କହିଛନ୍ତି।

## ପ୍ରମୋଦ ନବରଙ୍ଗପୁର ବିଜେଡି ସଂଯୋଜକ

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୋଦ ପାତ୍ରଙ୍କୁ ନବରଙ୍ଗପୁର ଜିଲା ବିଜେଡିର ସଂଯୋଜକ ଭାବେ ନିଯୁକ୍ତି ଦେଇଛନ୍ତି। ନବରଙ୍ଗପୁର ଜିଲା ସଭାପତି ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହ ମିଶି ଦଳ ପାଇଁ କାର୍ଯ୍ୟ କରିବାକୁ ପ୍ରମୋଦଙ୍କୁ ନିର୍ଦ୍ଦେଶ ରହିଛି। ଏ ସମ୍ପର୍କିତ ଏକ ବିଜ୍ଞପ୍ତି ରାଜ୍ୟ ସମ୍ପାଦକ ବିଜୟ ନାୟକଙ୍କ ଦ୍ୱାରା ସୋମବାର ପ୍ରକାଶ ପାଇଛି।



ବିଦ୍ୟାଳୟରେ ପ୍ରଚଳିତ ହେବ 'ହାପି ସଟରଡେ'। ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାରକୁ 'ହାପି ସଟରଡେ' ଭାବେ ଘୋଷଣା କରିଛନ୍ତି ରାଜସ୍ଥାନ ସରକାର। ଏହି ୨ଦିନ ପିଲାମାନଙ୍କୁ କିଛି ସୃଜନାତ୍ମକ ଶିକ୍ଷା ପ୍ରଦାନ କରାଯିବ। ସେଥିପାଇଁ ଏହି ୨ ଦିନ ପିଲାମାନେ ବିନା ବ୍ୟାଗ୍‌ରେ ସ୍କୁଲ ଆସିପାରିବେ। ପିଲାମାନଙ୍କ ପାଇଁ ଜ୍ଞାନାତ୍ମକ, ଭାବାତ୍ମକ ଓ କ୍ରିୟାତ୍ମକ ଏହି ୩ଟି ଦିଗରେ ବିକାଶ ହେବା ଜରୁରୀ । ଏଥିମଧ୍ୟରୁ ଯଦି କୌଣସି ଗୋଟିଏକୁ ଉପେକ୍ଷା କରାଯାଏ ତେବେ ଅନ୍ୟଗୁଡ଼ିକ ମଧ୍ୟ ପ୍ରଭାବିତ ହେବ। ଏହାକୁ ଦୃଷ୍ଟିରେ ରଖି ସରକାର ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାରକୁ 'ହାପି ସଟରଡେ' ଭାବେ ଘୋଷଣା କରିଛନ୍ତି।



## ସଂକ୍ଷେପରେ

### ୧୮ ମତ୍ସ୍ୟଜୀବୀ ଗିରଫ: ଟ୍ରଲର, ଗିଲ୍‌ନେଟର ଜବତ

ରାଜନଗର,୧୦।୯(ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ସୋମବାର ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୮ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଏଥିସହ ତାଲଚୁଆ ଅଞ୍ଚଳର ଟ୍ରଲର ମା' ମୁସାଗର, ନୂପୁର-୧ ନାମକ ଗିଲ୍‌ନେଟର ଓ ୪୦ କୁଇଣ୍ଟାଲ ମାଛ ଜବତ କରାଯାଇଛି। ଅଭିଯୁକ୍ତମାନେ ବାବୁବାଲି ଦ୍ୱୀପଠାରୁ ୫ କି.ମି. ସମୁଦ୍ର ଭିତରୁ ମାଛ ଧରୁଥିଲେ। ଏସିଏଫ୍ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ବେଳେ ଏହି ଚଢ଼ାଉ ହୋଇଥିଲା। ଏହି ସମୟରେ ବେଆଇନ ଭାବେ ମାଛ ଧରୁଥିବା ସୁବାଶିଷ ଦାସ, ଗଗନ ଦାସ, ମନୋରଞ୍ଜନ ଦାସ, ଭାସ୍କର ମାଇତି, ଅମଲ ଗିରି, କାଳିପଦ ନସ୍କର, ଉତ୍ତମ ମଣ୍ଡଳ, ଭାନୁଚରଣ ବାରିକ ଓ ବାପି ଦାସଙ୍କୁ ଗିରଫ କରାଯାଇଛି। ସେହିପରି ବିମଳ ମଲିକ, ଧନଞ୍ଜୟ ମାଇତି, ବାସୁଦେବ ମଣ୍ଡଳ, ମହେଶ୍ୱର ମଣ୍ଡଳ, ଗୋବିନ୍ଦ ମଣ୍ଡଳ, ଅଜିତ୍ ପାତ୍ର, ଗୌରହରି ଜେନା, ଯଦୁରାମ ପଣ୍ଡା ଓ ବାବୁଲାଲ ଦାସଙ୍କୁ ମଧ୍ୟ ଗିରଫ କରାଯାଇଛି। ୧୯୭୨ ବନ୍ୟପ୍ରାଣୀ ଆଇନ ଅନୁଯାୟୀ ୨ଟି ମାମଲା (ନଂ-୩୪,୩୫/୧୮) ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ଧାରଣା
### ଆଜି ବିଭାଗ ସହ ଆଲୋଚନା

ଭୁବନେଶ୍ୱର, ୧୦।୯(ବ୍ୟୁରୋ): ୬ ଦଫା ଦାବି ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍)ରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୋମବାର ସକାଳେ ସେମାନେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜିରେ ଅହୋରାତ୍ର ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଧାରଣାସ୍ଥଳରେ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଉପଦେଷ୍ଟା ସୁଦର୍ଶନ ଦାଶ ଚେତାବନୀ ଦେଇଥିଲେ। ଅପରାହ୍ନ ୩ଟାରେ ସ୍ୱାସ୍ଥ୍ୟ ବିଭାଗ ସହିତ ଆଲୋଚନା ପାଇଁ ସଂଘକୁ ଡକାଯାଇଥିଲା। ସଂଘ ଉପଦେଷ୍ଟା ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସଚିବାଳୟକୁ ଯାଇଥିଲେ ମଧ୍ୟ ଆଲୋଚନା ହୋଇ ପାରି ନ ଥିଲା। ମଙ୍ଗଳବାର ଅପରାହ୍ନ ୪ ଟାରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ବିଭାଗୀୟ କମିଶନର ତଥା ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ଏବଂ ଏନ୍‌ଏଚ୍‌ଏମ୍ ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତଙ୍କ ଉପସ୍ଥିତିରେ ଆଲୋଚନା ହେବ ବୋଲି ଦାଶ କହିଛନ୍ତି। ସୂଚନାଯୋଗ୍ୟ, ଜାତୀୟ ସ୍ୱାସ୍ଥ୍ୟ ପଲିସି ୨୦୧୭ ସୁପାରିସକ୍ରମେ ଜନସ୍ୱାସ୍ଥ୍ୟ ପରିଚାଳନା କ୍ୟାଡର ପଦବୀ ସୃଷ୍ଟି କରିବା ସହିତ ସେହି ପଦବୀରେ ନିୟମିତ କରିବାକୁ ସଂଘ ଦାବି କରିଛି।

# ୮ ମେଡିକାଲ କଲେଜରେ ୪୧% ପ୍ରଫେସର ପଦବୀ ଖାଲି

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

ରାଜ୍ୟରେ ଥିବା ୮ ମେଡିକାଲ କଲେଜ ଓ ହସ୍ପିଟାଲରେ ୪୧% ଟିଚିଂ ଷ୍ଟାଫ୍ ଅର୍ଥାତ୍ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ଖାଲି ପଡ଼ିଛି। ଫଳରେ ରୋଗୀ ସେବା ପ୍ରଭାବିତ ହେବା ସହ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଛି। ସରକାର ଖାଲି ପଦବୀଗୁଡ଼ିକ ପୂରଣ କରୁ ନ ଥିବାରୁ ଦିନକୁ ଦିନ ସ୍ଥିତି ବିଗିଡ଼ିବାରେ ଲାଗିଛି।

କିଛିଦିନ ତଳେ ବିଧାନସଭାରେ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନାଙ୍କଠାରୁ ଉତ୍ତର ଚାହିଁଥିଲେ। ମନ୍ତ୍ରୀ ଜେନା କହିଥିଲେ ଯେ, କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ମୋଟ ୬୩ ପ୍ରଫେସର ପଦବୀ ଥିବାବେଳେ ୫୨ଜଣ ପ୍ରଫେସର କାର୍ଯ୍ୟ କରୁଛନ୍ତି। ୧୦୩ ଆସୋସିଏଟ୍ ପ୍ରଫେସର ବଦଳରେ ୭୯ଜଣ ରହିଛନ୍ତି। ସେହିଭଳି ୨୧୩ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ଥିବାବେଳେ ୧୫୧ ପୂରଣ ହୋଇଛି। ଏଠାରେ ମୋଟ ୯୫ ପଦବୀ ଖାଲି ପଡ଼ିଛି। ବ୍ରହ୍ମପୁର ଏମ୍‌କେସିଜିରେ ୩୭ ପ୍ରଫେସର ପଦବୀରୁ ୩୩ ପୂରଣ ହୋଇଥିବାବେଳେ ୪ ଖାଲିପଡ଼ିଛି। ୭୯ଜଣ ଆସୋସିଏଟ୍ ପ୍ରଫେସର ଆବଶ୍ୟକ ଥିବାବେଳେ ୬୧ଜଣ ନିଯୁକ୍ତି ପାଇଛନ୍ତି। ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ୧୬୦ରୁ ୧୧୭ ପୂରଣ ହୋଇଛି ଏବଂ ୪୩ ଖାଲି ପଡ଼ିଛି। ବୁର୍ଲା ଭିମ୍‌ସାରରେ ୩୫ ପ୍ରଫେସର ପଦବୀରୁ ୨୩ ଖାଲି ପଡ଼ିଛି। ଆସୋସିଏଟ୍ ପ୍ରଫେସର ପଦବୀ ୭୧ ରହିଥିବାବେଳେ ମାତ୍ର ୩୮ଜଣ କାର୍ଯ୍ୟ କରୁଛନ୍ତି। ୧୪୪ ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ୫୧ ପୂରଣ ହୋଇଥିବାବେଳେ ୯୩ ଖାଲି ରହିଛି। ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୯ ପ୍ରଫେସର ପଦବୀରୁ ୧୪ ପୂରଣ ଏବଂ ୫ ଖାଲି ପଡ଼ିଛି। ଆସୋସିଏଟ୍ ପ୍ରଫେସର ୨୩ ପଦବୀରୁ ୧୬ ପୂରଣ ଏବଂ ୭ ଖାଲିପଡ଼ିଛି। ତେବେ ଏଠାରେ ରହିଥିବା ସମସ୍ତ ୩୨ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ହୋଇଛି। କୋରାପୁଟ ଶହୀଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୯ ପ୍ରଫେସର ପଦବୀରୁ ୧୪ ପୂରଣ ଏବଂ ୫ ଖାଲିପଡ଼ିଛି। ୨୩ ଆସୋସିଏଟ୍ ପ୍ରଫେସର ପଦବୀରୁ ୧୬ ପୂରଣ ହୋଇଥିବାବେଳେ ୭ ଖାଲି ରହିଛି। ଏଠାରେ ମଧ୍ୟ ସମସ୍ତ ୩୨ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ହୋଇଛି। ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୯ ପ୍ରଫେସର ପଦବୀରୁ ୧୧ ପୂରଣ ହୋଇଥିବାବେଳେ ୮ ପଦବୀ ଖାଲିପଡ଼ିଛି। ୨୩ ଆସୋସିଏଟ୍ ପ୍ରଫେସର ପଦବୀରୁ ମାତ୍ର ୯ ପୂରଣ ଏବଂ ୧୪ ଖାଲି ରହିଛି। ତେବେ ୩୨ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ହୋଇସାରିଛି। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ୧୯ ପ୍ରଫେସର ପଦବୀ ଥିବାବେଳେ ସେଥିରୁ ୧୧ ପୂରଣ ଏବଂ ୮ ପଦବୀ ଖାଲି ପଡ଼ିଛି। ୨୩ ଆସୋସିଏଟ୍ ପ୍ରଫେସର ପଦବୀରୁ ୧୧ ପୂରଣ ହୋଇଥିବାବେଳେ ୧୨ ଖାଲି ରହିଛି। ୩୨ ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ୩୦ ପଦବୀରେ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷରେ ଏସ୍‌ସିବି ଡେଣ୍ଟାଲ କଲେଜରେ ଥିବା ସମସ୍ତ ୮ ପ୍ରଫେସର ପଦବୀ ପୂରଣ ହୋଇଛି। ୯ ଆସୋସିଏଟ ପ୍ରଫେସରରୁ ୨ ଖାଲିପଡ଼ିଛି। ୧୮ ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ୧୨ ପୂରଣ ହୋଇଥିବାବେଳେ ୬ ଖାଲିପଡ଼ିଛି।

ଏସବୁ ମେଡିକାଲ କଲେଜ ଓ ହସ୍ପିଟାଲରେ ମୋଟ ୨୧୯ ପ୍ରଫେସର ପଦବୀ ଥିବାବେଳେ ୬୪ ପଦବୀ ଖାଲି ପଡ଼ିଛି। ୩୫୪ ଆସୋସିଏଟ୍ ପ୍ରଫେସର ପଦବୀରୁ ୨୩୭ ଓ ୬୬୩ ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ୨୦୬ ଖାଲି ପଡ଼ିଛି ବୋଲି ମନ୍ତ୍ରୀ ଜେନା ଉତ୍ତର ରଖିଥିଲେ।

# ଦାମଙ୍କ ବିରୋଧରେ ଫେରାଦ ହେଲେ ବିଷ୍ଣୁ, ପ୍ରଶାନ୍ତ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

- ବିଷ୍ଣୁ ଦାସ କ'ଣ ନବୀନ ଭଲଭାବେ ଜାଣନ୍ତି- ଦାମ
- ଦାମଙ୍କୁ ବହିଷ୍କାର କରାଯାଉ- ବିଷ୍ଣୁ

ବରିଷ୍ଠ ବିଜେଡି ନେତା ଦାମୋଦର ରାଉତଙ୍କ ପ୍ରତି ନିଜ ଦଳ ଆଡୁ ଅଡୁଆ ବଢୁଛି। ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ବିଷ୍ଣୁ ଦାସ, ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ଦାମଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଫେରାଦ ହୋଇଛନ୍ତି। ନବୀନ ନିବାସରେ ସୋମବାର ଜଗତ୍‌ସିଂହପୁର ଜିଲାର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ଦାମଙ୍କ ବିରୋଧରେ ଜୋରଦାର ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଦାମଙ୍କ ବିରୋଧରେ ଅଭିଯୋଗ କରିବା ପରେ ଗଣମାଧ୍ୟମରେ ମତାମତ ରଖିଛନ୍ତି ବିଷ୍ଣୁ ଦାସ।

ସେ କହିଛନ୍ତି ଯେ, ଦାମବାବୁ ଅନୁସୂଚିତ ଜାତି ଲୋକଙ୍କୁ ଭଲ ପାଆନ୍ତି ନାହିଁ। ଗ୍ୟାଙ୍ଗଷ୍ଟର ଟିଟୋର ସହଯୋଗୀ ବାପୁ ପରିଡାଙ୍କ ଗିରଫଦାରିକୁ ଦାମବାବୁ ବିରୋଧ କରିଥିଲେ। ବିରୋଧୀମାନଙ୍କ ସହ ମିଶି ସେ ଦଳ ବିରୋଧୀ କାର୍ଯ୍ୟ କରୁଥିବା ବିଷ୍ଣୁ ଅଭିଯୋଗ କରିଛନ୍ତି। ଦାମଙ୍କର ଏପରି ଆଭିମୁଖ୍ୟ ଦ୍ୱାରା ଦଳ ଜଗତ୍‌ସିଂହପୁର ଜିଲାରେ କ୍ଷତିଗ୍ରସ୍ତ ହେବ, ତେଣୁ ତାଙ୍କୁ ଦଳରୁ ତୁରନ୍ତ ବହିଷ୍କାର କରାଯାଉ ବୋଲି ବିଷ୍ଣୁ କହିଛନ୍ତି। ଅନୁରୂପ ଭାବେ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ମଧ୍ୟ ଦାମଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ଲିଖିତ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।

ବିଷ୍ଣୁ ଏବଂ ପ୍ରଶାନ୍ତଙ୍କ ଏପରି ଆଭିମୁଖ୍ୟକୁ ଖୋଦ୍ ଦାମୋଦର ତାଚ୍ଛଲ୍ୟ କରିଛନ୍ତି। ସେ କହିଛନ୍ତି ଯେ, ବିଷ୍ଣୁ ଦାସ ଜଣେ ଅସାମାଜିକ ବ୍ୟକ୍ତି। ରାଜନୀତିରେ ରହିବା ପାଇଁ ତାଙ୍କର ସାଧାରଣ ଯୋଗ୍ୟତା ନାହିଁ। ବିଷ୍ଣୁ ଦାସ କ'ଣ ନବୀନବାବୁ ଜାଣନ୍ତି। ସେ କହିଦେଲେ କ'ଣ ନବୀନବାବୁ ତାଙ୍କୁ ବହିଷ୍କାର କରିଦେବେ ବୋଲି କହି ଦାମ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ମନ୍ତ୍ରିମଣ୍ଡଳରୁ ସେ ଇସ୍ତଫା ଦେଇ ନ ଥିଲେ। ତାଙ୍କୁ ରାତି ଅଧିଆ ବହିଷ୍କାର କରାଯିବା ସହ ଉପସଭାପତି ପଦରୁ ବିଦା କରାଗଲା। ଏବେ ଦଳରୁ ବିଦା କରିଦେଲେ, ସେଥିରେ ତାଙ୍କର ଅସୁବିଧା କେଉଁଠି ବୋଲି ଦାମ କହିଛନ୍ତି।

# ଓଡ଼ିଆ ହକି ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୯(ବ୍ୟୁରୋ)



ସମ୍ବର୍ଦ୍ଧିତ ଓଡ଼ିଆ ଖେଳାଳିଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଚଳିତବର୍ଷର ଏସିଆଡ୍‌ରେ ଭାରତୀୟ ହକି ଦଳରେ ଅଂଶଗ୍ରହଣ କରି ପଦକ ଜିତିଥିବା ଓଡ଼ିଆ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ରୌପ୍ୟ ପଦକ ପାଇଥିବା ମହିଳା ଟିମ୍‌ର ୪ଜଣ ଓଡ଼ିଆ ଖେଳାଳିଙ୍କୁ ପ୍ରତ୍ୟେକ ୧କୋଟି ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ସେହିଭଳି ବ୍ରୋଞ୍ଜ ପଦକ ଜିତିଥିବା ପୁରୁଷ ଟିମ୍‌ର ଦୁଇ ଜଣଙ୍କୁ ପ୍ରତ୍ୟେକ ୫୦ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଏହି ଅବସରରେ ଖେଳାଳିମାନଙ୍କ ଉଲ୍ଲେଖନୀୟ କୃତିତ୍ୱକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ସେମାନଙ୍କ ପାଇଁ ଦେଶ ଓ ରାଜ୍ୟବାସୀ ଗର୍ବିତ। ଏହି ଖେଳାଳିମାନଙ୍କୁ ଭବିଷ୍ୟତରେ ରାଜ୍ୟ ସରକାର ଆବଶ୍ୟକ ସହାୟତା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କୋଟିଏ ଟଙ୍କା ଲେଖାଏ ପୁରସ୍କାର ପାଇଥିବା ମହିଳା ଖେଳାଳିମାନେ ହେଉଛନ୍ତି, ସୁନିତା ଲାକ୍ରା, ଲିଲିମା ମିଞ୍ଜ, ଦୀପଗ୍ରେସ ଏକ୍କା ଓ ନମିତା ଟପ୍ପୋ। ସେହିପରି ପୁରସ୍କାର ପାଇଥିବା ପୁରୁଷ ଖେଳାଳି ହେଉଛନ୍ତି, ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ। ସୂଚନାଯୋଗ୍ୟ ଯେ, ୨୦୧୭ ବର୍ଷ ପାଇଁ ବିଜୁ ପଟ୍ଟନାୟକ ପୁରସ୍କାର ପାଇଥିବା ଖେଳାଳି ସୁନିତା ଲାକ୍ରା, ଅମିତ ରୋହିଦାସ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ବେଳେ ଅନୁପସ୍ଥିତ ଥିଲେ। ସେହି ସମ୍ମାନ ମଧ୍ୟ ଦୁଇଜଣଙ୍କୁ ସୋମବାର ପ୍ରଦାନ କରାଯାଇଛି। ଉଭୟଙ୍କୁ ପ୍ଲେୟାର ଅଫ୍ ଦି ଇୟର-୨୦୧୭ ଟ୍ରଫି, ମାନପତ୍ର ସହିତ ପ୍ରତ୍ୟେକଙ୍କୁ ୨ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସେହିପରି ଏସିଆଡ୍‌ରେ ଆଥଲେଟିକ୍ସରେ ଭାଗ ନେଇଥିବା ଜଉନା ମୁର୍ମୁ ଓ ପୂର୍ଣ୍ଣିମା ହେମ୍ବ୍ରମଙ୍କୁ ସାଢେ ସାତ ଲକ୍ଷ ଟଙ୍କା ଲେଖା ମୁଖ୍ୟମନ୍ତ୍ରୀ ପ୍ରଦାନ କରିଛନ୍ତି।

# ସ୍ୱାସ୍ଥ୍ୟ ବିଭାଗକୁ ଆଳ କରି ଅମଲା, ଦଳୀୟ ନେତାଙ୍କୁ ଟାର୍ଗେଟ୍

ଭୁବନେଶ୍ୱର,୧୦।୯(ବ୍ୟୁରୋ)

**ଜାରି ରହିଛି ଦାମଙ୍କ ଦୁର୍ନୀତି ବାଣ**

ଶାସକ ଦଳ ବିଜେଡିରେ ଥାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିବାର କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି ଦାମ। ରାଜ୍ୟ ପ୍ରଶାସନର ଅମଲା ଓ ଅଧିକାରୀଙ୍କ ଉପରେ ସୋମବାର ପୁନର୍ବାର ବର୍ଷିଛନ୍ତି। ଡଙ୍କାରୀ ପାହାଡ ଦୁର୍ନୀତି, ଓମ୍‌ଫେଡ୍ ମିଲ୍କ ପାଉଡର୍ ଦୁର୍ନୀତି, ଚାରା ହେରଫେର ଏବଂ ସମବାୟ ଦୁର୍ନୀତିରେ ଦାମ ରାଜ୍ୟ ପ୍ରଶାସନକୁ କଡ଼ା ସମାଲୋଚନା କରିଛନ୍ତି। ସୋମବାର କିନ୍ତୁ ଦାମ ରାଜ୍ୟରେ ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ ଡାକ୍ତର ଉଭାନ ପ୍ରସଙ୍ଗରେ ଖୋଲାଖୋଲି ସମାଲୋଚନା କରିଛନ୍ତି।

ସେ କହିଛନ୍ତି ଯେ, ସରକାରୀ ନିଯୁକ୍ତି ପାଇ ୧୨୦୦ ଡାକ୍ତର ଫେରାର ଅଛନ୍ତି କ'ଣ ପାଇଁ । ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମି ପାଇଁ ୩ ବର୍ଷରେ ତିନିହଜାର କୋଟି ଟଙ୍କା ଖର୍ଚ୍ଚ ହେବା ନିଷ୍ପତ୍ତି ଅଧାରେ ବନ୍ଦ ହେବାର କାରଣ କ'ଣ ବୋଲି ଦାମ ପ୍ରଶ୍ନ କରିଛନ୍ତି। ବିଭିନ୍ନ ବିଭାଗରେ ଏପରି ହେବାର କାରଣ କ'ଣ ବୋଲି ଗଣମାଧ୍ୟମର ପ୍ରତିନିଧିମାନେ ତାଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ସେ କହିଛନ୍ତି, ଶାସକର କଥା ପ୍ରଶାସକ ଶୁଣିବା କଥା । ରାଜ୍ୟରେ ତାହା ହେଉ ନାହିଁ। ଅମଲା ଏବଂ ଅଧିକାରୀଙ୍କ ଅଯଥା ହସ୍ତକ୍ଷେପ ଯୋଗୁ ରାଜନେତା ଓ ମନ୍ତ୍ରୀ ଅସହାୟ ହୋଇପଡୁଛନ୍ତି। ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କୁ ଘେରି ରହୁଛନ୍ତି, ସେମାନଙ୍କ ରାଜନୈତିକ ଜୀବନ ଦୁର୍ନୀତିରୁ ଆରମ୍ଭ ହୋଇଛି। ସିବିଆଇ ଖଣ୍ଡା ଝୁଲୁଥିବା ନେତା ହାକିମାତି ଦେଖାଉଥିବା ଦାମ ଅଭିଯୋଗ କରୁଛନ୍ତି। ଦାମ ଲଗାତାର ଅମଲା ଏବଂ ସରକାରୀ ଦଳକୁ ସମାଲୋଚନା କରୁଥିଲେ ମଧ୍ୟ ବିଜେଡି ନିର୍ଦ୍ଦିଷ୍ଟ ପ୍ରତିକ୍ରିୟା ରଖୁନାହିଁ। ସୋମବାର ଦାମଙ୍କ ବକ୍ତବ୍ୟ ଉପରେ କୌଣସି ପ୍ରତିକ୍ରିୟା ଦେବାକୁ ଦଳର ମୁଖପାତ୍ର ସସ୍ମିତ ପାତ୍ର ଉଚିତ ମଣି ନ ଥିଲେ।

# ତୈଳଦର ବୃଦ୍ଧି ପ୍ରସଙ୍ଗରେ ଭାଜପା-ବିଜେଡି ମଧ୍ୟରେ ବାକ୍‌ଯୁଦ୍ଧ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

କଂଗ୍ରେସର ଚରିତ୍ର ହିଂସା ଓ ବିଶୃଙ୍ଖଳା। କଂଗ୍ରେସ ଆନ୍ଦୋଳନ କଲେ ସାଧାରଣ ଲୋକମାନେ ଭୟଭୀତ ହୁଅନ୍ତି। ରାଜ୍ୟ ପୋଲିସର ନୀରବତା କଂଗ୍ରେସ କର୍ମୀଙ୍କ ଗୁଣ୍ଡାଗିରିକୁ ଇନ୍ଧନ ଯୋଗାଇଛି ବୋଲି ଭାଜପା ଅଭିଯୋଗ କରିଛି।

ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ପେଟ୍ରୋଲ ଉପରେ ଭାଟ୍ ଲଗାଇବା ପାଇଁ ଆମେ ବାରମ୍ବାର ରାଜ୍ୟ ସରକାରଙ୍କୁ ନିବେଦନ କରୁଛୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଶୁଣୁ ନ ଥିବା ବେଳେ ଅର୍ଥମନ୍ତ୍ରୀ ଜିଏସ୍‌ଟି କାଉନ୍ସିଲ ବୈଠକରେ ଏହି ପ୍ରସଙ୍ଗ ଉଠାଉ ନାହାନ୍ତି। ଆସନ୍ତା ଜିଏସ୍‌ଟି କାଉନ୍ସିଲ ବୈଠକରେ ଅର୍ଥମନ୍ତ୍ରୀ ଏକଥା ଉଠାନ୍ତୁ ଏବଂ ରାଜ୍ୟ ସରକାର ଭାଟ୍ ଛାଡ କରନ୍ତୁ। ରାଜ୍ୟ ସରକାର ଏକ ପ୍ରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ପୋଲିସ୍ ଉପସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟର ଓ ହୋର୍ଡିଂ ଚିରାଯାଉଥିବାବେଳେ ପୋଲିସ ନୀରବଦ୍ରଷ୍ଟା ସାଜିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଭାଜପା ଆରୋପ ଅତ୍ୟନ୍ତ ହାସ୍ୟାସ୍ପଦ। ବୌଦ୍ଧିକସ୍ତରରେ ଏହା ଭାଜପାର ଦେବାଳିଆପଣକୁ ସୂଚାଉଛି। ଜିଏସ୍‌ଟି କାଉନ୍ସିଲ ବୈଠକ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥାଏ। ସେମାନେ ପେଟ୍ରୋଲ, ଡିଜେଲକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରୁ ନାହାନ୍ତି କାହିଁକି। ନିଜ ଦାୟିତ୍ୱକୁ ରାଜ୍ୟ ସରକାରଙ୍କ ଆଡକୁ ଠେଲିଦେଇ ଭାଜପା ନିଜ ଦାୟିତ୍ୱହୀନତାର ପରିଚୟ ଦେଉଛି। କେନ୍ଦ୍ର ସରକାରଙ୍କ ନୈତିକ ଦାୟିତ୍ୱ ଜିଏସ୍‌ଟି କାଉନ୍ସିଲ ବୈଠକରେ ଚିଠା ପ୍ରସ୍ତାବ ଆଗତ କରିବା ବଦଳରେ ଭାଜପା ଶସ୍ତା ରାଜନୀତି କରୁଛି। ତୈଳଦର ବୃଦ୍ଧି ପ୍ରତିବାଦରେ ବିଜେଡି ୩ଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ଜନସଚେତନତା ସୃଷ୍ଟି କରିଥିଲା। ଗତ ୪ବର୍ଷ ହେଲା ବିଜେଡି ତୈଳଦର ବୃଦ୍ଧି ପ୍ରସଙ୍ଗରେ ଅହରହ ଆନ୍ଦୋଳନ ଜାରି ରଖିଛି। ହଠାତ୍ ୪ବର୍ଷ ପରେ କଂଗ୍ରେସ କାହିଁକି ବନ୍ଦ ପାଇଁ ଆଗ୍ରହୀ ହେଲା ତାହା ଜଣାପଡୁନି ବୋଲି ସସ୍ମିତ କହିଛନ୍ତି।

# ବନ୍ଦ ପାଳନକୁ ସମର୍ଥନ ଜଣାଇଥିବାରୁ ଧନ୍ୟବାଦ

## ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ୪ଜଣିଆ କମିଟି ଗଠିତ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

କଂଗ୍ରେସର ବନ୍ଦ ପାଳନକୁ ଅଭୁତପୂର୍ବ ସମର୍ଥନ ମିଳିଛି। କେନ୍ଦ୍ର ସରକାରଙ୍କ ଉପରେ ଲୋକମାନଙ୍କର ଯେଉଁ ଅସନ୍ତୋଷ ଥିଲା ତାକୁ ଶୁଝାଇଛନ୍ତି। ଯେଉଁ ଦଳଗୁଡ଼ିକ କଂଗ୍ରେସର ବନ୍ଦ ପାଳନକୁ ସମର୍ଥନ ଜଣାଇଛନ୍ତି ସେମାନଙ୍କୁ ଧନ୍ୟବାଦ। ବନ୍ଦ ପାଳନ ବେଳେ ମୁଖ୍ୟତଃ କିଛି ଜାଗାରେ ସାମାନ୍ୟ ବିଶୃଙ୍ଖଳା ହୋଇଥିବା ବେଳେ ପ୍ରାୟ ସବୁଠି ଶାନ୍ତିପୂର୍ଣ୍ଣ ହୋଇଛି। ଯେଉଁସବୁ ସ୍ଥାନରେ ବିଶୃଙ୍ଖଳା ହୋଇଛି ତାକୁ କେବେହେଲେ ବରଦାସ୍ତ କରାଯିବ ନାହିଁ। ଯଦି ଦଳର କେହି ବିଶୃଙ୍ଖଳା କରିଥିବା ରିପୋର୍ଟ ଆସେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ଦଳ ପକ୍ଷରୁ ଏକ ୪ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ସଦସ୍ୟ ବିଶୃଙ୍ଖଳା କେଉଁଠାରେ ହୋଇଛି ତା'ର ରିପୋର୍ଟ ପ୍ରସ୍ତୁତ କରିବେ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ଦଳୀୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି ଯେ, ବନ୍ଦ ପାଳନ କାରଣରୁ ବହୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିବେ, ସେଥିପାଇଁ ମୁଁ ଦୁଃଖିତ। ମାତ୍ର ଦେଶର ବୃହତ୍ତର ସ୍ୱାର୍ଥ ରକ୍ଷା କରିବା ପାଇଁ ଅନେକ ସମୟରେ କଷ୍ଟ ସହିବାକୁ ପଡିବ। ଆମେ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲୁ କୌଣସି ସ୍ଥାନରେ ବିଶୃଙ୍ଖଳା ହେବ ନାହିଁ। ଯେଉଁସବୁ ସ୍ଥାନରେ ବିଶୃଙ୍ଖଳା ହୋଇଛି ୪ଜଣିଆ କମିଟି ଘଟଣାର ସତ୍ୟାସତ୍ୟ ଖୋଜି ତା'ର ରିପୋର୍ଟ ପ୍ରସ୍ତୁତ କରିବେ। ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କ ନେତୃତ୍ୱରେ ଗଠିତ ଏହି ତଦନ୍ତ କମିଟିରେ ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ବିଧାୟକ ଅଂଶୁମାନ ମହାନ୍ତି ଏବଂ ପ୍ରକାଶ ଚନ୍ଦ୍ର ବେହେରା ଅଛନ୍ତି। ବନ୍ଦ ପାଳନ ବେଳେ ୧୦୦ଜଣ ଯୁବକ ଏକ ବାଇକ୍ ରାଲିରେ ଆସିଥିଲେ। ସେମାନଙ୍କ ନିକଟରେ ମାତ୍ର ଦୁଇଟି ଦଳୀୟ ପତାକା ଥିଲା। ସେମାନଙ୍କୁ ପୂର୍ବରୁ ଆମ ଦଳୀୟ ପିଲାମାନେ କେବେହେଲେ ଦେଖି ନ ଥିଲେ। ସେମାନଙ୍କ ଉପରେ ସନ୍ଦେହ ହେଲା। ସେହି ଯୁବକମାନଙ୍କୁ ଯେତେବେଳେ ଆମ ଦଳର ନେତାମାନଙ୍କ ସମ୍ପର୍କରେ ପଚାରିଲୁ ସେମାନେ କାହାକୁ ଜାଣି ନ ଥିଲେ। ଏହା ଆମ ବିରୋଧୀ ଦଳର ପ୍ରାୟୋଜିତ ଯୋଜନା ବୋଲି ସନ୍ଦେହ ହେଉଛି। ବିଶୃଙ୍ଖଳା ସୃଷ୍ଟି କରିବା ଲାଗି ଏହା କରାଯାଇଥିବ ବୋଲି ସନ୍ଦେହ ହେଉଥିବା ନିରଞ୍ଜନ କହିଛନ୍ତି।

ସେ ଆହୁରି କହିଛନ୍ତି, ଯଦି ଲୋକମାନଙ୍କୁ କୌଣସି ଜରୁରୀସ୍ଥିତିରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ ସେଥିପାଇଁ ଦୁଇଟି କଣ୍ଟ୍ରୋଲ ରୁମ୍ ନମ୍ବର ଦେଇଥିଲୁ। ବନ୍ଦ ପାଳନ ସମୟରେ ୮୫୮ଟି ଫୋନ୍ ଆସିଥିଲା। ବନ୍ଦ ପରେ ମଧ୍ୟ ୩ଶହରୁ ଅଧିକ ଫୋନ୍ ଆସି ସାରିଛି। ଲୋକମାନେ ଫୋନ୍ କରି ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ହୋଇଥିବାରୁ ଧନ୍ୟବାଦ ଜଣାଉଛନ୍ତି। ବନ୍ଦ ପୂର୍ବରୁ ଶାସକ ଦଳକୁ ଦିନ ୩ଟା ପର୍ଯ୍ୟନ୍ତ ବିଧାନସଭା ବନ୍ଦ ରଖିବାକୁ ଅନୁରୋଧ କରିଥିଲୁ। ମାତ୍ର ସେମାନେ ମଙ୍ଗଳବାର ପର୍ଯ୍ୟନ୍ତ ବନ୍ଦ କରିଦେଇଛନ୍ତି। ଆନ୍ଧ୍ର ସରକାର ବନ୍ଦ ପାଳନ ପରେ ତୈଳଦର ହ୍ରାସ କରିଛନ୍ତି। ମାତ୍ର ରାଜ୍ୟ ଓ କେନ୍ଦ୍ର ସରକାର ତୈଳଦର ହ୍ରାସ କରି ନାହାନ୍ତି। ବରଂ କେନ୍ଦ୍ର ସରକାର ତୈଳଦର ବୃଦ୍ଧି କରିଛନ୍ତି। ପ୍ରଥମ ଥର ଲାଗି ଗୋଲାପ ଫୁଲ ଦେଇ ଲୋକମାନଙ୍କୁ ଗାଡି ନ ନେବାକୁ ଅନୁରୋଧ କଲୁ। ଯେଉଁମାନେ ନ ମାନିଲେ ସେମାନଙ୍କୁ ଅନୁରୋଧ କଲୁ, ଫୁଲ ଓ ଚକୋଲେଟ୍ ଦେଇ ବୁଝାଇଥିଲୁ। କାହିଁକି ନା ଏହି ବନ୍ଦ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କରାଯାଉଥିଲା। ମୋଦି ସରକାର ପେଟ୍ରୋଲ, ଡିଜେଲ ଉପରେ ଗତ ୪ବର୍ଷରେ ୧୧ଲକ୍ଷ କୋଟି ଟଙ୍କା ଟିକସ ଆଦାୟ କରିଛନ୍ତି। ସେଥିରୁ ୨୫ପ୍ରତିଶତ ବିଜ୍ଞାପନରେ ଖର୍ଚ୍ଚ କରିଥିବା ନିରଞ୍ଜନ କହିଛନ୍ତି।

CLASSIFIED DISPLAY












ବର୍ତ୍ତମାନ ମାନବଜାତିର କାର୍ଯ୍ୟକଳାପ, ଆଗ୍ରହ, ଇତସ୍ତତଃ ଧାବନ, ଦ୍ରୁତ ଅଗ୍ରଗତି, ଅନ୍ବେଷଣ, ଖନନ ଓ ଭିତ୍ତିସ୍ଥାପନକୁ ଏବଂ ଅବତାର ଓ ବିଭୂତିମାନଙ୍କର ଆଗମନକୁ- ଅଧିକ ପରିମାଣରେ ଜାଗ୍ରତ ହେବାକୁ ଓ ଗୋଟିକ ପଛରେ ଗୋଟିଏ ଲାଗି ଲାଗି ବିଚରଣ କରିବାକୁ ଦେଖ। ଏ ସବୁ ଲକ୍ଷଣ ଦେଖି କଣ ବୁଝାପଡୁ ନାହିଁ ଯେ ସମସ୍ତ ଅବତାର ଗଣ କଳିଯୁଗରେ ପ୍ରଥମ ସତ୍ୟଯୁଗ ପ୍ରତିଷ୍ଠା ପାଇଁ ଆସୁଛନ୍ତି ? –ଶ୍ରୀଅରବିନ୍ଦ

# ଉଭୟ ହିସାବ

ଭାରତରେ ପେଟ୍ରୋଲ ଓ ଡିଜେଲ ଦର ଯଥାକ୍ରମେ ୮୦ ଓ ୭୨ ଟଙ୍କାରୁ ଊର୍ଦ୍ଧ୍ୱକୁ ଚାଲିଯାଇଥିବାରୁ ଏହାର ପ୍ରତିବାଦରେ କଂଗ୍ରେସ ଓ ଅନ୍ୟାନ୍ୟ ବିରୋଧୀ ଦଳଗୁଡ଼ିକ ସେପ୍ଟେମ୍ବର ୧୦ରେ ଦେଶବ୍ୟାପୀ ବନ୍ଦ ପାଳନ କରିଛନ୍ତି। ବିହାରର ଜେହେନାବାଦରେ ଟ୍ରାଫିକ୍ ଭିଡ଼ରେ ଏକ ଆମ୍ବୁଲାନ୍ସ ରହିଯିବା ଫଳରେ ଜଣେ ଦୁଇ ବର୍ଷୀୟା ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ଦେଶର ପ୍ରତ୍ୟେକ ନାଗରିକର ଜୀବନ ଅତି ମୂଲ୍ୟବାନ । ଭାରତରେ ଆମେ ସମସ୍ତେ 'କମ୍ପେନ୍‌ସେଶନ୍' ବା 'କ୍ଷତିପୂରଣ'ର ଅର୍ଥରେ ମଣିଷ ଜୀବନକୁ ଓଜନ କରୁଥିବା ହେତୁ ବିମୁଦ୍ରୀକରଣ ସମୟର ବ୍ୟାଙ୍କ ଲାଇନ୍‌ରେ ମୃତ୍ୟୁ କିମ୍ବା ବନ୍ଦ ସମୟରେ ମୃତ୍ୟୁ ସମସ୍ତଙ୍କୁ ବ୍ୟସ୍ତ କରିବା କଥା। କିନ୍ତୁ ଅଦ୍ଭୁତ ଭାବେ ଭାରତର ସମାଜ ଆଗଉଥିବାର ଲକ୍ଷ୍ୟ କରାଯାଇପାରେ। ଧନୀ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ତାହା ବିରାଟବଡ଼ ଖବର ହେଉଥିବା ବେଳେ ଗରିବଙ୍କ ଜୀବନ ମୂଲ୍ୟହୀନ ହୋଇପଡୁଛି। ନର୍ଦ୍ଦମା ଭିତରେ ବାଷ୍ପରୁଦ୍ଧ ହୋଇ ମୃତ୍ୟୁବରଣ କରୁଥିବା ଅନେକ ଶ୍ରମିକଙ୍କ ଜୀବନହାନି ପ୍ରତି ଆମେ ସମସ୍ତେ ବଧିର ହୋଇଗଲୁଣି। ସମ୍ଭବତଃ ସେଥିପାଇଁ ବାରମ୍ବାର ଘଟୁଥିବା ଚାଷୀ ଆତ୍ମହତ୍ୟା କୌଣସି ଶାସକ କିମ୍ବା ପ୍ରଶାସକଙ୍କୁ ଚିନ୍ତାରେ ପକାଇ ପାରୁନାହିଁ। ଏଭଳି ପରିସ୍ଥିତିରେ ରାଜନୈତିକ ବ୍ୟକ୍ତିମାନେ ଯେତେବେଳେ ବନ୍ଦ ଡାକରା ଦେଇ ଦେଶକୁ ସ୍ଥାଣୁ କରିଦେଇପାରୁଛନ୍ତି, ସେତେବେଳେ ଛୋଟମୋଟ ନକାରାତ୍ମକ କାର୍ଯ୍ୟ ମଧ୍ୟ ବିରାଟକାୟ ଦିଶୁଛି। ସେପ୍ଟେମ୍ବର ୧୦ ତାରିଖର 'ଭାରତ ବନ୍ଦ'କୁ ସମର୍ଥନ କରିବା ଅସମ୍ଭବ। ଏହି ସ୍ତମ୍ଭରେ, ପୂର୍ବରୁ, ଆମେ ଅନେକଥର 'ବନ୍ଦ'କୁ ବିରୋଧ କରିଆସୁଛୁ। ଆମର ବିଶ୍ୱାସ ଯେ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କୁ ନିଜ ଦାୟିତ୍ୱରୁ ବଞ୍ଚିତ କରିବାର ଅଧିକାର କାହାର ନାହିଁ। ତେବେ ୧୦ ତାରିଖ 'ବନ୍ଦ'ର ଗୁରୁତ୍ୱକୁ ଆମେ ହ୍ରାସ କରିବାକୁ ଚେଷ୍ଟା କରୁନାହୁଁ। ସମସ୍ତେ ସ୍ୱୀକାର କରିବେ ଯେ ତୈଳଦର ବୃଦ୍ଧି ଦେଶରେ ହାହାକାର ସୃଷ୍ଟି କରିଦେଲାଣି। ଏବେ ଯେତିକି କ୍ଷତି ଘଟୁଛି ତୈଳ ଦରବୃଦ୍ଧି ଯୋଗୁ ଅନ୍ୟ ସାମଗ୍ରୀର ଦରଦାମ ବଢ଼ିବାର ଲକ୍ଷଣ ଦେଖିବାକୁ ମିଳିଲାଣି।

ଏହି ବନ୍ଦ ଜନସାଧାରଣଙ୍କୁ ନିଶ୍ଚିତ ଭାବେ ସଚେତନ କରାଇବାରେ ସହାୟକ ହୋଇଛି। ବିଶେଷକରି ଓଡ଼ିଶାରେ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣଭାବେ ବନ୍ଦ ପାଳିତ ହୋଇଥିବାରୁ ସମ୍ପୃକ୍ତ ରାଜନୈତିକ ଦଳଗୁଡ଼ିକୁ ପ୍ରଶଂସା କରାଯାଇପାରିବ। ବିଗତ ଦିନଗୁଡ଼ିକରେ ହୋଇଥିବା ବନ୍ଦ ପାଳନ ଉଗ୍ରରୂପ ଧାରଣ କରି ରାଜନୈତିକ ନେତୃବୃନ୍ଦଙ୍କୁ ନିନ୍ଦିତ କରୁଥିଲା। ରାଜନୀତି କରିବାକୁ ଇଚ୍ଛୁକ ଯୁବପିଢ଼ି ମଧ୍ୟ ବୁଝିବା ଦରକାର ଯେ, ଶାନ୍ତିରେ ଯେଉଁ ଲକ୍ଷ୍ୟ ହାସଲ ହୋଇପାରେ, ତାହା ଅଶାନ୍ତି ବା ବାହୁବଳ ପ୍ରଦର୍ଶନରେ ସମ୍ଭବପର ନୁହେଁ। ସାଧାରଣ ନାଗରିକ ପାଇଁ ଖଟିଲେ ରୋଜଗାର ମିଳେ। ସେହି କାର୍ଯ୍ୟରେ ବାଧା ଦେଉଥିବା ବ୍ୟବସ୍ଥା ବା ବ୍ୟକ୍ତିବିଶେଷ କେବେହେଲେ ଲୋକପ୍ରିୟତା ହାସଲ କରିପାରିବ ନାହିଁ। ତଥାପି ଅନେକ ସମୟରେ ଜନସଚେତନତା ଜାଗ୍ରତ କରିବା ପାଇଁ ଅନେକ କଷ୍ଟ ସହିବାକୁ ପଡ଼ିଥାଏ। ମହାତ୍ମା ଗାନ୍ଧୀ, ଆବ୍ରାହମ ଲିଙ୍କନ, ମାର୍ଟିନ ଲୁଥର କିଙ୍ଗ୍ ଏବଂ ନେଲ୍‌ସନ ମଣ୍ଡେଲାଙ୍କ ଭଳି ସାମାଜିକ ନେତୃବୃନ୍ଦ ଏହି ଚିନ୍ତାଧାରାକୁ ସତ୍ୟ ବୋଲି ବାରମ୍ବାର ପ୍ରମାଣ କରିଛନ୍ତି। ଏହି ପ୍ରଚ୍ଛଦପଟରେ ଅନେକ ବ୍ୟକ୍ତି ବାହାରି ପଡ଼ିପାରନ୍ତି, ଯେଉଁମାନେ ହିସାବ କରି ଦେଶକୁ କହିଦେବେ ଏହି ବନ୍ଦ ଦ୍ୱାରା ଏତେ ହଜାର କୋଟି ଟଙ୍କାର କ୍ଷତି ଦେଶର ଘଟିଛି। ସେହି ବ୍ୟକ୍ତିମାନେ ବିରୋଧୀ ଦଳରେ ଥିବା ସମୟରେ ଅନୁରୂପ କାର୍ଯ୍ୟ ହିଂସା ମାଧ୍ୟମରେ ହାସଲ କରୁଥିଲେ। ସେମାନଙ୍କୁ ଜବାବ ଭାବେ ଏକ ପ୍ରଶ୍ନ ପଚରାଯାଇପାରେ। ବନ୍ଦ ପ୍ରଭାବ ଯୋଗୁ ଅନେକ ଲକ୍ଷ ଗାଡ଼ିମୋଟର ବନ୍ଦ ରହିଥିଲା। ତାହା ବାଧ୍ୟବାଧକତାମୂଳକ ହୋଇଥିବା ସତ୍ତ୍ୱେ ଏହି ଗାଡ଼ିରେ ବ୍ୟବହାର ହେଉଥିବା ତୈଳ ସଞ୍ଚୟ କରିହେଲା। ଯଦି କ୍ଷତିର ଆକଳନ କରାଯିବ, ତେବେ ତତ୍‌ସହିତ ସଞ୍ଚିତ ତୈଳମୂଲ୍ୟର ହିସାବ କରାଯାଉ।

## ଚିରନ୍ତନୀ

ମଧୁମାସ ପରଶରେ ବଢ଼େ ମମ ପରାସ
ମୁହୁର୍ମୁହୁଃ ନିଃଶ୍ୱାସ ଛାଡ଼ଇ।
ବାସି ଫୁଲ ସମ କେତେ ଝଡ଼ି ପଡ଼େ ବାସନା
ଚାହିଁ ଚାହିଁ ଆଖିପତା ପୀଡ଼ଇ
ସଂଗୀତ ଆସି କେତେ ରୋଧେ ପୁଣି କଣ୍ଠ
ସଙ୍କୋଚେ ମନପ୍ରାଣ ବ୍ରୀଡ଼ଇ।
କେତେ ମଧୁ ମିଳନର ଦେଖିଲଇଁ ସ୍ୱପନ
କେତେ ଚୂତ ମଞ୍ଜରୀ ତୋଳିଲି
ବିଚ୍ଛେଦ–ଧାରେ ଯେତେ ବହିଯାଏ ରୁଧିର
ଅନ୍ତର ତଳେ ତାହା ବୋଳିଲି
ବିରହର ଦୋଳି ଚଢ଼ି ମିଳନର ମଳୟେ
କେବଳ ଜୀବନଯାକ ଦୋଳିଲି।
(ଜୀବନ–ଦୋଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | 5 | | | | E | | | | | | 0 | 8 |
| 3 | | 9 | | | | | | | | A | | | 2 | |
| | | 0 | D | | | A | | B | 8 | 1 | C | | | |
| | | | | 1 | | | | | 4 | B | 6 | | | |
| | | E | | C | 3 | | | D | | 5 | | | | 9 |
| 7 | 3 | | | | | B | 0 | | | | | | | |
| | | | 4 | | | E | | 2 | | | | 9 | | |
| | A | 5 | C | 0 | 6 | | | | 9 | | 3 | | | |
| | | 1 | | | 2 | | | C | 5 | | 8 | 7 | | |
| | | D | E | | | 3 | | A | 1 | | | | 6 | 0 |
| | | | | 3 | E | 1 | | | 6 | | 0 | | | B |
| | | | | 4 | | | | 7 | E | | | | | |
| | | C | 0 | | | | 5 | | | 3 | | | | |
| | 8 | | 1 | | | | 6 | | 2 | 9 | | | | |
| 5 | | 2 | | | | | 8 | 9 | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | E | B | A | 8 | 7 | 6 | C | 3 | 9 | 0 | 2 | 5 | 4 | D |
| 9 | 2 | A | C | 0 | E | 5 | 4 | 7 | 3 | D | B | 8 | 6 | 1 |
| 5 | 3 | 8 | 1 | D | 4 | A | 2 | 0 | 7 | 6 | E | 9 | C | B |
| C | 4 | 6 | B | 2 | 3 | E | D | 9 | 5 | 8 | 1 | 0 | 7 | A |
| 7 | 0 | D | 9 | 5 | 6 | B | 1 | 8 | C | 4 | A | 2 | E | 3 |
| 0 | 6 | C | 7 | E | 2 | 4 | B | D | A | 3 | 5 | 1 | 9 | 8 |
| 3 | B | E | 0 | C | 8 | 9 | 7 | A | D | 1 | 4 | 6 | 2 | 5 |
| D | 1 | 9 | 4 | A | 5 | 0 | 8 | 6 | 2 | E | C | B | 3 | 7 |
| 4 | A | 2 | 3 | 6 | B | C | 5 | 1 | 8 | 9 | 7 | E | D | 0 |
| 8 | 5 | 7 | D | 9 | 1 | 2 | 3 | E | 0 | B | 6 | C | A | 4 |
| E | D | 5 | 6 | 1 | A | 3 | 9 | 4 | B | C | 0 | 7 | 8 | 2 |
| B | C | 0 | 8 | 4 | D | 7 | 6 | 5 | E | 2 | 3 | A | 1 | 9 |
| A | 7 | 1 | 2 | 3 | 9 | 8 | 0 | C | 6 | 5 | D | 4 | B | E |
| 6 | 9 | 3 | E | B | 0 | 1 | A | 2 | 4 | 7 | 8 | D | 5 | C |
| 2 | 8 | 4 | 5 | 7 | C | D | E | B | 1 | A | 9 | 3 | 0 | 6 |

ଗତକାଲିର ଉତ୍ତର

# ପୁଞ୍ଜି ନିବେଶ ହେଉଛି, ନିଯୁକ୍ତି ସୁଯୋଗ ନାହିଁ



ସହଦେବ ସାହୁ

ରାଜ୍ୟରେ ହଜାର ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ କୁବେରମାନଙ୍କୁ ସୁନାପାତ୍ରରେ ଆମନ୍ତ୍ରଣ କରାଯାଉଥିଲେ ବି ଆଖିଦୃଶିଆ ନିଯୁକ୍ତି ସୁଯୋଗ ମିଳୁନାହିଁ। କାରଣ କମ୍ପାନୀମାନେ ବିନା କର୍ମଚାରୀରେ କାମ କରିବା ଆରମ୍ଭ କଲେଣି। ଇନ୍‌ଭେଷ୍ଟ କନ୍‌କ୍ଲେଭ୍ (ନିବେଶ ମେଳା) କରୁଥିବା ବା କରାଉଥିବା ସରକାର ତ ଖୋଦ୍ ଠିକାଦାର ହୋଇଗଲେଣି । ସେ ପୁଣି କିପରି ନିଶ୍ଚିତ କରିବେ ଯେ ପୁଞ୍ଜି ନିବେଶ ପ୍ରତିଶ୍ରୁତି ଦେଉଥିବା କୁବେରମାନେ ରାଜ୍ୟରେ ଆଶାଜନକ ନିଯୁକ୍ତି ସୁଯୋଗ ଯୋଗାଇବେ!

ଇନୋଭେଶନ୍ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜ୍‌ମେଣ୍ଟ ବା ନୂଆ ନୂଆ ଉପାୟର ପୁଞ୍ଜି ନିବେଶ ଶିକ୍ଷାକୁ ଗୋଟିଏ ନୂଆ ଆଲୋଚ୍ୟ ବିଷୟ ଭାବେ ପଢ଼ାଉଥିବା ତଥା ବୈଷୟିକ ଶିକ୍ଷା କ୍ଷେତ୍ରରେ ସୁନାମ ପାଇଥିବା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍)ଗୁଡ଼ିକ ତ ନିଜେ ସ୍ଥାୟୀ ଅଧ୍ୟାପକ ରଖୁନାହାନ୍ତି, ଅଧ୍ୟାପନା କାମ ପାଇ ବି ଠିକା ଭିତ୍ତିରେ ଅଧ୍ୟାପକ ନିଯୁକ୍ତ କରୁଛନ୍ତି; ଅଣଶିକ୍ଷା କ୍ଷେତ୍ରରେ କେବଳ ଠିକା କର୍ମଚାରୀ। ଆମେ ଏ କଥା ଶୁଣି ଚିହିଁକି ପଡିଲେ ବି ସେମାନେ ବୁଝାଉଛନ୍ତି– ଏହା ଉଭୟ ଆପଣଙ୍କ ପାଇଁ ଆଉ ଆଇଆଇଏମ୍ ପାଇଁ ଲାଭଜନକ। ନିୟମିତ ନିଯୁକ୍ତି ପାଇଁ ବଜେଟ୍ ନାହିଁ; ପରନ୍ତୁ ସହଜରେ ଅଧ୍ୟାପକ ଯୋଗାଉଥିବା ଠିକାଦାରି ମଞ୍ଚ ଉଧେଇଲାଣି। ସେମାନେ ବୁଝାଉଛନ୍ତି– ଠିକା ଚାକିରି ଉଭୟ ମାଲିକ ଓ ଚାକର ପାଇଁ ଲାଭଜନକ। ଠିକା କାମ ସମୟସୀମା ଭିତରେ ସରେ, ସମୟ ବଳୁଥିବା ବେଳେ ଆପଣ ଆଉ ଗୋଟିଏ କାମ ବି ଠିକାରେ କରିପାରିବେ, ଜଣେ ଡାକ୍ତର ତ ତିନି ଚାରି ଜାଗାରେ କାମ କରୁଛି!

ଫଳ ତ ଜଳ ଜଳ ଦିଶୁଛି। ପୂର୍ବ ଦଶକ ତୁଳନାରେ ୨୦୧୦ ଦଶକରେ କମ୍ପାନୀମାନେ ସେମାନଙ୍କ କାମ ଆଉଟ୍‌ସୋର୍ସିଂ ବା ଠିକାରେ କରାଇନେଉଛନ୍ତି। ୨୦୨୦ ଦଶକରେ ଆହୁରି ବଢିବ। କମ୍ପାନୀମାନେ କହୁଛନ୍ତି ଯେ, ପ୍ରତିଭାବାନ ଲୋକେ କମ୍ ଦରମାରେ ନିୟମିତ କର୍ମଚାରୀ ହେବାଠାରୁ ବେଶି ଦରମାରେ ଠିକା ଶ୍ରମଜୀବୀ ହେବାକୁ ପସନ୍ଦ କରୁଛନ୍ତି। ଠିକା ବ୍ୟବସ୍ଥାରେ ଏମ୍ପ୍ଲୟୀ ବା ସ୍ଥାୟୀ କର୍ମଚାରୀ ବ୍ୟବସ୍ଥା ନାହିଁ, ତେଣୁ ନିଯୁକ୍ତି ଜୀବନବ୍ୟାପୀ ନୁହେଁ। ଠିକା ଶ୍ରମଜୀବୀ ତଥା ବିଶେଷଜ୍ଞ ଯୋଗାଇବା ଲାଗି ଭିନ୍ନ ଭିନ୍ନ ମଞ୍ଚ ତିଆରି ହେଲାଣି – ଯଥା 'ଟାଇମ୍ ଟୁ କେୟାର' – ଯଥା ସମୟରେ ଡାକ୍ତରୀ ସେବା ଯୋଗାଇବାର ମଞ୍ଚ– ଜରାଗ୍ରସ୍ତ ରୋଗୀଙ୍କ ଚିକିତ୍ସାର ଶତକଡ଼ା ୯୦ଭାଗ ଠିକାରେ କରାଇନେଉଛି ଏ ମଞ୍ଚ। ରୋଗୀ ନେବାକୁ ଟାକ୍ସି ଯୋଗାଡ କରିବା, ଔଷଧ ବିକିବା, ବିମାନ ଯାତ୍ରାର ବନ୍ଦୋବସ୍ତ କରିବା, ବିମାନରେ ସେବିକା ଯୋଗାଇବା ଭଳି ସମସ୍ତ କାମ ଅନ୍‌ଲାଇନରେ କରିଦେଉଛି, ଦିନିକିଆ ହେଉ କି ସାପ୍ତାହିକ, ମାସିକ ହେଉ କି ବାର୍ଷିକ। ଟାକ୍ସି ଡାକିବା ବା ତା' ଭଡା ମୂଲଚାଲ ନ କରିବା ଲାଗି ଯେଭଳି ଓଲା ବା ଉବର୍ ଗୋଟିଏ ଗୋଟିଏ ମଞ୍ଚ – ଏସବୁ ସେହିପରି।

ଜଲ୍‌ଦି ଖାଦ୍ୟ ଯୋଗାଇବାର ବିଶ୍ୱପ୍ରସିଦ୍ଧ ଫାଷ୍ଟଫୁଡ଼ କମ୍ପାନୀ ମାକଡୋନାଲ୍‌ଡର ଉଦାହରଣ ଦେଖନ୍ତୁ। ଏ କମ୍ପାନୀଟି ଠିକା ବ୍ୟବସ୍ଥାକୁ ଚରମ ସୀମାକୁ ନେଇଯାଇଛି। ତା' ରେସ୍ତୋରାଁରେ ଶତକଡା ୧୦୦ ଭାଗ କାମ ଠିକାରେ ହୁଏ, ପରଷିବା ଲୋକ, ରୋଷେୟା, ସଫେଇ କର୍ମଚାରୀ ଆଦି କେହି ମାକଡୋନାଲ୍ଡ କମ୍ପାନୀର କିମ୍ବା ମାକଡୋନାଲ୍ଡ କମ୍ପାନୀର ଲାଇସେନ୍ସପ୍ରାପ୍ତ ଦୋକାନୀ (ଫ୍ରାଞ୍ଚାଇଜ)ର କର୍ମଚାରୀ ନୁହନ୍ତି। ଠିକା ପ୍ଲାଟ୍‌ଫର୍ମରୁ ଘଣ୍ଟାକିଆ ମଜୁରିରେ ଠିକା ଶ୍ରମିକ ମିଳୁଛନ୍ତି। ଆମେରିକାରେ ଟାସ୍କରାବିଟ ନାମକ ଏକ ଲେବର ପ୍ଲାଟ୍‌ଫର୍ମ ଏ କାମ କରୁଛି। ସରକାର ନୀରବଦ୍ରଷ୍ଟା, ମାଲିକ ହାତ ଧୋଇ ବସୁଛି, କର୍ମଚାରୀ ପାଇଁ ଛୁଟି, ଦରମା, ରୋଗ ଖର୍ଚ୍ଚ ବା ପେନ୍‌ସନ୍ ବ୍ୟବସ୍ଥା ଦରକାର ନାହିଁ। କାରଖାନାରେ ଶ୍ରମିକର ସୁରକ୍ଷା ବ୍ୟବସ୍ଥା କରିବା, ପରିବେଶକୁ ପ୍ରଦୂଷଣରୁ ରକ୍ଷାକରିବା, କାରଖାନା ଭିତରେ ଆଶୁ ଚିକିତ୍ସା ବ୍ୟବସ୍ଥା ରଖିବା ଭଳି ବିପୁଳ ବ୍ୟୟରୁ ତ୍ରାହି ମିଳୁଛି। କମ୍ପାନୀର ଖାଲି ଲାଭ ହିଁ ଲାଭ।

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯେମିତି କାମ କରାଯାଉଥିଲା ଏ ଢାଞ୍ଚା ତାହାର ଓଲଟା। ସେତେବେଳେ ପ୍ରତ୍ୟେକ ବ୍ୟବସାୟ ସ୍ୱୟଂସମ୍ପୂର୍ଣ୍ଣ ପ୍ରକ୍ରିୟା ଥିଲା। ଅଧିକାଂଶ କାମ ବ୍ୟବସାୟୀର ନିଜ ପରିବାରରେ, ଇନ୍‌ହାଉସ୍‌ରେ ହେଉଥିଲା। ସ୍ଥାୟୀ ଓ ଚବିଶଘଣ୍ଟିଆ କର୍ମଚାରୀଙ୍କ ଦ୍ୱାରା କାମ ହେଉଥିଲା। ଅଧିକାଂଶ କର୍ମଜୀବୀ ବା ଶ୍ରମିକ ତାଙ୍କ ଜୀବନସାରା ଗୋଟିଏ କମ୍ପାନୀ ବା ଅତି ବେଶିରେ ଦୁଇଟି କମ୍ପାନୀରେ କାମ କରୁଥିଲେ। ଏଥିରେ ବିଜ୍‌ନେସ୍ ଲଜିକ୍ ଥିଲା– ସବୁବେଳେ କାମର ଡାକରାରେ ଓ ମାଲିକର ଡାକହାକ ଶୁଣିବା ପାଇଁ ଲୋକଟିଏ ରହିଲେ କମ୍ପାନୀକୁ ଶସ୍ତା ପଡୁଥିଲା। ପ୍ରତ୍ୟେକ କାମ ପାଇଁ ଖୋଲା ବଜାରରୁ ଲୋକ ଖୋଜିବା, ମଜୁରି ମୂଲଚାଲ କରିବା, ନୂଆ ଲୋକକୁ ତାଲିମ ଦେବା ଓ ସେ କ'ଣ କରିବ ପ୍ରତିଥର ତାକୁ ବୁଝାଇବା ଲାଗି ସମୟ ଦେବା ମହଙ୍ଗା ପଡୁଥିଲା, ଜଣେ ଗଲା ପରେ ନୂଆ ଲୋକଟିଏ ଆସିବାରେ ବିଳମ୍ବ ଯୋଗୁ କାମ ଅଧାପନ୍ତରିଆ ରହୁଥିଲା। ୧୯୮୦ ଦଶକରୁ ନିଯୁକ୍ତି କ୍ଷେତ୍ରରେ ପରିବର୍ତ୍ତନ ଦେଖାଗଲା। ବିଭିନ୍ନ କମ୍ପାନୀର ଅଂଶୀଦାରମାନେ ସେମାନଙ୍କ କମ୍ପାନୀକୁ ଉତ୍ସାହିତ କଲେ ଯେ କୋର୍ କମ୍ପିଟେନ୍ସି ଉପରେ ଧ୍ୟାନ ଦିଆଯାଉ; ଫାଲତୁ କାମ ଯଥା ସଫେଇ, ହିସାବକିତାବ, କମ୍ପାନୀର ନାମ ରକ୍ଷା ବା ବ୍ରାଣ୍ଡିଂ ଭଳି କାମକୁ ସେ ଦିଗରେ ବିଶେଷ ଜ୍ଞାନଥିବା ଲୋକଙ୍କୁ ଠିକା ଦିଆଯାଉ। ୨୦୦୦ ଦଶକରେ ଆଉଟ୍‌ସୋର୍ସିଂ ରୋଗ ଆମେରିକାରୁ ପୃଥିବୀ ସାରା ବ୍ୟାପିଗଲା। ଚାର୍ଲ ସାଣ୍ଡି ନାମକ ଜଣେ ମ୍ୟାନେଜ୍‌ମେଣ୍ଟ–ଗୁରୁ ଏ ପ୍ରକାର ବ୍ୟବସ୍ଥାକୁ ସାମରକ୍ (ବେଲପତ୍ରିଆ) ଅର୍ଗାନାଇଜେଶନ୍ ନାମ ଦେଇଛନ୍ତି। ସଙ୍ଗଠନର କେନ୍ଦ୍ରରେ ଥିବା ଅତ୍ୟାବଶ୍ୟକ କାର୍ଯ୍ୟକର୍ତ୍ତା ହିଁ ନିୟମିତ କର୍ମଚାରୀ ରହିବେ, ଆଉ ସବୁ ଠିକା ବା ପାର୍ଟଟାଇମ୍ କର୍ମଚାରୀ। ଏହି ତିନିପତରିଆ ବ୍ୟବସ୍ଥା ବିକଶିତ ହେବାକୁ ବହୁବର୍ଷ ଲାଗିଗଲା।

ଠିକା ବା ଆଉଟ୍‌ସୋର୍ସିଂର ବାଧକ ହେଲା ପ୍ରଯୁକ୍ତିବିଦ୍ୟାର କଟକଣା। କମ୍ପାନୀମାନେ ନିଶ୍ଚିତ ହୋଇପାରି ନ ଥିଲେ ଯେ ସେମାନେ ଖୋଲାବଜାରରୁ ନିଜର ଆବଶ୍ୟକତା ମୁତାବକ ଠିକ୍ ଲୋକ ପାଇବାକୁ ସକ୍ଷମ ହେବେ ଏବଂ କାମରେ ଅଭିଜ୍ଞତା ଅର୍ଜନ କରିଥିବା ଲୋକ ସହଜରେ ମିଳିବେ। ଏ କଟକଣା ୨୦୧୦ ବେଳକୁ ଉଠିଗଲା। ଯେଉଁ ନୂଆ ଅର୍ଥନୈତିକ ମଞ୍ଚ ଆସିଲା ତାକୁ ଗିଗ୍–ଇକୋନମି ପ୍ଲାଟଫର୍ମ ବା ଭୀମ–ଅର୍ଥନୀତି ମଞ୍ଚ କୁହାଗଲା। ଆମେରିକାରେ ଏଭଳି ମଞ୍ଚର କେତୋଟି ଉଦାହରଣ ହେଲା ଟାସ୍କରାବିଟ୍ (କାମଶଶକ), ପିପୁଲ ଫର୍ ଆୱାର (ଘଣ୍ଟିକିଆ ମଣିଷ) ଓ ଏକ୍ସପର୍ଟ ୩୬୦ (୩୬୦ ଡିଗ୍ରିଆ ବା ସବୁଦିଗରୁ ବିଶେଷଜ୍ଞ)– ଏମାନେ କମ୍ପାନୀମାନଙ୍କ ଦରକାର ମୁତାବକ କାମିକା ଲୋକ ତତ୍‌କ୍ଷଣାତ୍ ଯୋଗାଇ ପାରିଲେ। ଏହି ମଞ୍ଚମାନଙ୍କ ଗ୍ରାହକ–କମ୍ପାନୀମାନେ ଯେଉଁ ରେଟିଂ ବା ତୁଳନାତ୍ମକ ଦକ୍ଷତାପତ୍ର ଦେଇଥିବେ ତାହା ହିଁ ଠିକା କର୍ମଚାରୀର ଗୁଣବତ୍ତାର ମାପ ହେଲା। ମାତ୍ର ଏକ ଦଶନ୍ଧିରେ ଗିଗ୍–ଇକୋନମି ପ୍ରକାଣ୍ଡକାୟ ହୋଇଗଲା। ଶୀଘ୍ର ବଢିବାର ଏକ ପ୍ରକୃଷ୍ଟ ଉଦାହରଣ ହେଉଛି ଉବର, ଟାକ୍ସି ଡାକିବାର ସେବା।

୨୦୧୮ରେ ସ୍ଥୂଳତଃ ଏକ ଭାଗ କର୍ମଜୀବୀ କୌଣସି ନା କୌଣସି ନିଯୁକ୍ତି–ପ୍ଲାଟ୍‌ଫର୍ମରେ ତାଲିକାଭୁକ୍ତ। ଯେଉଁ ପାଠକମାନେ ଏ ବିଷୟରେ ଜାଣିନାହାନ୍ତି ସେମାନେ ଭୁବନେଶ୍ୱର କଳ୍ପନାଛକ ବା ଆଇଆର୍‌ସି ଭିଲେଜର କ୍ରାଉନ ହୋଟେଲ ଛକରେ ଦଳ ଦଳ ଠିଆ ହୋଇଥିବା ଶ୍ରମିକଙ୍କୁ ବା ପାରାଦୀପ ବନ୍ଦରରେ ଷ୍ଟିଭେଡର କାମ ଦେଖନ୍ତୁ, ବୁଝିପାରିବେ କିପରି ନିଯୁକ୍ତି–ପ୍ଲାଟ୍‌ଫର୍ମ କାମ କରୁଛି। ବିଶେଷଜ୍ଞମାନଙ୍କ ପ୍ଲାଟ୍‌ଫର୍ମ ଆସିଯାଉଛି। ୨୦୨୫ ବେଳକୁ ଦେଶର ସୁଦକ୍ଷ, ସ୍ୱଳ୍ପଦକ୍ଷ ଓ ଅଣକୁଶଳୀ ସମସ୍ତଙ୍କ ଭିତରୁ ଶତକଡା ୩୦ରୁ ବେଶି ଲୋକ ଏଭଳି କୌଣସି ନା କୌଣସି ଏମ୍ପ୍ଲୟମେଣ୍ଟ ପ୍ଲାଟ୍‌ଫର୍ମର ଅନ୍ତର୍ଭୁକ୍ତ ହୋଇ ରହିଥିବେ।

ଏ ସମସ୍ୟାର ସମାଧାନ ଆସିବ ଯେତେବେଳେ ଶାସନ ଚଳାଉଥିବା ଲୋକପ୍ରତିନିଧିମାନଙ୍କୁ ଲୋକେ ସେହି ପ୍ରକାର ଅର୍ଥାତ୍ ଲେଜିସ୍‌ଲେଚର ପ୍ଲାଟ୍‌ଫର୍ମରୁ ବାଛିବେ, ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି ଅନୁରୂପ ପ୍ଲାଟ୍‌ଫର୍ମରୁ ଆସିବେ ଏବଂ ପେନ୍‌ସନ୍ ଫେନ୍‌ସନ୍ ଆଦି ସମସ୍ତ ବାଜେ ଖର୍ଚ୍ଚରୁ ଦେଶ ବଞ୍ଚିଯିବ।

ଇ–ମେଲ୍: sahadevas@yahoo.com

# ନ୍ୟାୟାଳୟର ତତ୍ପରତା ଓ ବ୍ୟକ୍ତି ସ୍ୱାଧୀନତା

ଡା. ନୀଳମାଧବ ପୃଷ୍ଟି

ସୁଧୀ ପାଠକଙ୍କୁ ଦୁଇବର୍ଷ ତଳର ଏକ ଘଟଣା ମନେ ପକାଇ ଦେଉଛୁ। ୨୦୧୬ ଏପ୍ରିଲ ୨୫ ତାରିଖରେ ଦିଲ୍ଲୀର ବିଜ୍ଞାନ ଭବନରେ ଭାରତର ତତ୍କାଳୀନ ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ଟି.ଏସ୍. ଠାକୁର ବର୍ଷ ବର୍ଷ ଧରି ଲକ୍ଷାଧିକ ମାମଲାର ବୋଝକୁ ନେଇ ଦୁଃଖ ପ୍ରକଟ କରିଥିଲେ। ସେଠାରେ ପ୍ରଧାନମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟମାନଙ୍କର ମୁଖ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ। ସେ ସମୟରେ ଭାରତର ସୁପ୍ରିମ୍‌କୋର୍ଟରେ ୬୦ ହଜାରରୁ ଊର୍ଦ୍ଧ୍ୱ ମାମଲା ପଡ଼ି ରହିଥିବାର ତଥ୍ୟ ଦେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। କିଛି ବର୍ଷ ତଳେ ଦେଶର ୪୪ତମ ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ଜେ.ଏସ୍. ଖେହାର ଆହଲୁୱାଲିଆ କହିଥିଲେ, କୋର୍ଟର ଖରାଦିନିଆ ଛୁଟିରେ କିଛି ସମୟ କାଢ଼ି ବିଚାରପତିମାନେ କେସ୍‌ଗୁଡ଼ିକର ଶୁଣାଣି କଲେ ବର୍ଷ ବର୍ଷ ଧରି ପଡ଼ି ରହିଥିବା ମାମଲାର ବିଚାର ହୋଇପାରନ୍ତା। ତେବେ ସୁପ୍ରିମ୍‌କୋର୍ଟର ବର୍ତ୍ତମାନର ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ଦୀପକ ମିଶ୍ର ତାଙ୍କ କାର୍ଯ୍ୟକାଳ ଭିତରେ ବ୍ୟକ୍ତିଗତ ଉଦ୍ୟମରେ ୨ ହଜାରରୁ ଊର୍ଦ୍ଧ୍ୱ ପଡ଼ିରହିଥିବା ମାମଲାର ଶୁଣାଣି କରିପାରିଛନ୍ତି, ଯାହା ପ୍ରଶଂସନୀୟ।

ଅନେକ କ୍ଷେତ୍ରରେ ଦେଖାଯାଏ ବ୍ୟକ୍ତିଗତ ସ୍ୱାର୍ଥ ସମ୍ବଳିତ ଓ ଗୁରୁତ୍ୱହୀନ ମାମଲା ସର୍ବୋଚ୍ଚ ଅଦାଲତର ମୂଲ୍ୟବାନ ସମୟ ନଷ୍ଟ କରିଥାଏ। ଗତବର୍ଷ ଓ ଏ ବର୍ଷ ମଧ୍ୟ ସୁପ୍ରିମ୍‌କୋର୍ଟର ବିଭିନ୍ନ ଖଣ୍ଡପୀଠ ଭିନ୍ନ ଭିନ୍ନ ସମୟରେ ଗୁରୁତ୍ୱହୀନ ମାମଲାର ବିଚାର ବେଳେ ବିରକ୍ତି ପ୍ରକାଶ କରି ଆବେଦନକାରୀଙ୍କୁ କଡ଼ା ତାଗିଦ କରିବା ସହ ସହ ସ୍ଥଳବିଶେଷରେ ଜରିମାନା ଦଣ୍ଡ ବି ଦେଇଛନ୍ତି। ଭାରତବର୍ଷର ନ୍ୟାୟପାଳିକା ଇତିହାସରେ ଅନେକ ସମୟରେ ଦେଖାଯାଇଛି ତଥାକଥିତ ସମାଜର ବଡ଼ବଡ଼ିଆ, ରାଜନୈତିକ ପୃଷ୍ଠଭୂମି ଥିବା ବ୍ୟକ୍ତି ଓ ସେଲିବ୍ରିଟିମାନଙ୍କ ପାଇଁ ଅଗ୍ରାଧିକାର ଭିତ୍ତିରେ ବିଚାର ବ୍ୟବସ୍ଥା କରାଯାଏ। କେତେକ କ୍ଷେତ୍ରରେ ରାତି ଅଧିକ ଯାଏ ବିଚାର ମଧ୍ୟ ହୋଇଛି। ତେବେ ନିକଟରେ ମାଓବାଦୀ ସମ୍ପୃକ୍ତି ଅଭିଯୋଗରେ ମହାରାଷ୍ଟ୍ର ପୋଲିସ ପାଞ୍ଚଜଣ ତଥାକଥିତ ସାମାଜିକ କର୍ମୀ ଓ ଆଇନବିତ୍‌ଙ୍କୁ ଗିରଫ କରିବା ପରେ ଜାତୀୟ ରାଜନୀତିସରଗରମ ହେବା ସହ ଏହି ପାଞ୍ଚଜଣଙ୍କ ତରଫରୁ ସିଧାସଳଖ ଆବେଦନ ସୁପ୍ରିମ୍‌କୋର୍ଟଙ୍କ ପାଖରେ ପହଞ୍ଚିଥିଲା। ସୁପ୍ରିମ୍‌କୋର୍ଟ ଏହାକୁ ତୁରନ୍ତ ଗ୍ରହଣ କରି ଅଗ୍ରାଧିକାର ଭିତ୍ତିରେ ପ୍ରାଥମିକ ଶୁଣାଣି କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ ନ କରି ଗୃହବନ୍ଦୀ ରଖିବା ପାଇଁ ନିର୍ଦ୍ଦେଶ ଦେଲେ, ଯାହାଦ୍ୱାରା ସେମାନେ ପୋଲିସ ହେପାଜତକୁ ଯାଇପାରିଲେ ନାହିଁ।

ଏହି ଲେଖକର ଅଭିଯୋଗ ନ୍ୟାୟପାଳିକାର ନ୍ୟାୟ ପ୍ରଦାନ ବ୍ୟବସ୍ଥା ପାଇଁ ନୁହେଁ, ଅତ୍ୟନ୍ତ ବିନମ୍ର ଭାବେ ଆମେ କିଛି ପ୍ରସଙ୍ଗ ଏଠାରେ ଉଲ୍ଲେଖ କରୁଛୁ। ଏହି ଯେଉଁ ତଥାକଥିତ ସାମାଜିକ କର୍ମୀ ଗିରଫ ହେଲେ ଏ କ୍ଷେତ୍ରରେ ସେମାନେ ପ୍ରଥମ ନୁହନ୍ତି। ଏହା ପୂର୍ବରୁ ଅସଂଖ୍ୟ ଗିରଫଦାରି ହୋଇଛି। ନ୍ୟାୟ ବିଚାରର ଗଣ୍ଡି ଭିତରେ ବ୍ୟବସ୍ଥା ଦ୍ୱାରା ପ୍ରାଥମିକ ଭାବେ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଶୁଣାଣି ହୋଇ ଅଭିଯୁକ୍ତଙ୍କୁ ହାଜତକୁ ପଠାଇଥାନ୍ତି କିମ୍ବା ଜାମିନ ପ୍ରଦାନ କରିଥାନ୍ତି। ଏ କ୍ଷେତ୍ରରେ ମାଜିଷ୍ଟ୍ରେଟ୍‌ଙ୍କ ଆଦେଶନାମା ସନ୍ତୋଷଜନକ ନ ହେଲେ ଅଭିଯୁକ୍ତମାନେ କ୍ରମାନ୍ୱୟରେ ସେସନ୍ସ କୋର୍ଟ, ହାଇକୋର୍ଟ ବା ପରେ ସୁପ୍ରିମ୍‌କୋର୍ଟରେ ଆବେଦନ କରିଥାନ୍ତି। ନ୍ୟାୟ ବ୍ୟବସ୍ଥା ଭିତରେ ବି ଅଭିଯୁକ୍ତମାନେ ସେସନ୍ସ କୋର୍ଟ କିମ୍ବା ହାଇକୋର୍ଟରୁ କେତେକ କ୍ଷେତ୍ରରେ ଆଗୁଆ ଜାମିନ ପାଇଥାନ୍ତି। କିନ୍ତୁ ବର୍ତ୍ତମାନ ସମୟର ଏହି ବ୍ୟକ୍ତିବିଶେଷମାନେ ଯେଉଁ ଭାବରେ ସିଧାସଳଖ ସୁପ୍ରିମ୍‌କୋର୍ଟରେ ଆବେଦନ କରିପାରିଲେ ପରବର୍ତ୍ତୀ ସମୟରେ ଏହା ନ୍ୟାୟପାଳିକା ବ୍ୟବସ୍ଥାକୁ ଜଟିଳ କରିବାର ସମ୍ଭାବନା ରହିଛି। ଭୀମା କୋରୋଗାଓଁ ହିଂସାକାଣ୍ଡ ମାମଲାରେ ତଦନ୍ତର ସମ୍ମୁଖୀନ ହୋଇଥିବା ଏହି ପାଞ୍ଚଜଣ ବ୍ୟକ୍ତିବିଶେଷ ସେମାନଙ୍କ ଦାବି ଅନୁଯାୟୀ ଭାରତୀୟ ନାଗରିକଙ୍କ ସ୍ୱାର୍ଥନିମିତ୍ତ ସକ୍ରିୟ ଥିଲେ ବି ସେମାନେ କିଭଳି ସିଧାସଳଖ ସୁପ୍ରିମ୍‌କୋର୍ଟରେ ପହଞ୍ଚିପାରିଲେ ? ଅନେକେ ହୁଏତ ଜାଣି ନ ଥିବେ ଏହି ପାଞ୍ଚଜଣଙ୍କ ପାଇଁ ଭାରତର ଖ୍ୟାତନାମା ପ୍ରଖ୍ୟାତ ଓକିଲ ପ୍ରଶାନ୍ତ ଭୂଷଣ, ଅଭିଷେକ ମନୁ ସିଂଘଭି, ଦୁଷ୍ୟନ୍ତ ଡାଭେ, ବୃନ୍ଦା ଗ୍ରୋଭର, ରାଜୁ ରାମଚନ୍ଦ୍ରନ୍, ଇନ୍ଦିରା ଜୟସିଂ, ଅମରେନ୍ଦ୍ର ଶରନ ପ୍ରମୁଖ ମାମଲା ଲଢ଼ିଥିଲେ। ପ୍ରତିଟି ଭାରତୀୟ ବେଶ୍ ଭଲଭାବେ ଜାଣିଛନ୍ତି ଯେ, ଏହି ପ୍ରଖ୍ୟାତ ଓକିଲମାନଙ୍କ ଗୋଟିଏ ଦିନର ଫିସ୍ ଲକ୍ଷାଧିକ ଟଙ୍କା। ଏଠାରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ, ସରଳ ନିରାଡ଼ମ୍ବର ଓ ସାଧୁତାପୂର୍ଣ୍ଣ ଜୀବନ ବିତାଉଥିବା ଏହି ତଥାକଥିତ ସାମାଜିକ କର୍ମୀମାନେ କିପରି ଏହି ଫିସ୍ ଦେଇପାରିଲେ। ଯେ କୌଣସି ପ୍ରସଙ୍ଗରେ ବ୍ୟକ୍ତି ସ୍ୱାଧୀନତା ନାମରେ ଜଣେ ଆବେଦନକାରୀ ଯଦି ସିଧାସଳଖ ସୁପ୍ରିମ୍‌କୋର୍ଟରେ ପହଞ୍ଚନ୍ତି, ତେବେ ଏହି ମାମଲାର ବୋଝ ହାଲ୍‌କା ହେବ ନା ବଢ଼ିବ ?

ପାଣିକୋଇଲି, ଯାଜପୁର,
ମୋ:୯୪୩୯୪୮୨୫୨୬

## ଏଇ ଭାରତରେ

ବର୍ତ୍ତମାନ ପରିବେଶ ପ୍ରଦୂଷଣ ଏକ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଗୁଜରାଟର ବଡ଼ୋଦରା ଅଞ୍ଚଳରେ ସ୍କୁଲପିଲାମାନେ ମାଟିରେ ଗଣେଶ ମୂର୍ତ୍ତି ଗଢ଼ି ପରିବେଶ ସୁରକ୍ଷାରେ ସହାୟକ ହୋଇପାରିଛନ୍ତି। ଦୀର୍ଘ ୧୪ବର୍ଷ ତଳେ ଏପରି ଉଦ୍ୟମ ଆରମ୍ଭ ହୋଇଥିଲା। ସେତେବେଳେ ମାଟି ଗଣେଶ ମୂର୍ତ୍ତି ଲୋକଙ୍କ ଆଦର ଖୁବ୍ କମ୍ ଥିଲା। କିନ୍ତୁ ମହାରାଜା ଫତେସିଂ ରାଓ ମ୍ୟୁଜିୟମ୍ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରଚାର ଅଭିଯାନ ଦ୍ୱାରା ପିଲାମାନେ ମାଟିରେ ଗଣେଶ ମୂର୍ତ୍ତି ଗଢ଼ିବାକୁ ଉତ୍ସାହିତ ହେଉଛନ୍ତି ଏବଂ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ରବିବାର ସକାଳେ ଉକ୍ତ ମ୍ୟୁଜିୟମ୍ ତରଫରୁ ଏକ ସ୍ୱତନ୍ତ୍ର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ବିଜୟୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ୩୦୦ ଛାତ୍ର ବିଭିନ୍ନ ଆକୃତିର ମାଟି ମୂର୍ତ୍ତି ତିଆରି କରିଥିଲେ। ମାଟି ମୂର୍ତ୍ତି ଦ୍ୱାରା ପରିବେଶ ସୁରକ୍ଷା ହେବା ସହିତ ବିସର୍ଜନ ବେଳେ ଜଳାଶୟଗୁଡିକ ପ୍ରଦୂଷିତ ହେବନାହିଁ। ଖୁବ୍ କମ୍ ବୟସରେ ଛାତ୍ରୀଛାତ୍ରମାନେ ଏଭଳି ଶିକ୍ଷା ପାଇପାରୁଛନ୍ତି ବୋଲି ମ୍ୟୁଜିୟମ୍ କ୍ୟୁରେଟର ମାଣ୍ଡା ହିଙ୍ଗୁରାଓ ପ୍ରକାଶ କରିଛନ୍ତି। ଉକ୍ତ ନଗରୀର ଅନ୍ୟ ଏକ ସଂଗଠନ ସୋସିଆଲ୍ ରେସ୍‌ପନ୍ସିବିଲିଟି ଫାଉଣ୍ଡେଶନ୍ (ଏସ୍‌ଆର୍‌ଏଫ୍) ଗତ ୩ ବର୍ଷ ହେଲା ପରିବେଶ ସହାୟକ ଗଣେଶ ମୂର୍ତ୍ତି ତିଆରି ପାଇଁ ଉତ୍ସାହିତ କରିଆସୁଛି। ଚଳିତ ବର୍ଷ ସିଟି ପୋଲିସ ମଧ୍ୟ ପରିବେଶ ସହାୟକ ଗଣେଶ ମୂର୍ତ୍ତି ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ସେପ୍ଟେମ୍ବର ୧୯୯୩

- ପର୍ଯ୍ୟଟନ, ସଂସ୍କୃତି ଏବଂ ବିଜ୍ଞାନ ଓ କାରିଗରି କୌଶଳ କ୍ଷେତ୍ରରେ ଅଧିକତର ସହଯୋଗ ଲାଗି ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ୩ଟି ରାଜିନାମା ସ୍ୱାକ୍ଷରିତ।
- ଓଡ଼ିଶାରେ ସାମାଜିକ ଓ ଶିକ୍ଷାଗତ ଅନୁନ୍ନତ ଶ୍ରେଣୀର ଜନସାଧାରଣଙ୍କ ନିମନ୍ତେ ରାଜ୍ୟ ସରକାର ମଣ୍ଡଳ କମିଶନ ସୁପାରିସକୁ କାର୍ଯ୍ୟକାରୀ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ଦର ବିକଳ୍ପ

ମହାଶୟ,

ଏବେ ବିରୋଧୀ ଦଳଗୁଡ଼ିକ ତୈଳ ଦର ବୃଦ୍ଧି ବିରୋଧରେ ପ୍ରତିବାଦ କରିବା ପାଇଁ ବନ୍ଦ ଡାକରା ଦେଲେ। ଏଥିଯୋଗୁଁ ଗାଡ଼ିଘୋଡ଼ା ବନ୍ଦ ହେଲା ଓ ଅନେକ ଲୋକ ଘୋର ଅସୁବିଧାର ସମ୍ମୁଖୀନ ହେଲେ। ତେବେ ପ୍ରଶ୍ନ ଉଠେ ପୋଡାଜଳା ନ କରି କିମ୍ବା ହିଂସାକାଣ୍ଡ ନ ଘଟାଇ ଆମେ କ'ଣ ପ୍ରତିବାଦ ଜଣାଇପାରିବା ନାହିଁ ? ବନ୍ଦକୁ ନେଇ ରାଜନୀତି କରୁଥିବା ଦଳର ନେତାମାନେ ଚାହିଁଲେ ଏହାକୁ ଭିନ୍ନରୂପେ ପାଳନ କରିପାରିବେ। ବନ୍ଦ ଡାକରା ଦେବାକୁ ଚାହୁଁଥିବା ନେତାମାନେ ଏଥର ସବୁ କର୍ମୀଙ୍କୁ ଏକାଠି କରନ୍ତୁ। ନିଜ ଘର ଏବଂ ଘର ଚାରି ପାଖରେ ଥିବା ସମସ୍ତ ଅଳିଆ ଆବର୍ଜନା ସଫା କରନ୍ତୁ। ରାସ୍ତାରେ ମାଟି ପକାଇ ଖାଲଖମା ପୋତି ପକାନ୍ତୁ। ସହରରେ ଜମିଥିବା କୁଢ କୁଢ ପଲିଥିନକୁ ହଟାଇ ଦିଅନ୍ତୁ। ଜାମ ହୋଇ ପଡିଥିବା ନାଳକୁ ସଫା କରନ୍ତୁ। ହଜାର ହଜାର ଲୋକ ରାସ୍ତା ବନ୍ଦ ନ କରି ସଫାସଫିରେ ମଜ୍ଜି ଯାଆନ୍ତୁ। ଦେଖନ୍ତୁ ସେମାନଙ୍କୁ ଲୋକ ସମର୍ଥନ ମିଳୁଛି ନା ନାହିଁ। ମାତ୍ର ଘୁଣଖିଆ ରାଜନୈତିକ ବିଚାରଧାରା ବାହାରକୁ ଆସି ଏପରି ସୃଜନାତ୍ମକ ପଦକ୍ଷେପ ନେବାକୁ ରାଜନୈତିକ ଦଳମାନଙ୍କର କଲିଜା ଅଛି କି ? ଥରେ ଚେଷ୍ଟା କରି ଦେଖାଯାଉ ବନ୍ଦ ପାଳନର ଏ ନୂଆ ତରିକା କିପରି କାମ ଦେଉଛି।

ରୁଦ୍ର ପ୍ରସନ୍ନ ରଥ, ଧବଳଗିରି, ଯାଜପୁର ରୋଡ୍, ଯାଜପୁର

### ଏତେ ତରତର

ଅଙ୍ଗାରଗାଡିଆ ବାଲେଶ୍ୱରରୁ ପ୍ରାବନ୍ଧିକ ଅଞ୍ଜନ ଚାନ୍ଦଙ୍କ ପ୍ରବନ୍ଧ 'ଏତେ ତରତର' ବାସ୍ତବରେ ଚାନ୍ଦ ଧରିବାକୁ ତରତର ହେଉଥିବା ମଣିଷଙ୍କ ପାଇଁ ଜ୍ଞାନ ଅଞ୍ଜନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଜୀବନ ଏଠି ଭାରି ତୀବ୍ର ଗତିରେ ଚାଲିଛି। ଧୀର ପାଣି ପଥର କାଟେ, ବିଳମ୍ବେ କାର୍ଯ୍ୟ ସିଦ୍ଧି ଏବେ ଅଚଳ ହୋଇ ପଡିଲାଣି। ମଣିଷ ଅଣନିଃଶ୍ୱାସୀ ହୋଇ ପ୍ରତ୍ୟେକ କ୍ଷେତ୍ରରେ ଦୌଡିଚାଲିଛି। ଆମ ସଂସ୍କୃତି କହେ ହାତେ ମାପି ଚାଖଣ୍ଡେ ଚାଲ। କଥାରେ ଅଛି ଚାଷ ତରତର ବଣିଜ ମଠ। କିନ୍ତୁ ଚାଷ ତ ମଣିଷ ଛାଡି ସାରିଲାଣି– ଏବେ ତରତର ହୋଇ ବଣିଜ କରି ଚାଲିଛି। ଫଳ ବି ସେମିତି ମିଳୁଛି।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ମଣିଷର ପ୍ରକୃତି ହେଉଛି, ସେ ଯାହା ପାଇଁ ଆଗକୁ ବଢ଼ିବ ତାକୁ ହିଁ ପ୍ରଥମେ ଭୁଲିଯିବ। ଛାତକୁ ଚଢ଼ିବା ପରେ ସିଡି କଥା ମନେଥାଏ କି?
- ମାର୍କ ଟ୍ୱାଇନ୍

# ତୈଳ ଦର ବୃଦ୍ଧି ପ୍ରତିବାଦରେ ବନ୍ଦ


ସୋମବାର କଂଗ୍ରେସର ବନ୍ଦ ପାଳନ ଯୋଗୁ ଭୁବନେଶ୍ୱର ଜୟଦେବ ବିହାର-ବରମୁଣ୍ଡା ଓଭରବ୍ରିଜ ଖାଁ ଖାଁ।


ବରମୁଣ୍ଡା ବସ୍ଷ୍ଟାଣ୍ଡରେ ଅଟକି ରହିଥିବା ବସ୍।


ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ ବିଧାନସଭା ଗେଟ୍ ସମ୍ମୁଖରେ ଧାରଣା ଦେଇଛନ୍ତି।


ଜୟଦେବ ବିହାର ଓଭରବ୍ରିଜରେ ବାଇକ୍ ଆରୋହୀଙ୍କୁ ଅଟକା ଯାଉଛି।


କାମ ନ ପାଇ ଭୁବନେଶ୍ୱର କ୍ରାଉନ ହୋଟେଲ ଛକରେ ବସି ରହିଥିବା ଶ୍ରମିକମାନେ।


ପୁରୀ ରେଳଷ୍ଟେଶନଠାରେ ଅଟକି ରହିଥିବା ଅଟୋ।


କଂଗ୍ରେସ ନେତୃବୃନ୍ଦଙ୍କ ସହ ବିରୋଧୀ ଦଳ ନେତା ନରସିଂହ ମିଶ୍ର ପଦଯାତ୍ରାରେ ଭୁବନେଶ୍ୱର ଏଜି ଛକ ଅଭିମୁଖେ ଯାଉଛନ୍ତି।


ଭୁବନେଶ୍ୱରରେ କଂଗ୍ରେସ କର୍ମୀମାନେ ସାଇକେଲରେ ସହର ପରିକ୍ରମା କରି ବନ୍ଦ ପାଳନ କରୁଛନ୍ତି।



କଟକ ରେଳଷ୍ଟେଶନରେ ଟ୍ରେନ ନ ପାଇ ବସି ରହିଥିବା ଯାତ୍ରୀମାନେ।


କଂଗ୍ରେସ ନେତ୍ରୀମାନେ ଚକୋଲେଟ୍ ଦେଇ ବନ୍ଦକୁ ସମର୍ଥନ ଦେବାକୁ ନିବେଦନ କରୁଛନ୍ତି।


ଭୁବନେଶ୍ୱର ମାର୍କେଟ ବିଲ୍ଡିଂରେ ବନ୍ଦ ରହିଥିବା ଦୋକାନ।


ଭୁବନେଶ୍ୱର ରେଳଷ୍ଟେଶନଠାରେ ଟ୍ରେନ ଅଟକାଇ ବିକ୍ଷୋଭ ପ୍ରଦର୍ଶନ।


ଗାଡ଼ି ନ ପାଇ ଏକ ପରିବାରର ସଦସ୍ୟ ଭୁବନେଶ୍ୱର ରେଳଷ୍ଟେଶନ ନିକଟରୁ ଚାଲି ଚାଲି ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି।



ବନ୍ଦକୁ ସମର୍ଥନ ଦେବାକୁ ଲୋକଙ୍କୁ ନିବେଦନ କରିବା ପରେ କଟକର କଂଗ୍ରେସ ନେତା ଓ କର୍ମୀମାନେ ରାସ୍ତାରେ କ୍ରିକେଟ ଖେଳି ତୈଳ ଦର ବୃଦ୍ଧିର ପ୍ରତିବାଦ କରୁଛନ୍ତି।



କଟକ ଲିଙ୍କରୋଡସ୍ଥିତ ଏକ ପେଟ୍ରୋଲ ପମ୍ପରେ ଲାଗିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହୋର୍ଡିଂକୁ କଂଗ୍ରେସ କର୍ମୀମାନେ ଚିରୁଛନ୍ତି।



ରାଜଧାନୀ ଦିଲ୍ଲୀ ଓ ଏହାର ଆଖାପାଖ ଅଞ୍ଚଳ ରୋହତକ, ଝାଝର, ସୋହନା, ପାନିପତ୍ ଆଦି ସ୍ଥାନରେ ସୋମବାର ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ସକାଳ ୬ଟା ୨୮ ମିନିଟ୍‌ରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିବା ବେଳେ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୭ ରହିଥିଲା। ରବିବାର ମଧ୍ୟ ଏହି ସମାନ ସ୍ଥାନରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଥିଲା।

## ଦିଲ୍ଲୀରେ 'ଡୋର୍ ଷ୍ଟେପ୍' ସେବା ଆରମ୍ଭ

ନୂଆଦିଲ୍ଲୀ,୧୦।୯(ପି.ଟି.)- ଦିଲ୍ଲୀବାସୀ ଏଣିକି ୪୦ଟି ସରକାରୀ ସେବା ନିଜ ଦୁଆର ମୁହଁରେ ପାଇପାରିବେ। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ମହତ୍ତ୍ୱାକାଂକ୍ଷୀ 'ଡୋର୍ ଷ୍ଟେପ୍ ହୋମ୍ ଡେଲିଭରି ସିଷ୍ଟମ୍' ସେବା ସୋମବାର ଆରମ୍ଭ ହୋଇଛି। ୪୦ଟି ସରକାରୀ ସେବା ଜନସାଧାରଣଙ୍କୁ ଘର ସାମ୍ନାରେ ଉପଲବ୍ଧ କରାଇଛନ୍ତି ଦିଲ୍ଲୀ ସରକାର। ଆଗାମୀ ଏକମାସ ମଧ୍ୟରେ ଆହୁରି ୩୦ଟି ସେବାକୁ ଏହି ଯୋଜନାରେ ସାମିଲ କରାଯିବ। ଦୁଇରୁ ତିନିମାସ ମଧ୍ୟରେ ପ୍ରାୟ ୧୦୦ଟି ସେବା ଏଭଳି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ପ୍ରକାଶ କରିଛନ୍ତି। ନିଜର ଏହି ଯୋଜନାକୁ ସେ ଶାସନ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ବୋଲି ବିବେଚନା କରିଛନ୍ତି। ଡୋର୍ ଷ୍ଟେପ୍ ବ୍ୟବସ୍ଥାରେ ଦିଲ୍ଲୀବାସୀ ସକାଳ ୮ଟାରୁ ରାତି ୧୦ ସୁଦ୍ଧା ୧୦୭୬ ନମ୍ବରକୁ ଫୋନ୍‌କରି ନିଜର ସେବା ଦାବି କରିପାରିବେ। କିନ୍ତୁ କଲ୍ ସେଣ୍ଟର ୨୪ ଘଣ୍ଟା ଖୋଲା ରହିବ।

## ନେପାଳର ପ୍ରଧାନ ବିଚାରପତି ହେବେ ଓମ୍ ପ୍ରକାଶ ମିଶ୍ର



କାଠମାଣ୍ଡୁ,୧୦।୯(ପି.ଟି.)- ଭାରତରେ ଆଇନ ଶିକ୍ଷା ଗ୍ରହଣ କରିଥିବା ଓମ୍ ପ୍ରକାଶ ମିଶ୍ର ନେପାଳର ଆଗାମୀ ପ୍ରଧାନ ବିଚାରପତି ହେବାକୁ ଯାଉଛନ୍ତି। ଏନେଇ ପାର୍ଲାମେଣ୍ଟାରୀ ହିୟରିଂ କମିଟି (ପିଏଚ୍‌ସି) ସର୍ବସମ୍ମତି କ୍ରମେ ତାଙ୍କ ନାମକୁ ଅନୁମୋଦନ କରିଛନ୍ତି। ଜଷ୍ଟିସ୍ ଦୀପକ ରାଜ ଯୋଶୀଙ୍କ ପରେ ମିଶ୍ର ହେଉଛନ୍ତି ବରିଷ୍ଠ ବିଚାରପତି। ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ ତାଙ୍କୁ ଔପଚାରିକ ଭାବରେ ନିଯୁକ୍ତ କରିବା ପରେ ସେ ଏହି ଦାୟିତ୍ୱ ଗ୍ରହଣ କରିବେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ସେ ଆଇନରେ ସ୍ନାତକୋତ୍ତର କରିଛନ୍ତି।

# ସେନାରେ ହୋଇପାରେ ୧ ଲକ୍ଷ ଛଟେଇ

ନୂଆଦିଲ୍ଲୀ,୧୦।୯(ପି.ଟି.)



ସ୍ଥଳସେନାରେ ହୋଇପାରେ ଛଟେଇ। ସେନାରେ ସଂସ୍କାର ଆଣିବାକୁ ଯାଇ ପ୍ରାୟ ଏକ ଲକ୍ଷ କର୍ମଚାରୀଙ୍କୁ ଚାକିରିରୁ ବାହାର କରିବା ଲାଗି ଯୋଜନା ଚାଲିଥିବା ସୂତ୍ରରୁ ପ୍ରକାଶ। ସ୍ଥଳସେନା ମୁଖ୍ୟ ଜେନେରାଲ ବିପିନ ରାୱତ୍ ମଙ୍ଗଳବାର ପ୍ରମୁଖ କମାଣ୍ଡରଙ୍କ ସହ ବୈଠକ କରି ଏ ସଂକ୍ରାନ୍ତରେ ଆଲୋଚନା କରିବେ। ଏହି ଅବସରରେ ଛଟେଇ ବିଷୟରେ ଚର୍ଚ୍ଚା ହୋଇପାରେ।

ସୂତ୍ର ଅନୁଯାୟୀ, ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ସେନାକୁ ସଙ୍କୁଚିତ ଏବଂ ପରାକ୍ରମଶାଳୀ କରିବା ଉଦ୍ଦେଶ୍ୟରେ ଭାରତୀୟ ସେନାରେ ସଂସ୍କାର ଆଣିବାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଯୋଜନା ଚଳାଇଛି। ଏ ନେଇ ପୂର୍ବରୁ ମନ୍ତ୍ରଣାଳୟ ସୂଚନା ଦେଇସାରିଛି। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୧ ଲକ୍ଷ ଚାକିରି ଛଟେଇ କରିବାକୁ ସେନା ଲକ୍ଷ୍ୟ ରଖିଛି। ବର୍ତ୍ତମାନ ଭାରତୀୟ ସେନାର ବଳ ହେଉଛନ୍ତି ୧୩ ଲକ୍ଷ। ମଙ୍ଗଳବାର ହେବାକୁ ଥିବା ବୈଠକରେ ଅନେକ ସଂସ୍କାରମୂଳକ ସୁପାରିସ କରିପାରେ ଉଚ୍ଚସ୍ତରୀୟ କମିଟି। ଦୀର୍ଘବର୍ଷରୁ ଅଟକି ରହିଥିବା କ୍ୟାଡର୍ ରିଭ୍ୟୁ ସମେତ ଅନେକ ପ୍ରସଙ୍ଗରେ ଆଲୋଚନା ହେବ। କ୍ୟାଡର୍ ରିଭ୍ୟୁରେ ବ୍ରିଗେଡିୟର୍ ର୍ୟାଙ୍କ୍‌ର ଉଚ୍ଛେଦ କରିବା ଲାଗି ସୁପାରିସ ହୋଇପାରେ।

ଜଟିଳ ଅପରେଶନ୍ ପାଇଁ ସେନାକୁ ଅଧିକ ଦକ୍ଷ କରି ପ୍ରସ୍ତୁତ ରଖିବା, ପ୍ରମୁଖ ଫର୍ମେଶନ୍‌ର ନେତୃତ୍ୱ ନେଉଥିବା କମାଣ୍ଡିଂ ଅଧିକାରୀଙ୍କ ବୟସ ସୀମା ହ୍ରାସକରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇପାରେ। ସବୁ ସ୍ତରର କମାଣ୍ଡରେ ବୟସ ସୀମା ହ୍ରାସ, ଉପଯୁକ୍ତ ସ୍ଥାନରେ ଉପଯୁକ୍ତ ଲୋକଙ୍କ ନିଯୁକ୍ତି ସୁନିଶ୍ଚିତ କରିବା, ବ୍ରିଗେଡ୍ କମାଣ୍ଡର, ଡିଭିଜନାଲ୍ କମାଣ୍ଡର ଏବଂ କୋର୍ କମାଣ୍ଡରଙ୍କ କାର୍ଯ୍ୟକାଳ ମିଆଦ ବୃଦ୍ଧି ଆଦି ସମ୍ପର୍କରେ ପ୍ରସ୍ତାବ ଆସିପାରେ ବୋଲି ସୂତ୍ରରୁ ପ୍ରକାଶ।

### ■ତାମିଲନାଡୁ ପରୋକ୍ଷ ଇଚ୍ଛାମୃତ୍ୟୁ ଆବେଦନ

## ରୋଗୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବେ ବିଶେଷଜ୍ଞ

ଚେନ୍ନାଇ,୧୦।୯(ପି.ଟି.)

ଏକ ପରୋକ୍ଷ ଇଚ୍ଛାମୃତ୍ୟୁ ଆବେଦନର ଶୁଣାଣି କରି ସ୍ଥିତି ତର୍ଜମା କରିବା ଲାଗି ମାଡ୍ରାସ ହାଇକୋର୍ଟ ସୋମବାର ବିଶେଷଜ୍ଞ ଡାକ୍ତରୀ ଦଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତାମିଲନାଡୁର ଆର୍. ଥିରୁମେନୀ ନାମକ ଜଣେ ବ୍ୟକ୍ତି ନିଜ ୯ ବର୍ଷର ପୁଅ ପାଇଁ ପରୋକ୍ଷ ଇଚ୍ଛାମୃତ୍ୟୁ ଆବେଦନ କରିଛନ୍ତି। ୨୦୦୮ ସେପ୍ଟେମ୍ବର ୩୦ରେ ଜନ୍ମିତ ତାଙ୍କ ପୁଅ ଜନ୍ମରୁ ହିଁ 'ପର୍ସିଷ୍ଟେଣ୍ଟ ଭେଜିଟେଟିଭ୍ ଷ୍ଟେଟ୍' (ପିଭିଏସ୍)ର ଶିକାର ହୋଇଛନ୍ତି। ତାଙ୍କର ମସ୍ତିଷ୍କ କାମ କରୁନାହିଁ ଏବଂ ସେ ଶାରୀରିକ ତଥା ମାନସିକ ଢଙ୍ଗରେ ସମ୍ପୂର୍ଣ୍ଣ ନିଷ୍କ୍ରିୟ। ୯ ବର୍ଷ ଏହି ବାଳକଙ୍କୁ ଲାଇଫ୍ ସପୋର୍ଟ ସିଷ୍ଟମ୍‌ରେ ରଖାଯାଇଛି। ତେବେ ପୁଅ ଶରୀରରୁ ଲାଇଫ୍ ସପୋର୍ଟ ସିଷ୍ଟମ୍ ହଟାଇ ନେବାକୁ ପିତା ଥିରୁମେନୀ ଆବେଦନ କରିଥିଲେ। ଚଳିତ ମାର୍ଚ୍ଚରେ ସୁପ୍ରିମକୋର୍ଟ ପରୋକ୍ଷ ଇଚ୍ଛାମୃତ୍ୟୁ ସପକ୍ଷରେ ରାୟ ଦେବା ପରେ ଏହା ହେଉଛି ଦେଶ ପ୍ରଥମ ଏଭଳି ଆବେଦନ। ଏହାର ଶୁଣାଣି କରି ମାଡ୍ରାସ ହାଇକୋର୍ଟ ସୋମବାର ପିଲାଟିର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ଲାଗି ୩ ଜଣିଆ ବିଶେଷଜ୍ଞ ଡାକ୍ତରୀ ଦଳକୁ ନିର୍ଦ୍ଦେଶ ଦେଇଛନ୍ତି। ପିଲାଟିର ଅବସ୍ଥା ପିଭିଏସ୍ ଅଧୀନରେ ଆସୁଛି ନା ତା'ର ଚିକିତ୍ସାର କୌଣସି ସମ୍ଭାବନା ରହିଛି ତାହା ସୁନିଶ୍ଚିତ କରିବା ଲାଗି ଡାକ୍ତରଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ଡାକ୍ତରୀ ଦଳକୁ ସବୁ ସୁବିଧା ଯୋଗାଇ ଦେବା ଲାଗି ତାମିଲନାଡୁ ସରକାରୀ ମଲ୍ଟି-ସୁପର ସ୍ପେଶିଆଲିଟି ହସ୍ପିଟାଲ୍‌କୁ ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ■ନ୍ୟାଶନାଲ ହେରାଲ୍ଡ ମାମଲା

## ରାହୁଲ, ସୋନିଆ ନିରାଶ

ନୂଆଦିଲ୍ଲୀ, ୧୦।୯(ପି.ଟି.)



ନ୍ୟାଶନାଲ ହେରାଲ୍ଡ ମାମଲାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପୁଣି ଅଦାଲତୀ ଝଟକା ଲାଗିଛି। ୨୦୧୧-୧୨ ଆର୍ଥିକ ବର୍ଷର ଟିକସ ପୁନଃ ମୂଲ୍ୟାଙ୍କନ ଲାଗି ଆୟକର ବିଭାଗ ପକ୍ଷରୁ ଦିଆଯାଇଥିବା ନୋଟିସକୁ ଉଭୟେ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୋମବାର ଉଚ୍ଚ ନ୍ୟାୟାଳୟ ସେମାନଙ୍କ ଆବେଦନ ଖାରଜ କରିଦେଇଛନ୍ତି। ରାହୁଲ, ସୋନିଆଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ଓସ୍କାର ଫର୍ଣ୍ଣାଣ୍ଡିଜ୍ ମଧ୍ୟ ନିରାଶ ହୋଇଛନ୍ତି। ଏବେ ଆୟକର ବିଭାଗ ଉକ୍ତ ଆର୍ଥିକବର୍ଷରେ ଥିବା ସେମାନଙ୍କ ରେକର୍ଡ ଯାଞ୍ଚ କରିବା ଲାଗି ପଥ ପରିଷ୍କାର ହୋଇଯାଇଛି। ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ଏ.କେ. ଚାୱଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରିବା ପରେ ରାଜନୀତି ଜୋର୍ ଧରିଛି। କଂଗ୍ରେସର ମୁଖା ଖୋଲିଯାଇଛି। ନ୍ୟାଶନାଲ ହେରାଲ୍ଡ ମାମଲା ଉପରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଜାଣିଶୁଣି ସୋମବାର କଂଗ୍ରେସ ଭାରତ ବନ୍ଦ ପାଳନ କରିଛି ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି। ଏହାପରେ କଂଗ୍ରେସ ମଧ୍ୟ ଦୃଢ଼ ଜବାବ ଦେଇଛି। ସାହସ ଅଛି ଯଦି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜନୈତିକ ଯୁଦ୍ଧରେ ସାମିଲ ହୁଅନ୍ତୁ। ଏଭଳି ପ୍ରତିଶୋଧାତ୍ମକ ଖେଳ ନ ଖେଳନ୍ତୁ ବୋଲି କଂଗ୍ରେସ କହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋର ମୋର ଅଭେଦ ପ୍ରୀତି**
**ତାକୁ କେହି କେବେ ପାରେନି ଭେଦି ।**

ଅଭେଦ୍ୟ ପ୍ରୀତିର ଆଲେଖ୍ୟ। ଯେଉଁଠି ସ୍ନେହ, ପ୍ରେମ, ଭଲପାଇବା ଯେତେ ଅଧିକ ହୋଇଥାଏ ସେଇଠି ପରସ୍ପର ମଧ୍ୟରେ ଥିବା ସମ୍ପର୍କ ସେତେ ଦୃଢ଼ ହୋଇଥାଏ। ଦୁଇ ମନ ଦୁଇ ପ୍ରାଣ ଏକ ହୋଇଯାଇଥାଏ। ଏପରି ସ୍ଥଳେ ଦୁଇ ମନକୁ ଅଲଗା କରିବା କାଠିକର ପାଠ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତେଲ ଘଡ଼ି ଡବଡବ**
**ମୋ ଖଣ୍ଡି କାଶକୁ ଅନେଇଥିବ**
**କବାଟ ଫିଟେଇ ଦବ ।**

ଆଲୋକ ସନ୍ଧାନରେ ଯେମିତି କୀଟ ଉଡ଼ିଯାଏ ଅନେକ ଦୂର, ଠିକ୍ ସେମିତି ସୁଗନ୍ଧିତ ଫୁଲରୁ ମଧୁ ଶୋଷିବା ପାଇଁ ଉଡ଼ିଆସନ୍ତି ଭଅଁର। ଇସାରାରେ ମଧ୍ୟ ପ୍ରେମ ନଈ ସୁଅ ଉଚ୍ଛୁଳି ଉଠେ। ସାଧାରଣତଃ ମନ ମଧ୍ୟରେ ଲୁଚି ରହିଥିବା ଭାବ ଓ ଆବେଗକୁ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରିବା ନେଇ ପ୍ରେମୀଯୁଗଳ ସଦା ଚେଷ୍ଟିତ ରହିଥାନ୍ତି। ଏପରିସ୍ଥଳେ ଇସାରା ମାଧ୍ୟମରେ ଏକତ୍ର ହେବା ନେଇ ଯୋଜନା କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ନର୍ଦ୍ଦମା ସଫା ବେଳେ ୫ ମୃତ

ନୂଆଦିଲ୍ଲୀ,୧୦।୯(ପି.ଟି.)



ଦକ୍ଷିଣ ଦିଲ୍ଲୀର ମୋତି ନଗରରେ ଥିବା ଏକ ନର୍ଦ୍ଦମା ସଫା କରିବା ବେଳେ ଶ୍ୱାସରୁଦ୍ଧ ହୋଇ ୫ ଜଣ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ୨ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ପ୍ରାଣ ହରାଇଥିଲେ। ସେମାନେ ହେଉଛନ୍ତି ସରଫରାଜ, ପଙ୍କଜ, ରାଜା, ଉମେଶ ଏବଂ ବିଶାଲ। ମୃତକଙ୍କ ବୟସ ୨୨ ରୁ ୩୦ ବର୍ଷ ମଧ୍ୟରେ ହୋଇଥିବା ଜଣାପଡ଼ିଛି। ଶ୍ରମିକଙ୍କ ମୃତ୍ୟୁ ପାଇଁ ଭାଜପା ପକ୍ଷରୁ ଆମ୍ ଆଦମୀ ପାର୍ଟି (ଏଏପି)କୁ ଦାୟୀ କରାଯାଇଛି। ଚିରାଚରିତ ଢଙ୍ଗରେ ହାତରେ ମଇଳା ସଫା କରିବା କାମ ନିଷିଦ୍ଧ କରାଯିବା ସହ ଏହା ବିରୋଧରେ କଡା ଆଇନ ଅଣାଯାଉ ବୋଲି କେନ୍ଦ୍ରମନ୍ତ୍ରୀ ରାମବିଳାଶ ପାଶୱାନ କହିଛନ୍ତି। ଏହାପରେ ଦିଲ୍ଲୀ ସରକାର ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed @ Rs 65,000/- Only
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

SPOT ADMISSION
B.Ed CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT 7749095348, 8249919890

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

ବାବା ଆଲମ ଖାନ
9911436726, 9540938429

Shree Ganesh Finance Ltd.
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ 9874247647
Plot No: 86, Sarkar Street, Kolkata

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
GNM ANM OT. Tech DMLT ICU X-RAY
ଯୋଗ୍ୟତା ୧୦ମ, +୨ ପାସ୍ ବା ତଦୁର୍ଦ୍ଧ
HOSTEL HOSPITAL PRATICAL PLACEMENT FACILITY AVAILABLE
KIMS, KHANDAGIRI, BBSR
7894487511

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188 8556894339

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

GRAMIN FINANCE 1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
(ନୋ ଫାଇଲ୍ ଚାର୍ଜ ନୋ ଗ୍ୟାରେଣ୍ଟର Only Bank Fees ଋଣ ପାସ୍ ହେଲା ପରେ)
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts: 18001007280

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603 7064382081

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527 +91 8126673652
ଠକମାନଙ୍କ ପ୍ରତି ସାବଧାନ

ଧନଲକ୍ଷ୍ମୀ ଫାଇନାନ୍ସ (Govt. Regd.)
Vill: Asthawan, Dist.- Nalanda, Bihar-803107
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଆଧାରକାର୍ଡ, ରାଶନ କାର୍ଡ, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାର ଋଣ ପାଆନ୍ତୁ ୨୪ ଘଣ୍ଟାରେ।
ପ୍ରଥମେ ଆସନ୍ତୁ, ପ୍ରଥମେ ପାଆନ୍ତୁ
୧ ଲକ୍ଷରୁ ୫ କୋଟି ପର୍ଯ୍ୟନ୍ତ ଋଣ ସରକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା।
Call Now: 07078315986

SMS JOB
ବେଟିବଚାଓ ବେଟିପଢାଓ ଯୋଯନାରେ ପୁଅଝିଅ, ଗୃହିଣୀ, ଘରେବସି Part time, full time SMS କାମ କରି ମାସକୁ ଟଙ୍କା 15,000/- ରୁ 30,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ନାମ ଓ ଠିକଣା SMS କରନ୍ତୁ।
Laptop, Mobile FREE
09135937168 07258995324

ଭାରତର ନଂ.1 କମ୍ପାନୀ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଘରେ ବସି ସମସ୍ତ ଋଣ ମାତ୍ର 3 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମାର୍କଶିଟ୍, ପର୍ସନାଲ, ଗୃହ ଋଣ
1% ସୁଧ 50% ରିହାତି
HELPLINE 6388753739 6399376206
Add:- 41/14, Sec-1 Pushp Vihar, Delhi

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ। 2% ବାର୍ଷିକ ସୁଧ 50% ଛାଡ। ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190 7895084744

SMS Marketing
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 30,000/- ରୁ 50,000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ।
Laptop, Mobile FREE
7682981750

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

Global Communication Group
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨୦,୦୦୦ + 30,000ର ଅନ୍ୟାନ୍ୟ ସୁବିଧା ସୁଯୋଗ + କୋର୍ଟ ଏଗ୍ରିମେଣ୍ଟ।
HN 6/4, Azad Nagar, 29, Lohara, Ludhiana
Call Now: 07496875194 07496852157

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45) ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ। (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ପ୍ରଥମେ କାମ ପରେ ଦାମ୍
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ ସମସ୍ତ ଋଣ 2% ସୁଧ, 40% ରିହାତି, ଘରେ ବସି ଉପଲବ୍ଧ।
MUDRA FINANCE
Ram Nagar, Narnel, Haryana
7310625906 7310568831

OM SAI FINANCE LTD
(Govt. Registered)
Regd. No.:- odh16652AD
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 3ରୁ 4 ଦିନରେ 1% ସୁଧ, 40% govt. subsidy ମହିଳାଙ୍କ ପାଇଁ ବିଶେଷ ରିହାତି।
J/6, B Block, Jiwan Park, Delhi
Call Now 9953851922

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଘଣ୍ଟାରେ ମାହିର
କାମ ନହେଲେ ପଇସା ଫେରନ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765 8512004851


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୧ ସେପ୍ଟେମ୍ବର, ୨୦୧୮



ମହତ ଲୋକର ବିଫଳ ଉଦ୍ୟମ ମଧ ଏ ସଂସାରରେ ସମୟେ ସମୟେ ବହୁ ଉପକାର କରିଅଛି।
- ଜନ୍ ଡାଇଡନ



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ରାଜ୍ୟ ପଞ୍ଚାୟତ ସମିତି ସଭ୍ୟ/ସଭ୍ୟା ମହାସଂଘ ପକ୍ଷରୁ ମହାସମାବେଶ, ଲୋୟର୍ ପିଏମ୍‌ଜି, ସକାଳ ୯ଟା।
- ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନମେଣ୍ଟ, ନୂଆଦିଲ୍ଲୀ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନା, ରାଜ୍ୟ ସମବାୟ ବ୍ୟାଙ୍କ, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ, ସକାଳ ୯ଟା ୩୦।
- ଚିକାଗୋରେ ସ୍ୱାମୀ ବିବେକାନନ୍ଦଙ୍କ ଉଦ୍‌ବୋଧନର ୧୨୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ମାରକୀ ସଭା, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୦ଟା।
- ରାଜ୍ୟ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି କର୍ମଚାରୀ ସଂଘର ବିକ୍ଷୋଭ, ରେଲୱେ ଷ୍ଟେଶନ, ପୂର୍ବାହ୍ନ ୧୦ଟା।
- କଟନଫାବ୍, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦।
- ବସ୍ତିବାସିନ୍ଦାଙ୍କ ବିକ୍ଷୋଭ, ରେଲୱେ ଷ୍ଟେଶନ, ପୂର୍ବାହ୍ନ ୧୦ଟା ୩୦।
- ନିଖିଳ ଓଡ଼ିଶା ସମବାୟ ସମିତି କର୍ମଚାରୀ ମହାସଂଘ ପକ୍ଷରୁ ପଦଯାତ୍ରା, ରାଜମହଲ ଛକ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଷ୍ଟେଟ୍ ବିଡି ୱାର୍କର୍ସ ୟୁନିୟନ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ୍ ଛକ, ପୂର୍ବାହ୍ନ ୧୧ଟା।
- ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୨୪ତମ ଜୟନ୍ତୀ ଓ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ବର୍ଷବ୍ୟାପୀ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ନିର୍ମାଣ ଶ୍ରମିକଙ୍କ ବିକ୍ଷୋଭ, ଖୋର୍ଦ୍ଧା ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ପକ୍ଷରୁ ଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ପ୍ରାଇଭେଟ୍ ହୋମିଓପାଥିକ୍ ପ୍ରାକ୍ଟିସନର୍ସ ଆସୋସିଏଶନ ପକ୍ଷରୁ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ୍, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଜିଇଓଟେଗ୍ କର୍ମଚାରୀ ମହାସଂଘ ପକ୍ଷରୁ ବିକ୍ଷୋଭ, ରେଲୱେ ଷ୍ଟେଶନ ନିକଟ, ପୂର୍ବାହ୍ନ ୧୧ଟା।
- ଏବିଭିପି ପକ୍ଷରୁ 'ଭୁବନେଶ୍ୱର ଚାଲ' ଶୋଭାଯାତ୍ରା, ପ୍ରଦର୍ଶନୀ ପଡ଼ିଆ, ମଧ୍ୟାହ୍ନ ୧୨ଟା। ଶହୀଦନଗର, ଅପରାହ୍ନ ୧୨ଟା ୩୦। ସାଧାରଣ ସଭା, ଲୋୟର୍ ପିଏମ୍‌ଜି, ଅପରାହ୍ନ ୧ଟା ୩୦।
- ମିଳିତ ବି.ଏଡ୍. ଶିକ୍ଷକ ମହାସଂଘ, ଓଡ଼ିଶା ପକ୍ଷରୁ ଧାରଣା, ଲୋୟର୍ ପିଏମ୍‌ଜି, ଅପରାହ୍ନ ୧୨ଟା ୧୫।
- ପୁସ୍ତକ 'ପ୍ରଭୁ ପ୍ରସାଦ' ଲୋକାର୍ପଣ, ରେଡ୍‌କ୍ରସ ଭବନ, ସନ୍ଧ୍ୟା ୬ଟା।
- ରାଷ୍ଟ୍ରୀୟ ଏକକ ନାଟକ ଉତ୍ସବ 'ଏକା', ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।
- 'ହମ୍ ଔର୍ ତୁମ୍', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ଏସିଡ୍ ପୀଡ଼ିତାଙ୍କ ପାଇଁ ଚାକିରିରେ ସ୍ଥାନ ସଂରକ୍ଷଣ ଦାବି

ଭୁବନେଶ୍ୱର, ୧୦।୯(ବ୍ୟୁରୋ): 'କନ୍ୟା ଅନ୍‌ମୋଲ ହୈ'ର ପ୍ରଥମ ପ୍ରତିଷ୍ଠା ଦିବସ ସୋମବାର ବୁଦ୍ଧମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ରୋଟାରିଆନ୍ ସରୋଜ କୁମାର ଦାଶ ଯୋଗଦେଇ ଉତ୍ତରପ୍ରଦେଶ ଭଳି ଓଡ଼ିଶାରେ ଏସିଡ୍ ପୀଡ଼ିତାଙ୍କ ପାଇଁ ସରକାରୀ ଚାକିରି କ୍ଷେତ୍ରରେ ଏକ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବାକୁ ଦାବି କରିଛନ୍ତି। ଆଗାମୀ ଦିନରେ ସଙ୍ଗଠନ ଏ ଦିଗରେ ପଦକ୍ଷେପ ନେବାକୁ ସେ ଘୋଷଣା କରିଛନ୍ତି। ଏବେ ରାଜ୍ୟ ତଥା ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ପ୍ରତି ନିର୍ଯାତନା ବଢ଼ିଚାଲିଛି। ଏ ଦିଗରେ ସଂଗଠନ ବିଭିନ୍ନ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଭିନ୍ନ ଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ ହାତକୁ ନେବ ବୋଲି ସଙ୍ଗଠନର ରାଜ୍ୟ ସଭାପତି ଅମିୟବାଳା ପରିଡ଼ା କହିଛନ୍ତି। ସଙ୍ଗଠନ ପକ୍ଷରୁ ନାରୀ ନିର୍ଯାତନାକୁ ନେଇ ପ୍ରସ୍ତୁତ କରାଯାଇଥିବା ଏକ ସଚେତନତା ଭିଡିଓ ଉନ୍ମୋଚନ କରାଯାଇଥିଲା। ନୂଆ ସଦସ୍ୟ ଭାବେ ୪୮ ବର୍ଗ କଲେଜ ଶିକ୍ଷକ ସଂଘ ସଭାପତି ପବିତ୍ର ମହଲା, ୬୬୨ ବର୍ଗ କଲେଜ ଶିକ୍ଷକ ସଂଘ ସଭାପତି ଗୋଲକ ନାୟକ, ଶିକ୍ଷକ ନେତା ଶତାବୁଦ୍ଦିନ ଅହମ୍ମଦ, ଅଭିନେତ୍ରୀ ଆହାନା ବରାଳ, ଯୁବ କଂଗ୍ରେସ ଲିଗାଲ ସେଲ୍ ଅଧକ୍ଷ ଦେବାଶିଷ ମହାପାତ୍ର, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସାଧାରଣ ସମ୍ପାଦିକା ଦେବସ୍ମିତା ଦାଶ, ବିପିୟୁଟି ଛାତ୍ର ନେତା ବିଶ୍ୱଜିତ ମହାନ୍ତି, ତ୍ରିଲୋଚନ ତରାଇ, ଛାତ୍ରୀନେତ୍ରୀ ମଧୁସ୍ମିତା ନାୟକ, ରୋଜା ଘୋଷ ଓ ସ୍ୱୀକୃତି ମିଶ୍ର ପ୍ରମୁଖ ଯୋଗଦେଇଛନ୍ତି। ସଙ୍ଗଠନର ପ୍ରତିଷ୍ଠାତା ସସ୍ମିତା ଦାଶ, କାର୍ଯ୍ୟକାରୀ ସଭାପତି ଅର୍ପିତା ବଡ଼ଜେନା, ସଂଯୋଜକ ସାଗର ଦାସ ଉପସ୍ଥିତ ଥିବା ବେଳେ ସଂଯୋଜିକା ତପସ୍ୱିନୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ତୈଳଦର ବୃଦ୍ଧି ପ୍ରତିବାଦରେ ଛାତ୍ର କଂଗ୍ରେସ ପକ୍ଷରୁ ସତ୍‌ସଙ୍ଗ ଛକଠାରେ ରାସ୍ତା ଅବରୋଧ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ସିପିଆଇ(ଏମ୍ଏଲ୍) ଲିବରେଶନ୍ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ବିକ୍ଷୋଭ।

### ■ ରାଜଧାନୀରେ ବନ୍ଦ: ଜନଜୀବନ ପ୍ରଭାବିତ

# ଭିନ୍ନ ଭାବମୂର୍ତ୍ତି ଆପଣାଇଲା କଂଗ୍ରେସ

ଅହେତୁକ ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଦେଇଥିବା ଭାରତ ବନ୍ଦ ଡାକରା ସୋମବାର ରାଜଧାନୀ ଭୁବନେଶ୍ୱରରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଏଥିଯୋଗୁ ସହରର ସମସ୍ତ ଶିକ୍ଷାନୁଷ୍ଠାନ, ପ୍ରତିଷ୍ଠାନ, ଦୋକାନ ବଜାର, କାର୍ଯ୍ୟାଳୟ ବନ୍ଦ ରହିଥିଲାବେଳେ ଗାଡିମୋଟର ଚଳାଚଳ ଠପ୍ ହୋଇଯାଇଥିଲା। ତେବେ କୌଣସି ସ୍ଥାନରେ ସେପରି ହିଂସା କିମ୍ବା ଗଣ୍ଡଗୋଳ ଦେଖିବାକୁ ମିଳି ନ ଥିଲା। ସହରର ଦଳର ବରିଷ୍ଠ ନେତାଙ୍କଠାରୁ ଆରମ୍ଭ କରି ସମସ୍ତ ନେତୃବୃନ୍ଦ ସହରର ବିଭିନ୍ନ ସ୍ଥାନରେ କର୍ମୀଙ୍କ ସହ ବନ୍ଦ ପାଳନରେ ସାମିଲ୍ ହୋଇଥିଲେ। କଂଗ୍ରେସ ସହ ବାମପନ୍ଥୀ ଦଳର କର୍ମୀମାନେ ବ୍ୟାନର ଧରି ପିକେଟିଂ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଟ୍ରେନ୍ ଓ ଗାଡି ମୋଟର ଅଟକାଇବା ସହ ଛକ ତଥା ପ୍ରମୁଖ ସ୍ଥାନରେ ରହି ଯାତ୍ରୀଙ୍କୁ ବୁଝାଇଥିଲେ। ମହାତ୍ମାଗାନ୍ଧୀଙ୍କ ଫଟୋ ସହ ଗୋଲାପ, ଚକୋଲେଟ୍ ଦେଇ ଲୋକଙ୍କ ହାତ ଧରି ବନ୍ଦକୁ ସମର୍ଥନ ଦେବାକୁ ନିବେଦନ କରିଥିଲେ। ବନ୍ଦ ଯୋଗୁ ମାଷ୍ଟରକ୍ୟାଣ୍ଟିନ, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଓ ଅନ୍ୟ କେତେକ ସ୍ଥାନରେ ଯାତ୍ରୀମାନେ ଗାଡି ନ ପାଇ ହଇରାଣ ହୋଇଥିଲେ। ସେମାନେ ଘଣ୍ଟା ଘଣ୍ଟା ଧରି ଗାଡିକୁ ଅପେକ୍ଷା କରିଥିବାବେଳେ କେହି କେହି ଚାଲି ଚାଲି ଯାଇଥିଲେ। ଅନ୍ୟପକ୍ଷରେ ଜାତୀୟ ରାଜପଥରେ ଶହଶହ ଟ୍ରକ୍ ଓ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡିକ ଅଟକି ରହିଥିଲା। ବିକ୍ଷୋଭକାରୀମାନେ ଭୁବନେଶ୍ୱର ସମେତ ଅନ୍ୟ ଷ୍ଟେଶନରେ ବିକ୍ଷୋଭ ପ୍ରଦର୍ଶନ କରିବାରୁ ଏକାଧିକ ଟ୍ରେନ୍ ଚଳାଚଳ ବାତିଲ ହୋଇଥିଲା। ଏହାସତ୍ତ୍ୱେ ଲୋକେ ବନ୍ଦକୁ ସମର୍ଥନ ଦେଉଥିବା ଦେଖିବାକୁ ମିଳିଥିଲା। ତେବେ ବନ୍ଦ ପାଳନ ବେଳେ କଂଗ୍ରେସର ଏଥର ଭିନ୍ନ ଆଭିମୁଖ୍ୟକୁ ନେଇ ଦିନତମାମ ରାଜଧାନୀ ସମେତ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ଚାଲିଥିଲା।

### ଶୋଭାଯାତ୍ରାରେ ସହର କମ୍ପିଲା

ବନ୍ଦ ବେଳେ କୌଣସି ହିଂସାକାଣ୍ଡକୁ ମନା କରିଥିଲା କଂଗ୍ରେସ। ତେବେ ଆନ୍ଦୋଳନ ପ୍ରଭାବକୁ ଜୋର୍‌ଦାର କରିବା ପାଇଁ ନେତାଙ୍କ ସହ କର୍ମୀମାନେ ଦଳ ଦଳ ହୋଇ ସାଇକେଲ, ବାଇକ୍ ଓ ଚାଲିଚାଲି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ତେବେ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ସହରକୁ କମ୍ପାଇ ଦେଇଥିଲେ। ଏଥିରେ ବହୁ ଛୋଟ ପିଲା ସାମିଲ୍ ହୋଇଥିବା ଦେଖିବାକୁ ମିଳିଥିଲା।

### ବିଧାନସଭା ସମ୍ମୁଖରେ ପିସିସି ସଭାପତିଙ୍କ ଧାରଣା

ବିଧାନସଭା ଗେଟ୍ ଆଗରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟ ନେତାମାନେ ଧାରଣାରେ ବସିଥିଲେ। ପୋଲିସ ବୁଝାଥିଲେ ମଧ୍ୟ କିଛି ଶୁଣି ନ ଥିଲେ। ଶେଷରେ ସେମାନେ ବିଧାନସଭା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିବାରୁ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ଏହାସହ ବିଧାନସଭା ଆଗରେ ମଧ ମହିଳା କଂଗ୍ରେସ ପକ୍ଷରୁ ଧାରଣା ଦିଆଯିବା ସହ ମାନବ ଶୃଙ୍ଖଳ କରାଯାଇଥିଲା। ପୋଲିସ ସେମାନଙ୍କୁ ମଧ ଗିରଫ କରିଥିଲା।

### ରୁଟ୍ ବଦଳାଇ ବିଧାନସଭା ଗଲେ ମୁଖ୍ୟମନ୍ତ୍ରୀ

ସକାଳ ପ୍ରାୟ ୧୦ଟାରେ ମୁଖ୍ୟମନ୍ତ୍ରୀ ଏଜି ଛକ ଦେଇ ବିଧାନସଭାକୁ ଯିବାର ରୁଟ୍ ନିର୍ଘଣ୍ଟ ହୋଇଥିଲା। ଏହି ସମୟ ମଧ୍ୟରେ କଂଗ୍ରେସ କର୍ମୀଙ୍କ ସହ ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଓ ବିରୋଧୀ ଦଳ ନେତା ନରସିଂହ ମିଶ୍ର ପ୍ରମୁଖ ଏଜି ଛକରେ ବସି ବିକ୍ଷୋଭ କରିଥିଲେ। ବିକ୍ଷୋଭକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଅଟକାଇବା ଯୋଜନାରେ ଥିବା ସୂଚନା ମିଳିବା ପରେ ଶେଷ ସମୟରେ ରୁଟ୍‌କୁ ବଦଳାଇ ଦିଆଗଲା। ମୁଖମନ୍ତ୍ରୀ ନବୀନ ନିବାସରୁ ବାହାରିବା ପରେ ଏୟାରପୋର୍ଟ ଛକ, ଓୟୁଏଟି ଛକ, ଗୋପବନ୍ଧୁ ଛକ, ଗଭର୍ନର ହାଉସ୍ ଛକ ଓ କମିଶନରେଟ୍ ମୁଖ୍ୟାଳୟ ଦେଇ ବିଧାନସଭା ନିକଟରେ ପହଞ୍ଚିବା ପରେ ୧ ନମ୍ବର ଗେଟ ଦେଇ ପ୍ରବେଶ କରିଥିଲେ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି।

### ଟିଏମ୍‌ସି ଏମ୍‌ପିଙ୍କୁ ଚଲାଇଲେ

ଏଜି ଛକରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଥିବା ସମୟରେ ସେହି ବାଟ ଦେଇ ଯାଉଥିବା ପଶ୍ଚିମବଙ୍ଗର ଟିଏମ୍‌ସି ଏମ୍‌ପି ସୁଦୀପ୍ ବନ୍ଦୋପାଧ୍ୟାୟ ଫସିଯାଇଥିଲେ। କଂଗ୍ରେସ କର୍ମୀମାନେ ତାଙ୍କ ଗାଡିକୁ ଅଟକାଇ ଆଗରେ ଶୋଇ ପଡିଥିଲେ। ଶେଷରେ ବିକ୍ଷୋଭକାରୀ ଜିଦ୍ କରିବାରୁ ଏମ୍‌ପି ବନ୍ଦୋପାଧାୟ ଚାଲି ଚାଲି କିଛିବାଟ ଯାଇଥିଲେ। ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ସେ ନିଜ ଗାଡିରେ ଏୟାରପୋର୍ଟ ଅଭିମୁଖେ ଯାଇଥିଲେ।

### ବିଦେଶୀ ପର୍ଯ୍ୟଟକ ହଟହଟା

ବିଦେଶରୁ ଓଡିଶାକୁ ବୁଲିବାକୁ ଆସିଥିବା ବହୁ ବିଦେଶୀ ପର୍ଯ୍ୟଟକ ବନ୍ଦ ସଂକ୍ରାନ୍ତରେ ଜାଣି ନ ପାରି ନାନା ହଟହଟା ହୋଇଥିଲେ। ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ଷ୍ଟେଶନ ଓ ଏୟାରପୋର୍ଟ ଆଦି ବିଭିନ୍ନ ସ୍ଥାନରେ ଅଟକି ରହିଥିଲେ। କେତେଜଣ ପର୍ଯ୍ୟଟକ ଚାଲିଚାଲି ଯାଇଥିଲେ। ଅସୁବିଧା ସତ୍ତ୍ୱେ ବାଟରେ ରାସ୍ତାରୋକୋ, ବିକ୍ଷୋଭ ଓ ପିକେଟିଂର ମଜା ଉଠାଇବା ସହ ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା।

### ଛାତ୍ରୀଛାତ୍ର, ରୋଗୀଙ୍କୁ ବି ଛାଡିଲେନି

କେନ୍ଦ୍ରୀୟ ବିଦ୍ୟାଳୟ ସ୍କୁଲର ପିଲାମାନେ ପ୍ରୋଜେକ୍ଟ କାର୍ଯ୍ୟରେ ଦିଲ୍ଲୀ ଯିବା ପାଇଁ ଭୁବନେଶ୍ୱର ଷ୍ଟେଶନ ବାହାରିଥିବାବେଳେ ବାଟରେ ସେମାନଙ୍କୁ ବିକ୍ଷୋଭକାରୀମାନେ ଅଟକାଇଥିଲେ। ଛାତ୍ରୀଛାତ୍ରମାନେ ସ୍କୁଲ ଡ୍ରେସରେ ଥିଲେ ମଧ ସେମାନଙ୍କ କଥା କେହି ଶୁଣି ନ ଥିଲେ। ଆଇଡେଣ୍ଟିଟି କାର୍ଡ ଦେଖାଇବା ପରେ ଛାଡିଥିଲେ ବୋଲି ସେମାନେ କହିଛନ୍ତି। ସେହିଭଳି ଜୟଦେବ ବିହାର ଓଭରବ୍ରିଜ ଉପରେ ବାଇକ୍‌ରେ ଯାଉଥିବା ରୋଗୀଙ୍କୁ ଆନ୍ଦୋଳନକାରୀମାନେ ଅଟକାଇଥିଲେ। ଔଷଧ ଓ ଡାକ୍ତରୀ ରିପୋର୍ଟ ଦେଖାଇଥିଲେ ମଧ କିଛି ସମୟ ଅଟକି ରହିବାକୁ ପଡିଥିଲା।

### ଏୟାରପୋର୍ଟରୁ ବାଇକ ଭଡା

ବନ୍ଦର ଫାଇଦା ଉଠାଇଥିଲେ କେତେଜଣ ଯୁବକ। ସେମାନେ ଏୟାରପୋର୍ଟରୁ ଯାତ୍ରୀଙ୍କୁ ବାଇକ୍ ଭଡା କରି ଗନ୍ତବ୍ୟସ୍ଥଳକୁ ନେଇଥିଲେ। ଏୟାରପୋର୍ଟରୁ ଷ୍ଟେଶନ ୫ଶହ ଟଙ୍କା ଓ ଏୟାରପୋର୍ଟରୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ୪ଶହ ଟଙ୍କା ନେଉଥିଲେ। ପଟିଆ ଗଲେ ଯାତ୍ରୀଙ୍କୁ ହଜାରେ ଟଙ୍କା ଦେବାକୁ ପଡୁଥିଲା। ତେବେ ବିମାନ ବନ୍ଦରରେ ସୁରକ୍ଷା କର୍ମୀମାନେ ଏହାକୁ ବିରୋଧ କରିବାରୁ ଯୁକ୍ତିତର୍କ ହୋଇଥିଲା।

### ଦୁଇ ସ୍ଥାନରେ ହାତାହାତି, ଧସ୍ତାଧସ୍ତି

ଆଚାର୍ଯ୍ୟବିହାର ଛକରେ କଂଗ୍ରେସ କର୍ମୀମାନେ ଦୁଇ ଜଣ ବାଇକ ଚାଳକଙ୍କୁ ଅଟକାଇବାରୁ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସେଠାରେ ଉପସ୍ଥିତ ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ସେହିଭଳି ଏକ ଦମ୍ପତି କୌଣସି କାମରେ ଗ୍ୟାରେଜ ଛକକୁ ଯାଉଥିବା ସମୟରେ ରବି ଟକିଜ ଛକରେ ସେମାନଙ୍କୁ କଂଗ୍ରେସ କର୍ମୀ ଅଟକାଇଥିଲେ। ସେମାନେ ଗାଳିଗୁଲଜ କରିବାରୁ ଉଭୟଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଠାରେ ମଧ ପୋଲିସ ବୁଝାସୁଝା କରିବା ପରେ ଦମ୍ପତି ଛାଡ଼ ପାଇଥିଲେ।

### ହାତବାନ୍ଧି ବସିଲେ ଦିନ ମଜୁରିଆ

ବନ୍ଦ ଯୋଗୁ କାମଧନ୍ଦା ପାଇ ନ ଥିଲେ ଦିନ ମଜୁରିଆ। ନୟାପଲ୍ଲୀ ଦୁର୍ଗାମଣ୍ଡପ ଛକ, ଡେଲ୍‌ଟା ଛକ ଓ ଅନ୍ୟ କେତେକ ସ୍ଥାନରେ ସକାଳୁ ଦିନମଜୁରିଆମାନେ ଅପେକ୍ଷା କରିଥିଲେ। ହେଲେ କେହି ନ ଆସିବାରୁ ଖରାରେ ବସି ରହି ଶେଷରେ ନିରାଶରେ ଘରକୁ ଫେରିଥିଲେ। ତେବେ ରାତିରୁ ବହୁ ଦୂରଦୂରାନ୍ତରୁ ଆସିଥିବା ଶ୍ରମିକମାନେ ହଇରାଣ ହୋଇଥିଲେ। ସେମାନେ ପରିବାର ସହ ଫେରିବା ଚିନ୍ତାରେ ସେମିତି ଅପରାହ୍ନ ପର୍ଯ୍ୟନ୍ତ ବସି ରହିଥିବା ଦେଖିବାକୁ ମିଳିଥିଲା।

### ଖୋଲାଥିଲା ଏକାଧିକ ଦୋକାନ

ବିଭିନ୍ନ କଲୋନୀ ସମେତ ସିଆର୍‌ପିଏଫ୍ ଛକ, ଫାୟାର ଷ୍ଟେଶନ ଛକ, ଆଇଡି ମାର୍କେଟ, ୟୁନିଟ୍-୬, ୟୁନିଟ୍-୯ ଆଦି ଅନେକ ଅଞ୍ଚଳରେ ବ୍ୟବସାୟ ଚାଲିଥିବା ଦେଖିବାକୁ ମିଳିଥିଲା। ବିଶେଷକରି ପରିବା ଓ ଅନ୍ୟ କେତେକ ଦୋକାନ ଖୋଲା ରହିଥିବାବେଳେ ବଡ଼ ଶୋରୁମ୍‌ଗୁଡିକ ବନ୍ଦ ରହିଥିଲା।

### ୧୨୦ରେ ବିକ୍ରି ହେଲା ପେଟ୍ରୋଲ

ରାଜଧାନୀରେ ବିଭିନ୍ନ ପେଟ୍ରୋଲ ପମ୍ପ ବନ୍ଦ ଥିଲା। କେତେଜଣ ଲୋକ ଏହା ସମ୍ମୁଖରେ ରହି ବ୍ଲାକରେ ପେଟ୍ରୋଲକୁ ଲିଟର ପିଛା ୧୦୦ରୁ ଆରମ୍ଭ କରି ୧୨୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରିଥିଲେ। ନୟାପଲ୍ଲୀ ଅଞ୍ଚଳରେ ପେଟ୍ରୋଲ ଚଢା ଦାମରେ ବିକ୍ରି କରିବାକୁ ନେଇ କିଛି ସମୟ ପାଇଁ ବିକ୍ରେତା ଓ ଗ୍ରାହକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା।

### ଧାର୍ଯ୍ୟ ସମୟ ପୂର୍ବରୁ ଗାଡି ଚଳାଚଳ

ଅପରାହ୍ନ ୩ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଥିଲା। ମଧ୍ୟାହ୍ନ ୧୨ଟା ପରେ ଆନ୍ଦୋଳନକାରୀଙ୍କୁ ପୋଲିସ ଗିରଫ କରିନେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ବାଇକ୍‌ଗୁଡିକ ଯାତାୟାତ କରିଥିଲା। ହେଲେ ଦିନ ପ୍ରାୟ ୨ଟା ପରେ ଅଟୋ ଓ ବସ୍ ଚଳାଚଳ ଦେଖିବାକୁ ମିଳିଥିଲା।





## ଚାଲି ଚାଲି ଗଲେ ନେତା, ଅମଲା

ରାଜଧାନୀରେ ରହୁଥିବା ନେତା ଓ ଅମଲାମାନେ ଦାମୀ ଗାଡିରେ ସଚିବାଳୟ ଓ ବିଧାନସଭା ଯାଇଥାନ୍ତି। କିନ୍ତୁ ଭାରତ ବନ୍ଦ ଯୋଗୁ ଶାସକ ବିଜେଡି ଓ ଭାଜପାର ଏକାଧିକ ନେତା, ସଚିବାଳୟର ଉଚ୍ଚପଦସ୍ଥ ଅଫିସରମାନେ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା। କେତେଜଣ ନେତା ବାଇକ୍‌ରେ ମଧ କାର୍ଯ୍ୟାଳୟକୁ ଯାଇଥିଲେ। ସେମାନେ ହେଲେ କେ.ଭି ସିଂ ଦେଓ, ପ୍ରଶାନ୍ତ ଜଗଦେବ, ରାସେଶ୍ୱରୀ ପାଣିଗ୍ରାହୀ, ମହେଶ ସାହୁ, ମନ୍ତ୍ରୀ ପ୍ରତାପ ଜେନା, ମହେଶ୍ୱର ମହାନ୍ତି, ଅଶୋକ ପଣ୍ଡା, ବ୍ରଜ କିଶୋର ପ୍ରଧାନ ଏବଂ ଆର. ବାଲକ୍ରିଷ୍ଣନ।

### ତେଜୁଛି ପୁରୀ-ଭୁବନେଶ୍ୱର ଘରୋଇ ବସ୍ ମାଲିକ ସଂଘ ବିବାଦ

## ପୁରୀ ବସ୍‌କୁ ଭୁବନେଶ୍ୱରରେ ପୂରାଇ ନ ଦେବାକୁ ଚେତାବନୀ

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ପୁରୀ-ଭୁବନେଶ୍ୱର ଘରୋଇ ବସ୍ ମାଲିକଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ୪ ଦିନ ହେଲା ପୁରୀ-ଭୁବନେଶ୍ୱର ମଧ୍ୟରେ ବସ୍ ଚଳାଚଳ ବନ୍ଦ ରହିଥିଲେ ହେଁ ଦୁଇ ଜିଲା ପ୍ରଶାସନ ନୀରବ ରହିଛନ୍ତି। ପୁରୀର ବସ୍‌ଗୁଡିକୁ ମଙ୍ଗଳବାରଠାରୁ ଭୁବନେଶ୍ୱରରେ ପୂରାଇ ନ ଦେବା ପାଇଁ ଭୁବନେଶ୍ୱର ବସ୍ ମାଲିକ ସଂଘ ଧମକ ଦେଇଛି। ପୁରୀ-କଟକ ବସ୍ ଚଳାଚଳକୁ ସେମାନେ ବନ୍ଦ କରିବା ପାଇଁ ମଧ ଚେତାବନୀ ଦେଇଛନ୍ତି। ଭୁବନେଶ୍ୱର ବସ୍ ମାଲିକ ସଂଘର ଯୁଗ୍ମ ସମ୍ପାଦକ ଉପେନ୍ଦ୍ର ପ୍ରଧାନ କହିଛନ୍ତି, ପୁରୀ ବସ ମାଲିକ ସଂଘ ଆମର ୧୮ଟି ବସ୍‌କୁ ପୁରୀରେ ଅଟକ ରଖିଛନ୍ତି। ସେଥିପାଇଁ ଆମେ ମଧ ସେମାନଙ୍କ ବସ୍‌କୁ ଭୁବନେଶ୍ୱରକୁ ପୂରାଇ ଦେବୁନି। ପୁରୀ ଘରୋଇ ମାଲିକ ସଂଘ ସାଧାରଣ ସମ୍ପାଦକ ଲୋକନାଥ ପାଣି କହିଛନ୍ତି, ପୁରୀ ବସ୍ ମାଲିକଙ୍କ ୧୨ଟି ବସ୍‌କୁ ଭୁବନେଶ୍ୱର ମାଲିକମାନେ ଅଟକାଇ ରଖିଛନ୍ତି। ପୁରୀ-କଟକ ବସ୍‌କୁ ସେମାନେ ରବିବାର ଯିବାକୁ ଦେଇ ନ ଥିଲେ। ମଙ୍ଗଳବାର ପୁରୀ ଏସ୍‌ପି ଓ ଜିଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କରାଇବୁ।

### ବିଜ୍ଞାପନ ଟଙ୍କା ବାକି ରଖିଥିବା ଏଜେନ୍ସିକୁ ବିଏମ୍‌ସିର ନୋଟିସ୍

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

ବିଏମ୍‌ସିର ବିଜ୍ଞାପନ ଟଙ୍କା ବାକି ରଖିଥିବା ଏକ ବିଜ୍ଞାପନ ଏଜେନ୍ସିକୁ ବିଏମ୍‌ସି ଓଡ଼ିଶା ପବ୍ଲିକ୍ ଡିମାଣ୍ଡ ରିକଭରି ଆକ୍ଟ (ଓପିଡିଆର)-୧୯୬୨ ଅନୁସାରେ ସାର୍ଟିଫିକେଟ କେସ୍‌ରେ ନୋଟିସ୍ ଜାରି କରିଛି। ୩୦ଦିନ ମଧ୍ୟରେ ସମ୍ପୃକ୍ତ ଏଜେନ୍ସି ବକେୟା ଥିବା ୧୪,୫୧,୬୨୦ ଟଙ୍କା ବିଏମ୍‌ସି ପାଖରେ ଦାଖଲ କରିବାକୁ ନୋଟିସ୍‌ରେ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୋମବାର ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଶହୀଦନଗରସ୍ଥିତ ଏନ୍‌କନ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏହି ଏଜେନ୍ସି ସହରର ବିଭିନ୍ନ ସ୍ଥାନରେ ବିଜ୍ଞାପନ ଲଗାଉଥିଲା। ୨୦୧୫-୧୬ରେ ଏଜେନ୍ସି ୧୪,୫୧,୬୨୦ ଟଙ୍କା ବାକି ରଖିଥିଲା।

## ମାଇକ୍ରୋସଫ୍ଟରେ ନିଯୁକ୍ତି ପାଇଲେ ଗୀତମ୍‌ର ୫ ଛାତ୍ରୀଛାତ୍ର

ବିଶାଖାପାଟଣା, ୧୦।୯



ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟ(ଗୀତମ୍)ର ୫ଜଣ ଛାତ୍ରୀଛାତ୍ର ମାଇକ୍ରୋସଫ୍‌ଟରେ ନିଯୁକ୍ତି ପାଇଛନ୍ତି। କମ୍ପ୍ୟୁଟର ସାଇନ୍ସ ବିଭାଗରେ ଶେଷ ବର୍ଷରେ ଅଧ୍ୟୟନ କରୁଥିବା ଏହି ଛାତ୍ରୀଛାତ୍ର ହେଲେ ଏମ୍. ସୂର୍ଯ୍ୟା ସିନ୍ଧୁ, ଆର୍. ସାଲିନି, ବି. ଆଶୀର୍ଥ, ପି.ଇ. କ୍ରିଷ୍ଣା ପ୍ରଣିଥା ଏବଂ ରେନୋ ଫ୍ରାଙ୍କ୍‌ସିସ୍। ଏହି ମେଧାବୀ ଛାତ୍ରୀଛାତ୍ରଙ୍କୁ ମାଇକ୍ରୋସଫ୍ଟ ପକ୍ଷରୁ ୧୦.୨୫ ଲକ୍ଷ ଟଙ୍କାର ପାରିତୋଷିକ ପ୍ରଦାନ କରାଯିବ। ଆସୋସିଏଟ୍ କନ୍‌ସଲଟାଣ୍ଟ, ପ୍ରୋଜେକ୍ଟ ମ୍ୟାନେଜର ଭଳି ପଦବୀରେ ଏମାନେ କାର୍ଯ୍ୟ କରିବେ। ସେହିପରି ସୁସରଳ ସୂର୍ଯ୍ୟ ନାମକ ଆଉ ଜଣେ ଛାତ୍ରଙ୍କୁ ମାଇକ୍ରୋସଫ୍ଟରେ ଇଣ୍ଟର୍ନଶିପ୍ ପାଇଁ ସୁଯୋଗ ମିଳିଛି ବୋଲି ଗୀତମ ପକ୍ଷରୁ ପ୍ରକାଶ। ଅନୁଷ୍ଠାନର ସୂଚନା ଅନୁସାରେ ଗୀତମ୍‌ର ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ପାଇଁ ମାଇକ୍ରୋସଫ୍ଟ ୱାଇଜ୍(ଓମେନ୍ ଇନ୍ ସଫ୍ଟୱେର ଇଞ୍ଜିନିୟରିଂ) ନାମରେ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି ଅବସରରେ ଗୀତମର ଭାଇସ୍ ଚାନ୍ସେଲର ଏମ୍‌ଏସ୍ ପ୍ରସାଦ ରାଓ, ପ୍ରୋ ଭାଇସ୍ ଚାନ୍ସେଲର କେ. ଶୀବରାମ କ୍ରିଷ୍ଣନ, ରେଜିଷ୍ଟ୍ରାର ଏମ୍. ପୋଥାରାଜୁ ପ୍ରମୁଖ କୃତି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମହିଳାଙ୍କ ମୁହଁରେ ଲୋମ ଓ ପ୍ରଜନନଜନିତ ସମସ୍ୟା

ଡା. ଅକ୍ଷୟ ମହାପାତ୍ର



ଯେକୌଣସି ମହିଳାଙ୍କ ପାଇଁ ମୁଖରେ କେଶ ସମସ୍ୟା ଲଜ୍ଜାଜନକ, ଅବସାଦ ପରିସ୍ଥିତି ସୃଷ୍ଟି କରିଥାଏ। ବହୁ ଅଧ୍ୟୟନ ଏବଂ ଗବେଷଣାରୁ ଜଣାଯାଇଛି ଯେ, ୨୦୦ ଲକ୍ଷରୁ ଅଧିକ ମହିଳାଙ୍କ କ୍ଷେତ୍ରରେ ହିରସ୍ୟୁଟିଜିମ୍ (ମହିଳାଙ୍କ ଶରୀରରେ ଅତ୍ୟଧିକ କେଶ) ଦେଖାଯାଇଥାଏ । ଏହା ସେମାନଙ୍କ ଲୁକ୍ ଏବଂ ସୌନ୍ଦର୍ଯ୍ୟ ଉପରେ ପ୍ରଭାବ ପକାଇବା ବ୍ୟତୀତ ଏହି ପରିସ୍ଥିତି ବିଭିନ୍ନ ପୁଷ୍ଟିଗତ ସମସ୍ୟା ଏବଂ ବନ୍ଧ୍ୟାତ୍ୱ ସମସ୍ୟାର ସୂଚନା ମଧ୍ୟ ପ୍ରଦାନ କରିଥାଏ। ଉକ୍ତ ପରିସ୍ଥିତି ଯେକୌଣସି ହରମୋନ୍‌ଜନିତ ଅସନ୍ତୁଳନତା କିମ୍ବା ଅତ୍ୟଧିକ ହରମୋନ୍ ଉତ୍ପନ୍ନ ଯୋଗୁ ବୃଦ୍ଧି ପାଉଥିବା ଟ୍ୟୁମରର ସୂଚନା ପ୍ରଦାନ କରିଥାଏ।

ହିରସ୍ୟୁଟିଜିମ୍ ସମସ୍ୟା ପୁରୁଷ ହରମୋନ୍ ଟେଷ୍ଟୋଷ୍ଟେରନର ଅତ୍ୟଧିକ କ୍ଷରଣ ପାଇଁ ହୋଇଥାଏ । ହାଲୁକା ଏବଂ ନରମ ଫେସିଆଲ



ହେୟାରର ଉପସ୍ଥିତି କିଛି ମହିଳାଙ୍କ କ୍ଷେତ୍ରରେ ସାଧାରଣ ହୋଇଥିଲେ ମଧ୍ୟ ଗାଢ଼ ତଥା ମୋଟା କେଶ ହରମୋନ୍‌ଜନିତ ଅସନ୍ତୁଳନତାକୁ ଦର୍ଶାଇଥାଏ, ଯାହା ସମସ୍ୟା ସୃଷ୍ଟି କରିପାରେ । ମୁଖର ଥୋଡ଼ି, ତଳିପେଟ କିମ୍ବା ପଛ ପାଖରେ ଅଧିକ ଲୋମ ଥିବା ମହିଳାଙ୍କ ପାଖରେ ଅତ୍ୟଧିକ ପୁରୁଷ ହରମୋନ୍ ଆନ୍ଡ୍ରୋଜେନର ଉପସ୍ଥିତିକୁ ଦର୍ଶାଇଥାଏ, ଯାହା ଆଡ୍ରେନାଲ କିମ୍ବା କିଛି ଅଣ୍ଡକୋଷଜନିତ ରୋଗ ଦ୍ୱାରା ଉତ୍ପନ୍ନ ହୋଇଥାଏ । ଏହିପରି ପରିସ୍ଥିତି ମୋଟାପଣ ଏବଂ ଗର୍ଭଧାରଣ କ୍ଷମତା କମ୍ କରିବାରେ ସହାୟକ ହୋଇଥାଏ, ଯାହା ସାଧାରଣ ଭାବେ ଗର୍ଭଧାରଣରେ ବାଧା ସୃଷ୍ଟି କରିଥାଏ । ପଲିସିଷ୍ଟିକ ଓଭାରିଆନ ସିନ୍ଡ୍ରୋମ (ପିସିଓଏସ୍) ଏପରି ଏକ ସମସ୍ୟା, ଯାହା ମହିଳାଙ୍କ ମୁହଁରେ କେଶ ବୃଦ୍ଧି, ଡାଇବେଟିସ୍ ଏବଂ କାର୍ଡିଆକ୍ ସମସ୍ୟା ସହିତ ଅଧିକମାତ୍ରାରେ ଜଡିତ ରହିଥାଏ । ପିସିଓଏସ୍ ଅତ୍ୟଧିକ ଆନ୍ଡ୍ରୋଜେନର ଉପବିଭାଗ, ଯାହା ମହିଳାଙ୍କ କ୍ଷେତ୍ରରେ ହରମୋନ୍‌ଜନିତ ଅନିୟମିତତାର କାରଣ ଏବଂ ଜର୍ଜିଆ ହେଲ୍‌ଥ ସାଇନ୍ସ ୟୁନିଭର୍ସିଟିର ଗବେଷଣା ଅନୁଯାୟୀ ଏହା ପାଖାପାଖି ୧୦ ପ୍ରତିଶତ ମହିଳାଙ୍କ ଉପରେ ପ୍ରଭାବ ପକାଇଥାଏ । ହିରସ୍ୟୁଟିଜିମ ଏକ ଗୁରୁତ୍ୱପୂର୍ଣ୍ଣ ଚିହ୍ନ। ଏହା ଦର୍ଶାଇଥାଏ ଯେ, ମହିଳାଙ୍କ କ୍ଷେତ୍ରରେ ଅତ୍ୟଧିକ କେଶ ବୃଦ୍ଧି ହେତୁ ମେଟାବୋଲିକ ଅନିୟମିତତା, ଇନ୍ସୁଲିନର ରେଜିଷ୍ଟାଣ୍ଟ ଏବଂ ହୃଦ୍‌ରୋଗ ଇତ୍ୟାଦି ସମସ୍ୟା ସୃଷ୍ଟି ହୋଇପାରେ । ହାଇପର ଆଣ୍ଡ୍ରୋଜିନିଜମ୍‌ର ଓଭାରିଆନ କାରଣଗୁଡିକ ହେଉଛି ପିସିଓଏସ୍, କନ୍‌ଜେନେଟାଲ ଆଡ୍ରେନାଲ ହାଇପରପ୍ଲେସିଆ (ସିଏଚ୍‌ଏ) ଏବଂ ଅଣ୍ଡକୋଷ ଟ୍ୟୁମର। ଅନେକ କ୍ଷେତ୍ରରେ ଏହାର କାରଣଗୁଡିକ ଜଣା ପଡିନଥାଏ ଏବଂ ଯୌବନାବସ୍ଥା ପରେ ଏଷ୍ଟ୍ରୋଜେନ୍‌ର କ୍ଷରଣ କମ ହେବା ଏବଂ ଟେଷ୍ଟୋଷ୍ଟେରନର ଅତ୍ୟଧିକ ଉତ୍ପନ୍ନ ଦ୍ୱାରା ଧୀରେ ଧୀରେ ବୃଦ୍ଧି ପାଇଥାଏ ।



> ମୁଖର ଥୋଡ଼ି, ତଳିପେଟ କିମ୍ବା ପଛ ପାଖରେ ଅଧିକ ଲୋମ ଥିବା ମହିଳାଙ୍କ ପାଖରେ ଅତ୍ୟଧିକ ପୁରୁଷ ହରମୋନ ଆନ୍‌ଡ୍ରୋଜେନର ଉପସ୍ଥିତିକୁ ଦର୍ଶାଇଥାଏ, ଯାହା ଆଡ୍ରେନାଲ କିମ୍ବା କିଛି ଅଣ୍ଡକୋଷଜନିତ ରୋଗ ଦ୍ୱାରା ଉତ୍ପନ୍ନ ହୋଇଥାଏ । ଏହିପରି ପରିସ୍ଥିତି ମୋଟାପଣ ଏବଂ ଗର୍ଭଧାରଣ କ୍ଷମତା କମ୍ କରିବାରେ ସହାୟକ ହୋଇଥାଏ, ଯାହା ସାଧାରଣଭାବେ ଗର୍ଭଧାରଣରେ ବାଧା ସୃଷ୍ଟି କରିଥାଏ...

### କାରଣ

**ଆନୁବଂଶିକ:** ଏପରି ପରିସ୍ଥିତିରେ ପାରିବାରିକ ଇତିହାସ ବୃହତ୍ ସମସ୍ୟା ସୃଷ୍ଟି କରିଥାଏ । ତ୍ୱଚା ସମ୍ବେଦନଶୀଳତା ଅନ୍ୟ ଏକ ଆନୁବଂଶିକ ସମସ୍ୟା, ଯାହା ଦ୍ୱାରା ନିମ୍ନସ୍ତରର ଟେଷ୍ଟୋଷ୍ଟେରନ ଦ୍ୱାରା କୋର୍ସ ଏବଂ ମୋଟା କେଶର ବୃଦ୍ଧି ହୋଇଥାଏ ।

**ପଲିସିଷ୍ଟିକ ଓଭାରିଆନ ସିନ୍‌ଡ୍ରୋମ (ପିସିଓଏସ):** ପିସିଓଏସ ଥିବା ମହିଳାଙ୍କ କ୍ଷେତ୍ରରେ ଅଧିକ ଫେସିଆଲ ହେୟାର ରହିଥିବା ଦେଖାଯାଇଥାଏ ଏବଂ ଏହା ବହୁ କ୍ଷେତ୍ରରେ ସାଧାରଣ କାରଣ ଏବଂ ଖରାପ ପ୍ରଜନନ ଜନିତ ସ୍ୱାସ୍ଥ୍ୟ ଅବସ୍ଥାର ସୂଚନା ମଧ୍ୟ ପ୍ରଦାନ କରିଥାଏ । ପିସିଓଏସ୍ ଦ୍ୱାରା ଅଣ୍ଡକୋଷରେ ବହୁ କ୍ଷୁଦ୍ର ସିଷ୍ଟ ବିକଶିତ ହେବା ସହିତ ଅତ୍ୟଧିକ ମାତ୍ରାରେ ପୁରୁଷ ହରମୋନର ଉତ୍ପନ୍ନ ଦ୍ୱାରା ଅନିୟମିତ ଓଭ୍ୟୁଲେସନ, ଋତୁସ୍ରାବଜନିତ ଅନିୟମିତତା ଏବଂ ମୋଟାପଣ ଇତ୍ୟାଦି ସମସ୍ୟା ଦେଖାଯାଇଥାଏ ।

**ଅଣ୍ଡକୋଷଜନିତ ଟ୍ୟୁମର :** କିଛି କ୍ଷେତ୍ରରେ ଆଣ୍ଡ୍ରୋଜେନ ଦ୍ୱାରା ଉତ୍ପନ୍ନ ହେଉଥିବା ଓଭାରିଆନ ଟ୍ୟୁମର ଦ୍ୱାରା ହିରସ୍ୟୁଟିଜିମ୍ ସୃଷ୍ଟି ହୋଇଥାଏ ଏବଂ ଏହା ମଧ୍ୟ ଟ୍ୟୁମରର ତୀବ୍ର ବୃଦ୍ଧିରେ ସହାୟକ ହୋଇଥାଏ । ଏହା ମହିଳାଙ୍କ ମଧ୍ୟରେ ବିଭିନ୍ନ ପୁରୁଷଭିତ୍ତିକ କାର୍ଯ୍ୟକଳାପ ବୃଦ୍ଧି କରିବା ସହିତ ଗଭୀର କଣ୍ଠ ଏବଂ ବର୍ଦ୍ଧିତ କ୍ଲିଟୋରିସ ସୃଷ୍ଟି କରିଥାଏ ।

**ଆଡ୍ରେନାଲ ଅନିୟମିତତା :** ଆଡ୍ରେନାଲ ଗ୍ରନ୍ଥି ଯାହା ପ୍ରତ୍ୟେକ କିଡ୍‌ନୀର ଉପରିଭାଗରେ ଉପସ୍ଥିତ, ତାହା ମଧ୍ୟ ଆଣ୍ଡ୍ରୋଜେନ୍ ସୃଷ୍ଟି କରିଥାଏ । ଏହି ଗ୍ରନ୍ଥିଗୁଡିକର ଅଣସଠିକ କାର୍ଯ୍ୟକଳାପ ହିରସ୍ୟୁଟିଜମର ପରିଣାମ ଦେବା ସହିତ ଆନୁବଂଶିକ ଅନିୟମିତତା ତଥା କନ୍‌ଜେନେଟିଆଲ ଆଡ୍ରେନାଲ ହାଇପରପ୍ଲାସିଆ (ସିଏଚଏ)ର ସୃଷ୍ଟି କରିଥାଏ । ମହିଳାଙ୍କ କ୍ଷେତ୍ରରେ ଫେସିଆଲ ହେୟାର ସେମାନଙ୍କ ପ୍ରଜନନ ପ୍ରକ୍ରିୟାରେ ବିଭିନ୍ନ ସମସ୍ୟା ତଥା ପିସିଏଏସ୍, ସିଏଚ୍‌ଏ, ୟୁଟ୍ରେଇନ ପଲିପ୍ସର ସୂଚନା ପ୍ରଦାନ କରିଥାଏ, ଯାହା ଗର୍ଭଧାରଣରେ ବାଧାସୃଷ୍ଟି କରିବାର ଏକ ମୂଳ କାରଣଭାବେ ପରିଲକ୍ଷିତ ହୋଇଥାଏ ।

### ଡାକ୍ତର କିପରି ବିଶ୍ଳେଷଣ କରିବେ

**ପାରିବାରିକ ଇତିହାସ :** ଡାକ୍ତରମାନେ ଯୌବନପ୍ରାପ୍ତିର ବୟସ, ବୃଦ୍ଧି ପ୍ରକ୍ରିୟାର ହାର (ଶୀଘ୍ର କିମ୍ବା ଧୀର), ଅନ୍ୟାନ୍ୟ ଲକ୍ଷଣ ତଥା ଅନିୟମିତ ଋତୁସ୍ରାବ, ସ୍ତନ୍ୟରେ ଟିସୁର କ୍ଷୟ, ଲିବିଡିଓର ବୃଦ୍ଧି, ଓଜନ ହାସଲ କରିବାର ଇତିହାସ ଏବଂ ଡାଇବେଟିସର ପରୀକ୍ଷଣ କରିବା ଆବଶ୍ୟକ । ଓଭାରିଆନ ଓଜନ ପାଇଁ ତଳିପେଟର ପାପଲିଟେସନ ପରୀକ୍ଷଣ ମଧ୍ୟ କରିବା ଆବଶ୍ୟକ । ବହୁ ସେରମ ପ୍ରସ୍ତୁତକାରୀ ପରୀକ୍ଷଣ ହୋଇପାରେ।

**ଟେଷ୍ଟୋଷ୍ଟେରନ :** ଯଦି ଉକ୍ତ ସ୍ତର ସାଧାରଣ ସ୍ତରଠାରୁ ଅଳ୍ପ ପରିମାଣରେ ବୃଦ୍ଧି ପାଇଥାଏ, ତେବେ ପାଥୋଲୋଜି ପିସିଓଏସ୍ କିମ୍ବା ସିଏଚ୍‌ଏର ସୂଚନା ପ୍ରଦାନ କରିଥାଏ । ଯଦି ଭିନ୍ନତା ସାଧାରଣଠାରୁ ବହୁମାତ୍ରାରେ ଅଧିକ ହୋଇଥାଏ, ତେବେ ଏହା ମାଲିଗାଣ୍ଟ ଓଭାରିଆନ ଟ୍ୟୁମରର ସୂଚନା ପ୍ରଦାନ କରିଥାଏ ।

**ପୋଜିଷ୍ଟେରନ :** ଏହି ପରୀକ୍ଷଣଟି ସିଏଚ୍‌ଏର ଚିହ୍ନଟ ପାଇଁ ଋତୁସ୍ରାବ ସମୟର ପ୍ରାଥମିକ ଫଲିକୁଲାର ଫେଜରେ କରାଯାଇଥାଏ । ଏଲଏଚ କିମ୍ବା ଏଫ୍‌ଏସ୍‌ଏଚ୍ ଉଚ୍ଚ ମାତ୍ରାର ହରମୋନ ପିସିଓଏସ୍‌ର ସୂଚନା ପ୍ରଦାନ କରିଥାଏ ।

**ପ୍ରୋଲାକ୍ଟିନ :** ଯଦି ଏହି ହରମୋନର ସ୍ତର ବୃଦ୍ଧି ପାଇଛି ବୋଲି ଦେଖାଯାଏ, ତେବେ ରୋଗୀ ହାଇପର ପ୍ରୋଲାକ୍ଟିନେମିଆରେ ଆକ୍ରାନ୍ତ ବୋଲି ଆଶଙ୍କା କରାଯାଏ ।

**ସେରମ ଟିଏସ୍‌ଏଚ୍ :** ନିମ୍ନ ପରିମାଣର ଥାଇରଏଡ୍ ବୃଦ୍ଧି କରୁଥିବା ହରମୋନ ହାଇପୋଥାଇରୋଡିଜିମ ସୃଷ୍ଟି କରିବା ସହିତ ମହିଳାଙ୍କ କ୍ଷେତ୍ରରେ ପ୍ରଜନନ ଜନିତ ସମସ୍ୟାର କାରଣ ହୋଇଥାଏ ।

**ହିରସ୍ୟୁଟିଜମ୍ ଏବଂ ବନ୍ଧ୍ୟାତ୍ୱର ଚିକିତ୍ସା :** ପ୍ରଜନନଜନିତ ସ୍ୱାସ୍ଥ୍ୟର ଉପଚାର ଉପରେ ଗୁରୁତ୍ୱ ଦେବା ଉଚିତ। ତେଣୁ ଏହାର ପରିସ୍ଥିତି ଉପରେ ଏହାର ଚିକିତ୍ସା ନିର୍ଭର କରିଥାଏ । ଯଦି ଏହି ଅସୁବିଧା ପିସିଓସ୍ ଦ୍ୱାରା ହୋଇଥାଏ, ତେବେ ଔଷଧ ମାଧ୍ୟମରେ ଓଭ୍ୟୁଲେସନକୁ ବୃଦ୍ଧି କରିବା ଏହାର ପ୍ରାଥମିକ ଲକ୍ଷ୍ୟ। ମହିଳା ଗର୍ଭଧାରଣ କରିବାକୁ ଯୋଜନା କରୁଥିଲେ ପ୍ରତିଦିନ ଆଧାରରେ ଓରାଲ ଔଷଧୀକରଣ ଦ୍ୱାରା ଆଲ୍‌ଡୋଷ୍ଟେରୋନ ସ୍ତରକୁ କମ୍ କରାଯାଇପାରିବ। ଏହା ଟେଷ୍ଟୋଷ୍ଟେରେନ ସ୍ତରକୁ କମ କରିବା ସହିତ ପ୍ରଜନନ କ୍ଷମତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଯେଉଁ ମହିଳାମାନେ ହାଇପୋଥାଇରଡିଜିମର ଚିକିତ୍ସା ହେଉଥାନ୍ତି, ସେମାନଙ୍କ କ୍ଷେତ୍ରରେ ବନ୍ଧ୍ୟାତ୍ୱ ସଠିକ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଯଦି ହାଇପୋଥାଇରୋଡିଜିମ ପରେ ବନ୍ଧ୍ୟାତ୍ୱ ରହିଥାଏ, ତେବେ ବନ୍ଧ୍ୟାତ୍ୱର ଚିକିତ୍ସା ପାଇଁ ଅନ୍ୟାନ୍ୟ ଚିକିତ୍ସା କରିବା ଆବଶ୍ୟକ।

*-ଆଇଭିଏଫ୍ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ, ଭୁବନେଶ୍ୱର*
*ମୋ: ୯୫୬୬୮୪୧୩୦୬*

ଖାଦ୍ୟ ରୁଚି

## ଆଳୁ ମଟର ଟିକା

**ଆବଶ୍ୟକ ସାମଗ୍ରୀ–**

ଶିଝା ଆଳୁ (୪ଟା) , ଧନିଆ ପତ୍ର ଦୁଇ ଚାମଚ, ଲୁଣ ସ୍ୱାଦ ଅନୁସାରେ, ଶିଝା ହୋଇଥିବା ମଟର, ଅଧାକପ ଲୁଣ –ଚିନି ମିଶ୍ରିତ ପାଣି, ତେଲ (ସେକିବା ପାଇଁ), ଚଟଣି ଏବଂ କେଚଅପ୍ (ପରଷିବା ସମୟରେ)।

**ପ୍ରସ୍ତୁତି ପ୍ରଣାଳୀ–**

ପ୍ରଥମେ ଏକ ବାଓଲରେ ୪ଟି ଶିଝା ଆଳୁ ନିଅନ୍ତୁ। ଏହାପରେ ସେଥିରେ କଟା ହୋଇଥିବା ଧନିଆପତ୍ର ପକାଇ ଆଳୁ ସହ ମିଶାଇ ଭଲଭାବେ ଚକଟି ଦିଅନ୍ତୁ। ପରେ ସେଥିରେ ଚାମଚେ କଞ୍ଚାଲଙ୍କା ଏବଂ ସ୍ୱାଦ ଅନୁସାରେ ଲୁଣ ମିଶାଇ ପୁଣି ଭଲଭାବେ ଚକଟି ଦିଅନ୍ତୁ। ଏବେ ଏହି ମିଶ୍ରଣରେ





ଆବଶ୍ୟକ ମୁତାବକ ମଟର ମିଶାଇ ଟିକା ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ। ଏବେ ଏହି ଗୁଳାକୁ ଟିକେ ଚାପି ଟିକା ଆକାରରେ ଶେପ୍ ଦିଅନ୍ତୁ। ଏହାପରେ ଗ୍ୟାସ୍ ଚୁଲା ଲଗାଇ ସେଥିରେ ପ୍ୟାନ୍ ବସାଇ ତେଲ ଗରମ କରନ୍ତୁ। ତେଲ ଗରମ ହେଲାପରେ ସେଥିରେ ଟିକା ପକାଇ ଟିକେ ଗୋଲଡେନ୍ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ଫ୍ରାଏ ହୋଇଗଲା ପରେ ଆବଜର୍ବେଟର ପେପର ରଖିଦିଅନ୍ତୁ। ଏବେ ଆପଣଙ୍କ ଆଳୁ ମଟର ଟିକା ପ୍ରସ୍ତୁତ ହୋଇଗଲା। ଏହା ପ୍ରସ୍ତୁତ ହୋଇଗଲା ପରେ ତାକୁ ଚଟଣୀ କିମ୍ବା ଟମାଟୋ କେଚଅପ୍ ଦେଇ ପରଷନ୍ତୁ।

ଫ୍ୟାଶନ

## ଦୁପଟ୍ଟା କିଣୁଥିଲେ...



ଆଜିକାଲି ବଜାରରେ ବିଭିନ୍ନ ଡିଜାଇନ୍‌ର ଦୁପଟ୍ଟା ମିଳୁଛି। ବଦଳୁଥିବା ଫ୍ୟାଶନ୍ ଅନୁଯାୟୀ ନିଜକୁ ବଦଳାଇବା ମଧ୍ୟ ଜରୁରୀ। ଯେଉଁଭଳି ବଜାରରେ କୁର୍ତ୍ତିର ନୂଆ ଡିଜାଇନ୍ ଆସୁଛି, ସେମିତି ଦୁପଟ୍ଟାର ମଧ୍ୟ ବିଭିନ୍ନ ଡିଜାଇନ୍‌ର ଆସୁଛି। ଆଜି ଏଠାରେ ଆପଣଙ୍କୁ ଏମିତି କିଛି ଦୁପଟ୍ଟା ବିଷୟରେ କହୁଛୁ, ଯାହା ଆପଣଙ୍କୁ ସୁନ୍ଦର କରିବା ସହ ଫ୍ୟାଶନ୍ ଲୁକ୍ ମଧ୍ୟ ବଦଳାଇ ଦେଇଥାଏ।

**ସିଫନ୍ ଦୁପଟ୍ଟା :**
ଏହି ଦୁପଟ୍ଟାକୁ ଆପଣ କୌଣସି ଫଙ୍କଶନ୍‌ରେ ମଧ୍ୟ ପିନ୍ଧି ଯାଇପାରିବେ। ଏହା ପିନ୍ଧିବାକୁ ନରମ ଓ ହାଲୁକା ଲାଗେ, ଯାହାକୁ ସମ୍ଭାଳିବା ବହୁତ ସହଜ ଲାଗେ।

**ଭେଲ୍‌ଭେଟ୍ ଦୁପଟ୍ଟା:** ଏହି ଦୁପଟ୍ଟା ପିନ୍ଧିବା ଦ୍ୱାରା ଆପଣ କୌଣସି ବଡ଼୍ ଖାନ୍‌ଦାନ୍‌ର ବୋଲି ଲାଗିବେ। ଏହାକୁ ପିନ୍ଧିଲେ ଭାରି ଲାଗିଲେ ମଧ୍ୟ ଏହା ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥାଏ।

**କଲମକାରୀ:**
ଏହି ପ୍ରକାର ଦୁପଟ୍ଟା ସାଧାରଣତଃ ଭାରତ ଏବଂ ଇରାନ୍‌ରେ ଦେଖିବାକୁ ମିଳେ, ଯାହାକୁ ଆପଣ ଜିନ୍ସ କିମ୍ବା କୁର୍ତ୍ତିରେ ପକାଇପାରିବେ।

**ଏଲକଟ ଦୁପଟ୍ଟା:**
ଏହି ଦୁପଟ୍ଟା ସବୁଠୁ ଆରାମଦାୟକ ଲାଗେ, ଯାହାକୁ ଆପଣ କୌଣସି କଲେଜ୍ ଫଙ୍କଶନ୍‌ରେ ପକାଇ ପାରିବେ।

**ଚନ୍ଦେରି ଦୁପଟ୍ଟା:**
ଏହି ଦୁପଟ୍ଟା ସାଧାରଣତଃ ରେଶମ୍ ସୂତାରେ ପ୍ରସ୍ତୁତ ହୋଇଥାଏ, ଯାହାକୁ ଆପଣ କୌଣସି ଅକେଜନ୍‌ରେ ମଧ୍ୟ ପିନ୍ଧିପାରିବେ।



## କୋମଳ ରହିବ ହାତ

ହାତକୁ କିପରି କୋମଳ ରଖିବେ ଜାଣନ୍ତୁ ସେ ସମ୍ପର୍କରେ...

- ଏକ ପାତ୍ର ନେଇ ସେଥିରେ ଗ୍ଲିସେରିନ୍, ଗୋଲାପଜଳ, ଲେମ୍ବୁରସ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଦିନରେ ଦୁଇଥର ହାତରେ ଲଗାନ୍ତୁ। କିଛି ଦିନ ପରେ ହାତର ସ୍କିନ୍ କୋମଳ ହୋଇଯିବ।
- ପ୍ରତିଦିନ ବାଦାମ ତେଲରେ ହାତକୁ ମାଲିସ୍ କରନ୍ତୁ। ଏହି ତେଲରେ ମାଲିସ୍ କରିବା ଦ୍ୱାରା ହାତରେ ଥିବା ଡେଡ୍ ସ୍କିନ୍ ଦୂରେଇଯିବା ସହ ହାତ କୋମଳ ଲାଗେ।
- ମଲାଇରେ ଲାକ୍ଟିକ୍ ଏସିଡ୍ ରହିଛି, ଯାହା ସ୍କିନ୍‌କୁ ମୁଲାୟମ୍ କରିଥାଏ। ହାତକୁ ସଫ୍ଟ କରିବାକୁ ହେଲେ ଏକ ଚାମଚ ତାଜା ମଲାଇ ନିଅନ୍ତୁ। ଏଥିରେ ହାତକୁ ୧୦ ମିନିଟ୍ ପର୍ଯ୍ୟନ୍ତ ମସାଜ୍ କରନ୍ତୁ। ପରେ ନଖ ଉଷୁମ ପାଣିରେ ଧୋଇଦିଅନ୍ତୁ।
- ରାତିରେ ଶୋଇବା ପୂର୍ବରୁ ହାତକୁ ଆଲୋଭେରା ଜେଲ୍ ଲଗାଇ ମାଲିସ୍ କରନ୍ତୁ। ସକାଳୁ ଉଠି ହାତକୁ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ପ୍ରତିଦିନ ଏପରି କରିବା ଦ୍ୱାରା ହାତ ମୁଲାୟମ୍ ଲାଗିଥାଏ।
- ଏକ ପାତ୍ରରେ ନଖ ଉଷୁମ ପାଣି ନିଅନ୍ତୁ। ଏଥିରେ ମହୁ, ଲେମ୍ବୁରସ ମିଶାନ୍ତୁ। ଏବେ ଏହି ପାଣିରେ ୧୦ ମିନିଟ୍ ପର୍ଯ୍ୟନ୍ତ ହାତକୁ ବୁଡାଇ ରଖନ୍ତୁ। ଏପରି କରିବା ଦ୍ୱାରା ଶୁଷ୍କ ସ୍କିନ୍ ନରମ ହୋଇଯାଏ।

ସୌନ୍ଦର୍ଯ୍ୟ

Dollar 72.45 (72) | Sensex 37,922.17 (▼467.65) | Nifty 11,438.10 (▼151) | Gold 31,550.00 (▲₹200) | Silver 37,950.00 (▲₹175)



## ସଂକ୍ଷେପରେ

### ଦୀପକ କୋଚରଙ୍କୁ ସମନ

ନୂଆଦିଲ୍ଲୀ,୧୦-୯: ଭିଡିଓକନ୍‌କୁ ଋଣ ପ୍ରଦାନ ମାମଲାରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଆଇସିଆଇସିଆଇ ବ୍ୟାଙ୍କ ସିଇଓ ଚନ୍ଦା କୋଚରଙ୍କ ସ୍ୱାମୀ ଦୀପକ କୋଚରଙ୍କୁ ହାଜର ହୋଇ ଜେରାର ସମ୍ମୁଖୀନ ହେବାକୁ ସମନ ଜାରି କରିଛନ୍ତି। ଦୀପକଙ୍କ କମ୍ପାନୀ ନ୍ୟୁପାୱାର ରିନ୍ୟୁଏବଲ୍ସ ଓ ନ୍ୟୁପାୱାର ୱିଣ୍ଡ ନାମକ ଦୁଇଟି କମ୍ପାନୀରେ ଭିଡିଓକନ ଗ୍ରୁପ ମାଲିକ ବେଣୁଗୋପାଳ ଧୁତ୍ ଆଇସିଆଇସିଆଇ ବ୍ୟାଙ୍କରୁ ନେଇଥିବା ଋଣର କିଛି ଅର୍ଥ ନିବେଶ କରିଥିଲେ ବୋଲି ଅଭିଯୋଗ ହୋଇଛି। ଇତିମଧ୍ୟରେ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଦୁଇ କମ୍ପାନୀର ଆକାଉଣ୍ଟସ ଯାଞ୍ଚ କରାଯାଉଛି।

#### ପିଏନ୍‌ବି ମହାଦୁର୍ନୀତି

### ନୀରବଙ୍କ ଭଉଣୀ ବିରୋଧରେ ରେଡକର୍ଣ୍ଣର ନୋଟିସ

ନୂଆଦିଲ୍ଲୀ,୧୦-୯: ପିଏନ୍‌ବି ମହାଦୁର୍ନୀତି ମାମଲାରେ ଇଣ୍ଟରପୋଲ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ଭଉଣୀ ତଥା ବେଲଜିଅମ ନାଗରିକ ପୂରବୀ ମୋଦିଙ୍କ ବିରୋଧରେ ରେଡକର୍ଣ୍ଣର ନୋଟିସ ଜାରି କରିଛି ବୋଲି ସୋମବାର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଅନୁରୋଧ କରାଯିବା ପରେ ମନି ଲଣ୍ଡରିଂ ମାମଲାରେ ୪୪ ବର୍ଷୀୟା ପୂରବୀ ଦୀପକ ମୋଦିଙ୍କ ବିରୋଧରେ ଇଣ୍ଟରପୋଲ ରେଡକର୍ଣ୍ଣର ନୋଟିସ ଜାରି କରିଛି। ଉକ୍ତ ମାମଲାରେ ପୂରବୀଙ୍କୁ ଯାଞ୍ଚରେ ସହଯୋଗ କରିବାକୁ ଇଡି ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଇଥିବା ସତ୍ତ୍ୱେ ସେ ଆସି ନ ଥିଲେ। ନିୟମ ଅନୁଯାୟୀ ଇଣ୍ଟରପୋଲ୍‌ର ରେଡକର୍ଣ୍ଣର ନୋଟିସ ଜାରି ହେବା ଅର୍ଥ ଏହାର ୧୯୨ ସଦସ୍ୟ ରାଷ୍ଟ୍ର ପଳାତକଙ୍କୁ ଗିରଫ କରିବାକୁ ବାଧ୍ୟ। ଗିରଫ ହେବା ପରେ ତାଙ୍କୁ ସମ୍ପୃକ୍ତ ଦେଶକୁ ପ୍ରତ୍ୟର୍ପଣ କରାଯାଇଥାଏ।

### ତେଲ ଉପରୁ ଉତ୍ପାଦ ଶୁଳ୍କ ହ୍ରାସକୁ ସରକାରଙ୍କ ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ,୧୦-୯: ଦେଶରେ ତୈଳ ଦରବୃଦ୍ଧି ପ୍ରତିବାଦରେ ସୋମବାର କଂଗ୍ରେସ ଓ କେତେକ ବିରୋଧୀ ଦଳ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଉତ୍ପାଦ ଶୁଳ୍କ(ଏକ୍ସାଇଜ ଡ୍ୟୁଟି) କମାଇ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଦର ହ୍ରାସ କରନ୍ତୁ ବୋଲି ବିରୋଧୀ ଦଳଗୁଡିକ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହା ସମ୍ଭବ ନୁହେଁ ବୋଲି ସରକାର ସୋମବାର ସ୍ପଷ୍ଟ କରିଛନ୍ତି। ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ବିତ୍ତୀୟ ନିଅଣ୍ଟ ହ୍ରାସ ପାଇବାକୁ ଦୃଷ୍ଟିରେ ରଖି ସରକାର ତେଲ ଉପରୁ ଉତ୍ପାଦ ଶୁଳ୍କ ହ୍ରାସ କରିପାରିବେ ନାହିଁ। ତା'ଛଡା ବିହାର, କେରଳ ଏବଂ ପଞ୍ଜାବ ବିକ୍ରି କର କିମ୍ବା ଭାଟ୍ ହ୍ରାସ କରିବା ସ୍ଥିତିରେ ନାହାନ୍ତି। ଆଗାମୀ ଦିନରେ ତେଲ ଦର ହ୍ରାସ ପାଇବ ବୋଲି ସରକାର ମନେ କରୁଛନ୍ତି। ବୃଦ୍ଧି ପାଉଥିବା ତେଲ ଦରକୁ ନେଇ ଅଧିକାରୀ ଜଣକ ରୋକ୍‌ଠୋକ୍ ଶୁଣାଇ କହିଛନ୍ତି ଯେ, ଏହାର ବ୍ୟବହାରକାରୀଙ୍କୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ହିଁ ପଡିବ। ଉତ୍ପାଦ ଶୁଳ୍କ ହ୍ରାସ ଯୋଗୁ ଉନ୍ନୟନ ଖର୍ଚ୍ଚ କମିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

> ଦେଶରେ ଚିନି ଉତ୍ପାଦନ ବଢୁଛି। ଚିନି ଷ୍ଟକ୍‌କୁ ଠିକ ଢଙ୍ଗରେ ପରିଚାଳନା ଲାଗି ବିକଳ୍ପ ଚିନ୍ତାଧାରାର ଆବଶ୍ୟକତା ରହିଛି।
> – ଶରଦ ପାୱାର, ଏନ୍‌ସିପି ସୁପ୍ରିମୋ



> ପେଟ୍ରୋଲ ଓ ଡିଜେଲ୍‌କୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଗଲେ ଦେଶରେ ତୈଳଦର ହ୍ରାସ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି।
> – ଉଦୟ କୁମାର ବର୍ମା, ମହାସଚିବ, ଆସୋଚାମ



### ଟଙ୍କାକୁ ନେଇ ଶେଷରେ ଚେତିଲେ

# ଏନ୍‌ଆର୍‌ଆଇଙ୍କ ସାହାରା ନେବେ ସରକାର

ନୂଆଦିଲ୍ଲୀ,୧୦-୯

ଡଲାର ତୁଳନାରେ ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସକୁ ନେଇ କେନ୍ଦ୍ର ସରକାରଙ୍କ ମୁଣ୍ଡରେ ଚିନ୍ତା ପଶିଛି। ଏହି ସଙ୍କଟରୁ ବାହାରିବା ଲାଗି ସରକାର ଏବେ ପ୍ରବାସୀ ଭାରତୀୟ(ଏନ୍‌ଆର୍‌ଆଇ)ଙ୍କ ସହାୟତା ନେବାକୁ ଅଣ୍ଟା ଭିଡିଛନ୍ତି। ଏଦିଗରେ ଭାରତୀୟ ରିଜର୍ଭ ବ୍ୟାଙ୍କର ମଧ୍ୟ ସମର୍ଥନ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଟଙ୍କା ଏବେ ଏସିଆରେ ସବୁଠୁ ଖରାପ ପ୍ରଦର୍ଶନ କରିଛି। ସୋମବାର ଟଙ୍କାର ମୂଲ୍ୟ ହ୍ରାସକୁ ହିସାବକୁ ନେଲେ ଅଦ୍ୟାବଧି ଏଥିରେ ୧.୩% ହ୍ରାସ ହୋଇଛି। ଆମଦାନୀକାରୀଙ୍କ ପକ୍ଷରୁ ଡଲାର ଚାହିଦା ବଢ଼ିବା କାରଣରୁ ଟଙ୍କାର ମୂଲ୍ୟ ସୋମବାର ୭୨.୫୦ ସ୍ତର ପାର୍ କରିଯାଇଥିଲା। ଆମେରିକାରେ ଅଧିକ ନିଯୁକ୍ତି ସୃଷ୍ଟି ହେବ ବୋଲି ସୂଚନା ମିଳିବା ପରେ ଅନ୍ୟ ବିଦେଶୀ ମୁଦ୍ରା ତୁଳନାରେ ଡଲାର ଦିନକୁ ଦିନ ଅଧିକ ମଜଭୁତ ହେବାରେ ଲାଗିଛି। ଜଣେ ସରକାରୀ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ସରକାର ଏବେ ଏନ୍‌ଆର୍‌ଆଇଙ୍କ ସହାୟତାରେ ଚଳନ୍ତି ଜମା ନିଅଣ୍ଟ ଓ ବାଣିଜ୍ୟ ନିଅଣ୍ଟକୁ ସମ୍ଭାଳିବାକୁ ଚାହାନ୍ତି। ଏହାଦ୍ୱାରା ବର୍ଦ୍ଧିତ ତେଲ ଦର ଜନିତ ନିଅଣ୍ଟ ପରିମାଣକୁ ଅନେକାଂଶରେ ରୋକାଯାଇପାରିବ। ୨୦୧୩ରେ ଉପା ସରକାର ବେଳେ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳେ ସରକାର ଡିସ୍‌କାଉଣ୍ଟେଡ ଫରେନ୍ କରେନ୍ସି ସ୍ୱାପ୍ ବା ବିଦେଶୀ ମୁଦ୍ରା ଅଦଳବଦଳରେ ଦିଆଯାଉଥିବା ଛାଡ ସହାୟତାରେ ଏନ୍‌ଆର୍‌ଆଇଙ୍କ ଠାରୁ ୩୪ ବିଲିୟନ ଡଲାର ଆଣିପାରିଥିଲେ। ଏହାଦ୍ୱାରା ସେତେବେଳେ ସର୍ବକାଳୀନ ନିମ୍ନ ସ୍ତରକୁ ଚାଲିଯାଇଥିବା ଟଙ୍କା ସମ୍ଭାଳିଥିଲା। ଇତିମଧ୍ୟରେ ଟଙ୍କାର ମୂଲ୍ୟକୁ ସ୍ଥିର ରଖିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ମଝିରେ ମଝିରେ ଡଲାର ବିକ୍ରି କରିଛନ୍ତି। ଫଳରେ ଦେଶର ମୁଦ୍ରା ଭଣ୍ଡାର ୪୨୬ ବିଲିୟନ ଡଲାରରୁ ହ୍ରାସ ପାଇ ୪୦୦ ବିଲିୟନ ଡଲାରରେ ପହଞ୍ଚିଛି। ଶୁକ୍ରବାର ଦେଶର ଚଳନ୍ତି ଜମା ନିଅଣ୍ଟ ପରିମାଣ ବୃଦ୍ଧି ପାଇ ୫ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବାଣିଜ୍ୟ ନିଅଣ୍ଟ ପରିମାଣ ବୃଦ୍ଧି ପାଉଥିବାରୁ ଏଥିରୁ ଏବେ ନିସ୍ତାର ମିଳିବାର ସମ୍ଭାବନା କମ୍। ଚଳିତ ସପ୍ତାହରେ ରପ୍ତାନି ଡାଟା ପ୍ରକାଶ ପାଇବାକୁ ଯାଉଛି,ଯେଉଁଥିରେ ତୈଳ ଆମଦାନୀ କାରଣରୁ ବାଣିଜ୍ୟ ନିଅଣ୍ଟ ତଥା ଚଳନ୍ତି ଜମା ନିଅଣ୍ଟ ପରିମାଣ ଯେ ବଢ଼ିବ ଏହା ନିଶ୍ଚିତ। ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଦେଶର ତୈଳ ଆମଦାନୀ ବିଲ୍ ୭୬% ବୃଦ୍ଧି ପାଇଛି।



- ୨୦୧୩ରେ ଟଙ୍କା କ୍ରମାଗତ ହ୍ରାସ ପାଉଥିଲା
- ଏନଆର୍‌ଆଇଙ୍କଠାରୁ ଅଧିକ ଡଲାର ଆଣିବା ଯୋଜନା
- ଚଳନ୍ତି ଜମା ନିଅଣ୍ଟ ୫ ବର୍ଷର ସର୍ବାଧିକ ସ୍ତରରେ

### ଆଉ ଏକ ରେକର୍ଡ ଭାଙ୍ଗିଲା ଟଙ୍କା

ନୂଆଦିଲ୍ଲୀ,୧୦-୯: ସୋମବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୭୨ ପଇସା ହ୍ରାସ ପାଇ ୭୨.୪୫ରେ ବନ୍ଦ ହୋଇ ଆଉ ଏକ ରେକର୍ଡ କରିଛି। ଚାଇନା ଓ ଆମେରିକା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଅଧିକ ଗଭୀର ହେବ ବୋଲି ଆଶଙ୍କା ପ୍ରକାଶ ପାଇବା, ସରକାରଙ୍କ ଚଳନ୍ତି ଜମା ନିଅଣ୍ଟ ପରିମାଣ ବଢ଼ିବା,ଅଶୋଧିତ ତେଲ ଦର ବୃଦ୍ଧି ଆଦି ଟଙ୍କାର ମୂଲ୍ୟ ହ୍ରାସର ମୁଖ୍ୟ କାରଣ ବୋଲି କୁହାଯାଉଛି। ଶୁକ୍ରବାର ଟଙ୍କାର ମୂଲ୍ୟ ୭୧.୭୩ ଥିବାବେଳେ ଏହା ସୋମବାର ଏକ ସମୟରେ ୭୨.୬୭କୁ ଖସି ଆସିଥିଲା। ତେବେ ଏହା ୭୨.୪୫ରେ ବନ୍ଦ ହୋଇଥିଲା।

ଆଦିତ୍ୟ ଗ୍ରୁପ୍। ଅଟୋମୋବାଇଲ୍ କ୍ଷେତ୍ରରେ ଓଡିଶାରେ ଏକ ପରିଚିତ ଏବଂ ବହୁଳ ଆଦୃତ ଡିଲରଶିପ୍ ନେଟ୍‌ୱର୍କ। ହୋଣ୍ଡା, ହ୍ୟୁଣ୍ଡାଇ ଏବଂ ମହିନ୍ଦ୍ରା ଭଳି ତିନି ପ୍ରମୁଖ କମ୍ପାନୀ ସହିତ ଜଡିତ ଏହି ଗ୍ରୁପ୍ 'ଆଦିତ୍ୟ କାର୍ ଅଟୋମୋଟିଭ୍ ପ୍ରାଇଭେଟ୍ ଲିମିଟେଡ୍' ନାମରେ ୨୦୦୪ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏହାର ପ୍ରାଣ ପ୍ରତିଷ୍ଠାତା ଥିଲେ ପଦ୍ମଚରଣ ପାତ୍ର। ନିଜ ପୁତ୍ର ଆଦିତ୍ୟ ପାତ୍ରଙ୍କ ନାମରେ ସେ ଏହି କମ୍ପାନୀକୁ ଆରମ୍ଭ କରିଥିବା ବେଳେ ଆଜି ନିଜେ ଆଦିତ୍ୟ ଏହି କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ଭାବେ ଗୁରୁ ଦାୟିତ୍ୱ ତୁଲାଉଛନ୍ତି। ଦୀର୍ଘ ୧୫ ବର୍ଷ ଧରି ଏହି କମ୍ପାନୀ କିପରି ଅଗ୍ରସର ହେଉଛି ସେ ସମ୍ପର୍କରେ ନିଜେ ଆଦିତ୍ୟ ପାତ୍ର ଯାହା କୁହନ୍ତି...



ଆଦିତ୍ୟ ପାତ୍ର

# ନିଜେ ବଞ୍ଚିବା ସହ ଅନ୍ୟକୁ ବଞ୍ଚିବାର ରାହା ଦେଖାଏ

**ଆଦିତ୍ୟ ଗ୍ରୁପ୍‌ର ଆରମ୍ଭ କିପରି?**

ହୋଣ୍ଡା କାର୍ସ, ମହିନ୍ଦ୍ରା ଅଟୋମୋଟିଭ୍ ଏବଂ ହ୍ୟୁଣ୍ଡାଇ କାର୍ସ ଭଳି ତିନି ପ୍ରମୁଖ ବ୍ରାଣ୍ଡ ଆମ ଗ୍ରୁପ୍‌ରେ ରହିଛି। ଆଜିକା ସମୟରେ ୟୁଜ୍‌ଡ କାର ପ୍ରତି ଲୋକମାନେ ଆଗ୍ରହ ପ୍ରକାଶ କରୁଥିବାରୁ ଆମେ ଏହାକୁ ଗୁରୁତ୍ୱ ଦେଉଛୁ। ଏଥି ସହିତ ଆମର ପେଟ୍ରୋଲିୟମ ଉତ୍ପାଦ ବିକ୍ରି କ୍ଷେତ୍ରରେ ମଧ୍ୟ ପ୍ରବେଶ ରହିଛି। ହୋଣ୍ଡା କାର୍ ପାଇଁ ଆମେ ପ୍ରଥମେ ହାଇୱେ ହୁଣ୍ଡା ନାମରେ ଶୋ'ରୁମ୍ ଆରମ୍ଭ କରିଥିଲୁ। ପରେ ୨୦୦୭ ରେ ମହିନ୍ଦ୍ରା ସହିତ ଜଡିତ ହେଲୁ ଏବଂ ୨୦୧୧ରେ ହ୍ୟୁଣ୍ଡାଇ କାର୍ ସହିତ ମଧ୍ୟ କାରବାର ଆରମ୍ଭ କଲୁ। ଆଗକୁ ମଧ୍ୟ ଅନ୍ୟ ପ୍ରମୁଖ ଯାନ ନିର୍ମାତାଙ୍କ ସହ ଜଡ଼ିତ ହେବା ପାଇଁ ଆଗ୍ରହ ରଖିଛୁ।

**ୟୁଜ୍‌ଡ୍ କାର ବ୍ୟବସାୟରେ ବର୍ତ୍ତମାନର ଧାରା କିପରି ?**

ଏବେ ପ୍ରତି ୧୦୦ଟି ଯାନ ବିକ୍ରିରେ ୨୫ ରୁ ୩୦% ୟୁଜ୍‌ଡ୍ କାର୍‌ର ସମ୍ପୃକ୍ତି ରହୁଛି। ଅର୍ଥାତ ଯିଏ ନୂଆ ଯାନ କିଣିବାକୁ ଚାହୁଁଛନ୍ତି ସେମାନଙ୍କ ମଧ୍ୟରୁ ୧୦୦ରେ ପାଖାପାଖି ୩୦ ଜଣ ପୁରୁଣା ଯାନ ବଦଳରେ ହିଁ ନୂଆ ଯାନ କ୍ରୟ ପାଇଁ ପସନ୍ଦ କରୁଛନ୍ତି। ସେଥିପାଇଁ ଆମେ ୟୁଜ୍‌ଡ୍‌କାର ଡିଭିଜନ ବ୍ୟବସ୍ଥା କରିଛୁ। ପୂର୍ବରୁ ଏ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିଲା। କାରଣ ଜଣେ ଯଦି ଚାହୁଁ ଥିଲା ପୁରୁଣା ଗାଡି ବିକ୍ରି କରି ନୂଆ ଗାଡି କିଣିବା ପାଇଁ, ସେତେବେଳେ ନିଜେ ଗ୍ରାହକ ଯୋଗାଡ କରୁଥିଲା ବା କୌଣସି ବ୍ରୋକରର ସହାୟତା ନେଉଥିଲା। ଏବେ ଏଥିରେ ବ୍ୟବସ୍ଥିତ ହୋଇଛି।

**ଆପଣଙ୍କ ଗ୍ରୁପ୍‌ର ଅବସ୍ଥିତି ତଥା ବିସ୍ତୃତି ସମ୍ପର୍କରେ?**

ବର୍ତ୍ତମାନ ଆମେ ହୋଣ୍ଡା କାର୍ସ ପାଇଁ ଚାରୋଟି ଶୋ'ରୁମ୍‌ରେ ପରିଚାଳିତ ହେଉଛୁ। ସେଥି ମଧ୍ୟରୁ ଭୁବନେଶ୍ୱରରେ ଦୁଇଟି ଶୋ'ରୁମ୍ ସହିତ କଟକ ଏବଂ ଯାଜପୁରରେ ଗୋଟିଏ ଲେଖାଏ ଶୋ'ରୁମ୍ ରହିଛି। ସେହିପରି ହ୍ୟୁଣ୍ଡାଇ କ୍ଷେତ୍ରରେ ନୟାଗଡ, ପୁରୀ, ଭୁବନେଶ୍ୱରର ତମାଣ୍ଡୋ ଏବଂ ଲୁଇସ୍ ରୋଡରେ ଗୋଟିଏ ଲେଖାଏ ଶୋ'ରୁମ୍ ରହିଛି। ଏବେ ଉତ୍ତରା ଛକ ପାଖରେ ଆଉ ଏକ ଶୋ'ରୁମ୍ ନିର୍ମାଣ ଚାଲିଛି। ଏହା ଅକ୍ଟୋବର ସୁଦ୍ଧା ଉନ୍ମୋଚନ ହେବ। ମହିନ୍ଦ୍ରା ପାଇଁ ୫ଟି ସେଲ୍‌ସ ପ୍ଲସ୍ ସର୍ଭିସ୍ ସେଣ୍ଟର ରହିଥିବା ବେଳେ କେବଳ ୧୫ଟି ସେଲ୍ ସେଣ୍ଟର ରହିଛି, ଯାହାକି ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ପୁରୀ, ନୟାଗଡ ଏବଂ ଯାଜପୁର ଜିଲ୍ଲାକୁ ବିସ୍ତୃତ।

**ଆଗକୁ ଯୋଜନା କ'ଣ ରହିଛି?**

ଆମେ ସର୍ବଦା ଭଲ ସୁଯୋଗକୁ ପ୍ରାଧାନ୍ୟ ଦେଉଛୁ। ଯୋଉଠି ବଡ କାମ କରିବା ପାଇଁ ସୁଯୋଗ ମିଳିବ ସେଠି ଆମେ ଆଗଭର ହେବୁ। ଦୀର୍ଘ ୧୫ ବର୍ଷ ଧରି ଯେମିତି ଲୋକଙ୍କ ପ୍ରିୟଭାଜନ ହୋଇ ପାରିଛୁ ଆଗାମୀ ଦିନରେ ମଧ୍ୟ ସେହି ଧାରାକୁ ଆହୁରି ମଜ୍‌ଭୁତ୍ କରିବୁ। ବାପା ମୋ ନାମରେ ଏହି କମ୍ପାନୀ ଆରମ୍ଭ କରିବା ବେଳୁ ସର୍ବଦା ଚାହାନ୍ତି କର୍ମଚାରୀଙ୍କ ଖୁସି। ସେମାନଙ୍କ ଉନ୍ନତି ତଥା ସୁଖ ଦୁଃଖରେ ଆମେ ସର୍ବଦା ଭାଗୀଦାରି ହେବାକୁ ଚାହୁଁ। ବାପା ଚାହାନ୍ତି ନିଜେ ବଞ୍ଚିବା ସହିତ ଆଉ ୫ ଜଣ କିପରି ମୋ ଦ୍ୱାରା ଉପକୃତ ହୁଅନ୍ତୁ। ଆରମ୍ଭରୁ ଏହି ଲକ୍ଷ୍ୟ ଆମର ରହି ଆସିଛି। ବାପାଙ୍କ ଏହି ଭାବଧାରାକୁ ଆଦିତ୍ୟ ଗ୍ରୁପ୍ ସର୍ବଦା ସମ୍ମାନର ସହ ପାଳନ କରିବ।

## ଯାଜପୁର ରୋଡ୍‌ରେ ନୂଆ ଶୋ'ରୁମ୍ ଖୋଲିଲା ଭି୨




ଭୁବନେଶ୍ୱର,୧୦-୯

ପୁରୁଷ, ମହିଳା ତଥା ଶିଶୁଙ୍କ ପାଇଁ ଆକର୍ଷଣୀୟ ପୋଷାକର ସମ୍ଭାର ସହିତ ଦେଶର ପ୍ରମୁଖ ରିଟେଲ୍ ଚେନ୍ 'ଭି୨ ରିଲେଟ୍ ଲିମିଟେଡ୍' ଯାଜପୁର ରୋଡ୍‌ସ୍ଥିତ ଚୋରଦା ଛକରେ ରବିବାର ଏହାର ନୂତନ ଶୋ'ରୁମ୍ ଉଦ୍‌ଘାଟନ କରିଛି। ଆଗକୁ ପୂଜା ଋତୁ ଆସୁଥିବା ବେଳେ ଏହି ନୂତନ ଶୋ'ରୁମ୍ ସ୍ଥାନୀୟ ଗ୍ରାହକଙ୍କୁ ବିଭିନ୍ନ ବ୍ରାଣ୍ଡର ନୂଆ ନୂଆ କଲେକ୍ସନ କ୍ରୟ କରିବାର ସୁଯୋଗ ଦେବ ଏବଂ ଆକର୍ଷଣୀୟ ଅଫର୍ ମଧ୍ୟ ପ୍ରଦାନ କରିବ ବୋଲି କମ୍ପାନୀ ପ୍ରକାଶ କରିଛି। ଏହି ଅବସରରେ କମ୍ପାନୀର ଏରିଆ ମ୍ୟାନେଜର ସତ୍ୟପ୍ରିୟ ପଣ୍ଡା, ରିଜିଓନାଲ୍ ମ୍ୟାନେଜର ଦୀପକ ଜେନା ଏବଂ ବିଜ୍‌ନେସ୍ ହେଡ୍ ଶକ୍ତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀର ସୂଚନା ଅନୁସାରେ ଗଣେଶ ପୂଜା ଉପଲକ୍ଷେ ଗ୍ରାହକଙ୍କୁ ୧୨୦୦ ଟଙ୍କାର କ୍ରୟରେ ଏଲ୍‌ଇଡି ବଲ୍‌ବ, ୨୯୯୯ ଟଙ୍କାର କ୍ରୟରେ ନନ୍‌ଷ୍ଟିକ୍ ତାୱା, ୫୯୯୯ ଟଙ୍କା କ୍ରୟରେ ଡିନର ସେଟ୍ ଏବଂ ୭୯୯୯ ଟଙ୍କାର କ୍ରୟରେ ଜୁସର ମିକ୍ସର ଆଦି ଉପହାର ପ୍ରଦାନ କରାଯିବ। ସେହିପରି ୯୯୯ ଟଙ୍କା କ୍ରୟରେ ଲକି ଡ୍ର କୁପନ ମାଧ୍ୟମରେ କାର୍, ବାଇକ୍, ଏଲ୍‌ଇଡି ଟିଭି ଆଦି ଆକର୍ଷଣୀୟ ଉପହାରର ସୁଯୋଗ କହିଛି। ଆଗାମୀ ଦିନରେ ଭି୨ ରାଉରକେଲା, ପାରାଦୀପ, ବାଲେଶ୍ୱର, ସମ୍ବଲପୁର ଆଦି ପ୍ରମୁଖ ସହରରେ ଶୋ'ରୁମ୍ ଖୋଲିବାକୁ ଯୋଜନା ରଖିଛି ବୋଲି କମ୍ପାନୀ ପ୍ରକାଶ କରିଛି। ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ଯାଜପୁର ରୋଡ ଆଇଆଇସି ଅମିତାଭ ମହାପାତ୍ର, ସ୍ଥାନୀୟ ବ୍ୟାସନଗର ପୌରାଧ୍ୟକ୍ଷା ସବିତା ରାଉତ ଏବଂ ଉପନଗରପାଳ ସୁବାସ ବଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ଅନ୍ତର୍ଜାତୀୟ ପାର୍ସଲ ବୁକିଂ

## ଆଧାର ବାଧ୍ୟତାମୂଳକ ନୁହେଁ: ଇଣ୍ଡିଆ ପୋଷ୍ଟ

ନୂଆଦିଲ୍ଲୀ,୧୦-୯: ଅନ୍ତର୍ଜାତୀୟ ପାର୍ସଲ ବୁକିଂ ବେଳେ ଆଧାର କାର୍ଡ ଦର୍ଶାଇବା ବାଧ୍ୟତାମୂଳକ ନୁହେଁ ବୋଲି ଇଣ୍ଡିଆ ପୋଷ୍ଟ ସ୍ପଷ୍ଟ କରିଛି। ପରିଚୟ ଲାଗି ଏହା କେବଳ ଏକ ଦସ୍ତାବିଜ ହେବ ବୋଲି କୁହାଯାଇଛି।

ଦିଲ୍ଲୀ ସର୍କଲର ଚିଫ୍ ପୋଷ୍ଟମାଷ୍ଟର ଜେନେରାଲଙ୍କ ଏକ ଟୁଇଟ୍ ପରେ ଉପୁଜିଥିବା ଆଶଙ୍କାକୁ ଦୂର କରି ଇଣ୍ଡିଆ ପୋଷ୍ଟ କହିଛି ଯେ, ସୁରକ୍ଷା କାରଣରୁ ଅନ୍ତର୍ଜାତୀୟ ପାର୍ସଲ କିମ୍ବା ଅନ୍ତର୍ଜାତୀୟ ଇଏମ୍‌ଏସ୍( ମର୍ଚ୍ଚାଣ୍ଡାଇଜ) ବୁକିଂ ବେଳେ ପରିଚୟପତ୍ରକୁ ଉପସ୍ଥାପନ କରାଯିବା ବାଧ୍ୟତାମୂଳକ। ପରିଚୟପତ୍ର ଭାବେ ଡ୍ରାଇଭିଂ ଲାଇସେନ୍ସ, ପାସ୍‌ପୋର୍ଟ, ଭୋଟର ଆଇଡି ଇତ୍ୟାଦି ଗ୍ରହଣ କରାଯାଉଥିବା ବେଳେ ଆଧାରକୁ ସେହିଭଳି ଏକ ପରିଚୟପତ୍ର ଭାବେ ଗ୍ରହଣ କରାଯିବ। ଏହାକୁ ପାର୍ସଲ ସହିତ ଲଗାଯିବ ନାହିଁ ବୋଲି ଇଣ୍ଡିଆ ପୋଷ୍ଟ ସ୍ପଷ୍ଟ କରିଛି। ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଥିଲେ ଯେ, ଅନ୍ତର୍ଜାତୀୟ ନିୟମାବଳୀ ଅନୁଯାୟୀ ପାର୍ସଲ ବୁକିଂ ବେଳେ ଏଥିରେ ପରିଚୟପତ୍ରକୁ ଲଗାଯିବ।

## ଏଲ୍‌ଆଇସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ପାଟନା,୧୦-୯

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ପାଟନା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଫୋର୍ଟି ୟୁ ମେଡି ଏମର୍ଜେନ୍ସି ହସ୍ପିଟାଲର ନିର୍ଦ୍ଦେଶକ ଡା. ନୀଲେସ କୁମାରଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଆଞ୍ଚଳିକ ପ୍ରବନ୍ଧକ ମେଡିକାଲ୍ ଟିମ୍‌କୁ ସ୍ୱାଗତ କରିଥିଲେ। ଉକ୍ତ ଟିମ୍‌ରେ ନ୍ୟୁରୋ ବିଭାଗର ଡ. ପ୍ରଦୀପ କୁମାର, ଡ. ଅଶ୍ୱିନୀ କୁମାର, ଫିଜିସିଆନ ଏବଂ ଟେକ୍ନିସିଆନ୍ ମାନେ ଯୋଗ ଦେଇଥିଲେ। ଏଠାରେ ରକ୍ତଚାପ, ମଧୁମେହ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସଂକ୍ରାନ୍ତ ପରାମର୍ଶ ପ୍ରଦାନ କରାଯାଇଥିଲା।

## ବିଓଆଇର ୧୧୩ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୧୦-୯

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ପକ୍ଷରୁ ଏହାର ୧୧୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଭୁବନେଶ୍ୱର ଅଞ୍ଚଳ ଅଧୀନସ୍ଥ ୨୧ ଜିଲାର ୧୨୭ଟି ଶାଖାକୁ ଓଡିଶାବାସୀଙ୍କୁ ପୁନଃ ଉତ୍ସର୍ଗୀକୃତ କରାଯାଇଛି। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍.ଦ୍ୱିବେଦୀ, ଉପଆଞ୍ଚଳିକ ପ୍ରବନ୍ଧକ ଏସ୍. ବେହୁରା ଏବଂ ବ୍ୟାଙ୍କର ଅଫିସର୍ସ ସଂଘ ଓଡିଶା ୟୁନିଟର ସାଧାରଣ ସମ୍ପାଦକ ମନୋରଞ୍ଜନ ଦାସଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କ ପକ୍ଷରୁ ଏହି ଅବସରରେ ସୁମଣ୍ଡଳ ଏବଂ ବରିମୁଣ୍ଡ ଶାଖାର ଆଧୁନିକୀକରଣ କରାଯାଇଛି। ସେହିଭଳି ରାଣୀହାଟ ଏବଂ ଚନ୍ଦକା ଶାଖାରେ ସ୍ୱର୍ଣ୍ଣଧାରା ସେଲ୍ ଶୁଭାରମ୍ଭ ହୋଇଛି। ବ୍ୟାଙ୍କର ଡିଜିଟାଲ ପୋଷ୍ୟଗ୍ରାମ କାର୍ଯ୍ୟକ୍ରମ ଅଧୀନରେ ୧୩ଟି ଗ୍ରାମ ଏବଂ ଗୋଟିଏ ୱାର୍ଡକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯାଇଛି। ବ୍ୟାଙ୍କର ଗୌରବମୟ ଇତିହାସ ତଥା ୧୯୦୬ ପରଠାରୁ ବ୍ୟାଙ୍କ ପ୍ରଦାନ କରୁଥିବା ଗୁଣାତ୍ମକ ସେବା ଉପରେ ଏଥିରେ ଦ୍ୱିବେଦୀ ଗୁରୁତ୍ୱାରୋପ କରିଥିଲେ।

# ଏନ୍‌ପିଏ ଲାଗି ଦାୟୀ ଉପା ସରକାର ଓ ବ୍ୟାଙ୍କ

ନୂଆଦିଲ୍ଲୀ,୧୦-୯

### ସଂସଦୀୟ କମିଟିକୁ ରାଜନଙ୍କ ଚିଠି



ବ୍ୟାଙ୍କଗୁଡିକ ଅଧିକ ଆଶାବାଦୀ ହେବା, କେନ୍ଦ୍ର ସରକାର ନିଷ୍ପତ୍ତି ନେବାରେ ବିଳମ୍ବ କରିବା ଏବଂ ଆର୍ଥିକ ଗତିବିଧି ଦ୍ରୁତତର ହେବା ଅନାଦାୟ ଋଣ (ଏନ୍‌ପିଏ) ବୃଦ୍ଧିର ମୁଖ୍ୟ କାରଣ ବୋଲି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ କହିଛନ୍ତି।

ବରିଷ୍ଠ ଭାଜପା ସାଂସଦ ମୁରଲୀ ମନୋହର ଜୋଷୀଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦୀୟ କମିଟି ଏନ୍‌ପିଏ ବଢ଼ିବାର କାରଣ ସମ୍ପର୍କରେ ଜଣାଇବାକୁ ରାଜନଙ୍କୁ ପତ୍ର ଲେଖିଥିଲେ। ଏହାର ଉତ୍ତର ଦେଇ ସେ ଉପା ସରକାରଙ୍କୁ କାଠଗଡାରେ ଛିଡା କରିଛନ୍ତି। ଉପା ସରକାରରେ ହୋଇଥିବା ଏକାଧିକ ଦୁର୍ନୀତି ଏବଂ ଏହାର ଯାଞ୍ଚ ଯୋଗୁ ସରକାରଙ୍କ ନିଷ୍ପତ୍ତି ନେବାର ଗତି ଧିମା ପଡିଯାଇଥିଲା। ରାଜନ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ବ୍ୟାଙ୍କଗୁଡିକ ଏନ୍‌ପିଏ ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଲେ। ଅନ୍ୟପକ୍ଷରେ ସେମାନେ ପୁରୁଣା ଋଣକୁ ଏନ୍‌ପିଏ ଭାବେ ଘୋଷଣା କରିବା ପରିବର୍ତ୍ତେ ଋଣଗ୍ରହିତାଙ୍କୁ ଏହା ପରିଶୋଧ କରିବା ଲାଗି ନୂଆ ଋଣ ଦେବାକୁ ଅଧିକ ଶ୍ରେୟସ୍କର ମଣିଲେ। ସେମାନେ ଅତି ଉତ୍ସାହି ହୋଇ ଅତୀତର ପ୍ରଦର୍ଶନକୁ ଆଧାର କରି ଋଣ ପ୍ରଦାନ କଲେ,ଭବିଷ୍ୟତର ପ୍ରଦର୍ଶନକୁ ଅଣଦେଖା କଲେ। ଏପରିକି ସେମାନେ ପ୍ରମୋଟରଙ୍କ ବ୍ୟାଙ୍କ କଥାରେ ପଡି ନିଜେ କୌଣସି ଯାଞ୍ଚ ବିନା ଋଣ ଦେଲେ। ଫଳରେ ଅନାଦାୟ ଋଣ ବଢ଼ିଚାଲିଲା। ଏକଦା ଉପା ସରକାର ଦ୍ୱାରା ଦେଶର ମୁଖ୍ୟ ଆର୍ଥିକ ପରାମର୍ଶଦାତା ଭାବେ ନିଯୁକ୍ତି ପାଇଥିବା ରାଜନ ପରବର୍ତ୍ତୀ ସମୟରେ ଉପା-୨ ସରକାର ବେଳେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଭାବେ ଦାୟିତ୍ୱ ତୁଲାଇଥିଲେ। ଡ.ମନମୋହନ ସିଂହଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଉପା-୨ ସରକାରରେ ହୋଇଥିବା ଏକାଧିକ ଦୁର୍ନୀତିକୁ ଏନ୍‌ପିଏ ବୃଦ୍ଧିର ଅନ୍ୟତମ କାରଣ ବୋଲି ରାଜନ ଦର୍ଶାଇଥିଲେ। ଗୋଟିଏ ପଟେ ଅନାଦାୟ ଋଣ ବଢ଼ିଚାଲିଲା, ଅନ୍ୟପଟେ ଏକାଧିକ ଦୁର୍ନୀତିର ପର୍ଦ୍ଦାଫାଶ ପରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ନେବା ଧିମେଇ ଗଲା। ଫଳରେ ପ୍ରକଳ୍ପ ନିର୍ମାଣ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିଲା। ଏହାଦ୍ୱାରା ଏଗୁଡିକ ଲାଭଜନକ ହେବା ପରିବର୍ତ୍ତେ ଖରାପ ଋଣରେ ପରିବର୍ତ୍ତନ ହେଲା ଓ ଏନ୍‌ପିଏ ବୃଦ୍ଧି ପାଇଲା। ସେ କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କ ସତର୍କ କରିବା ସତ୍ତ୍ୱେ ସଙ୍କଟକୁ ଜାଣି ମଧ୍ୟ ବ୍ୟାଙ୍କଗୁଡିକ ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଲେ। ବାଣିଜ୍ୟିକ ବ୍ୟାଙ୍କ ହୋଇ ନ ଥିବାରୁ ଏ ଦିଗରେ ଆର୍‌ବିଆଇର ଭୂମିକା ସୀମିତ ବୋଲି ରାଜନ ଉଲ୍ଲେଖ କରିଛନ୍ତି।

## ଷ୍ଟକ୍ ମାର୍କେଟ ଧରାଶାୟୀ

### ସେନସେକ୍ସ ୪୬୮, ନିଫ୍ଟି ୧୫୧ ପଏଣ୍ଟ ହ୍ରାସ

ମୁମ୍ବାଇ,୧୦-୯



ତେଲ ଦର ବୃଦ୍ଧିକୁ ନେଇ ସୋମବାର ଦେଶରେ ବିରୋଧୀ ଦଳ କଂଗ୍ରେସ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଦେଖିବାକୁ ମିଳିଛି। ଖାଲି ସେତିକି ନୁହେଁ ଟଙ୍କାର ମୂଲ୍ୟ ହ୍ରାସ ଓ ଭୂ-ରାଜନୈତିକ କାରଣ ଷ୍ଟକ୍ ମାର୍କେଟ ହ୍ରାସ ପାଇଁ ଦାୟୀ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ସୋମବାର ସେନସେକ୍ସ ୪୬୭.୬୫ ପଏଣ୍ଟ ହ୍ରାସ ପାଇ ୩୭,୯୨୨.୧୭ ଏବଂ ନିଫ୍ଟି ୧୫୧ ପଏଣ୍ଟ କମି ୧୧,୪୩୮.୧୦ରେ ବନ୍ଦ ହୋଇଛି। ଫଳରେ ନିବେଶକଙ୍କର ପ୍ରାୟ ୧.୯୬ ଲକ୍ଷ କୋଟି ଟଙ୍କା ବୁଡିଯାଇଛି। ଉଭୟ ସୂଚକାଙ୍କ ୧.୩୦% ହ୍ରାସ ପାଇଥିବା ଲକ୍ଷ୍ୟ କରାଯାଇଛି। ଦେଶର ଚଳନ୍ତି ଜମା ନିଅଣ୍ଟ(ସିଏଡି) ପରିମାଣ ବୃଦ୍ଧି ପାଇବା ନିବେଶକଙ୍କ ମନୋଭାବ ଉପରେ ପ୍ରଭାବ ପକାଇଛି। ଆର୍‌ବିଆଇ ଡାଟା କହୁଛି ଯେ, ଏପ୍ରିଲ-ଜୁନରେ ଦେଶର ସିଏଡି ୧୫.୮ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ପୂର୍ବ ବର୍ଷ ଏହା ୧୫ ବିଲିୟନ ଡଲାର ଥିଲା।



“ ଜୋକୋଭିଚ୍ ରୋଜର ଫେଡେରରଙ୍କ ୨୦-ଗ୍ରାଣ୍ଡସ୍ଲାମ ରେକର୍ଡକୁ ଭଙ୍ଗ କରିବାରେ ସକ୍ଷମ ହେବେ ବୋଲି ମୋର ଦୃଢ଼ ବିଶ୍ୱାସ।

–ଜୁଆନ ମାର୍ଟିନ ଡେଲ୍ ପୋଟ୍ରୋ
ଆର୍ଜେଣ୍ଟିନା ଟେନିସ ଖେଳାଳି

“ ମୋ ପାଇଁ କେବଳ ଅଲିମ୍ପିକ ପଦକ ଜିତିବା ବାକି ରହିଛି, ତେଣୁ ମୋର ପରବର୍ତ୍ତୀ ଟାର୍ଗେଟ ଟୋକିଓ ଗେମ୍ସ ରହିଛି।

–ରାହି ସାର୍ନୋବତ୍, ଭାରତୀୟ ମହିଳା ଶୁଟର



## ସଂକ୍ଷେପରେ

### ଫ୍ରାନ୍ସଠାରୁ ହାରିଲା ଭାରତ

**ନୂଆଦିଲ୍ଲୀ,୧୦।୯(ପି.ଟି.):** ଚତୁଃରାଷ୍ଟ୍ରୀୟ ୧୯ ବର୍ଷରୁ କମ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତୀୟ ଦଳ ପରାଜୟ ସହ ଅଭିଯାନ ଶେଷ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତକୁ ୦-୨ ଗୋଲରେ ଫ୍ରାନ୍ସ ପରାସ୍ତ କରିଛି। କ୍ରୋଏସିଆର ଜାଗ୍ରେବଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ମିଳିଥିବା ସୁଯୋଗକୁ ହାତ ଛଡ଼ା କରିବା ଭାରତୀୟ ଦଳର ପରାଜୟର କାରଣ। ମ୍ୟାଚ୍ ଆରମ୍ଭରୁ ଫ୍ରାନ୍ସ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। କିନ୍ତୁ ଭାରତୀୟ ଗୋଲକିପର ପ୍ରଭସୁଖାନ ଗିଲଙ୍କ ପାଇଁ ଫ୍ରାନ୍ସ ଦଳ ୮ ମିନିଟ୍‌ରେ ଖାତା ଖୋଲି ପାରି ନ ଥିଲା। ମାତ୍ର ୧୮ତମ ମିନିଟ୍‌ରେ ଫ୍ରାନ୍ସ ଦଳ ୧-୦ ଗୋଲ୍‌ର ଅଗ୍ରଣୀ ହାସଲ କରିଥିଲା। ଜବାବରେ ୩୨ତମ ମିନିଟ୍‌ରେ ଭାରତକୁ ସୁବର୍ଣ୍ଣ ସୁଯୋଗ ମିଳିଥିଲା, ଯାହାକି ବେକାର ସାବ୍ୟସ୍ତ ହୋଇଥିଲା। ଏହାବାଦ୍ ଗୋଲ୍‌କିପର ଗିଲଙ୍କ ଚମତ୍କାର ସେଭ ଯୋଗୁ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଭାରତ ୦-୧ ଗୋଲ୍‌ରେ ପଛୁଆ ଥିଲା। ଦ୍ୱିତୀୟାର୍ଦ୍ଧ ତଥା ୭୩ତମ ମିନିଟ୍‌ରେ ୨ୟ ସଫଳତା ପାଇଥିଲା। ଚଳିତ ଟୁର୍ନାମେଣ୍ଟରେ ଭାରତୀୟ ଦଳର କ୍ରମାଗତ ୩ୟ ପରାଜୟ। ପୂର୍ବରୁ କ୍ରୋଏସିଆଠାରୁ ୫-୦ ଓ ସ୍ଲୋଭେନିଆ ଠାରୁ ୧-୦ ଗୋଲରେ ଭାରତ ପରାସ୍ତ ହୋଇଥିଲା।

### ଉତ୍କଳ କରାଟେ ସ୍କୁଲ ନାଲ୍‌କୋ ଶାଖାର ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ୧୦।୯(ସ୍ପୋର୍ଟ୍ସ ବ୍ୟୁରୋ):** ଅନୁଗୋଳସ୍ଥିତ ନାଲକୋ ନଗରଠାରେ ଥିବା ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲର ଏକ ପ୍ରମୁଖ ଶାଖାର ୨୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନାଲକୋ ନଗରସ୍ଥିତ ନାଲକୋ କର୍ମଚାରୀ ଶ୍ରମିକ ସଂଘ ଅଫିସ ପରିସରରେ ହୋଇଥିବା ଏହି ବାର୍ଷିକ ଉତ୍ସବ ଅବସରରେ ଅନୁଗୋଳ କରାଟେ ସଂଘର ସମ୍ପାଦକ ତଥା ପ୍ରତିଷ୍ଠାତା ସେନସେଇ ଜୟଦେବ ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସମସ୍ତ ଛାତ୍ରୀଛାତ୍ରଙ୍କୁ କରାଟେର ଉପାଦେୟତା ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ଜୟଦେବ ପଟ୍ଟନାୟକଙ୍କ ବ୍ୟତୀତ ବିଜନ ଦଳବେହେରା ଓ ବିଜୟ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଗୋଳ ଶାଖା ପକ୍ଷରୁ ମୀର ଅଜମିତ୍ ଅଲୀ, ଗୌରୀ ମହାନ୍ତି, ସନ୍ଦୀପ ମହାନ୍ତି, ଅନୁପମା ସ୍ୱାଇଁ, ପ୍ରିୟଦର୍ଶିନୀ ଘାଟୁଆରୀ, ପାୟଲ ବରାଳ ଓ ମଧୁପ୍ରିୟା ବାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଅନ୍ତିମ ମିନିଟରେ ଜିତିଲା ସନ୍‌ରାଇଜ୍

**କଟକ ଅଫିସ,୧୦।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ସୋମବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଆଜାଦ ହିନ୍ଦ କ୍ଲବ ଓ ସନ୍‌ରାଇଜ କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଆଜାଦ ହିନ୍ଦ କ୍ଲବ ୩-୦ ଗୋଲରେ ୱେଷ୍ଟର୍ଣ୍ଣ ମହାବୀରକୁ ପରାସ୍ତ କରିଛି। ଦଳ ପକ୍ଷରୁ କେଶବ ମାଝୀ ୫ମ ମିନିଟରେ, ବସନ୍ତ କାଲୋ ୪୦ତମ ମିନିଟରେ ଓ ସତ୍ୟବାନ କିଶାନ ୭୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସେହିଭଳି ଜୟଦୁର୍ଗା ଓ ସନ୍‌ରାଇଜ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ରୋମାଞ୍ଚକର ହୋଇଥିଲା। ତେବେ ସନରାଇଜ ଶେଷରେ ୨-୧ ଗୋଲରେ ବିଜୟୀ ହୋଇଥିଲା। ଜୟଦୁର୍ଗା ପକ୍ଷରୁ ଅତିରିକ୍ତ (୪୦+୨) ମିନିଟରେ ଗୋଟିଏ ଗୋଲ ହେବା ଯୋଗୁଁ ଦଳ ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ ରହିଥିଲା। ସିଦ୍ଧାନ୍ତ ଦାସ ଏହି ଗୋଲଟି ଦେଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧର ଅନ୍ତିମ ମିନିଟରେ ମ୍ୟାଚକୁ ଜିତିଥିଲା ସନ୍‌ରାଇଜ୍। ସନ୍‌ରାଇଜ ପକ୍ଷରୁ ମହମ୍ମଦ ଫାୟାଜ ୭୨ତମ ମିନିଟରେ ପ୍ରଥମ ଗୋଲ ଦେଇ ମ୍ୟାଚ୍‌କୁ ୧-୧ର ସମାନ ସ୍ଥିତିରେ ପହଞ୍ଚାଇଥିବା ବେଳେ ଅତିରିକ୍ତ (୮୦+୨) ମିନିଟରେ ଏକ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ।

# ଜୋକୋଭିଚ୍‌ଙ୍କୁ ୧୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ

**ନ୍ୟୁୟର୍କ,୧୦।୯ (ଏଏଫପି)**

ସର୍ବିଆ ଅଭିଜ୍ଞ ଟେନିସ୍ ତାରକା ନୋଭାକ ଜୋକୋଭିଚ୍ ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ଜୋକୋଭିଚ୍ ୬-୩, ୭-୬, ୬-୩ ସେଟରେ ଆର୍ଜେଣ୍ଟିନାର ଜୁଆନ ମାର୍ଟିନ ଡେଲ ପୋଟ୍ରୋଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଏଥିସହ ଜୋକୋଭିଚ୍ କ୍ୟାରିୟରରେ ମୋଟ ଉପରେ ୧୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ଆମେରିକୀୟ କିମ୍ବଦନ୍ତୀ ଟେନିସ ତାରକା ପିଟ୍ ସାମ୍ପ୍ରାସ୍‌ଙ୍କ ସମକକ୍ଷ ହୋଇଛନ୍ତି।

ଷଷ୍ଠ ସିଡ ମାନ୍ୟତା ପାଇଥିବା ଜୋକୋଭିଚ୍ ଅଷ୍ଟମଥର ପାଇଁ ୟୁଏସ୍ ଓପନ୍ ଫାଇନାଲ ଖେଳିଛନ୍ତି ଓ ତୃତୀୟଥର ପାଇଁ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ପୂର୍ବରୁ ସେ ୨୦୧୧ ଓ ୨୦୧୫ରେ ମଧ୍ୟ ୟୁଏସ୍ ଓପନ ଟାଇଟଲ ଜିତିଥିଲେ।



ଚାମ୍ପିୟନ୍ ଟ୍ରଫି ସହ ନୋଭାକ ଜୋକୋଭିଚ୍।

ଏବେ ଜୋକୋଭିକ୍ ସ୍ପେନ୍‌ର ରାଫାଲ ନାଡ଼ାଲଙ୍କଠାରୁ ୩ଟି ଓ ସୁଇଜରଲାଣ୍ଡର ରୋଜର ଫେଡେରରଙ୍କଠାରୁ ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ପଛରେ ରହିଛନ୍ତି। ନାଡ଼ାଲ ଏପର୍ଯ୍ୟନ୍ତ ୧୭ ଓ ଫେଡେରର ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ୩୧ ବର୍ଷୀୟ ଫେଡେରର ଇଞ୍ଜୁରି କାରଣରୁ ଗତବର୍ଷ ୟୁଏସ୍ ଓପନ୍ ଖେଳିପାରି ନ ଥିଲେ। ଅନ୍ୟପଟେ ବିଶ୍ୱର ୩ ନମ୍ବର ଖେଳାଳି ପୋଟ୍ରୋ ଫାଇନାଲ

### ଜୋକୋଭିଚ୍‌ଙ୍କ ଗ୍ରାଣ୍ଡସ୍ଲାମ ସଫଳତା

- ଅଷ୍ଟ୍ରେଲିଆ ଓପନ- ୨୦୦୮, ୨୦୧୧, ୨୦୧୨, ୨୦୧୩, ୨୦୧୫, ୨୦୧୬
- ଫ୍ରେଞ୍ଚ୍ ଓପନ- ୨୦୧୬
- ୱିମ୍ବେଲଡ଼ନ- ୨୦୧୧, ୨୦୧୪, ୨୦୧୫, ୨୦୧୮
- ୟୁଏସ୍ ଓପନ- ୨୦୧୧, ୨୦୧୫, ୨୦୧୮

### ‘ଫେଡେରର, ନାଡାଲଙ୍କଠାରେ ମୁଁ ଋଣୀ’

ତୃତୀୟ ଥର ପାଇଁ ୟୁଏସ୍ ଓପନ ଟାଇଟଲ ହାସଲ କରିବା ପରେ ନୋଭାକ ଜୋକୋଭିଚ୍ ବେଶ୍ ଖୁସି ଜାହିର କରିଛନ୍ତି। କିମ୍ବଦନ୍ତୀ ଟେନିସ ଖେଳାଳି ପିଟ୍ ସାମ୍ପ୍ରାସ୍‌ଙ୍କ ୧୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲର ସମକକ୍ଷ ହେବା ମୋ ପାଇଁ ଏକ ବଡ଼ ଗୌରବ ବୋଲି ସେ କହିଛନ୍ତି। ତେବେ ସମସାମୟିକ ପ୍ରତିଦ୍ୱନ୍ଦ୍ୱୀ ରୋଜର ଫେଡେରର ଓ ରାଫାଲ ନାଡ଼ାଲଙ୍କ ଯୋଗୁ ମୁଁ ଜଣେ ଭଲ ଟେନିସ ଖେଳାଳି ହୋଇପାରିଛି। ଏଥିପାଇଁ ନାଡାଲ ଓ ଫେଡେରରଙ୍କଠାରେ ମୁଁ ଋଣୀ ବୋଲି ଜୋକୋଭିଚ୍ କହିଛନ୍ତି। ସାମ୍ପ୍ରାସ ହେଉଛନ୍ତି ମୋ ପିଲାବେଳର ଆଦର୍ଶ ଖେଳାଳି। ଟିଭିରେ ତାଙ୍କ ଖେଳ ଦେଖି ମୁଁ ଟେନିସ ଖେଳିବା ଆରମ୍ଭ କରିଥିଲି ଓ ତାଙ୍କଠାରୁ ପ୍ରେରଣା ପାଇଥିଲି। ଏବେ ତାଙ୍କ ସହ ସମକକ୍ଷ ହେବା ମୋ ପାଇଁ ଏକ ଗୌରବର ବିଷୟ। ଚଳିତ ପିଢିରେ ନାଡ଼ାଲ ଓ ଫେଡେରରଙ୍କଠାରୁ ମୁଁ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଛି ଓ ଏହି କାରଣରୁ ମୁଁ ଭଲ ଖେଳିବାରେ ସଫଳତା ହାସଲ କରିଛି। ଏହି ଦୁଇ ଖେଳାଳିଙ୍କଠାରୁ ମୁଁ ବହୁତ କିଛି ଶିକ୍ଷା କରିଛି ବୋଲି ଜୋକୋଭିଚ୍ ମ୍ୟାଚ ପରେ କହିଛନ୍ତି।

### ୟୁଏସ୍ ଓପନ

ପରାଜୟ ପରେ ବେଶ୍ ନିରାଶ ହୋଇଛନ୍ତି। ୯ ବର୍ଷ ତଳେ ପୋଟ୍ରୋ ୟୁଏସ୍ ଓପନ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ଏହି ବିଜୟ ସହ ପୋଟ୍ରୋଙ୍କ ବିପକ୍ଷରେ ଜୋକୋଭିଚ୍ ୧୫ତମ ଓ ପଞ୍ଚମ ଗ୍ରାଣ୍ଡସ୍ଲାମ ବିଜୟ ହାସଲ କରିଛନ୍ତି। ଗତ ୫୫ଟି ମେଜର ଟୁର୍ନାମେଣ୍ଟରୁ ଫେଡେରର, ନାଡ଼ାଲ, ଜୋକୋଭିଚ୍ ଓ ଆଣ୍ଡି ମୁରେ ୫୦ଟିରେ ଟାଇଟଲ ହାସଲ କରିଛନ୍ତି।

ବର୍ଷା ଓ କୋହଲା ପାଗ କାରଣରୁ ଆର୍ଥର ଅଶି ଷ୍ଟାଡିୟମର ଛାତକୁ ବନ୍ଦ କରିଦିଆଯାଇଥିଲା। ବିଜୟୀ ହେବା ପାଇଁ ଜୋକୋଭିଚଙ୍କୁ ପାଖାପାଖି ୩ ଘଣ୍ଟା ୧୫ ମିନିଟ ଆବଶ୍ୟକ ହୋଇଥିଲା। ପୋଟ୍ରୋଙ୍କୁ ହରାଇବା ପାଇଁ ଜୋକୋଭିଚ୍‌ଙ୍କୁ ଅବଶ୍ୟ କଷ୍ଟ କରିବାକୁ ପଡିଥିଲା। କ୍ୟାରିୟରର ୨୩ତମ ଗ୍ରାଣ୍ଡସ୍ଲାମ ଫାଇନାଲରେ ଜୋକୋଭିଚ୍ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ନ୍ୟୁୟର୍କର ଆର୍ଦ୍ରତା ତାଙ୍କ ପାଇଁ ପ୍ରଥମ ଦୁଇଟି ରାଉଣ୍ଡରେ ବେଶ୍ କଷ୍ଟକର ପରିସ୍ଥିତି ସୃଷ୍ଟି କରିଥିଲା। ତେବେ ତୃତୀୟ ରାଉଣ୍ଡ ପରେ ସେ ଗୋଟିଏ ହେଲେ ବି ସେଟ୍ ଡ୍ରପ୍ କରି ନ ଥିଲେ। ପୋଟ୍ରୋଙ୍କ ସର୍ଭ ଜୋକୋଭିଚ୍‌ଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ତେବେ ଶେଷରେ ନିଜ ଅଭିଜ୍ଞତାରୁ ଜୋକୋଭିଚ୍ ଫାଇଦା ଉଠାଇ ବାଜି ମାରିଥିଲେ। ଏହା ପୂର୍ବରୁ ଗତ ଜୁଲାଇ ମାସରେ ଜୋକୋଭିଚ୍ ୱିମ୍ବେଲଡ଼ନ ଟାଇଟଲ ହାସଲ କରିଥିଲେ। କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ ଜିତି ଜୋକୋଭିଚ୍ ଏବେ ଏଟିପି ର୍‍ୟାଙ୍କିଙ୍ଗର ତୃତୀୟ ସ୍ଥାନକୁ ଉଠିବା ନିଶ୍ଚିତ ହୋଇଛି। ଏହି ଟୁର୍ନାମେଣ୍ଟରେ ତୃତୀୟ ସିଡ ମାନ୍ୟତା ପାଇଥିବା ୨୯ ବର୍ଷୀୟ ପୋଟ୍ରୋ ୨୦୦୯ ୟୁଏସ୍ ଓପନ ଜିତିବା ପରେ ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିଥିଲେ। ପରାଜୟ ମୋତେ ନିରାଶ କରିଛି। ତେବେ ଜୋକୋଭିଚ୍‌ଙ୍କ ପାଇଁ ମୁଁ ବେଶ୍ ଆନନ୍ଦିତ ବୋଲି ପୋଟ୍ରୋ କହିଛନ୍ତି।

### ଏସିଆ କପ୍‌ରୁ ଚାଣ୍ଡିମଲ ଆଉଟ୍



**କଲମ୍ବୋ, ୧୦।୯ (ଏଏଫପି)**

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଶ୍ରୀଲଙ୍କାର ୧୬ ଜଣିଆ କ୍ରିକେଟ ଦଳରୁ ଟେଷ୍ଟ ଅଧିନାୟକ ଦୀନେଶ ଚାଣ୍ଡିମଲ ଓହରି ଯାଇଛନ୍ତି। ଏହି ୨୮ବର୍ଷୀୟ ବ୍ୟାଟ୍ସମ୍ୟାନ ଏକ ଘରୋଇ ଟି୨୦ ମ୍ୟାଚ ଖେଳୁଥିବାବେଳେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଛି। ଏଥିରୁ ଆରୋଗ୍ୟ ଲାଭ କରିବା ଲାଗି ତାଙ୍କୁ କିଛି ସମୟ ଲାଗିବ ବୋଲି ଶ୍ରୀଲଙ୍କା କ୍ରିକେଟ (ଏସଏଲସି) ପକ୍ଷରୁ ସଫେଇ ଦିଆଯାଇଛି। ଚାଣ୍ଡିମଲଙ୍କ ସ୍ଥାନରେ ଉଇକେଟକିପର ବ୍ୟାଟ୍ସମ୍ୟାନ ନିରୋଶାନ ଡିକ୍‌ୱେଲା ଦଳରେ ସ୍ଥାନ ପାଇଛନ୍ତି। ୬ଟି ଦେଶର କ୍ରିକେଟ ଦଳକୁ ନେଇ ଏସିଆ କପ୍ ଟୁର୍ନାମେଣ୍ଟ ଶନିବାରଠାରୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯିବ।

**ଶ୍ରୀଲଙ୍କା ଦଳ:** ଆଞ୍ଜେଲୋ ମାଥ୍ୟୁସ (ଅଧିନାୟକ), କୁସାଲ ପେରେରା, କୁସାଲ ମେଣ୍ଡିସ, ଉପୁଲ ଥରଙ୍ଗା, ନିରୋଶାନ ଡିକ୍‌ୱେଲା, ଦାନୁଷ୍କା ଗୁଣତିଳକା, ଥିସାରା ପେରେରା, ଦାସୁନ ଶାନକା, ଦନଞ୍ଜୟ ଡି'ସିଲ୍‌ଭା, ଆକିଲା ଦନଞ୍ଜୟ, ଦିଲରୁୱାନ ପେରେରା, ଆମିଲା ଆପୋଁସୋ, କାସୁନ ରାଜିଥା, ସୁରଙ୍ଗ ଲକମଲ, ଦୁଷ୍ମନ୍ତ ଚାମିରା ଓ ଲସିଥ ମାଲିଙ୍ଗା।

# ରାଜ୍ୟ ଟେନିକଏଟ ଉଦ୍‌ଯାପିତ

**କଟକ ଅଫିସ,୧୦।୯**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୩୧ତମ ରାଜ୍ୟ ସବ୍‌ଜୁନିୟର, ଜୁନିୟର, ସିନିୟର ଟେନିକଏଟ ଚାମ୍ପିୟନଶିପ୍ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସିନିୟର ପୁରୁଷ ସିଙ୍ଗଲ୍ସରେ ଅରୁଣ କୁମାର ନାୟକ ଚାମ୍ପିୟନ ହୋଇଥିବା ବେଳେ ରାଜେଶ ନାୟକ ରନର୍ସଅପ ଓ ମହମ୍ମଦ ମୁମତାଜ ୩ୟ ସ୍ଥାନରେ ରହିଥିଲେ। ସିନିୟର ପୁରୁଷ ଡବଲ୍ସ ଫାଇନାଲରେ କଟକର ବିନୟ ଝା- ମନୋଜ ମହାରଣାଙ୍କ ଯୋଡ଼ି ଯାଜପୁରର କ୍ଷୀତିଶ ନାଥ- ଶକ୍ତି ପ୍ରସାଦ ବିଶ୍ୱାଳଙ୍କ ଯୋଡ଼ିକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ସିନିୟର ମହିଳା ସିଙ୍ଗଲ୍ସରେ ଶୁଭଶ୍ରୀ ସାମଲ ଚାମ୍ପିୟନ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ ରନର୍ସଅପ ଓ ସୁଶ୍ରୀ ସଙ୍ଗୀତା ଜେନା ୩ୟ ସ୍ଥାନରେ ରହିଥିଲେ। ସିନିୟର ମହିଳା ଡବଲ୍ସରେ ଯାଜପୁରର ଶୁଭାଙ୍ଗିନୀ ମିଶ୍ର-ଲକ୍ଷ୍ମୀପ୍ରିୟା ନନ୍ଦଙ୍କ ଯୋଡ଼ି କେନ୍ଦ୍ରାପଡ଼ାର ଇପସିତା ସେନ-ଶ୍ରୀବିତ୍ୟ ମହାରଣାଙ୍କ ଯୋଡ଼ିକୁ ହରାଇ ଚାମ୍ପିୟନ ହୋଇଛି। ସିନିୟର ମିକ୍ସଡ ଡବଲ୍ସରେ ଯାଜପୁରର ମଳୟ ସିଂ- ପ୍ରଭାସିନୀ ବିଶ୍ୱାଳଙ୍କ ଯୋଡ଼ି ଟାଇଟଲ ହାସଲ କରିଛି। କଟକର ପ୍ରକାଶ ସ୍ୱାଇଁ-କଲ୍ୟାଣୀ ସାହୁଙ୍କ ଯୋଡ଼ି ରନର୍ସଅପ ହୋଇଥିଲା। ଜୁନିୟର ବାଳକ ସିଙ୍ଗଲ୍ସରେ ପବନ ପ୍ରସାଦ ଚାମ୍ପିୟନ, ବିଜୟ ମହାନ୍ତି ରନର୍ସଅପ ଓ ଅଭିମନ୍ୟୁ ବେହେରା ୩ୟ ସ୍ଥାନରେ ରହିଥିଲେ। ଜୁନିୟର ବାଳକ ଡବଲ୍ସରେ ଯାଜପୁରର ମନୋଜ ବାରିକ-ସୌମ୍ୟ ରଞ୍ଜନ ସାହୁଙ୍କ ଯୋଡ଼ି ଚାମ୍ପିୟନ ଓ କଟକର ସତ୍ୟବ୍ରତ ନାୟକ-କାର୍ତ୍ତିକ ବେହେରାଙ୍କ ଯୋଡ଼ି ରନର୍ସଅପ ହୋଇଛି। ଜୁନିୟର ବାଳିକା ସିଙ୍ଗଲ୍ସରେ ପ୍ରମିଳା ରାଉତ, ନୀତି ଗୁପ୍ତା ଓ ଅର୍ପିତା ପ୍ରିୟଦର୍ଶିନୀ ଯଥାକ୍ରମେ ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି। ଜୁନିୟର ବାଳିକା ଡବଲ୍ସ ଫାଇନାଲରେ କଟକର ଚାନ୍ଦିନୀ ପରିଡ଼ା-ଶାଶ୍ୱତୀ ପ୍ରିୟଦର୍ଶିନୀଙ୍କ ଯୋଡ଼ି ଯାଜପୁରର ଶୁଭଶ୍ରୀ ବିଶ୍ୱାଳ- ଦୀପ୍ତିମୟୀ ପ୍ରଧାନଙ୍କ ଯୋଡ଼ିକୁ ହରାଇ ଚାମ୍ପିୟନ ହୋଇଥିଲା। ଜୁନିୟର ମିକ୍ସଡ ଡବଲ୍ସରେ ଝାରସୁଗୁଡ଼ାର ଶୁଭମ ଯାଦବ- ଇଶିକା ମୁଖାର୍ଜୀଙ୍କ ଯୋଡ଼ି ଟାଇଟଲ ଅର୍ଜନ କରିଛନ୍ତି। ଯାଜପୁରର ଶ୍ୟାମ ସୁନ୍ଦର ସାହୁ- ସିପ୍ରା ବସନ୍ତିଆଙ୍କ ଯୋଡ଼ି ରନର୍ସଅପ ହୋଇଛି।

ଉଦ୍‌ଯାପନୀ ଉତ୍ସବରେ କଟକ ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ନିଳାମ୍ବର ମିଶ୍ର, କୃଷ୍ଣଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଓଡ଼ିଶା ଆମେଚର ଟେନିକଏଟ ଆସୋସିଏଶନ ସମ୍ପାଦକ ଶ୍ରୀକାନ୍ତ କୁମାର ସିହ୍ନା, କୋଷାଧ୍ୟକ୍ଷ ପ୍ରତାପ କୁମାର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ବିଶ୍ୱାଳ, ତପନ କୁମାର ସାହୁ, ଦିଲ୍ଲୀପ କୁମାର ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।




ଜାତୀୟ ରୋଲ୍ ବଲ୍ ସ୍କେଟିଂ ପାଇଁ ମନୋନୀତ ଓଡ଼ିଶା ବାଳିକା ଓ ବାଳକ ଦଳର ଖେଳାଳିମାନେ।

# ଜାତୀୟ ରୋଲ୍ ବଲ୍‌କୁ ଓଡ଼ିଶା ବାଳିକା ଦଳର ଯୋଗ୍ୟତା

**ଭୁବନେଶ୍ୱର, ୧୦।୯(ସ୍ପୋର୍ଟ୍ସ ବ୍ୟୁରୋ)**

ଜାତୀୟ ରୋଲ୍ ବଲ ଚାମ୍ପିୟନଶିପ୍ ନିମନ୍ତେ ୧୪ ବର୍ଷରୁ କମ୍ ଓଡ଼ିଶା ବାଳକ ଓ ବାଳିକା ଦଳ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରଥମଥର ଲାଗି ୧୪ ବର୍ଷରୁ କମ୍ ଓଡ଼ିଶା ବାଳିକା ଦଳ ଜାତୀୟ ପ୍ରତିଯୋଗିତାରେ ଖେଳିବାକୁ ସୌଭାଗ୍ୟ ହାସଲ କରିଛି। ସେପ୍ଟେମ୍ବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ମହାରାଷ୍ଟ୍ରର ପୁନେଠାରେ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ଏହି ଅବସରରେ ଚନ୍ଦ୍ରଶେଖରପୁର ନୀଳାଦ୍ରି ବିହାରସ୍ଥିତ ବୁଦ୍ଧ ଜୟନ୍ତୀ ପାର୍କ ସ୍କେଟିଂ ଗ୍ରାଉଣ୍ଡରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ମେୟର ଅନନ୍ତ ନାରାୟଣ ଜେନା, ବିଡିଏ ସେକ୍ରେଟାରି ଭବାନୀ ଶଙ୍କର ଚୟାନୀ, କର୍ପୋରେଟର ଦେବ ମଲିକ, ସୁରେନ୍ଦ୍ର କୁମାର ସ୍ୱାଇଁ, ଓଡ଼ିଶା ରୋଲ୍ ବଲ ଆସୋସିଏଶନ ସମ୍ପାଦକ ପାର୍ଥସାରଥୀ ଜେନା ଏବଂ ଆସୋସିଏଶନର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଓଡ଼ିଶା ବାଳିକା ଓ ବାଳକ ରୋଲ୍ ବଲ୍ ସ୍କେଟିଂ ଦଳକୁ ଶୁଭେଚ୍ଛା ଜଣାଇଥିଲେ।

**ଓଡ଼ିଶା ବାଳକ ଦଳ:** ଦେବ ମହାପାତ୍ର, ମନୀଷ ଶାହାଣୀ, ଅରିନ୍ଦମ ସାମଲ, ପ୍ରମେଶ ମହାନ୍ତି, ଜୀବନ ଗଡ଼ନାୟକ, ପ୍ରୀତିଶ ଆର୍ଯ୍ୟାନ ଜେନା, ଶୁଭଙ୍କର ଖିଲାର, ଅମିତ୍ କୁମାର ସେଠୀ, ରୁଶୀଲ ସାମଲ ଓ ଏସ୍. ପ୍ରୀତେଶ।

**ଓଡ଼ିଶା ବାଳିକା ଦଳ:** ଭଂଶିକା ଟିକମଣି, ତନୁଶ୍ରୀ ଚୌଧୁରୀ, ସମିଦ୍ଧା ବର୍ମା, ଜୈନବ ନଫିସ୍, ଆରାଧ୍ୟା ମଞ୍ଜରୀ ଦେବୀ, ପଲ୍ଲବୀ ସାହୁ ଓ ରାଜଶ୍ରୀ ବେବର୍ତ୍ତା।

### ■ ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିୟନ୍‌ଶିପ୍

# ଅପରାଜିତାଙ୍କୁ ଭାରତୀୟ ଦଳର ନେତୃତ୍ୱ

**ଭୁବନେଶ୍ୱର, ୧୦।୯(ସ୍ପୋର୍ଟ୍ସ ବ୍ୟୁରୋ)**

ବ୍ରାଜିଲରେ ହେବାକୁ ଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିୟନଶିପ୍ (ବାଳିକା/ବାଳକ) ନିମନ୍ତେ କିଟ୍‌ର ଅନ୍ତର୍ଜାତୀୟ ଖେଳାଳି ଅପରାଜିତା ଗୋଚ୍ଛିକାରଙ୍କୁ ୮ ଜଣିଆ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। କିଟ୍‌ର ଛାତ୍ରୀ ଆକାଂକ୍ଷା କବି ମଧ୍ୟ ଏହି ଦଳରେ ସ୍ଥାନ ପାଇଛନ୍ତି। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ପକ୍ଷରୁ ଏହି ଦଳ ସୋମବାର କିଟ୍‌ରୁ ବ୍ରାଜିଲ୍ ଅଭିମୁଖେ ଗସ୍ତ କରିଛି। ଆସନ୍ତା ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ବ୍ରାଜିଲରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅପରାଜିତା ଜଣେ ଅନ୍ତର୍ଜାତୀୟ ଚେସ୍ ଖେଳାଳି ହୋଇଥିବା ବେଳେ ସେ ଅନ୍ତର୍ଜାତୀୟସ୍ତରରେ ବହୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ସେହିପରି ଆକାଂକ୍ଷା କବି ମଧ୍ୟ ଜଣେ ଜାତୀୟସ୍ତରର ଚେସ୍ ଖେଳାଳି। ଗତ ୬ରୁ ୧୦ତାରିଖ ପର୍ଯ୍ୟନ୍ତ କିଟ୍‌ରେ ଭାରତୀୟ ଦଳର ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟର ଚେସ୍ ଖେଳାଳି ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିୟନ୍‌ଶିପ୍ ପାଇଁ କିଟ୍ ସମେତ ଫକୀର ମୋହନ ଓ ଓସ୍‌ମାନିଆ ବିଶ୍ୱବିଦ୍ୟାଳୟରୁ ଜଣେ ଲେଖାଏ ଏବଂ ଏସ୍‌ଭି ପୁନେ ବିଶ୍ୱବିଦ୍ୟାଳୟର (ପୁନେ)ରୁ ୨ଛାତ୍ର ଓ ୩ ଛାତ୍ରୀ ମନୋନୀତ ହୋଇଛନ୍ତି। ବ୍ରାଜିଲ୍ ଗସ୍ତ ପୂର୍ବରୁ ଏହି ଖେଳାଳିମାନଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଥିଲେ।



ଅଚ୍ୟୁତ ସାମନ୍ତଙ୍କ ସହ ଭାରତୀୟ ବିଶ୍ୱବିଦ୍ୟାଳୟ ଚେସ୍ ଦଳର ଖେଳାଳି।

### ଏସିଆ-ପ୍ୟାସିଫିକ୍ ମାଷ୍ଟର୍ସ ଆଥ୍‌ଲେଟିକ

# ଶଟ୍‌ପୁଟ୍‌ରେ ପାର୍ବତୀଙ୍କୁ ରୌପ୍ୟ

**ଭୁବନେଶ୍ୱର, ୧୦।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ମାଲେସିଆର ପେନାଙ୍ଗ ସହରରେ ଚାଲିଥିବା ଏସିଆ-ପ୍ୟାସିଫିକ୍ ମାଷ୍ଟର୍ସ ଆଥ୍‌ଲେଟିକ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପାର୍ବତୀ ସେଠୀ ଦେଶରୁ ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ଜିତିଛନ୍ତି। ମହିଳା ଶଟ୍ ପୁଟ୍ ଥ୍ରୋରେ ପାର୍ବତୀ ୧୨.୫୫ ମିଟର ଦୂରତ୍ୱକୁ ଶଟ୍ ପୁଟ ଫିଙ୍ଗି ୨ୟ ସ୍ଥାନ ହାସଲ କରିଥିଲେ। ଗତ ୭ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ପାର୍ବତୀ ୨ୟ ଓଡ଼ିଆ ଆଥ୍‌ଲେଟ୍‌ଭାବେ ପଦକ ହାସଲ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଏଥିପୂର୍ବରୁ ଜାଭେଲିନ୍ ଥ୍ରୋରେ ସମ୍ବଲପୁରର ନମିତା ପଟେଲ ମଧ୍ୟ ରୌପ୍ୟ ପଦକ ହାସଲ କରିଥିଲେ।



ପାର୍ବତୀ ସେଠୀ

# ସଂକ୍ଷେପରେ

## ଅର୍ଜୁନ ପୁରସ୍କାର ସିଲେକ୍ସନ କମିଟିରେ ବିମଳ କୁମାର, ନାଚାପ୍ପା

**ନୂଆଦିଲ୍ଲୀ, ୧୦ା୯ (ପି.ଟି.):** କ୍ରୀଡ଼ା ମନ୍ତ୍ରଣାଳୟ ପୂର୍ବତନ ଜାତୀୟ ବ୍ୟାଡ୍‌ମିଣ୍ଟନ କୋଚ୍ ବିମଳ କୁମାର ଓ ପୂର୍ବତନ ଆଥ୍‌ଲେଟ ଅଶ୍ୱିନ ନାଚାପ୍ପାଙ୍କୁ ଚଳିତବର୍ଷର ଅର୍ଜୁନ ଓ ଖେଳରତ୍ନ ପୁରସ୍କାର ସିଲେକ୍ସନ କମିଟିର ଅନ୍ୟତମ ସଦସ୍ୟ ଭାବେ ମନୋନୀତ କରିଛି। ଦିଲ୍ଲୀ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଇନ୍ଦରମିତ୍ କାଉଲ୍ କୋଚାର କମିଟିର ଅଧକ୍ଷ ରହିବେ। ଏଥିରେ ୩ଜଣ ବିଶିଷ୍ଟ କ୍ରୀଡ଼ା ଖବରଦାତା ମଧ ସଦସ୍ୟ ରହିବେ। ଚଳିତ ମାସ ମଧଭାଗରେ ହେବାକୁ ଥିବା ସିଲେକ୍ସନ କମିଟି ବୈଠକରେ ଚଳିତ ବର୍ଷର ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତାଙ୍କୁ ମନୋନୟନ କରାଯିବ। ଜାତୀୟ କ୍ରୀଡ଼ା ପୁରସ୍କାର ସାଧାରଣତଃ ସ୍ୱର୍ଗତ ହକି କିମ୍ବଦନ୍ତୀ ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମବାର୍ଷିକୀ ଅଗଷ୍ଟ ୨୯ ତାରିଖରେ ପ୍ରଦାନ କରାଯାଇଥାଏ। କିନ୍ତୁ ଏଥର ଏସିଆନ ଗେମ୍ସ ଯୋଗୁ ପରମ୍ପରା ଭଙ୍ଗ ହୋଇଛି। ପୁରସ୍କାର ବିତରଣ ସେପ୍ଟେମ୍ବର ୨୫କୁ ଘୁଞ୍ଚାଇ ଦିଆଯାଇଛି।

## ସାଇଜ୍ୟୋତିଙ୍କୁ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୧୦ା୯ (ସ୍ପୋର୍ଟ୍ସ ବ୍ୟୁରୋ):** ବିଶାଖାପାଟଣାର ସ୍ୱର୍ଣ୍ଣ ଭାରତୀ ଇନଡୋର ଷ୍ଟାଡିୟମରେ ପଞ୍ଚମ ଓପନ କରାଟେ ଚାମ୍ପିୟନଶିପ୍ 'ସୁରକ୍ଷା କପ୍ ୨୦୧୮' ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍‌ରେ ସ୍ଥାନୀୟ ପୋଖରୀପୁଟ ଡିଏଭି ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ର ସାଇଜ୍ୟୋତି ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆନ୍ତର୍ଜାତିକ ଖ୍ୟାତି ସମ୍ପର୍ଣ୍ଣା ମହିଳା କରାଟେ ଖେଳାଳି ଭାଲେନା ଭାଲେଣ୍ଟିନାଙ୍କଠାରୁ ସାଇଜ୍ୟୋତି ପ୍ରଶିକ୍ଷଣ ନେଉଛନ୍ତି। ଜଣେ ସଫଳ କରାଟେ ଖେଳାଳି ହେବାର ଅଭିଳାଷ ପୋଷଣ କରୁଥିବା ସାଇଜ୍ୟୋତି ଭାଲେନାଙ୍କୁ ପଦକ ସଫଳତାର ଶ୍ରେୟ ପ୍ରଦାନ କରିଛନ୍ତି।

## ମହିଳା କ୍ରିକେଟ ଭାରତ-ଶ୍ରୀଲଙ୍କା ସିରିଜ ଆଜିଠୁ

**ଦୁବାଇ, ୧୦ା୯ (ପି.ଟି.):** ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ(ଆଇସିସି) ମହିଳା ଚାମ୍ପିୟନଶିପ୍‌ର ତୃତୀୟ ରାଉଣ୍ଡ ପରିପ୍ରେକ୍ଷୀରେ ଭାରତ ଓ ଶ୍ରୀଲଙ୍କା ମହିଳା ଦଳ ମଧ୍ୟରେ ୩ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ମଙ୍ଗଳବାରଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କ୍ରିକେଟ ପରିଚାଳନା ପରିଷଦ ସୋମବାର ଏହା ଘୋଷଣା କରିଛି। ଆଇସିସି ମହିଳା ବିଶ୍ୱକପ୍ ୨୦୨୧ ଯୋଗ୍ୟତା ଦୌଡ଼ରେ ରହିଥିବା ଦେଶଗୁଡ଼ିକ ମଧ୍ୟରେ ନ୍ୟୁଜିଲାଣ୍ଡ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଏହାପଛକୁ ଯଥାକ୍ରମେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ପାକିସ୍ତାନ, ୱେଷ୍ଟଇଣ୍ଡିଜ, ଭାରତ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ରହିଛନ୍ତି। ଆଇସିସି ମହିଳା ବିଶ୍ୱକପ୍ ୨୦୧୭ ଫାଇନାଲିଷ୍ଟ ଭାରତ ୬ଟି ମ୍ୟାଚରୁ ୪ ପଏଣ୍ଟ ସଂଗ୍ରହ କରି ୬ଷ୍ଠ ସ୍ଥାନରେ ରହିଛି। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବାକୁଥିବା ସିରିଜ ଉଭୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତ ନିକଟରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜରେ ପରାସ୍ତ ହୋଇଥିବାରୁ ଦଳ ପାଇଁ ପ୍ରତ୍ୟାବର୍ତ୍ତନର ସୁଯୋଗ ରହିଛି। ଆଇସିସି ମହିଳା ଚାମ୍ପିୟନଶିପ୍‌ରେ ସମସ୍ତ ୮ଟି ଦଳ ପରସ୍ପର ହୋମ୍ ଏବଂ ଆୱେ ଭିତ୍ତିରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ ବିଶିଷ୍ଟ ଏକ ସିରିଜ ଖେଳିବେ। **ଭାରତୀୟ ମହିଳା ଦଳ:** ମିଥାଲି ରାଜ (ଅଧିନାୟିକା), ଟାନ୍ୟା ଭାଟିଆ, ଏକତା ବିଷ୍ଟ, ରାଜେଶ୍ୱରୀ ଗାଏକ୍ୱାଡ, ଝୁଲଣ ଗୋସ୍ୱାମୀ, ଦୟାଲାନ ହେମଲତା, ମାନସୀ ଯୋଶି, ହରମନପ୍ରୀତ କୌର, ବେଦା କ୍ରିଷ୍ଣମୂର୍ତ୍ତି, ସ୍ମୃତି ମନ୍ଧାନା, ଶିଖା ପାଣ୍ଡେ, ପୁନମ ରାଉତ, ଜେମିମା ରୋଡ୍ରିଗୁଏଜ୍, ଦୀପ୍ତି ଶର୍ମା, ପୁନମ ଯାଦବ।



"ରବୀନ୍ଦ୍ର ଜାଡ଼େଜା ଜଣେ ଅସାଧାରଣ ଖେଳାଳି। ତାଙ୍କୁ ଅନ୍ତିମ ଟେଷ୍ଟ ମ୍ୟାଚରେ ଖେଳାଯାଇଥିବାରୁ ଆମେ ଖୁସି।
–ପଲ୍ ଫାର୍‌ବ୍ରେସ୍
ଇଂଲଣ୍ଡ ସହକାରୀ କ୍ରିକେଟ କୋଚ୍



"ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଏକ କଠିନ ପରିସ୍ଥିତିରେ ମୁଁ ଅର୍ଦ୍ଧଶତକ ହାସଲ କରିପାରିବା ପଛରେ ଦ୍ରାବିଡଙ୍କ ପରାମର୍ଶ କାମ କରିଛି ।
–ହନୁମା ବିହାରୀ, ଭାରତୀୟ କ୍ରିକେଟର





ରୁଟ୍, କୁକ୍‌ଙ୍କ ଶତକ

# ଇଂଲଣ୍ଡ ନିୟନ୍ତ୍ରଣରେ ଅନ୍ତିମ ଟେଷ୍ଟ

**ଲଣ୍ଡନ, ୧୦ା୯ (ପି.ଟି.)**

ସ୍ଥାନୀୟ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ଭାରତ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ଘରୋଇ ଇଂଲଣ୍ଡ ଅଭିଜ୍ଞ ଓପନର ଆଲିଷ୍ଟର କୁକ୍ ଓ ଅଧିନାୟକ ଜୋ ରୁଟ୍‌ଙ୍କ ଶତକ ବଳରେ ସ୍ଥିତି ମଜଭୁତ କରିଛି। ପ୍ରଥମ ଇନିଂସରେ ୪୦ ରନର ଅଗ୍ରଣୀ ହାସଲ କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୧୨.୩ ଓଭରରେ ୮ ଉଇକେଟ ହରାଇ ୪୨୩ ରନ କରି ପାଳି ଘୋଷଣା କରିଥିଲା। ଫଳରେ ଭାରତ ସମ୍ମୁଖରେ ବିଜୟ ପାଇଁ ୪୬୪ ରନର ବିଶାଳ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୧୮ ଓଭରରେ ୩ ଉଇକେଟ ହରାଇ ୫୮ ରନ ସଂଗ୍ରହ କରିଛି। ମ୍ୟାଚ ଆଉ ଗୋଟିଏ ଦିନ ଥିବାବେଳେ ଭାରତ ୭ ଉଇକେଟ ବାକି ଥାଇ ବିଜୟ ପାଇଁ ଆହୁରି ୪୦୬ ରନ ଆବଶ୍ୟକ କରୁଛି। ଓପନର ଲୋକେଶ ରାହୁଲ ୪୬ ଓ ଅଜିଙ୍କ୍ୟ ରାହାନେ ୧୦ ରନ କରି ଅପରାଜିତ ରହିଛନ୍ତି। ଶିଖର ଧାୱନ ୧ ରନ କରି ଆଉଟ ହୋଇଥିବା ବେଳେ ଅଧିନାୟକ ବିରାଟ କୋହଲି ଓ ଚେତେଶ୍ୱର ପୂଜାରା ଖାତା ଖୋଲି ପାରି ନାହାନ୍ତି। ବୋଲିଂରେ ଇଂଲଣ୍ଡ ତରଫରୁ ଜେମ୍ସ ଆଣ୍ଡରସନ ୨ ଓ ଷ୍ଟୁଆର୍ଟ ବ୍ରଡ ଗୋଟିଏ ଉଇକେଟ ନେଇଛନ୍ତି।

ତୃତୀୟ ଦିବସର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୧୧୪/୨ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ଦମ୍‌ଦାର ପ୍ରଦର୍ଶନ କରିଛି। ଦୁଇ ଓଭରନାଇଟ ବ୍ୟାଟ୍ସମ୍ୟାନ କୁକ୍ ଓ ରୁଟ୍ ଶତକ ହାସଲ କରି ଭାରତୀୟ ବୋଲରଙ୍କୁ ନିରାଶ କରିବା ସହ ଆଉଟ ହେବା ପୂର୍ବରୁ ଦଳର ସ୍ଥିତି ଦୃଢ଼ କରିଛନ୍ତି। ୪୬ ରନରୁ ଖେଳ ଆରମ୍ଭ କରି କୁକ ୧୪୭ ରନର ଶତକୀୟ ପାଳି ଖେଳି ପଦାର୍ପଣ କରିଥିବା ଭାରତୀୟ କାମଚଳା ସ୍ପିନର ହନୁମା ବିହାରୀଙ୍କ ବଲରେ କଟ୍ ବିହାଇଣ୍ଡ ହୋଇଥିଲେ। ସେହିପରି ୨୯ ରନରୁ ଖେଳ ଆରମ୍ଭ କରି ରୁଟ୍ ୧୨୫ ରନ କରିଥିବା ବେଳେ ହନୁମାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ରୁଟ୍ ବଦଳ ଫିଲ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ହନୁମାଙ୍କ ଗୋଟିଏ ଓଭରରେ ଏହି ଦୁଇ ବ୍ୟାଟ୍ସମ୍ୟାନ ଆଉଟ ହୋଇଥିଲେ। ଦ୍ୱିତୀୟ ଇନିଂସର ୯୫ତମ ଓଭରର ପ୍ରଥମ ବଲ୍‌ରେ ରୁଟ୍ ଓ ଦ୍ୱିତୀୟ ବଲରେ କୁକ୍ ଆଉଟ ହୋଇଥିଲେ। ଏହାପରେ ଉଇକେଟ କିପର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋ ୧୮, ଜୋଶ ବଟଲର ବିନା ସ୍କୋରରେ, ବେନ ଷ୍ଟୋକ୍ସ ୩୭ ଓ ସାମ କୁରାନ ୨୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଆଦିଲ ରସିଦ୍ ୨୦ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ରବୀନ୍ଦ୍ର ଜାଡେଜା ଓ ହନୁମା ବିହାରୀ ୩ଟି ଲେଖାଏ, ସାମି ଦୁଇଟି ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ଜିତି ଇଂଲଣ୍ଡ ପ୍ରଥମ ଇନିଂସରେ ୧୨୨ ଓଭରରେ ୩୩୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରଥମ ଇନିଂସରେ ୯୫ ଓଭରରେ ୨୯୨ ରନ କରି ଅଲଆଉଟ ହେବା ସହ ୪୦ ରନ ପଛରେ ପଡିଥିଲା। ୫ ମ୍ୟାଚ ବିଶିଷ୍ଟ ଏହି ସିରିଜରେ ଇଂଲଣ୍ଡ ୩–୧ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ- ୧୨୨ ଓଭରରେ ୩୩୨ ଅଲଆଉଟ୍।

ଭାରତ ପ୍ରଥମ ଇନିଂସ- ୯୫ ଓଭରରେ ୨୯୨ ଆଲଆଉଟ

ଇଂଲଣ୍ଡ ଦ୍ୱିତୀୟ ଇନିଂସ- ୧୧୨.୩ ଓଭରରେ ୪୨୩/୮ (ଇନିଂସ ଘୋଷଣା)

(କୁକ- ୧୪୭, ରୁଟ୍- ୧୨୫, ଜାଡେଜା- ୩/୧୭୯, ବିହାରୀ- ୩/୩୭, ସାମି- ୨/ ୧୧୦)।

ଭାରତ ଦ୍ୱିତୀୟ ଇନିଂସ- ୧୮ ଓଭରରେ ୫୮/୩

(ରାହୁଲ- ୪୬ *, ରାହାନେ- ୧୦*, ଆଣ୍ଡରସନ- ୨/୨୩)

## ବିଦାୟୀ ଟେଷ୍ଟରେ କୁକ୍‌ଙ୍କ କୀର୍ତ୍ତିମାନ

ଅଭିଜ୍ଞ ଇଂଲଣ୍ଡ ଓପନର ଆଲିଷ୍ଟର କୁକ୍ ବିରଳ ସଫଳତା ହାସଲ କରିଛନ୍ତି। ଟେଷ୍ଟ କ୍ରିକେଟ ଇତିହାସରେ ସେ ପଞ୍ଚମ ବ୍ୟାଟ୍ସମ୍ୟାନ ଭାବେ ନିଜ ପ୍ରଥମ ଓ ଅନ୍ତିମ ମ୍ୟାଚରେ ଶତକ ହାସଲ କରି ଏକ ଅସାଧାରଣ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଠାରେ ଚାଲିଥିବା ଭାରତ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ କୁକ୍ ୧୪୭ ରନର ଦମ୍‌ଦାର ଶତକୀୟ ପାଳି ଖେଳି ଭାରତୀୟ କାମଚଳା ସ୍ପିନର ହନୁମା ବିହାରୀଙ୍କ ବଲରେ ଉଇକେଟ କିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହି ଶତକୀୟ ଇନିଂସ ଅବସରରେ କୁକ୍ ୨୮୬ଟି ବଲ୍‌ର ସମ୍ମୁଖୀନ ହୋଇ ୧୪ଟି ଚୌକା ମାରିଥିଲେ। ଦ୍ୱିତୀୟ ଇନିଂସର ୭୦ତମ ଓଭରରେ ଯଶପ୍ରୀତ ବୁମରାଙ୍କ ବଲରେ ରନ ସଂଗ୍ରହ କରି କୁକ୍ ଶତକ ହାସଲ କରିଥିଲେ ଓ ସେ ଅଷ୍ଟ୍ରେଲିଆର ଷ୍ଟିଭ ୱାଙ୍କୁ ପଛରେ ପକାଇଥିଲେ। ଷ୍ଟିଭ ୩୨ଟି ଶତକ ହାସଲ କରିଥିଲେ। ସବୁଠାରୁ ମଜାର କଥା ହେଉଛି ଯେ, କୁକ୍ ଭାରତ ବିପକ୍ଷରେ ହିଁ ୨୦୦୬ରେ ନାଗପୁରରେ ପଦାର୍ପଣ କରି ଶତକ ଅର୍ଜନ କରିଥିଲେ। ଏହା ପୂର୍ବରୁ କୁକ୍ ପ୍ରଥମ ଇନିଂସରେ ୭୧ରନର ଅର୍ଦ୍ଧଶତକୀୟ ପାଳି ଖେଳି ଯଶପ୍ରୀତ ବୁମରାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ।

କୁକ୍‌ଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ରେଗ୍ଗି ଡଫ୍, ବିଲ୍ ପନ୍ସଫର୍ଡ, ଗ୍ରେଗ ଚାପେଲ ଓ ଭାରତର ମହମ୍ମଦ ଆଝାରୁଦ୍ଦିନ କ୍ୟାରିୟର ପ୍ରଥମ ଓ ଅନ୍ତିମ ଟେଷ୍ଟରେ ଶତକ ହାସଲ କରିଥିଲେ। ଏଥିସହିତ କୁକ୍ କ୍ୟାରିୟରର ୩୩ତମ ଟେଷ୍ଟ ଶତକ ଅର୍ଜନ କରି ଏହି ବିରଳ କ୍ଲବ୍‌ରେ ସାମିଲ ହୋଇଛନ୍ତି। କୁକ୍ ତାଙ୍କର ଅନ୍ତିମ ଇନିଂସରେ ୭୬ ରନ କରିବା ପରେ ବାମହାତୀ ବ୍ୟାଟ୍ସମ୍ୟାନ ଭାବେ ସର୍ବାଧିକ ରନ୍ ସଂଗ୍ରହ କରି ଶ୍ରୀଲଙ୍କାର କୁମାର ସାଙ୍ଗକରାଙ୍କୁ ପଛରେ ପକାଇଥିଲେ। ମୋଟ ଉପରେ ସେ ଟେଷ୍ଟ ଫର୍ମାଟରେ ପଞ୍ଚମ ସର୍ବାଧିକ ରନ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ଏହି ତାଲିକାରେ ଭାରତର ସଚିନ ତେନ୍ଦୁଲକର, ଅଷ୍ଟ୍ରେଲିଆର ରିକି ପଣ୍ଟିଂ, ଦକ୍ଷିଣ ଆଫ୍ରିକାର ଜ୍ୟାକ କାଲିସ୍ ଓ ଭାରତର ରାହୁଲ ଦ୍ରାବିଡ୍ କୁକ୍‌ଙ୍କ ଉପରେ ସ୍ଥାନିତ ହୋଇଛନ୍ତି। ଭାରତ ବିପକ୍ଷରେ ଏହା କୁକ୍‌ଙ୍କ ସପ୍ତମ ଟେଷ୍ଟ ଶତକ। ପୂର୍ବରୁ କେଭିନ ପିଟରସନ ଭାରତ ବିପକ୍ଷରେ ୬ଟି ଶତକ ହାସଲ କରିଥିଲେ। ପଣ୍ଟିଂଙ୍କ ପରେ କୁକ୍ ଭାରତ ବିପକ୍ଷରେ ଦ୍ୱିତୀୟ ସର୍ବାଧିକ ରନ ସ୍କୋରର ସାବ୍ୟସ୍ତ ହୋଇଛନ୍ତି।

### ସଂଖ୍ୟାରେ କ୍ୟାରିୟର

ଟେଷ୍ଟ- ୧୬୧
ଇନିଂସ- ୨୯୧
ରନ- ୧୨,୪୭୨
ହାରାହାରି- ୪୫. ୩୫
ଶତକ- ୩୩
ଅର୍ଦ୍ଧଶତକ- ୫୭
ବଲ ସମ୍ମୁଖୀନ- ୨୬,୫୬୨
ବ୍ୟାଟିଂ ମିନିଟ୍‌ରେ- ୩୭,୩୦୮
ସର୍ବାଧିକ ସ୍କୋର- ୨୯୪
ପଦାର୍ପଣ- ୨୦୦୬

ପୁଣି କେବଳ ଦ୍ୱିତୀୟ ଇନିଂସରେ ସେ ୧୫ଟି ଶତକ ହାସଲ କରି ସାଙ୍ଗକରା (୧୪)ଙ୍କୁ ପଛରେ ପକାଇଛନ୍ତି।

କ୍ୟାରିୟରର ବିଦାୟୀ ଟେଷ୍ଟରେ କୁକ୍‌ଙ୍କ ଏହି ଦମ୍‌ଦାର ପ୍ରଦର୍ଶନକୁ ବିଶ୍ୱବ୍ୟାପୀ ପ୍ରଶଂସା କରାଯାଇଛି। ଓଭାଲ ଷ୍ଟାଡିୟମରେ ଉପସ୍ଥିତ ଥିବା କୁକଙ୍କ ଝିଅ ତାଙ୍କୁ ଛିଡ଼ା ହୋଇ ଅଭିବାଦନ ଜଣାଇଥିଲେ। ଆଜିକୁ ୭୦ ବର୍ଷ ତଳେ ଏହି ଗ୍ରାଉଣ୍ଡରେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସାର ଡନ ବ୍ରାଡମ୍ୟାନ ନିଜର ଅନ୍ତିମ ଟେଷ୍ଟ ଖେଳିଥିଲେ। ତେବେ ଏରିକ ହୋଲିଜଙ୍କ ଗୁଗଲିରେ ଆଉଟ ହେବା ପରେ ତାଙ୍କ ଆଖି ଛଳଛଳ ହୋଇଯାଇଥିଲା।

## କାଉଣ୍ଟି କ୍ରିକେଟ: ମୁରଲୀ ବିଜୟଙ୍କ ଅର୍ଦ୍ଧଶତକ

**ଲିସବନ, ୧୦ା୯ (ଏଏଫ୍‌ପି)**

ଭାରତ ଓପନର ମୁରଲୀ ବିଜୟ ଶେଷରେ ଇଂଲଣ୍ଡରେ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଛନ୍ତି। ସୋମବାର ଏସେକ୍ସ ତରଫରୁ ନଟିଂହାମଶାୟାର ବିପକ୍ଷ କାଉଣ୍ଟି ଚାମ୍ପିୟନଶିପ୍ ଡିଭିଜନ ୱାନ ମ୍ୟାଚ୍‌ରେ ସେ ଏକ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ୯୫ ବଲ୍‌ରେ ୯ ଚୌକା ସହ ୫୬ ରନ କରିଛନ୍ତି। ଅନ୍ୟ ଏକ କାଉଣ୍ଟି ମ୍ୟାଚରେ ଭାରତର ବାମହାତୀ ସ୍ପିନର ଅକ୍ଷର ପଟେଲ ଡରହାମ ତରଫରୁ ଖେଳି ୯ଟି ଉଇକେଟ ଅକ୍ତିଆର କରିଛନ୍ତି। ତନ୍ମଧ୍ୟରେ ତାଙ୍କର ଗୋଟିଏ ଇନିଂସରେ ୭ ଉଇକେଟ ଅନ୍ତର୍ଭୁକ୍ତ।

## ଭରତଙ୍କ ଶତକ: ଭାରତ ଏ' ସ୍ଥିତି ସୁଦୃଢ

**ବେଙ୍ଗାଲୁରୁ, ୧୦ା୯ (ପି.ଟି.)**

ଆଲୁରଠାରେ ଚାଲିଥିବା ଅଷ୍ଟ୍ରେଲିଆ ଏ' ବିପକ୍ଷ ଦ୍ୱିତୀୟ ଅନ୍ ଅଫିସିଆଲ କ୍ରିକେଟ ଟେଷ୍ଟ ମ୍ୟାଚରେ ଶ୍ରୀକର ଭରତଙ୍କ ଚମତ୍କାର ଶତକ ସହାୟତାରେ ଭାରତ ଏ' ଏହାର ସ୍ଥିତିକୁ ସୁଦୃଢ କରିନେଇଛି। ଭରତ ୧୮୬ ବଲ୍‌ର ସାମ୍ନା କରି ୧୨ ଚୌକା ଓ ଗୋଟିଏ ଛକା ସହ ୧୦୬ ରନ କରିଛନ୍ତି। ସେ ଓ କୁଲଦୀପ ଯାଦବ ୮ମ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ୧୧୩ ରନ ଯୋଗ କରିଛନ୍ତି, ଯାହାଫଳରେ ଅଷ୍ଟ୍ରେଲିଆ ଏ'ର ପ୍ରଥମ ଇନିଂସ ସ୍କୋର ୩୪୬ ରନ ଜବାବରେ ଭାରତ ଏ' ୫୦୫ ରନ କରିପାରିଛି। ଭ୍ରମଣକାରୀ ଦଳ ଏହାର ଦ୍ୱିତୀୟ ଇନିଂସ ଆରମ୍ଭ କରିବାକୁ ଯାଇ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୨ ଉଇକେଟ ବିନିମୟରେ ୩୮ ରନ କରିଛି। ଦଳ ଭାରତ ଏ'ଠାରୁ ଆହୁରି ୧୨୧ ରନ ପଛରେ ରହିଛି। ମଙ୍ଗଳବାର ହେଉଛି ମ୍ୟାଚର ଅନ୍ତିମ ଦିବସ। ସକାଳେ ଭାରତ ଏ' ପୂର୍ବଦିନର ଅସମାପ୍ତ ସ୍କୋର ୨୨୩/୩ରୁ ଖେଳ ଆରମ୍ଭ କରିଥିଲା। ଦଳ ପ୍ରଥମେ ଅଧିନାୟକ ଶ୍ରେୟାସ ଆୟାର (୪୨)ଙ୍କ ଉଇକେଟ ହରାଇଥିଲା। ସେ ମିଚେଲ ମାର୍ଶଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ପରେ ଭରତ ୫ମ ଉଇକେଟରେ ଶୁବମନ ଗିଲ୍ (୫୦)ଙ୍କ ସହିତ ୪୧ରନର ପାର୍ଟନରଶିପ୍ କରିଥିଲେ। ମଧ୍ୟାହ୍ନଭୋଜନ ପୂର୍ବରୁ ଗିଲ୍‌ଙ୍କୁ କ୍ରିସ୍ ଟ୍ରେମ୍ୟାନ ବୋଲ୍ଡ କରିଦେଇଥିଲେ। ଦ୍ୱିତୀୟ ସେସନରେ ଭାରତ କ୍ରିଷ୍ଣାପ୍ପା ଗୋଥାମ (୨୦) ଓ ଦୀପକ ଚହର



ଶ୍ରୀକର ଭରତ

(୬)ଙ୍କ ଉଇକେଟ ହରାଇଥିଲା। ସେତେବେଳକୁ ୩୭୦ ରନରେ ଭାରତର ୭ଟି ଉଇକେଟ ପତନ ଘଟିସାରିଥିଲା। କିନ୍ତୁ ଭରତ ଓ କୁଲଦୀପ କ୍ରିଜ୍‌ରେ ଦୃଢତାର ସହିତ ମହଜୁଦ ରହି ଏକ ବଡ଼ ପାର୍ଟନରଶିପ କରିବା ଦ୍ୱାରା ଭାରତ ଏ' ଏକ ବିଶାଳ ସ୍କୋର କରିବାରେ ସମର୍ଥ ହୋଇଥିଲା। ଅଷ୍ଟ୍ରେଲିଆ ଏ' ତରଫରୁ ଆଷ୍ଟନ ଅଗର (୩/୮୭) ଓ ଟ୍ରିମେନ୍ (୩/୪୧) ତିନୋଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆ ଏ'ର ଦ୍ୱିତୀୟ ଇନିଂସ ଆରମ୍ଭ ନୈରାଶ୍ୟଜନକ ଥିଲା। କର୍ଟିସ ପ୍ୟାଟରସନ ଓ ମ୍ୟାଟ୍ ରେନଶ ଶୀଘ୍ର ଆଉଟ ହୋଇଯାଇଥିଲେ। ପ୍ୟାଟରସନ (୪)ଙ୍କୁ ଗୋଥାମ ଆଉଟ କରିଥିବାବେଳେ ରେନ୍‌ଶ (୧୯) ଶାହବାଜ ନଦିମଙ୍କ ବୋଲିଂର ଶିକାର ହୋଇଥିଲେ।

■ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟ ସ୍କୁଲ ଚେସ୍

# ସାର୍ଥକ ଦେବତା ଚାମ୍ପିୟନ

**କଟକ ଅଫିସ,୧୦ା୯**

ଇଷ୍ଟକୋଷ୍ଟ ରେଲୱେ ଇନ୍‌ଷ୍ଟିଚ୍ୟୁଟଠାରେ ଏସ୍.ଆର ଚେସ ସେଣ୍ଟର ଆନୁକୂଲ୍ୟରେ ଚାଲିଥିବା ପ୍ରଥମ କୁଳମଣି ତ୍ରିପାଠୀ ସ୍ମାରକୀ ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍ ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ରବିବାର ସୁଦ୍ଧା ୭ ରାଉଣ୍ଡ ଖେଳରୁ ୭ ପଏଣ୍ଟ ପାଇଁ ଅଗ୍ରଣୀ ରହିଥିବା ରାଉରକେଲା ଡିପିଏସ୍ ସ୍କୁଲର ସାର୍ଥକ ଦେବତା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି। ସୋମବାର ଅନ୍ତିମ ତଥା ୮ମ ରାଉଣ୍ଡରେ ମଧ ସାର୍ଥକ ବିଜୟୀ ହୋଇଥିଲେ। ଜଗଦୀଶ ବାରିକ, କୌସ୍ତୁଭ ଦାସ, ରୁଦ୍ର ନାରାୟଣ, ପ୍ରକୃତି ରାଉତ, ଶାଶ୍ୱତ ମଲ୍ଲିକ ୭ ପଏଣ୍ଟ ଲେଖାଏ ହାସଲ କରି ଯଥାକ୍ରମେ ୨ୟରୁ ୬ଷ୍ଠ ସ୍ଥାନରେ ରହିଛନ୍ତି। ହର୍ଷିତ ରଞ୍ଜନ ସାହୁ ୭ମ, ସୂର୍ଯ୍ୟପ୍ରଞ୍ଜଳ ଇନ୍ଦ୍ରଜିତ ୮ମ, ସୁହାନା ଜେନା ୯ମ ଓ ଅଭିଜ୍ଞା ମହାନ୍ତି ୧୦ମ ସ୍ଥାନରେ ରହିଥିଲେ। ୧୦ ବର୍ଷରୁ କମ ବର୍ଗରେ ଶ୍ରେଷ୍ଠ ଖେଳାଳି ଭାବେ ସ୍ଥିତପ୍ରଜ୍ଞା ସାହୁ, ସ୍ୱୟଂ ଲକ୍ଷ୍ମୀଦତ୍ତ ସାବତ, ଓମ ଆଦିତ୍ୟ ରାଉତ ପ୍ରମୁଖ ବିବେଚିତ ହୋଇଛନ୍ତି। ସେହିପରି ୧୧ ବର୍ଷରୁ କମ୍ ଶ୍ରେଷ୍ଠ ଖେଳାଳି ଭାବେ ଓମକାର ଆନନ୍ଦ ମିଶ୍ର, ସ୍ୱୟଂଶୁ ସାମନ୍ତରାୟ, ଆୟୁଷ ମହାନ୍ତି, ୧୨ବର୍ଷରୁ କମ୍ ଶ୍ରେଷ୍ଠ ଖେଳାଳି ଭାବେ ପ୍ରତ୍ୟୁଷ ମହାପାତ୍ର, ଦିବ୍ୟସିଂ ରାୟ, ସ୍ୱସ୍ତିକ ଗୌରବ, ପି ସାଇରୂପା, ୧୩ ବର୍ଷରୁ କମ୍ ଶ୍ରେଷ୍ଠ ଖେଳାଳି ଭାବେ ଆର୍ୟ୍ୟନ ଅର୍ନଭ ସାମନ୍ତରାୟ, ଅମନ ଲାହା, ସତ୍ୟମ ନାୟକ, ବୈଷ୍ଣବୀ ଘୋଷ ପୁରସ୍କୃତ ହୋଇଥିଲେ। ରେଲୱେର ଶ୍ରେଷ୍ଠ ଖେଳାଳି ଭାବେ ଆୟୁଷି ମହାନ୍ତିଙ୍କୁ, ବ୍ରାଇଟ ଫ୍ୟୁଚର ସ୍କୁଲର ଶ୍ରେଷ୍ଠ ଖେଳାଳି ଭାବେ ରାଜ ଆର୍ୟ୍ୟନ ମଲ୍ଲିକଙ୍କୁ, ଆଟେଲ୍ସ ପବ୍ଲିକ ସ୍କୁଲର ଶ୍ରେଷ୍ଠ ଖେଳାଳି ଭାବେ ଶ୍ରୀମୟ ରାୟଙ୍କୁ ପୁରସ୍କୃତ କରାଯାଇଛି। ସାଇ ଇଣ୍ଟରନ୍ୟାସନାଲ ସ୍କୁଲ, ସିଡ଼ିଏ ଡିଏଭି ଓ କଟକର ସେଣ୍ଟ ଜାଭିୟର୍ସ ହାଇସ୍କୁଲକୁ ଦଳଗତ ଭାବେ ଶ୍ରେଷ୍ଠ ବିଦ୍ୟାଳୟ ବୋଲି ଘୋଷଣା କରାଯାଇଥିଲା। ଅନ୍ୟପକ୍ଷରେ ଶ୍ରେଷ୍ଠ ପ୍ରଦର୍ଶନ ଭିତ୍ତିରେ ଚେସ୍ ସେଣ୍ଟର ଗୁଡ଼ିକୁ ମଧ ପୁରସ୍କୃତ କରାଯାଇଛି। ଏସ୍‌ଆର୍ ଚେସ୍ ସେଣ୍ଟର, ଆଇଏସ୍ ଚେସ୍ ସେଣ୍ଟର ଓ କିଙ୍ଗସ ଚେସ୍ ସେଣ୍ଟର ପୁରସ୍କୃତ ହୋଇଥିଲେ।

ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଏସ୍‌ଆର୍ ଚେସ୍ ସେଣ୍ଟରର ନିର୍ଦ୍ଦେଶକ ସତ୍ୟରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଭିନେତ୍ରୀ ମେଘନା ମିଶ୍ର ମୁଖ୍ୟ ଅତିଥି, ଡ. ଦେବସ୍ମିତା ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜା ନାରାୟଣ ତ୍ରିପାଠୀ, ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଚେସ୍ ତାରକା ଆରୁଷୀ ଶ୍ରୀଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତର୍ଜାତୀୟ ଆର୍ବିଟର ନୀହାର ରଞ୍ଜନ ସାସମଲ, ତାପସ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚୈତନ୍ୟ ରାଉତ, ସୂର୍ଯ୍ୟକାନ୍ତ ବିଶୋୟୀ, ଅବିନାଶ ଦାସ, ସତ୍ୟଜିତ ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏସ୍.କେ ବିଶୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।



ପୁରସ୍କାର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୧/୨୦୧୮ Bhubaneswar, Tuesday, September 11/ 2018

## ସଂକ୍ଷେପରେ

### ଏସ୍‌ସିଏସ୍ କଲେଜ ସ୍ୱୟଂଶାସିତ ମାନ୍ୟତା ନ ଥିବା ପ୍ରସଙ୍ଗ ଖୁବ୍‌ଶୀଘ୍ର ହେବ ନବୀକରଣ: ରାଜସ୍ୱ ମନ୍ତ୍ରୀ

**ପୁରୀ ଅଫିସ, ୧୦।୯:** ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ନ ଥିବା ଘଟଣାରେ ଗଭର୍ଣ୍ଣିଂ ବଡି ଚେୟାରମ୍ୟାନ ତଥା ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁହଁ ଖୋଲିଛନ୍ତି। ଏସ୍‌ସିଏସ୍ କଲେଜ ସ୍ୱୟଂଶାସିତ(ଅଟୋନୋମସ) ମାନ୍ୟତା ହରାଇଥିବା କୁହାଯିବା ଠିକ୍ ନୁହଁ ବୋଲି ସେ କହିଛନ୍ତି। କଲେଜ ପୁନଃ ସ୍ୱୟଂଶାସିତ ମାନ୍ୟତା ପାଇବା ଲାଗି ଆବେଦନରେ ବିଳମ୍ବ ହୋଇଥିବା ସେ ସ୍ୱୀକାର କରିଛନ୍ତି। ଏନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ନିକଟରେ ଆବେଦନ କରାଯାଇଛି। କଲେଜର ନିରୀକ୍ଷଣ ଲାଗି ୟୁଜିସିକୁ ଚିଠି ଲେଖାଯାଇଛି। ତେବେ ୟୁଜିସି ଟିମ୍ ଆସିବାରେ ବିଳମ୍ବ ଘଟୁଥିବାରୁ ନବୀକରଣରେ ସମସ୍ୟା ସୃଷ୍ଟି ହୋଇଛି ବୋଲି ମନ୍ତ୍ରୀ ମହାନ୍ତି କହିଛନ୍ତି। ସ୍ୱୟଂଶାସିତ ମାନ୍ୟତା ନ ଥିବା ବର୍ଷରେ ପାସ୍ କରିଥିବା ପିଲାଙ୍କ ସାର୍ଟିଫିକେଟର ବୈଧତାକୁ ନେଇ ଉଠିଥିବା ପ୍ରଶ୍ନରେ କହିଲେ, ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଅନୁମୋଦନ ପରେ ପରୀକ୍ଷାଫଳ ପ୍ରକାଶ ପାଇଥାଏ। ଏଣୁ ପିଲାଙ୍କ ସାର୍ଟିଫିକେଟରେ କୌଣସି ଅସୁବିଧା ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଥିଲେ।

### ଚିକିତ୍ସାଧୀନ କଏଦୀଙ୍କ ମୃତ୍ୟୁ

**ଚୌଦ୍ୱାର,୧୦।୯(ଡି.ଏନ.ଏ.):** କଟକ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଆଜୀବନ କଏଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ଗାଙ୍ଗପୁର ଥାନା କେଶପୁର ଗ୍ରାମର ଡାକ ମହାରଣା। ମିଳିଥିବା ସୂଚନା ମୁତାବକ, ଡାକ ଏକ ହତ୍ୟା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ୨୦୧୧ ମସିହାରୁ ଆସ୍କା ଜେଲ୍‌ରେ ରହି ଆସୁଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେବାରୁ ତାଙ୍କୁ ଗତ ୨ ତାରିଖରେ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲକୁ ଅଣାଯାଇଥିଲା। ହୃଦ୍‌ରୋଗ ବିଭାଗରେ ଚିକିତ୍ସିତ ଡାକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସୋମବାର ସକାଳ ୮ଟାରେ ସେଠାରେ ଡାକଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ପରିବାର ଲୋକଙ୍କୁ ଜଣାଇ ଦିଆଯାଇଛି ବୋଲି ଚୌଦ୍ୱାର ଜେଲ୍ ଅଧୀକ୍ଷକ ରବି ନାରାୟଣ ସ୍ୱାଇଁ କହିଛନ୍ତି।

### ଫ୍ୟାନ୍‌ରେ ଝୁଲି ଫାର୍ମାସୀ ଛାତ୍ରୀଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୧୦।୯(ବ୍ୟୁରୋ):** ନୟାପଲ୍ଲୀ ଥାନା ଅଧୀନ ଏକ ଘରୋଇ ଫାର୍ମାସୀ କଲେଜରେ ଡିପ୍ଲୋମା ପଢୁଥିବା ଜଣେ ଛାତ୍ରୀ ରବିବାର ରାତିରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଭଦ୍ରକ ଜିଲା ଗଣିବଂଶ ଅଞ୍ଚଳର ଶୁଭ୍ରସୀମା ପଣ୍ଡା (୧୯)। ପୋଲିସ ସୂଚନା ମୁତାବକ, ରବିବାର ରାତି ପ୍ରାୟ ୧୧ଟା ବେଳେ ସହପାଠୀମାନେ ଶୁଭ୍ରସୀମାଙ୍କ ହଷ୍ଟେଲ କୋଠରି କବାଟ ବାଡେଇଥିଲେ। ମାତ୍ର ସେ ଖୋଲି ନ ଥିଲେ। ଏ ନେଇ ସନ୍ଦେହ ହେବାରୁ ରାତି ୧୨ଟାରେ କବାଟ ଭାଙ୍ଗି ଭିତରକୁ ପଶିବା ପରେ ଓଢ଼ଣି ଲଗାଇ ଶୁଭ୍ରସୀମା ଫ୍ୟାନରେ ଝୁଲିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ପହଞ୍ଚି ଶୁଭ୍ରସୀମାଙ୍କୁ ହସ୍ପିଟାଲ ନେଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆତ୍ମହତ୍ୟା ଘଟଣାର ତଦନ୍ତ ଆରମ୍ଭ କରିଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡି ନାହିଁ।

## ପୋଲିସର ବ୍ୟବହାରରେ ଆସୁନି ପରିବର୍ତ୍ତନ

# ନିଲମ୍ବନରେ ଶେଷ ହୋଇଯାଉଛି କାର୍ଯ୍ୟାନୁଷ୍ଠାନ

**କଟକ ଅଫିସ୍,୧୦।୯**

ଜନସାଧାରଣଙ୍କ ଉପରେ ପୋଲିସର ଜୁଲମ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ କର୍ମଚାରୀଙ୍କ ବ୍ୟବହାର, କାର୍ଯ୍ୟଶୈଳୀରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳୁନାହିଁ। ସ୍ୱାଧୀନତା ପୂର୍ବରୁ ଇଂରେଜ ପୋଲିସର ବ୍ୟବହାର ଯେଉଁଭଳି ଥିଲା ଓଡ଼ିଶା ପୋଲିସ ବ୍ୟବହାର ସେହିପରି ରହିଥିବା ଭଳି ମନେ ହେଉଛି। ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ସେମାନଙ୍କ ଅଫିସର ଏବଂ କର୍ମଚାରୀମାନଙ୍କୁ ଜନସାଧାରଣଙ୍କ ନିକଟବର୍ତ୍ତୀ ହୋଇ ସେମାନଙ୍କର ସମସ୍ୟା ବୁଝିବାକୁ କହୁଥିଲେ ମଧ୍ୟ ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଜନସାଧାରଣଙ୍କ ମନରେ ପୋଲିସ ପ୍ରତି ଥିବା ଭୟ ଦୂର ହେବା ବଦଳରେ ବୃଦ୍ଧି ପାଇବାରେ ଲାଗିଛି।

ଗତ ଅଗଷ୍ଟ ୨୬ରେ ଏକ ଚୋରି ଅଭିଯୋଗରେ କେନ୍ଦ୍ରାପଡା ଜିଲା ମହାକାଳପଡା ଥାନା ପୋଲିସ ମାର୍ଶାଘାଇ ଅଞ୍ଚଳର ଅବିନାଶ ପାଇଟାଳ ନାମକ ଜଣେ ଯୁବକଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ପୋଲିସ ଥାନାରେ ଅବିନାଶଙ୍କୁ ନିଘୁଞ୍ଚ ମାଡ ମାରିଥିଲା। ସେହିଦିନ ରାତିରେ ଅବିନାଶଙ୍କ ମୃତଦେହ ନିକଟସ୍ଥ ଏକ ଗୃହରୁ ପୋଲିସ ଜବତ କରିଥିଲା। ଥାନାରୁ ଫେରାର୍ ହୋଇଯାଇ ଅବିନାଶ ଆତ୍ମହତ୍ୟା କରିଥିବା ପୋଲିସ କହିଥିଲା। ହେଲେ ଅବିନାଶଙ୍କୁ ପୋଲିସ ପିଟିପିଟି ମାରି ଦେଇଥିବା ଅବିନାଶଙ୍କ ପରିବାର ଲୋକ ଏବଂ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ପରେ ମହାକାଳପଡା ଥାନା ଅଧିକାରୀଙ୍କୁ ଡିଜିପି ନିଲମ୍ବନ କରିଥିଲେ।

ଗତ ମେ ମାସରେ ଭୁବନେଶ୍ୱରର ନୟାପଲ୍ଲୀ ଥାନା ପୋଲିସ ଦୁଇ ଜଣ ଯୁବତୀଙ୍କୁ ଥାନାକୁ ଆଣି ଅମାନୁଷିକ ଭାବେ ମାଡ଼ ମାରିଥିଲା। ପରେ ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଯୁବତୀ ଦ୍ୱୟ ଜେଲରୁ ଆସିବା ପରେ ସୋସିଆଲ ମିଡିଆରେ ପୋଲିସର ଏଭଳି କାର୍ଯ୍ୟ ସମ୍ପର୍କରେ ଜଣାଇବା ସହ ତାଙ୍କ ଦେହରେ ଥିବା କ୍ଷତ ଚିହ୍ନର ଫଟୋ ମଧ୍ୟ ଛାଡିଥିଲେ। ପୋଲିସ ମିଥ୍ୟା ମାମଲାରେ ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା ବୋଲି



ସେମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ପୋଲିସ ବିରୋଧରେ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପକାଶ ପାଇଥିଲା। ପରେ ନୟାପଲ୍ଲୀ ଥାନା ଅଧିକାରୀଙ୍କ ସମେତ ଥାନାର ଅନ୍ୟ ଦୁଇ ଏସ୍‌ଆଇଙ୍କ ବଦଳି କରାଯାଇଥିଲା।

ଗତ ଏପ୍ରିଲରେ ପୁରୀ ଜିଲା ନିମାପଡା ଥାନା ପୋଲିସ ବାସନ୍ତୀ ପାଲିତ ନାମ୍ନୀ ଜଣେ ୭୦ ବର୍ଷ ବୟସର ବୃଦ୍ଧାଙ୍କୁ ନିଘୁଞ୍ଚ ମାଡ଼ ମାରିଥିଲା। ବାସନ୍ତୀ ଘରୋଇ କଳହକୁ ନେଇ ଥାନାକୁ ଯାଇଥିବା ବେଳେ ପୋଲିସ ତାଙ୍କୁ ବାଡ଼ିରେ ମାଡ଼ ମାରିଥିଲା। ଏହି ମାଡ଼ ମାରିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ନିମାପଡା ଥାନା ଅଧିକାରୀଙ୍କୁ ଡିଜିପି ନିଲମ୍ବନ କରିଥିଲେ।

ଗତ ଫେବୃୟାରୀରେ ସମ୍ବଲପୁର ଜିଲା ଅଇଁଠାପାଲି ପୋଲିସ ଏକ ଚୋରି ମାମଲାରେ ଅବିନାଶ ମୁଣ୍ଡା ନାମକ ଜଣେ ଯୁବକଙ୍କୁ ଗିରଫ କରିଥିଲା। ପରେ ଅବିନାଶ ଥାନା ହଜାତରେ ବେକରେ ବେଡସିଟ୍ ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ସ୍ଥାନୀୟ ଲୋକେ ଅଇଁଠାପାଲି ଥାନାରେ ନିଆଁ ଲଗାଇ ଦେଇଥିଲେ। ପୋଲିସ ଅବିନାଶଙ୍କୁ ପିଟିପିଟି ମାରି ଦେଇଥିବା ଅବିନାଶଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ପରେ ଡିଜିପି ଅଇଁଠାପାଲି ଥାନା ଅଧିକାରୀଙ୍କୁ ନିଲମ୍ବିତ କରିଥିଲେ।

କେବଳ ଏହି ୪ଟି ଘଟଣା ନୁହେଁ ପ୍ରତିଦିନ ଓଡ଼ିଶାର କୌଣସି ନା କୌଣସି ଥାନାରେ ଏଭଳି ଘଟଣା ଘଟୁଛି। ସେଥିମଧ୍ୟରୁ ଅନେକ ଘଟଣା ପଦାକୁ ଆସିପାରୁନାହିଁ। ଏହି ସବୁକୁ ଦେଖିଲେ ପୋଲିସ କୌଣସି ଅପରାଧୀଠାରୁ କମ୍ ନୁହେଁ ବୋଲି ଜଣାପଡୁଛି। କିନ୍ତୁ ଦୁଃଖର ବିଷୟ ସେମାନଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। କିଛି ଦିନ ପାଇଁ ଉକ୍ତ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇ ଘଟଣା ଉପରୁ ଲୋକଙ୍କୁ ଧ୍ୟାନ ହଟାଯାଉଛି। ଫଳରେ ପୋଲିସ ଅଫିସର ଓ କର୍ମଚାରୀଙ୍କ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆସୁନାହିଁ ବୋଲି ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରି କହୁଛନ୍ତି।

ହାଇକୋର୍ଟର ଆଇନଜୀବୀ ବିସ୍ମୟ ଷ୍ଟାଲିନ କୁହନ୍ତି, ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସକୁ ଅଧିକାର ଦିଆଯାଇଛି, ମାଡ଼ ମାରିବା ପାଇଁ ନୁହେଁ। କିନ୍ତୁ ପୋଲିସ ଯେଉଁଭଳି ଅତ୍ୟାଚାର କରୁଛି ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ଖାଲି ନିଲମ୍ବନ କରିଦେଲେ ସମସ୍ୟାର ସମାଧାନ ହୋଇ ହୋଇଯିବନି ବୋଲି ସେ କହିଛନ୍ତି।

ଅତିରିକ୍ତ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି, ଯେଉଁମାନଙ୍କ ବିରୋଧରେ ଏଭଳି ଅଭିଯୋଗ ଆସୁଛି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କେତେକ ଘଟଣାର ତଦନ୍ତ ଚାଲିଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।





ସୋମବାର ଭଞ୍ଜ କଳାମଣ୍ଡପଠାରେ ଉଦ୍‌ଘାଟିତ 'ରାଷ୍ଟ୍ରୀୟ ଏକକ ନାଟକ ଉତ୍ସବ'ର ପ୍ରଥମ ସନ୍ଧ୍ୟାରେ ପରିବେଷିତ ନାଟକ 'ନାରୀକବି' ରେ କଳାକାର ଶ୍ୱେତା ରଥ ଓ ଅନ୍ୟ ଏକ ନାଟକ 'ମୀରା'ରେ ମମତା ଆହର ଅଭିନୟ ପ୍ରଦର୍ଶନ କରୁଛନ୍ତି।

## ଆରମ୍ଭ ହେଲା ରାଷ୍ଟ୍ରୀୟ ଏକକ ନାଟକ ଉତ୍ସବ

# କେଦାର ଆପ୍ତାଙ୍କୁ 'ଅସୀମ ବସୁ ସମ୍ମାନ'

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ଜଣେ ଗୃହିଣୀ, ମା' ଏବଂ ଶିକ୍ଷୟିତ୍ରୀ ଭାବେ ସେ ଜୀବନ ବିତାଉଥାଆନ୍ତି। ହେଲେ ତାଙ୍କ ପାଖରେ ଥାଏ କବି ହେବାର ଅଜସ୍ର ଆଶା ଆଉ ଆକାଂକ୍ଷା। ସଂସାର ଜଞ୍ଜାଳ ଓ କର୍ତ୍ତବ୍ୟର ଚକ୍ରବ୍ୟୂହରେ ପେଷିହେବା ସତ୍ତ୍ୱେ ସେ କବି ହେବାର ଆଶା ନେଇ ଆଗକୁ ଗତି କରି ଚାଲିଥାଆନ୍ତି। ଏଥିପାଇଁ ତାଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ଅନେକ ଲାଞ୍ଛନା, ପରିହାସର ଶିକାର ହୁଅନ୍ତି। ତଥାପି ନିଜକୁ କବି ଭାବେ ପରିଚିତ କରାଇବା ପାଇଁ ଏ ସବୁକୁ ହସି ହସି ସ୍ୱୀକାର କରିନିଅନ୍ତି। ଶେଷରେ ଜଣେ କବି, ସ୍ତ୍ରୀ ଓ ମା' ଭାବେ ସେ ସଫଳ ହୋଇପାରିଛନ୍ତି କି ନାହିଁ, ତାହାକୁ ନେଇ ମଞ୍ଚସ୍ଥ ହୋଇଥିଲା ନାଟକ 'ନାରୀକବି'।

ଉତ୍କଳ ରଙ୍ଗମଞ୍ଚ ଟ୍ରଷ୍ଟ ସହଯୋଗରେ ମିରର୍ ଅନୁଷ୍ଠାନ ପକ୍ଷରୁ ସୋମବାର ଭଞ୍ଜ କଳାମଣ୍ଡପଠାରେ 'ରାଷ୍ଟ୍ରୀୟ ଏକକ ନାଟକ ଉତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବର ପ୍ରଥମ ସନ୍ଧ୍ୟାରେ ଉତ୍କଳ ରଙ୍ଗମଞ୍ଚ ପକ୍ଷରୁ ପରିବେଷିତ ହୋଇଥିଲା ଏହି ନାଟକ। ନାଟକର କାହାଣୀ ରଚନା ପାରମିତା ଶତପଥୀ କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଅନନ୍ତ ମହାପାତ୍ର। ଏଥିରେ ଅଭିନୟ କରିଥିଲେ ଶ୍ୱେତା ରଥ। ଏହି ଅବସରରେ କେଦାର ଆପ୍ତାଙ୍କୁ 'ଅସୀମ ବସୁ ସମ୍ମାନ' ଓ ଭାସ୍ୱତୀ ବସୁଙ୍କୁ 'ଅନନ୍ତ ମହାପାତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାର ଦ୍ୱିତୀୟ ହିନ୍ଦୀ, ରାଜସ୍ଥାନୀ ନାଟକ 'ମୀରା' ଶ୍ରୀୟା ଥିଏଟର ଦ୍ୱାରା ପରିବେଷିତ ହୋଇଥିଲା। କୃଷ୍ଣଙ୍କ ପରମ ଭକ୍ତ ମୀରାବାଈଙ୍କ ଜୀବନୀ ଉପରେ ଆଧାରିତ ଏହି ନାଟକରେ ମୀରା କିପରି ପ୍ରେମ ମାର୍ଗକୁ ଆପଣାଇ ଭକ୍ତିରେ ପୂର୍ଣ୍ଣତା ପାଇଥିଲେ, ତାହା ଦର୍ଶାଯାଇଥିଲା। ନାଟକରେ ଅଭିନୟ ସାଙ୍ଗକୁ ନିର୍ଦ୍ଦେଶନା ଦେଇଥିଲେ ମମତା ଅହର୍। ସନ୍ଧ୍ୟାର ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଈଶାନ କୁମାର ପାତ୍ର, ଅନନ୍ତ ମହାପାତ୍ର, ମିରର୍ ସଂସ୍ଥା ସଭାପତି ଅଜୟ ମହାପାତ୍ର, ସମ୍ପାଦକ ଶିବ ଶଙ୍କର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

# ଯୁବକ ଭାସିଗଲେ, ପ୍ରତିବାଦରେ ରାସ୍ତାରୋକୋ

**ବାଲିପାଟଣା,୧୦।୯(ଡି.ଏନ୍.ଏ.)**

ବାଲିପାଟଣା ଥାନା ଦିୱାନପାଟଣା ଗ୍ରାମର ଦୀପ୍ତିରଞ୍ଜନ ସାହୁ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ କୁଶଭଦ୍ରା ନଦୀରେ ଭାସି ଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଦୀପ୍ତିରଞ୍ଜନ ସାଙ୍ଗମାନଙ୍କ ସହ ନଦୀରେ ଗାଧୋଉଥିଲେ। ଏହି ସମୟରେ ସେ ପହଁରି ନଦୀ ଭିତରକୁ ଯାଇଥିଲେ। ସ୍ରୋତର ପ୍ରଖରତାକୁ କାଟି ଫେରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସ୍ରୋତରେ ଭାସିଯାଇଥିବା କେତେଜଣ ସାଙ୍ଗ କହିଛନ୍ତି। ଖବରପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ଏହି ପ୍ରତିବାଦରେ ଗ୍ରାମର କେତେଜଣ ଯୁବକ ରାସ୍ତାରୋକୋ କରିଥିଲେ। ଖବରପାଇ ବାଲିପାଟଣା ତହସିଲଦାର ପ୍ରାଚୀ ମହାପାତ୍ର, ଆଇଆଇସି ଆକାଶ ରଣା ଧାରଣାରେ ବସିଥିବା ଯୁବକମାନଙ୍କୁ ବୁଝାଇବା ପରେ ରାସ୍ତାରୋକୋ ହଟିଥିଲା। ଘଟଣାସ୍ଥଳରେ ଓଡ୍ରାଫ ଟିମ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖାହେବା ବେଳକୁ ଦୀପ୍ତିରଞ୍ଜନଙ୍କ ସନ୍ଧାନ ମିଳିପାରି ନ ଥିବା ଜଣାପଡିଛି।

# ଏକ୍ସପାଏରି ଔଷଧ ଖାଇ ମହିଳାଙ୍କ ଗର୍ଭ ନଷ୍ଟ

## ମେଡିସିନ୍ ଷ୍ଟୋରରେ ଉତ୍ତେଜନା, ପୋଲିସର ତନାଘନା

**ପୁରୀ ଅଫିସ,୧୦।୯**

ଏକ୍ସପାଏରି ଔଷଧ ଖାଇ ଜଣେ ମହିଳାଙ୍କ ଗର୍ଭ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ମାର୍କେଟ ଛକ ସ୍ଥିତ ଏକ ମେଡିସିନ୍ ଷ୍ଟୋର ସମ୍ମୁଖରେ ମହିଳାଙ୍କ ସମ୍ପର୍କୀୟମାନେ ହୋହଲ୍ଲା କରିଥିଲେ। ଖବରପାଇ କୁମ୍ଭାରପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ପ୍ରକାରେ ଲୋକନାଥରୋଡ ଜଣେ ଗର୍ଭବତୀଙ୍କର ଦେହ ଭଲ ନ ଥିଲା। ପରିବାର ଲୋକେ ଜନୈକ ଡାକ୍ତରଙ୍କ ପରାମର୍ଶ କ୍ରମେ ମାର୍କେଟ ଛକ ସ୍ଥିତ ଉକ୍ତ ଦୋକାନରୁ ଔଷଧ କିଣି ମହିଳାଙ୍କୁ ଦେଇଥିଲେ। ଔଷଧ ଖାଇବାର କିଛି ସମୟ ପରେ ତାଙ୍କ ଦେହ ଭୀଷଣ ଖରାପ ହେଲା। ପରିବାର ଲୋକେ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ଚିକିତ୍ସା କରିବା ପରେ ତାଙ୍କ ଗର୍ଭ ନଷ୍ଟ ହୋଇ ଯାଇଥିବା କହିଥିଲେ। ଏକ୍ସପାଏରୀ ଔଷଧ ଖାଇବା ପରେ ଏହାର ପ୍ରତିକ୍ରିୟାରେ ଏଭଳି ହୋଇଥିବା ଡାକ୍ତର କହିଛନ୍ତି।

**ଅପରେଶନ ପରୀ-୨**

# ୯ ଦିନ ମଧ୍ୟରେ ୧୦୯୬ ଶିଶୁ ଉଦ୍ଧାର

**କଟକ ଅଫିସ, ୧୦।୯**

ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଆରମ୍ଭ ହୋଇଥିବା ଅପରେଶନ୍ ପରୀ-୨ କାର୍ଯ୍ୟକ୍ରମ ଜାରୀ ରହିଛି। ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇଥିବା ଏହି ଅପରେଶନ୍‌ରେ ରବିବାର ସୁଦ୍ଧା ୧୨୩୬ ପିଲାଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ୧୦୪୩ ନାବାଳକ ଏବଂ ୧୯୩ ନାବାଳିକା ଅଛନ୍ତି। ଉଦ୍ଧାର ପିଲାଙ୍କ ମଧ୍ୟରେ ଗଞ୍ଜାମ ଜିଲାର ୨୦୭, ବ୍ରହ୍ମପୁର ପୋଲିସ ଜିଲାର ୧୨୪, ବଲାଙ୍ଗୀର ଜିଲାର ୫୮, ଭଦ୍ରକ ଜିଲାର ୪୯, ସୁନ୍ଦରଗଡ ଜିଲାର ୪୬, କଳାହାଣ୍ଡି ଜିଲାର ୫୯, ଜିଆରପି କଟକରୁ ୪୭, ରାୟଗଡା ଜିଲାର ୩୯, ଢେଙ୍କାନାଳ ଜିଲାର ୩୪ ଜଣ ଅଛନ୍ତି। ଉଦ୍ଧାର ପିଲାମାନଙ୍କୁ ବିଭିନ୍ନ ଶିଶୁ ସୁରକ୍ଷା ସମିତିରେ ଛଡାଯାଇଥିବା ବେଳେ ସେମାନଙ୍କ ପରିବାର ଲୋକଙ୍କୁ ଏ ନେଇ ସୂଚନା ଦିଆଯାଇଛି। ୧୨୩୬ ପିଲାଙ୍କ ମଧ୍ୟରୁ ୭୨ ଜଣଙ୍କୁ ଅପହରଣ କରିନେଇ ବିଭିନ୍ନ କାର୍ଯ୍ୟରେ ଲଗାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।






# ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି

**ପୁରୀ ଅଫିସ, ୧୦।୯**

ସୋମବାର ପବିତ୍ର ଭାଦ୍ରବ ଶୁକ୍ଳ ପ୍ରତିପଦା ତିଥିରେ ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ମଦନମୋହନ ନାଟପା ମନ୍ଦିର ଖଟ ଉପରେ ବିଜେ କରିଥିଲେ। ଏହାପରେ ଠାକୁରଙ୍କ ସମ୍ମୁଖରେ ମାଟିମଣ୍ଡପ ସାହି ଆଖଡା ପକ୍ଷରୁ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ହୋଇଥିଲା। ଶୀତଳ ଭୋଗ ବନ୍ଦାପନା ପରେ ମଦନମୋହନ ବାହୁଡା ବିଜେ କରିଥିଲେ। ମଙ୍ଗଳବାର ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ ହେବ।

ଦାବାଗ୍ନି ଲୀଳା ସମ୍ପର୍କରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦାବାଗ୍ନି ଶବ୍ଦର ଅର୍ଥ ବନ ବହ୍ନି। ଯେତେବେଳେ ଭଗବାନ ଶ୍ରୀକୃଷ୍ଣ କାଳୀୟଦଳନ କଲେ ସେଦିନ କୌଣସି ଗୋପୀଗୋପାଳ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ନ ଥିଲେ। ସମସ୍ତେ ଯମୁନା ନଦୀ କୂଳରେ ଥିବା ଜଙ୍ଗଲରେ ରହିଯାଇଥିଲେ। ସେହିଦନି ରାତିରେ ପ୍ରଚଣ୍ଡ ବେଗରେ ଦାବାଗ୍ନି ପ୍ରଜ୍ୱଳିତ ହେଲା। ତାହା ଏତେ ପ୍ରଚଣ୍ଡ ଥିଲା ଯାହାକୁ ଦେଖି ନନ୍ଦ, ଯଶୋଦା, ଗୋପୀଗୋପାଳ ସମସ୍ତେ ଭୟଭୀତ ହୋଇପଡିଥିଲେ। ତେଣୁ ସେମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଶରଣ ପଶିଲେ। ଶ୍ରୀକୃଷ୍ଣ ସର୍ବସମ୍ମୁଖରେ ସେହି ଦାବାଗ୍ନିକୁ ଭକ୍ଷଣ କରିଥିଲେ। ଫଳରେ ଜଙ୍ଗଲ ରକ୍ଷା ପାଇଯାଇଥିଲା। ମହାପ୍ରଭୁଙ୍କର ଏହା ଅନ୍ୟ ଏକ ଲୀଳା, ଯାହା ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଛି।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମହତ ଲୋକର ବିଫଳ ଉଦ୍ୟମ ମଧ୍ୟ ଏ ସଂସାରରେ ସମୟେ ସମୟେ ବହୁ ଉପକାର କରିଅଛି।
- ଜନ୍ ଡାଇଡନ



## ସଂକ୍ଷେପରେ

### ମିଳିତ ମଞ୍ଚ ଶିକ୍ଷକଙ୍କ ବ୍ଲକ ଘେରାଉ ଚେତାବନୀ

**ବଡ଼ମ୍ବା,୧୦।୯(ଡି.ଏନ.ଏ.):** ବ୍ଲକଗ୍ରାଣ୍ଟ ଉଚ୍ଛେଦ ଓ ପୂର୍ଣ୍ଣ ଅନୁଦାନ ଦାବିରେ ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତମଞ୍ଚ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଚାଲିଛି। ତେବେ ଏହି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ମଞ୍ଚ ଅଣ୍ଟା ଭିଡ଼ିଛି। ମିଳିତମଞ୍ଚ ଆହ୍ୱାନକ୍ରମେ ଆନ୍ଦୋଳନରତ ଶିକ୍ଷକ, ଅଧ୍ୟାପକମାନେ ମଙ୍ଗଳବାର ଓ ବୁଧବାର ସମସ୍ତ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବଡ଼ମ୍ବା ଏବଂ ନରସିଂହପୁର ବ୍ଲକରେ କାର୍ଯ୍ୟରତ ମଞ୍ଚର ସମସ୍ତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସଂଘ ସଦସ୍ୟ ତଥା ମାଣିଆବନ୍ଧ କଲେଜ ଅଧକ୍ଷ ବିଜୟ କୁମାର ପରିଡ଼ା ସଭାପତିତ୍ୱ କରିଥିଲେ। ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି କଳିଙ୍ଗକେଶରୀ ପ୍ରଧାନ, ଓଷ୍ଟାର କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ଛତ୍ର, ଶିକ୍ଷକ ଧନଞ୍ଜୟ ମିଶ୍ର, ଶ୍ୟାମବନ୍ଧୁ ବେଉରା, ରମେଶ କୁମାର ଭଞ୍ଜ, ସୁନନ୍ଦ କୁମାର ନାୟକ, ମନମୋହନ ମହାରଣା, ଅଧାପକ ଅଜୟ କୁମାର ଶତପଥୀ, ମାନଗୋବିନ୍ଦ ପାତ୍ର ଓ କରୁଣାକର ରାଉତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଅଗଷ୍ଟ ୧୬ରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ଏବେ ବ୍ଲକ୍‌ଗ୍ରାଣ୍ଟ ଉଚ୍ଛେଦ ଦାବିରେ ରାଜ୍ୟବ୍ୟାପୀ ମିଳିତମଞ୍ଚ ଶିକ୍ଷକ, ଅଧାପକ ଏବଂ କର୍ମଚାରୀ ସ୍କୁଲ କଲେଜରେ ତାଲା ପକାଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ଶହଶହ ସ୍କୁଲ କଲେଜ ଛାତ୍ରୀଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି।

### ଗାଡ଼ି ରଖି ଫେରାର



**ନରସିଂହପୁର,୧୦।୯(ଡି.ଏନ.ଏ.):** କାନପୁର ଥାନା ଅଧୀନ ମୁରାରୀପୁର ଛକ ନିକଟରେ ଥିବା ଜଳଖିଆ ଦୋକାନ ଆଗରେ ୩ଦିନ ହେଲା ଏକ ଟିଭିଏସ୍ ମୋପେଡକୁ ରଖି କେହି ବ୍ୟକ୍ତି ଚାଲିଯାଇଛନ୍ତି। ହେଲେ ଏହି ଗାଡ଼ିଟି କାହାର ତାହା ଜଣା ପଡ଼ିନାହିଁ। ଏ ସମ୍ପର୍କରେ କାନପୁର ଥାନାରେ ସୂଚନା ଦିଆଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ। ଗାଡ଼ିଟି ଜଳଖିଆ ଦୋକାନ କଡ଼ରେ ପଡ଼ିଥିବାରୁ ନାନା ସନ୍ଦେହ ସୃଷ୍ଟି ହୋଇଛି। ନମ୍ବର ଅନୁସାରେ ଗାଡ଼ିଟି ଦିଲୀପ କୁମାର ବେହେରାଙ୍କ ନାମରେ ରହିଛି। ଅସ୍ଥାୟୀ ଠିକଣା ଭୁବନେଶ୍ୱର ରହିଥିବା ଆର୍‌ଟିଓ ସୂତ୍ରରୁ ଜଣାପଡ଼ିଛି।

### ମଦ ବିରୋଧୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

**ରଘୁନାଥପୁର, ୧୦।୯ (ଡି.ଏନ୍.ଏ.):** ନବନିର୍ମାଣ ସମିତି ଓ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ରଘୁନାଥପୁରସ୍ଥିତ ମଦନମୋହନ ମଠ ପରିସରରେ ରବିବାର ସନ୍ଧ୍ୟାରେ ମଦ ବିରୋଧୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶର ଅନେକ ରାଜ୍ୟରେ ମଦ ବ୍ୟବସାୟ ବନ୍ଦ ହୋଇଥିବା ବେଳେ ଓଡ଼ିଶାରେ ମଦ ଦୋକାନ ପାଇଁ ପ୍ରୋତ୍ସାହିତ କରାଯାଉଛି। ଫଳରେ ଅନେକ ସମୟରେ ନିଶାସକ୍ତଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇ ଶାନ୍ତି ଶୃଙ୍ଖଳା ନଷ୍ଟ ହେବା ସହ ସଂହତି ଦୂରେଇ ଯାଉଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଗାନ୍ଧୀ ଜୟନ୍ତୀଠାରୁ ପ୍ରତି ଗ୍ରାମରେ ସଚେତନତା ପୂର୍ବକ ମଦ ବିରୋଧୀ ଆନ୍ଦୋଳନ ପାଇଁ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇ ସମ୍ମିଳିତ ଦାବିପତ୍ର ସ୍ଥାନୀୟ ସବୁ ବିଧାୟକଙ୍କୁ ପ୍ରଦାନ କରାଯିବ। ଏହାଛଡ଼ା ସବୁ ପଞ୍ଚାୟତରେ ମହିଳାମାନଙ୍କ ଦ୍ୱାରା ସଭା ଓ ଶୋଭାଯାତ୍ରା ମାଧମରେ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ନଭେମ୍ବର ୨୩ ନବକୃଷ୍ଣ ଚୌଧୁରୀ ଜନ୍ମ ଦିବସରେ ଭୁବନେଶ୍ୱରରେ ଏକ ବିଶାଳ ମଦ ବିରୋଧୀ ଆନ୍ଦୋଳନର ଆୟୋଜନ କରାଯାଇ ବିଧାନସଭା ଘେରାଉ କରାଯିବ ବୋଲି ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ସୂଚନା ଦେଇଛନ୍ତି। ବୈଠକରେ ଦେବୀପ୍ରସାଦ ମହାରଣା, ସ୍ନେହାଂଶୁ ଜେନା, ସରିତ ମହାପାତ୍ର, ଜ୍ୟୋତିର୍ମୟୀ ଜେନା, ସୁରେନ ରାଉତ, ଆଶୁତୋଷ ସାହୁ, ସୁଧାଂଶୁବାଳା ପାତ୍ର, ସନ୍ତୋଷ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# କଂଗ୍ରେସର ବନ୍ଦ ସଫଳ



ସାଲେପୁରରେ କଂଗ୍ରେସ କର୍ମୀମାନେ ରାସ୍ତା ଅବରୋଧ କରିଛନ୍ତି।



ବାଙ୍କୀରେ କର୍ମୀ ରାସ୍ତାରୋକୋ କରି ପ୍ରତିବାଦ କରୁଛନ୍ତି।



ନିଶ୍ଚିନ୍ତକୋଇଲି କଂଗ୍ରେସ କର୍ମୀମାନେ ପ୍ରତିବାଦ କରୁଛନ୍ତି।

**ବାଙ୍କୀ,୧୦।୯(ସ୍ୱ.ପ୍ର.)**

ତୈଳଦର ବୃଦ୍ଧି ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବାଙ୍କୀ କଂଗ୍ରେସ ପକ୍ଷରୁ ରାଜ୍ୟ କଂଗ୍ରେସ ଉପସଭାପତି ଡ. ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ବାଙ୍କୀରେ ବନ୍ଦ ପାଳନ କରାଯାଇଛି। କଚେରି ଛକ, ନୃସିଂହ ଛକ, ଆଦିମାତା ଛକ ଓ କଲେଜ ଛକଠାରେ କର୍ମୀମାନେ ଟାୟାର ଜାଳି ରାସ୍ତା ଅବୋରୋଧ କରିଥିଲେ। ବାଙ୍କୀ ଟାଉନ ସମେତ ଏନଏସି ଅଞ୍ଚଳର ସମସ୍ତ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବିଭିନ୍ନ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଡାକଘର, ବାଙ୍କୀ କଲେଜ, ମହିଳା କଲେଜ ଖୋଲାଥିଲେ ମଧ ମୁଖ୍ୟ ଫାଟକରେ ତାଲା ପକାଯାଇଥିଲା। ବାଙ୍କୀ ଉପଖଣ୍ଡର କଳାପଥର, ବୈଦେଶ୍ୱର, ତୁଳସୀପୁର, ଡମପଡ଼ା, ସରଣ୍ଡା ଅଞ୍ଚଳରେ ମଧ ବନ୍ଦପାଳନ କରାଯାଇଥିଲା। ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଓ କଂଗ୍ରେସ ଦଳର ମୁଖ୍ୟ ସଂଯୋଜକ ରମାକାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ବନ୍ଦ ସଫଳ ହୋଇଛି। ଡମପଡ଼ା ବ୍ଲକ ଅଧକ୍ଷ ଶଶାଙ୍କ ସେଖର ସ୍ୱାଇଁ, ବାଙ୍କୀ ଉପଖଣ୍ଡ ଯୁବ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ପଣ୍ଡା, ପୂର୍ବତନ ଏନଏସି ଉପାଧକ୍ଷ ଭାଗିରଥି ବିଶ୍ୱାଳ, ଆଡ୍‌ଭୋକେଟ୍ ଶିବପ୍ରସାଦ ପାଢ଼ୀ, ଗନ୍ଧର୍ବ ମଲ୍ଲିକ ଓ ନକୂଳ ବେହେରାଙ୍କ ସମେତ ଶତାଧିକ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ବନ୍ଦ ପାଳନରେ ସାମିଲ ହୋଇଥିଲେ। କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ଟାଉନ୍ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ବନ୍ଦ ପାଳନ ସଫଳ ହୋଇଥିବା କହି ଡ. ପଟ୍ଟନାୟକ ବାଙ୍କୀ ଉପଖଣ୍ଡର ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।

**ବଡ଼ମ୍ବା,(ଡି.ଏନ.ଏ.):** ବଡ଼ମ୍ବା ବ୍ଲକ କଂଗ୍ରେସ ପକ୍ଷରୁ ସୋମବାର ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରାଯାଇଛି। ଦଳର ବ୍ଲକ ସଭାପତି ଅମୀୟ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବାଇକ୍ ଶୋଭାଯାତ୍ରାରେ ଅଭିମାନପୁରଠାରୁ ରତାପାଟ ପର୍ଯ୍ୟନ୍ତ ଯାଇ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ପରେ ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ ସଭା କରାଯାଇ ତୈଳଦର ବୃଦ୍ଧି ପାଇ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ ବୋଲି ଅଭିଯୋଗ କରାଯାଇଥିଲା। ବଡ଼ମ୍ବା ଗାନ୍ଧିଛକ ବଜାର ସମେତ କଲେଜ ରୋଡ଼ ଦୋକାନବଜାର ପ୍ରାୟ ବନ୍ଦ ରହିଥିଲା। ଗ୍ରାମାଞ୍ଚଳ ବଜାରରେ କାଁ ଭାଁ ଦୋକାନ ଖୋଲାଥିଲା। ପିକେଟିଂ ଦ୍ୱାରା ଦଳୀୟ କର୍ମୀମାନେ କଲେଜ ସମେତ ତହସିଲ, ବ୍ଲକ କାର୍ଯ୍ୟାଳୟ ଏବଂ ବିଭିନ୍ନ ବ୍ୟାଙ୍କକୁ ବନ୍ଦ କରିଥିଲେ। ବଡ଼ମ୍ବା ଓକିଲ ସଂଘ ବନ୍ଦକୁ ସମର୍ଥନ କରିଛି। ବ୍ଲକ କାର୍ଯ୍ୟାଳୟରେ କର୍ମଚାରୀ କାମ କରୁଥିବାବେଳେ କଂଗ୍ରେସ କର୍ମୀମାନେ ପହଞ୍ଚି ହୋହଲ୍ଲା କରିଥିଲେ। ପରେ ପୋଲିସ ପହଞ୍ଚି ଘଟଣାର ସମାଧାନ କରିଥିଲା। ଶୋଭାଯାତ୍ରାରେ ଦଳ ଉପସଭାପତି ରତ୍ନାକର ପଣ୍ଡାଙ୍କ ସମେତ ଦୁର୍ଯ୍ୟୋଧନ ବରାଳ, ଅକ୍ଷୟ କରଣ, ଦିଲୀପ ଦାଶ, ପ୍ରସନ୍ନ ଧଳ, ସୁଦର୍ଶନ ସେଠୀ, ଅଖିଳ ପଣ୍ଡା, କାଳନ୍ଦିଚନ୍ଦ୍ର ମିଶ୍ର, ଗୁଣନିଧି ରାଉତ ଓ ବିଜୟ ସାମନ୍ତରା ପ୍ରମୁଖ ବିଭିନ୍ନ ପଞ୍ଚାୟତର କଂଗ୍ରେସ ନେତୃବର୍ଗ ଯୋଗ ଦେଇଥିଲେ। ଆଠଗଡ଼ ଏସଡିପିଓ ପ୍ରକାଶଚନ୍ଦ୍ର ପାଲ ଓ ବଡ଼ମ୍ବା ଥାନା ଆଇଆଇସି ଶସ୍ମିତା ରଣା ପ୍ରମୁଖ ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ।

**ନରସିଂହପୁର,(ଡି.ଏନ.ଏ.):** ନରସିଂହପୁର ବ୍ଲକ କଂଗ୍ରେସ ସଭାପତି ଶିଶିରକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଭାରତ ବନ୍ଦ ସଫଳ ହୋଇଛି। ପଞ୍ଚମୁଖିଛକରେ ମନୋରଞ୍ଜନ ନାୟକ, ପ୍ରଭାକର ମିଶ୍ର, ସରୋଜ ସାହୁ, ପ୍ରକାଶ ମହାପାତ୍ର, ସଞ୍ଜୟ ସାହୁ ଓ ବୁନୁ ମହାନ୍ତିଙ୍କ ନେତୃତ୍ୱରେ ମୁଖ୍ୟରାସ୍ତା ଅବରୋଧ କରାଯାଇଥିଲା। ପରେ କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ହାଟ ଛକଦେଇ ଦୋଳବେଦୀ, କ୍ଲବ ଏବଂ ତହସିଲ ପରିସରରେ ପହଞ୍ଚି ତୈଳବୃଦ୍ଧି ପ୍ରତିବାଦରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହାପରେ ସମସ୍ତ କର୍ମୀ ତହସିଲ ନିକଟରେ ବସି ରହିଥିଲେ। ବନ୍ଦ ଯୋଗୁ ଗାଡି ଚଳାଚଳ, ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ ଓ ବ୍ୟାଙ୍କ ବନ୍ଦ ରହିଥିଲା। ଅନ୍ନପୂର୍ଣ୍ଣା ବେହେରା, ରବୀନ୍ଦ୍ର ରାଉତ, ସନ୍ତୋଷ ସାହୁ ଓ ସରୋଜ ଭୂୟାଁ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି ବନ୍ଦ ଡକରାକୁ ସଫଳ କରିଥିଲେ।

ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବନ୍ଦ ପାଳନ

**ନିଶ୍ଚିନ୍ତକୋଇଲି/ନେମାଳ,(ସ୍ୱ.ପ୍ର./ଡି.ଏନ.ଏ.):** ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ ପକ୍ଷରୁ ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ ଓ ଇଂ ଆକାଶ ଭୂୟାଁଙ୍କ ନେତୃତ୍ୱରେ ଭାରତ ବନ୍ଦ ପାଳନ କରାଯାଇଛି। ପ୍ରଦୀପ୍ତ ବ୍ଲକ କଂଗ୍ରେସ ସଭାପତି ଦିଲୀପ କୁମାର ରାଉତଙ୍କ ଦ୍ୱାରା ଏକ ଶୋଭାଯାତ୍ରା କରି ତରତ, ଅସୁରେଶ୍ୱର, କେରିଲୋ, କଟିକଟା ଓ ଶୁକରପଡା ଆଦିକୁ ଯାଇ ବନ୍ଦ ପାଳନକୁ ସଫଳ କରିଥିଲେ। ବିଜୟ ବେଉରିଆ, ବସନ୍ତ ମହାରଣା, କାର୍ତ୍ତିକ ଦାସ, କ୍ଷୀରୋଦ କୁମାର ସାମନ୍ତରାୟ, ରମେଶ ସାହୁ, ହିମାଂଶୁ ମଲ୍ଲ, ବଟକୃଷ୍ଣ ସ୍ୱାଇଁ, ବିଚିତ୍ରାନନ୍ଦ ପରିଡା ଓ ସେକ୍ ଯାଦକ ପ୍ରମୁଖ ବିଭିନ୍ନ ବଜାର, ବେସରକାରୀ ଓ ସରକାରୀ ଅନୁଷ୍ଠାନ ଆଦି ବନ୍ଦ କରିଥିଲେ। ସେହିପରି ଇଂ ଆକାଶ ଭୂୟାଁଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ରବୀନ୍ଦ୍ର ବେହେରା, ବ୍ଲକ କଂଗ୍ରେସ ପଛୁଆ ବର୍ଗ ସଭାପତି ଶରତ ଭୂୟାଁ, ସଞ୍ଜୀବ ରାଉତ, ପ୍ରକାଶ ଷଡ଼ଙ୍ଗୀ, ଅଶୋକ ରାଉତରାୟ, ଦୁଃଖୀରାମ ଜେନା, ନାରାୟଣ ଦ୍ୱିବେଦୀ, ଶରତ ଚନ୍ଦ୍ର ଦାସ, ସେକ ଜାକିର ମହମ୍ମଦ, ଶୁଧାଂଶୁ ମହାପାତ୍ର ଓ ଗଣେଶ୍ୱର ପାତ୍ର ପ୍ରମୁଖ ନରେନ୍ଦ୍ରପୁର, ନଗସପୁର, ଦାଉଦପୁର, ଝାଡେଶ୍ୱରପୁର, ନିଶ୍ଚିନ୍ତକୋଇଲି ଓ ରାମକୃଷ୍ଣପୁର ପ୍ରମୁଖ ଅଞ୍ଚଳ ବୁଲି ବନ୍ଦ ପାଳନ କରିଥିଲେ। ଆୟୋଜିତ ସଭାରେ ଇଂ ଭୂୟାଁ ଯୋଗଦେଇ ତୈଳ ଦର ବୃଦ୍ଧି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ ବୋଲି ମତବ୍ୟକ୍ତ କରିଥିଲେ। ଦାସ ସାଧାରଣ ସଭାକରି କଂଗ୍ରେସ ଦଳ ଏହାଠି ହୋଇ ଭାଜପା ଓ ବିଜେଡିକୁ ସମୁଦ୍ରକୁ ଫିଙ୍ଗି ଦେବ ବୋଲି ମତବ୍ୟକ୍ତ କରିଥିଲେ।

**ସାଲେପୁର,(ଡି.ଏନ.ଏ.):** ତୈଳ ଦର ବୃଦ୍ଧି ପ୍ରତିବାଦରେ ସାଲେପୁର ବ୍ଲକ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଫଳରେ କଟକ-ଚାନ୍ଦବାଲି ରାସ୍ତାରେ ଗାଡ଼ିଚଳାଚଳ ବନ୍ଦ ରହିଥିଲା। ସକାଳୁ କର୍ମୀମାନେ ବାଇକ ଶୋଭଯାତ୍ରାରେ ଆସି ସାଲେପୁର ବଜାର ବନ୍ଦ କରିବା ସହ ଏଠାରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ। ପରେ କୁଆଁପାଳ ଛକରେ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରିଥିଲେ। ସେହିପରି ରାଇସୁଙ୍ଗୁଡ଼ା, ବୋଦାମୁଣ୍ଡାଇ, ମିର୍ଜାପୁର, ନାନ୍ଦୋଳ, ଭାତପଡ଼ା, ପାଗା ଓ ପୀରବଜାର ସମେତ ବିଭିନ୍ନ ସ୍ଥାନରେ କର୍ମୀ ଏକାଠି ହୋଇ ରାସ୍ତା ଅବରୋଧ କରିଥିଲେ। ସରୋଜ କର, ପ୍ରତାପ ଭୂୟାଁ, ବଦ୍ରିନାଥ ସିଂ, କମଳାକାନ୍ତ ଜେନା, ଅଶ୍ୱିନୀ ଦାସ, ଗୋପବନ୍ଧୁ ଭୂୟାଁ, ସୁଧୀର ଦାସ, ସନ୍ତୋଷ କୁମାର ଭୂୟାଁ, ଦୀପକ କର, ବିଜ୍ଞାନ ଭୂୟାଁ, ସଲିଳ ରଞ୍ଜନ ନାୟକ, ବେଣୁଧର ପ୍ରଧାନ, ରଘୁପତି ରାଉତ ଓ ଲୋଚନ ଭୂୟାଁଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା।

**ରଘୁନାଥପୁର,(ଡି.ଏନ୍.ଏ.):** ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଦେଇଥିବା ବନ୍ଦ ଡାକରାକୁ ରଘୁନାଥପୁର ବ୍ଲକରେ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଛି। ବ୍ଲକ କଂଗ୍ରେସ ଜୋନ୍-୧ ସଭାପତି ଗଗନ ଦାଶ ଓ ଜୋନ୍-୨ ସଭାପତି ସର୍ବେଶ୍ୱର ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କର୍ମୀ କଟକ-ପାରାଦୀପ ରାସ୍ତା ଅବରୋଧ କରିଥିଲେ। କଂଗ୍ରେସ ନେତା ରାଜକିଶୋର ବେହେରା, ପ୍ରଦେଶ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରତିମା ମଲ୍ଲିକ ଓ ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ ପ୍ରମୁଖ ଯୋଗଦେଇ ପେଟ୍ରୋଲ ଓ ଡିଜେଲ୍‌କୁ ଜିଏସ୍‌ଟି ପରିସରଭୁକ୍ତ କରିବାକୁ ଦାବି କରିଥିଲେ। ଜଇପୁର ଛକରେ ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ କର୍ମୀ ସକାଳ ୬ଟାରୁ ପାରାଦୀପ, ଜଇପୁର ଓ ଜଗତ୍‌ସିଂହପୁର ରାସ୍ତାକୁ ଅବରୋଧ କରିଥିଲେ।

## ମାହାଙ୍ଗାରେ ୩ ଭାଗ ହେଲେ ନେତା

**ମାହାଙ୍ଗା/ଲଳିତଗିରି,୧୦।୯(ସ୍ୱ.ପ୍ର.)**



ମାହାଙ୍ଗା ବ୍ଲକ ଆଗରେ ଦେବ ସାହୁଙ୍କ ସହ କର୍ମୀମାନେ ପ୍ରତିବାଦ କରୁଛନ୍ତି।

ମାହାଙ୍ଗା ବ୍ଲକରେ ୩ କଂଗ୍ରେସ ନେତା ପୃଥକ ଭାବେ ବନ୍ଦ ପାଳନ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ପ୍ରଦୀପ୍ତ କୁମାର ଦାସଙ୍କ ନେତୃତ୍ୱରେ କର୍ମୀ ବନ୍ଦ ପାଳନ କରିଥିଲେ। ଦାସ ବାଇକ୍ ଶୋଭଯାତ୍ରାରେ ଯାଇ ମାହାଙ୍ଗା ନିର୍ବାଚନମଣ୍ଡଳୀର କୁରୁଜଙ୍ଗା ବଜାର, ଗୋପାଳପୁର ବଜାର, ଉମର ବଜାର, ମାହାଙ୍ଗା ଉପନିବନ୍ଧକ କାର୍ଯ୍ୟାଳୟ, ତହସିଲ, ଅଲିଯୋଡା ପେଟ୍ରୋଲ ପମ୍ପ, କୁଆଁପାଳ ବଜାର, କୁଆଁପାଳ ପୋଷ୍ଟ ଅଫିସ, ଛତ୍ରତୋଟା କାନରା ବ୍ୟାଙ୍କ, କୁଆଁପାଳ ୟୁକୋ ବ୍ୟାଙ୍କ ଓ କେନ୍ଦ୍ର ସମବାୟ ବ୍ୟାଙ୍କ ସହ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ କରିଥିଲେ। ଏହାପରେ କୁଆଁପାଳସ୍ଥିତ ବ୍ଲକ ସମ୍ମୁଖରେ ପ୍ରତିବାଦ ସଭା କରି ବ୍ଲକ୍ କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ତୈଳ ଦର ହ୍ରାସ ନ କଲେ ବିକ୍ଷୋଭ ଜୋରଦାର ହେବ ବୋଲି କହିଥିଲେ। ଶ୍ରୀନିବାସ ବେହୁରା, ଆକାଶ ପ୍ରଧାନ, ଅଶୋକ ମିଶ୍ର, ରଞ୍ଜନ ପ୍ରଧାନ, ସୁକାନ୍ତ ନନ୍ଦ, ଭିକାରୀ ସ୍ୱାଇଁ, ବାସୁ ନାୟକ, ରଶ୍ମିରଞ୍ଜନ ପ୍ରଧାନ, ଶିବାନୀ ବିଶ୍ୱାଳ ଓ ରବୀନ୍ଦ୍ର ପରିଡ଼ାଙ୍କ ସମେତ ବହୁ ନେତା ଓ କର୍ମୀ ତାଙ୍କ ସହ ଯୋଗଦେଇ ବନ୍ଦକୁ ସଫଳ କରିଥିଲେ। ସେହିପରି କଂଗ୍ରେସ ନେତା ଦେବେନ୍ଦ୍ର ସାହୁଙ୍କ ନେତୃତ୍ୱରେ ବହୁ କର୍ମୀ ଭାରତ ବନ୍ଦରେ ଭାଗ ନେଇଥିଲେ। ସାହୁ ଓଳକଣାଠାରୁ ବାଇକ୍ ରାଲିରେ ଶତାଧିକ କର୍ମୀଙ୍କ ସହ ବିଭିନ୍ନ ସ୍ଥାନକୁ ଯାଇ ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ଆଦି ବନ୍ଦ କରିବା ସହ ବ୍ଲକ୍ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ସାହୁ କେନ୍ଦ୍ର ଓ ରାଜ୍ୟ ସରକାର ତୈଳ ଦର ହ୍ରାସ ନ କଲେ ଆସନ୍ତା ଦିନରେ ବିକ୍ଷୋଭ ଜୋରଦାର ହେବ ବୋଲି ପ୍ରକାଶ କରିଥିଲେ। ତାଙ୍କ ସହ ପ୍ରଦୀପ୍ତ କିଶୋର ଭୂୟାଁ, ଭାସ୍କର ବେହେରା, ଦେବେନ୍ଦ୍ର ପରିଡା, ଭାଗ୍ୟଧର ସାହୁ, ଅମିତ ସାହୁ, ବିଜୟ ମହାପାତ୍ର, ମଧୁସୂଦନ ବେହେରା, ବିଜୟ ନନ୍ଦ, ସୁଧାଂଶୁ ଶେଖର ଷଡ଼ଙ୍ଗୀ ଓ ବ୍ରଜ କିଶୋର ଲେଙ୍କାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ସେହିପରି ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଇଂ ଆକାଶ ଭୂୟାଁ ଏକ ବାଇକ ରାଲିରେ ଆସି ମାହାଙ୍ଗା ଅଞ୍ଚଳର ବିଭିନ୍ନ ବଜାର, ଛକ, ବ୍ୟାଙ୍କ, ପୋଷ୍ଟ ଅଫିସ, କୁଆଁପାଳ ବଜାର ଓ ବହୁ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଥିଲେ। ନାରାୟଣ ଦ୍ୱିବେଦୀ, ସଞ୍ଜୀବ ରାଉତ, ଯୁବନେତା ପ୍ରକାଶ ଷଡ଼ଙ୍ଗୀ, ଅମୂଲ୍ୟ ନାୟକ, ସୁବାଶିଷ ସ୍ୱାଇଁ, ସତ୍ୟାନନ୍ଦ ସାହୁ ଓ ଅଶୋକ ମହାନ୍ତିଙ୍କ ସମେତ ବହୁ କର୍ମୀ ତାଙ୍କ ସହ ଯୋଗଦେଇ ଭାରତ ବନ୍ଦକୁ ସଫଳ କରିଥିଲେ। ଏହି ନେତାଙ୍କ ପୃଥକ୍ ଭାବେ ବନ୍ଦ ପାଳନକୁ ନେଇ ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି।

## ଆଠଗଡ଼ କଂଗ୍ରେସରେ ଗୋଷ୍ଠୀକନ୍ଦଳ



ଉମା ବଲ୍ଲଭ ରଥ ଓ ତାଙ୍କ ସମର୍ଥକ ପ୍ରତିବାଦ କରୁଛନ୍ତି।



ଅକ୍ଷୟ ତୁଙ୍ଗସାମନ୍ତଙ୍କ ସହ ସମର୍ଥକ ରାସ୍ତା ଅବରୋଧ କରିଛନ୍ତି।

**ଆଠଗଡ଼,୧୦।୯(ସ୍ୱ.ପ୍ର.)**

ତୈଳଦର ବୃଦ୍ଧି ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ ଭାରତ ଭନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦର ପ୍ରଭାବ ଆଠଗଡ଼ ସଦରମହକୁମାରେ ଦେଖିବାକୁ ମିଳିଥିଲା। ସକାଳ ୬ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଥିଲା। ତେବେ ଏହି ବନ୍ଦପାଳନ ବେଳେ ଆଠଗଡ଼ କଂଗ୍ରେସରେ ଗୋଷ୍ଠୀ କନ୍ଦଳ ଦେଖାଦେଇଛି। ପିସିସି ସଭ୍ୟ ତଥା ରାଜ୍ୟ କୋର କମିଟି ସଭ୍ୟ ଅକ୍ଷୟ କୁମାର ତୁଙ୍ଗସାମନ୍ତଙ୍କ ନେତୃତ୍ୱରେ ଗୋଟିଏ ଗୋଷ୍ଠୀ ବନ୍ଦ ପାଳନ କରୁଥିବାବେଳେ ପୁରୀର ପୂର୍ବତନ ବିଧାୟକ ତଥା ପିସିସି ସାଧାରଣ ସମ୍ପାଦକ ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ଅନ୍ୟ ଏକ ଗୋଷ୍ଠୀ ବନ୍ଦ ପାଳନ କରିଥିଲେ। ବନ୍ଦ ଯୋଗୁ ଆଠଗଡ଼ର ସମସ୍ତ ଦୋକାନ, ବଜାର ବନ୍ଦ ରହିଥିଲା। ଗାଡ଼ି ଚଳାଚଳ ଠପ୍ ହୋଇ ଯାଇଥିଲା। ପୂର୍ବାହ୍ନରେ ଉଭୟ ଗୋଷ୍ଠୀ ପିକେଟିଂ କରି ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ କରିଥିଲେ। ରଥଙ୍କ ସହିତ କର୍ମୀ ପ୍ରଭାକର ପଟ୍ଟନାୟକ, ଧୀରେନ୍ଦ୍ର ନାଥ ବେହେରା, ଯୁବ କଂଗ୍ରେସ ସଭାପତି ମନୋରଞ୍ଜନ ପଟ୍ଟନାୟକ, ପୂର୍ବତନ ଏନ୍‌ଏସି କାଉନସିଲର ସୋମନଥା ଭକ୍ତା, ଅଶୋକ ଦଳାଇ, ପୂର୍ବତନ ସରପଞ୍ଚ ସୁନୀଲ ସୂତାର, ରବୀନ୍ଦ୍ରନାଥ ରାଉତ ଓ ବହୁ ଜନସାଧାରଣ ସାମିଲ ହୋଇଥିଲେ। ସେହିପରି ତୁଙ୍ଗସାମନ୍ତଙ୍କ ସହିତ କେତେକ ଯୁବକ ସାମିଲ ହୋଇ ବନ୍ଦ ପାଳନ କରିଥିଲେ। ଏହାକୁ ନେଇ ଆଠଗଡ଼ରେ ଚର୍ଚ୍ଚା ଜୋର ଧରିଛି।

■ ସିଏମ୍‌ସିରେ ଯୋଗଦେଲେ ନୂତନ କମିଶନର

## 'ଆନ୍ତରିକତାର ସହ କାମ କରିବା ଭିନ୍ନ'



**କଟକ ଅଫିସ, ୧୦।୯**

ସୋମବାର ଅପରାହ୍ନରେ କଟକ ମହାନଗର ନିଗମ (ସିଏମ୍‌ସି)ର ନୂତନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଶରତ ଚନ୍ଦ୍ର ନାୟକ। ସହରର ସମସ୍ୟା ସମାଧାନ ପାଇଁ କିଭଳି ପଦକ୍ଷେପ ଗ୍ରହଣ କରିବେ ସେ ନେଇ କ୍ଷୁଦ୍ର ଆଳାପ।

**ପୂର୍ବରୁ ଅନେକ କମିଶନର ଯୋଗ ଦେଇଛନ୍ତି। ହେଲେ ସହରରେ କିଛି ସମସ୍ୟା ପୂର୍ବପରି ରହିଆସିଛି। ଏହାର ସମାଧାନ କେମିତି କରିବେ ବୋଲି ଭାବୁଛନ୍ତି?**

▸ ହଁ, ମୋ ଆଗରୁ ଏଠି କିଛି କମିଶନର କାମ କରି ଯାଇଛନ୍ତି। ହେଲେ ଚିରାଚରିତ ଢଙ୍ଗରେ କାମ କରିବା ଏବଂ ଆନ୍ତରିକତାର ସହିତ କାମ କରିବା ଦୁଇଟି ଭିନ୍ନ କଥା। ମୁଁ ସହରର ସବୁ ସମସ୍ୟା ଅନୁଧ୍ୟାନ କରିବା ପରେ ସରକାରୀ ବିଧିବ୍ୟବସ୍ଥା ସହିତ ଆନ୍ତରିକତାର ସହ ସମାଧାନ କରିବାକୁ ଚେଷ୍ଟା କରିବି।

**କାର୍ଯ୍ୟରେ ଯୋଗଦେବା ପରେ କାହା ସହ ଓ କ'ଣ ସବୁ ଆଲୋଚନା କଲେ?**

▸ ବିଧାୟକ ଦେବାଶିଷ ସାମନ୍ତରାୟ ମୋ ସହ ଫୋନ ଯୋଗେ ସହରର କିଛି ସମସ୍ୟା ବିଷୟରେ କଥା ହୋଇଛନ୍ତି। ସିଏମ୍‌ସି ଷ୍ଟାଣ୍ଡିଂ କମିଟିର କିଛି ସଦସ୍ୟଙ୍କ ସହ ପରିମଳ, ଜାଇକା, ପ୍ଲାଷ୍ଟିକ ବର୍ଜନ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଛି।

**ଅନେକ ସମୟରେ ସିଏମ୍‌ସିର ବିଭିନ୍ନ ଯୋଜନାକୁ ହାଇକୋର୍ଟଙ୍କ କାଠଗଡ଼ାକୁ ଟଣାଯାଉଛି। ଏ ଦିଗରେ ଆପଣ କ'ଣ ପଦକ୍ଷେପ ନେବେ?**

▸ ବ୍ୟକ୍ତିର ଆଇନଗତ ଅଧିକାର ରହିଛି ସରକାରୀ ଅନୁଷ୍ଠାନର ଯୋଜନାରେ ଦୁର୍ନୀତି ହୋଇଥିଲେ ଏ ନେଇ କୋର୍ଟକୁ ଯିବା। ଏଭଳି କ୍ଷେତ୍ରରେ ସିଏମ୍‌ସି ତରଫରୁ କୋର୍ଟରେ ଠିକ୍ ସମୟରେ ଉତ୍ତର ଦାଖଲ କରାଯିବ, ଯଦ୍ୱାରା ମାମଲାର ସମାଧାନ ହୋଇ ସହରରେ ଉନ୍ନୟନ କାର୍ଯ୍ୟ ଆଗକୁ ଯାଇପାରିବ।

**ଜଳବନ୍ଦୀ ସମସ୍ୟା ସହରବାସୀଙ୍କୁ ଚିନ୍ତାରେ ପକାଉଛି। ଏ ନେଇ କ'ଣ କରିବେ?**

▸ ଦେଖନ୍ତୁ, ଜଳ ନିଷ୍କାସନ ସମସ୍ୟା ଯୋଗୁ ବର୍ଷାଜଳ ନିଷ୍କାସିତ ହୋଇପାରୁନି ବୋଲି ଯାହା ମୁଁ ପ୍ରାଥମିକ ଭାବେ ଜାଣିଛି। ଏହା ବ୍ୟତୀତ ଜଳବନ୍ଦୀ ସମସ୍ୟାର ପ୍ରକୃତ କାରଣ କ'ଣ ତାହା ଖୋଜାଯିବ ଏବଂ ସହରର ପ୍ରତିଟି ଜଳନିଷ୍କାସନ ପଏଣ୍ଟର ସ୍ଥିତି ଯାଞ୍ଚ କରାଯିବ।

**ମୁଣ୍ଡ ଉପରେ ପୂଜା ସିଜନ୍। ସହରର ପରିମଳ ବିପର୍ଯ୍ୟସ୍ତ। ଅଳ୍ପ ଦିନ ଭିତରେ କିଭଳି ଏହାର ସମାଧାନ କରିବେ?**

▸ ବର୍ତ୍ତମାନ ପରିମଳ ବ୍ୟବସ୍ଥାକୁ ସିଏମ୍‌ସି କିଭଳି ପରିଚାଳନା କରୁଛି ତାହାକୁ ଅନୁଧ୍ୟାନ କରିବି। ଆବଶ୍ୟକ ପଡ଼ିଲେ ଅଧିକ ସଂଖ୍ୟକ ସଫେଇ କର୍ମଚାରୀ ନିଯୁକ୍ତି କରାଯିବ ଏବଂ ଡଷ୍ଟବିନ୍, ଅନ୍ୟାନ୍ୟ ସଫେଇ ସାମଗ୍ରୀ କିଣାଯିବା ନେଇ ବୈଠକରେ ଆଲୋଚନା କରାଯିବ।

**କାଉନସିଲ୍ ବୈଠକରେ ବିରୋଧୀ ଓ ଶାସକ କର୍ପୋରେଟରଙ୍କ ମଧ୍ୟରେ ବୁଝାମଣା ରହୁ ନ ଥିବାରୁ ବୈଠକ ଅଧାରୁ ଶେଷ ହେଉଛି। ଏ କ୍ଷେତ୍ରରେ ଆପଣଙ୍କ ଭୂମିକା କ'ଣ?**

▸ କର୍ପୋରେଟର ଶାସକ ଦଳର ହୁଅନ୍ତି କି ବିରୋଧୀ ଦଳର, ସେମାନେ ମହାନଗର ନିଗମର ଲୋକ ପ୍ରତିନିଧି। ନିଜ ଅଞ୍ଚଳରେ କାମ ନ ହେଲେ ଲୋକେ ତାଙ୍କୁ କହିବେ ଏବଂ ସେମାନେ ଏ ନେଇ ବୈଠକରେ କହିବେ। ହେଲେ ଆଲୋଚନା ଏବଂ ବୁଝାମଣା ମାଧ୍ୟମରେ ବୈଠକ ହେଲେ ସବୁ କର୍ପୋରେଟର ନିଜ ନିଜ ଅଞ୍ଚଳରେ ଉନ୍ନତିମୂଳକ କାର୍ଯ୍ୟ କରିପାରିବେ।

ସାକ୍ଷାତ୍- ସୌମ୍ୟରଞ୍ଜନ ଚୌଧୁରୀ

■ ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

## ବଞ୍ଚାଇବାକୁ ମେଡିକାଲରେ ଝଡ଼ାଫୁଙ୍କା

**ବଡ଼ମ୍ବା,୧୦।୯(ଡି.ଏନ.ଏ.)**

ସୋମବାର ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ବଡ଼ମ୍ବା ବ୍ଲକ ବଡ଼ବାରସିଂହ ଗ୍ରାମର ବିକାଶ ଦାସ(୨୩)ଙ୍କୁ ବଞ୍ଚାଇବା ପାଇଁ ମେଡିକାଲ ପରିସରରେ ଝଡ଼ାଫୁଙ୍କା କରାଯାଇଛି। ବିକାଶଙ୍କୁ ଡାକ୍ତର ମୃତ ଘୋଷଣା କରିବା ପରେ ପରିବାର ଲୋକେ ତାଙ୍କୁ ବଞ୍ଚାଇବାକୁ ପ୍ରୟାସ କରି ଝଡ଼ାଫୁଙ୍କାର ସହାୟତା ନେଇଥିଲେ। ଫଳରେ ଅପରାହ୍ନରେ ଜଣେ ଗୁଣିଆ ଆସି ଦୀର୍ଘ ସମୟ ଧରି ଝଡ଼ାଫୁଙ୍କା କରିଥିଲେ। ହେଲେ ତାଙ୍କୁ ବଞ୍ଚାଇ ପାରି ନ ଥିଲେ। ଅନ୍ୟପକ୍ଷରେ ଏହି ଘଟଣା ଦେଖିବାକୁ ମେଡିକାଲରେ ଭିଡ଼ ଜମିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବାପରେ ଭିଡ଼ ନିୟନ୍ତ୍ରଣ ହୋଇଥିଲା। ସୂଚନା ଅନୁସାରେ, ବିକାଶ ରବିବାର ରାତିରେ ଶୋଇଥିବାବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଫଳରେ ସେ ରାତିରେ ଗୁରୁତର ହୋଇ ଚେତା ହରାଇଥିଲେ। ସକାଳୁ ନ ଉଠିବାରୁ ପରିବାର ଲୋକେ ଯାଇ ଦେଖିବାବେଳକୁ ତାଙ୍କୁ ଏ ସାପ କାମୁଡ଼ି ଦେଇଛି ଓ ସେ ଅଚେତ ହୋଇ ପଡ଼ିଛନ୍ତି। ଏହାଦେଖି ତାଙ୍କୁ ସଙ୍ଗେସଙ୍ଗେ ବଡ଼ମ୍ବା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ମ୍ବା ପୋଲିସ ଏକ ଅପମୃତ୍ୟୁ ମାମଲା ନଂ-୧୨/୧୮ ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଦୁର୍ଘଟଣାରେ ମାନସିକ ବିକାରଗ୍ରସ୍ତ ମହିଳା ମୃତ

**କଟକ ଅଫିସ, ୧୦।୯**

ଅଜଣା ଗାଡି ଧକ୍କାରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ମୃତ୍ୟୁ ହୋଇଛି। ପରିଚୟ ଜଣାପଡି ନ ଥିବାବେଳେ ବୟସ ୩୫ରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ସିଡିଏ ଫେଜ୍-୨ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୋମବାର ସକାଳେ ନରାଜ ନିକଟରେ ମହିଳାଙ୍କୁ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପୋଲିସ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ସେ ମାନସିକ ବିକାରଗ୍ରସ୍ତ ଥିଲେ ବୋଲି ପୋଲିସ କହିଛି।



ମହତ ଲୋକର ବିଫଳ ଉଦ୍ୟମ ମଧ୍ୟ ଏ ସଂସାରରେ ସମୟେ ସମୟେ ବହୁ ଉପକାର କରିଥାଏ।
- ଜନ୍ ଡାଉନ



## ଆଜି କ'ଣ କେଉଁଠି

**କଟକ**

- କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ସାମାଜିକ କର୍ମୀ ମୁସ୍ତାଫିଜ ଅହମ୍ମଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ଲେଖକ ସହଯୋଗ ସମିତି, ଖାନନଗର, ଅପରାହ୍ନ ୫ଟା।
- ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଦ୍ମବିଭୂଷଣ ଡ. ରଘୁନାଥ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ସମାରୋହ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।





ତୈଳ ଦର ବୃଦ୍ଧି ପ୍ରତିବାଦରେ କଟକର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବାମ ଦଳ ପକ୍ଷରୁ ଜିଲାପାଳଙ୍କ ଅଫିସ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।



ଭାରତ ବନ୍ଦ ଯୋଗୁ କଟକ ଓଏମ୍‌ପି ଓଭରବ୍ରିଜ୍ ଜାତୀୟ ରାଜପଥ ଜନଶୂନ୍ୟ ହୋଇପଡ଼ିଛି।

## ଯୁବକଙ୍କ ଆତ୍ମହତ୍ୟା

**ଚୌଦ୍ୱାର, ୧୦।୯ (ଡି.ଏନ.ଏ.):** ଚୌଦ୍ୱାର ଥାନା ଅଧୀନ ଶଙ୍କରପୁର ଗ୍ରାମର ରାମକୃଷ୍ଣ ବାରିକ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ରାମକୃଷ୍ଣଙ୍କ ସ୍ତ୍ରୀ ଉର୍ମିଳାଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୦/୧୮) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ରାମକୃଷ୍ଣ ରବିବାର ବିଳମ୍ବିତ ରାତିରେ ଘରକୁ ଫେରି ନିଜ ଶୋଇବା ଘର ଛାଡି ପାଖ ଘରେ କବାଟ କିଳି ଶୋଇଥିଲେ। ସୋମବାର ସକାଳୁ ଉକ୍ତ ଘରର କବାଟ ଖୋଲିବା ବିଳମ୍ବ ହେବା ଦେଖି ଘରଲୋକେ କବାଟ ବାଡେଇଥିଲେ। ହେଲେ ଭିତରୁ କୌଣସି ଉତ୍ତର ନ ମିଳିବାରୁ ବାଧହୋଇ କବାଟ ଭାଙ୍ଗିଥିଲେ। ପରେ ଘର ଭିତର ଫ୍ୟାନ୍‌ରେ ରଶି ସାହାଯ୍ୟରେ ରାମକୃଷ୍ଣଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ନାବାଳିକା ଅପହରଣ ଘଟଣା: ୨ ଗିରଫ

**ଖୁଣ୍ଟୁଣୀ, ୧୦।୯ (ଡି.ଏନ.ଏ.):** ନାବାଳିକା ଅପହରଣ ଘଟଣାରେ ଖୁଣ୍ଟୁଣୀ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଚମ୍ପିଆ ଗୋଡିସାହିର ଦାଶରଥୀ ନାୟକ ଓ ସସ୍ମିତା ନାୟକ। ଖୁଣ୍ଟୁଣୀ ଥାନା ଅଞ୍ଚଳର ଉକ୍ତ ନାବାଳିକାଙ୍କୁ ଗତ ଜୁଲାଇ ୧୭ ତାରିଖରେ ଅଭିଯୁକ୍ତ ଦ୍ୱୟ ଅପହରଣ କରିନେଇଥିବା ତାଙ୍କ ମା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୮୪/୧୮) ରୁଜୁ କରି ଘଟଣାର ତଦନ୍ତ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ହେଲେ ଘଟଣା ପରଠାରୁ ଅଭିଯୁକ୍ତ ଦ୍ୱୟ ଫେରାର ହୋଇଯାଇଥିଲେ। ପୋଲିସ କୌଣସି ସୂତ୍ରରୁ ଖବର ପାଇ କଟକ ବିଡାନାସୀ ଅଞ୍ଚଳରୁ ରବିବାର ରାତିରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା।

## ଚୋରି : ୨ ଗିରଫ

**ଖୁଣ୍ଟୁଣୀ,୧୦।୯(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅଧୀନ କପୁରସିଂ ଗ୍ରାମ ଯାତ୍ରା ପଡିଆରେ ଥିବା ୩ଟି ଟ୍ରକରୁ ପାଲ ଚୋରି କରିବା ଅଭିଯୋଗରେ ପୋଲିସ କପୁରସିଂ ଗ୍ରାମର ନିମାଇଁ ସାମଲ ଓ ସିଲୁ ଘଡେଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏମାନଙ୍କଠାରୁ ୨ଟି ପାଲ ଜବତ ହୋଇଛି। ଉଭୟ ଅଭିଯୁକ୍ତ ପଡିଆରେ ରାତିରେ ଛିଡା ହୋଇଥିବା ଟ୍ରକ୍ ଭିତରୁ ୪ଟି ପାଲ ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଥିଲେ। ଏନେଇ ଗାଡି ମାଲିକ ସୂର୍ଯ୍ୟକାନ୍ତ ନାୟକଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୮୫/୧୮)ରୁଜୁ କରିଛି।

## କଟକରେ ବନ୍ଦ ପାଳନ

# ହିଂସା ଶୂନ୍ୟ, ଜନଜୀବନ ପ୍ରଭାବିତ

**କଟକ ଅଫିସ, ୧୦।୯**

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ନେଇ କଂଗ୍ରେସର ଭାରତ ବନ୍ଦ ଡାକରାର ପ୍ରଭାବ ସୋମବାର କଟକରେ ବିଶେଷ ଭାବେ ଅନୁଭୂତ ହୋଇଛି। ସକାଳ ୬ଟାରୁ କଟକ ରେଳଷ୍ଟେଶନରେ କଂଗ୍ରେସ କର୍ମୀ ରେଳରୋକୋ କରିବା ସହିତ କେନ୍ଦ୍ର ସରକାର ବିରୋଧୀ ନାରାବାଜି ଦେଇଥିଲେ। ଚେନ୍ନାଇ ମେଲ୍ ଏବଂ ସାଲିପୁର-ତ୍ରିଭେନ୍ଦ୍ରମ ଏକ୍ସପ୍ରେସ୍ ଷ୍ଟେଶନରେ ଦୀର୍ଘ ସମୟ ଧରି ଅଟକି ରହିଥିଲା। ପ୍ଲାଟ୍‌ଫର୍ମରେ ବନ୍ଦ ପାଳନ ଯୋଗୁ ଲୋକେ ଗନ୍ତବ୍ୟସ୍ଥଳକୁ ଯିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ବାଦାମବାଡ଼ି ବସ୍‌ଷ୍ଟାଣ୍ଡ, ନେତାଜୀ ସେତୁ, କଲେଜ ଛକ, ସିଡିଏ, ବିକାଶ ଭବନ, ମ୍ୟୁନିସିପାଲିଟି ଅଫିସ, ଆକାଶବାଣୀ କେନ୍ଦ୍ର ଆଦି ଅଞ୍ଚଳରେ ଟାୟାର ଜାଳି ରାସ୍ତାରୋକୋ କରାଯାଇଥିଲା। ଜାତୀୟ ରାଜପଥରେ ଗାଡ଼ିଗୁଡ଼ିକ ଲମ୍ବାଧାଡ଼ିରେ ଦୀର୍ଘ ସମୟ ଧରି ଛିଡ଼ା ହୋଇଥିଲା। ସିଏମ୍‌ସି କାର୍ଯ୍ୟାଳୟରେ କଂଗ୍ରେସ କର୍ମୀମାନେ ପହଞ୍ଚି ତୁରନ୍ତ ବନ୍ଦ କରିବାକୁ କହିଥିଲେ। ବନ୍ଦ ପାଳନ ବେଳେ ଜରୁରିକାଳୀନ ସେବାକୁ ସେଥିରୁ ବାଦ୍ ଦିଆଯାଇଥିଲା। କିନ୍ତୁ ଦୋକାନ ବଜାର, ସ୍କୁଲ, କଲେଜ, ବିଭିନ୍ନ ବେସରକାରୀ ଅଫିସ୍ ବନ୍ଦ ରହିଥିଲା। ଅପରାହ୍ନ ୪ଟା ପର୍ଯ୍ୟନ୍ତ ସହରକୁ ଯୁଆଡେ ଦେଖିବ ସବୁଠି ବନ୍ଦ। ରାସ୍ତାଗୁଡ଼ିକ ପ୍ରାୟ ଶୂନଶାନ ହୋଇପଡ଼ିଥିଲା। ଯାନବାହନ ଅଟକାଉଥିବା ଆନ୍ଦୋଳନକାରୀମାନେ ପ୍ରାୟତଃ ଶାନ୍ତ ରହିଥିଲେ। ସେମାନେ ଦୁଇଚକିଆ ଗାଡ଼ି



ସିଏମ୍‌ସି ଅଫିସ ପରିସରରେ ଆନ୍ଦୋଳନକାରୀଙ୍କ ହଙ୍ଗାମା।

### କ୍ରିକେଟ ଖେଳିଲେ କଂଗ୍ରେସ କର୍ମୀ

ଚାଳକମାନଙ୍କୁ ଷ୍ଟାର୍ଟ୍ ବନ୍ଦ କରି ଗାଡ଼ି ନେଇଯିବାକୁ ଅନୁରୋଧ କରିଥିଲେ। କଟକ ନଗର କଂଗ୍ରେସ କର୍ମୀ ସମେତ ମହିଳା କଂଗ୍ରେସ, ଯୁବ ଓ ଛାତ୍ର କଂଗ୍ରେସର ଶତାଧିକ କର୍ମୀ ବାଇକ ଶୋଭାଯାତ୍ରାରେ ସହରର ବିଭିନ୍ନ ଅଞ୍ଚଳ ବୁଲି ତୈଳ ଦର ବୃଦ୍ଧି ପାଇଁ କେନ୍ଦ୍ର ସରକାର ଦାୟୀ ବୋଲି ଜନସାଧାରଣଙ୍କୁ ଜଣାଇଥିଲେ।

ବନ୍ଦ ପାଳନ କଟକରେ ସଫଳ ହୋଇଛି ଏବଂ ଜନସାଧାରଣଙ୍କର ଅଭୂତପୂର୍ବ ଜନସମର୍ଥନ ମିଳିଛି ବୋଲି ନଗର କଂଗ୍ରେସ ସଭାପତି ମହମ୍ମଦ ମୋକିମ କହିଛନ୍ତି। ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ଓଡ଼ିଶାରେ ବନ୍ଦ ପାଳନକୁ ବିଜେଡି ପରୋକ୍ଷରେ ସମର୍ଥନ କରିଛି। କଂଗ୍ରେସ-ବିଜେଡି ମଧ୍ୟରେ ଭିତିରି ସମ୍ପର୍କ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି। ବିଜେଡି ମୁଖପାତ୍ର ତଥା ବିଧାୟକ ଦେବାଶିଷ ସାମନ୍ତରାୟ କହିଛନ୍ତି, କେନ୍ଦ୍ରରେ ଭାଜପା ସରକାର ଅଛି ବୋଲି କଂଗ୍ରେସ ତୈଳ ଦର ପାଇଁ ପ୍ରତିବାଦ କରୁଛି। ଉପା ସରକାର ବେଳେ ମଧ୍ୟ ତୈଳ ଦର ବୃଦ୍ଧି ଘଟିଥିଲା ଏବଂ ସେତେବେଳେ ରାଜ୍ୟରେ କଂଗ୍ରେସ କାହିଁକି ଚୁପ୍ ଥିଲା। ବିଜେଡି କିନ୍ତୁ କେନ୍ଦ୍ରରେ ଉଭୟ ସରକାର ଅମଳରେ ତୈଳ ଦର ବୃଦ୍ଧି ପାଇଁ ରାଜ୍ୟବାସୀଙ୍କ ତରଫରୁ ପ୍ରତିବାଦ କରିଛି।

ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ କଟକରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ କରାଯାଇଥିଲା। କଂଗ୍ରେସ ପକ୍ଷରୁ ପୂର୍ବରୁ





କଂଗ୍ରେସ ପକ୍ଷରୁ ରେଳ ଷ୍ଟେଶନରେ ବିକ୍ଷୋଭ ପ୍ରଦର୍ଶନ।

ହୋଇଥିବା ବନ୍ଦ ବେଳେ ହିଂସା ଘଟିଥିବାରୁ ଲୋକେ ନାନା ଆଶଙ୍କାରେ ରହିଥିଲେ। କିନ୍ତୁ ସୋମବାର ସେଭଳି କିଛି ହିଂସା ଦେଖିବାକୁ ମିଳି ନ ଥିଲା। କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବେ ସାଧାରଣ ଲୋକଙ୍କୁ ବନ୍ଦ ପାଳନରେ ସାମିଲ ହେବାକୁ ନିବେଦନ କରୁଥିବା ଦେଖିବାକୁ ମିଳିଥିଲା। ଏପରି କି ବାଦାମବାଡ଼ି ଛକ ଏବଂ ନେତାଜୀ ସେତୁ ପାଖେ କଂଗ୍ରେସ କର୍ମୀମାନେ କ୍ରିକେଟ ଖେଳିଥିଲେ। ଆଜିର ବନ୍ଦ ପାଳନ ବେଳେ ଲୋକେ ବିଭିନ୍ନ ସ୍ଥାନକୁ ଗମନାଗମନ କରିବାରେ ସମସ୍ୟା ଅନୁଭବ କରିଛନ୍ତି ସତ ହେଲେ ତୈଳଦର ବୃଦ୍ଧି ଘଟିବା ମଧ୍ୟ ସବୁ ବର୍ଗର ଲୋକଙ୍କୁ କଷ୍ଟ ଦେଉଛି ବୋଲି କେତେଜଣ ସାଧାରଣ ଜନତାଙ୍କଠାରୁ ପ୍ରତିକ୍ରିୟା ମିଳିଥିଲା।

# ତୈଳ ଦର ବୃଦ୍ଧି ପ୍ରତିବାଦରେ ରାସ୍ତାରୋକୋ

**କଟକ ସଦର/କଣ୍ଟାପଡା/ନିଆଳି/ ଫୁଲନଖରା/ଚୌଦ୍ୱାର/ଖୁଣ୍ଟୁଣୀ, ୧୦।୯ (ଡି.ଏନ.ଏ.)**

ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହି ଅବସରରେ ବନ୍ଦ ପାଳନ କଟକ ସଦର ବ୍ଲକ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ସୋମବାର ସକାଳେ କିଶନ ନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତା କୈଳାସ ଚନ୍ଦ୍ର ପରିଡା, ସଞ୍ଜୟ ସାମଲ, ପ୍ରହଲ୍ଲାଦ ବେହେରା, ସୁଶାନ୍ତ ଘଡେଇ ଓ ଭରତ ଚନ୍ଦ୍ର ରାଉତରାୟ ଧାରଣା ଦେବାରୁ କୌଣସି ସରକାରୀ କାର୍ଯ୍ୟ ହୋଇପାରି ନ ଥିଲା। ସେହିପରି ୫୫ନଂ. ଜାତୀୟ ରାଜପଥର କନ୍ଦରପୁରଠାରେ ଓ ୪୨ ମୌଜା ଝିଙ୍କିରିଆଠାରେ କଂଗ୍ରେସ କର୍ମୀମାନେ ରାସ୍ତାରୋକୋ କରିବା ଯୋଗୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ତୈଳଦର ବୃଦ୍ଧି ପ୍ରତିବାଦରେ କଣ୍ଟାପଡାଠାରେ କଂଗ୍ରେସ ଓ ସିପିଆଇ ପକ୍ଷରୁ ରାସ୍ତାରୋକୋ କରାଯାଇଛି। କଣ୍ଟାପଡା ବ୍ଲକ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ପାତ୍ରଙ୍କ ନେତୃତ୍ୱରେ ନିମାଇଁ ରାଉତରାୟ, ସରପଞ୍ଚ ଦ୍ୱାରିକା ନାଥ ଦାଶ, ଲଲାଟେନ୍ଦୁ ପ୍ରସାଦ ଦାଶ, ଡଲି ସ୍ୱାଇଁ, ଶ୍ରୀଧର ଭୋଇ, ପର୍ଶୁରାମ ରାଉତରାୟ, ଅଶୋକ ପାତ୍ର, ଦୁର୍ଯ୍ୟୋଧନ ସ୍ୱାଇଁ, କିଶୋର ରାଉତରାୟଙ୍କ ସମେତ ବହୁ କଂଗ୍ରେସ କର୍ମୀ ରାସ୍ତାରୋକୋ କରିଥିଲେ। ବନ୍ଦ ପାଳନ ସମୟରେ ଏକ ଆମ୍ବୁଲାନ୍ସ ରୋଗୀ ଆଣିବା ପାଇଁ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବାବେଳେ କେତେଜଣ କଂଗ୍ରେସ କର୍ମୀ ଏହାକୁ ଅଟକାଇଥିଲେ। ତେବେ





କଣ୍ଟାପଡ଼ାରେ ବନ୍ଦ ପାଳନ ବେଳେ କଂଗ୍ରେସ କର୍ମୀମାନେ ଏକ ଆମ୍ବୁଲାନ୍ସ ଅଟକାଇଛନ୍ତି।

ବରିଷ୍ଠ କଂଗ୍ରେସ ନେତାଙ୍କ ହସ୍ତକ୍ଷେପ ପରେ ଆମ୍ବୁଲାନ୍ସକୁ ଛାଡି ଦିଆଯାଇଥିଲା। ସେହିପରି ନିଆଳି ନିର୍ବାଚନମଣ୍ଡଳୀ ସିପିଆଇ ନେତା ଅଶ୍ୱିନୀ କୁମାର ମହାନ୍ତିଙ୍କ ନେତୃତ୍ୱରେ କଣ୍ଟାପଡା ବ୍ଲକ ସମ୍ମୁଖରେ ରାସ୍ତାରୋକ କରାଯାଇଥିଲା। ଏଥିରେ ସିପିଆଇ କର୍ମୀ ରଜତ ସ୍ୱାଇଁ, ଜଗନ୍ନାଥ ନାୟକ, ପ୍ରିତିଶ ବରାଳ, ସୌଭାଗ୍ୟ ରଞ୍ଜନ ନାୟକ, ନାରାୟଣ ଡାଲୁଆ, ତପନ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

୬୦ ନଂ. ରାଜ୍ୟ ରାଜପଥର ନିଆଳି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଜଗତ୍‌ସିଂହପୁର ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଶଶୀକାନ୍ତ ଲେଙ୍କାଙ୍କ ନେତୃତ୍ୱରେ କର୍ମୀମାନେ ଟାୟାର ଜାଳି ପ୍ରତିବାଦ କରିଥିଲେ। ପରେ ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ନିଆଳି ବ୍ଲକର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। ବ୍ଲକ ଯୁବ କଂଗ୍ରେସ ସଭାପତି ସୌଭାଗ୍ୟ ବସ୍ତିଆ, ଭୁଗୁରାମ ମଲ୍ଲିକ, ବାଦଲ ସେନାପତି, ଅନିରୁଦ୍ଧ ମଲ୍ଲିକ, ବିଜୁ ସିଂହ , ମିର୍ କାସିମ୍, ମିର୍ ଅଜିମ୍‌ଙ୍କ ସହ ବହୁ ଯୁବ କଂଗ୍ରେସ କର୍ମୀ ଏଥିରେ ସାମିଲ ହୋଇଥିଲେ।

ତୈଳ ଦର ବୃଦ୍ଧି ପ୍ରତିବାଦରେ ସିଏମ୍‌ସିର ୫୯ନଂ. ୱାର୍ଡ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ କଟକ-ଭୁବନେଶ୍ୱର ଜାତୀୟ ରାଜପଥର ଫୁଲନଖରା ଛକଠାରେ କର୍ମୀମାନେ ଦୋକାନବଜାର ବନ୍ଦ କରିଥିଲେ। ସେହିପରି ବାରଙ୍ଗ ବ୍ଲକ କଂଗ୍ରେସ ପକ୍ଷରୁ ବାବାଜୀ ଚରଣ ମହାନ୍ତିଙ୍କ ନେତୃତ୍ୱରେ ଫୁଲନଖରା-ନିଆଳି ରାସ୍ତାର ବ୍ରାହ୍ମଣଝରିଲୋଠାରେ ବନ୍ଦ ପାଳନ କରାଯାଇଥିଲା। ତେଲେଙ୍ଗାପେଣ୍ଠ, ବାଲିକୁଦା, ଗୋପାଳପୁର, ମହୀଧରପଡା, କୁରାଙ୍ଗପ୍ରଧାନ, କୁରାଙ୍ଗଶାସନ, ଶଙ୍ଖତ୍ରାସ, କୋରକୋରା ଓ ଖଲର୍ଦ୍ଧା ଆଦି ସ୍ଥାନରେ ଦୋକାନ ବନ୍ଦ କରାଯାଇଥିଲା। ଏହି ବନ୍ଦ ପାଳନରେ ବିଜୟ କୁମାର ମହାପାତ୍ର, କରିମ୍ ସା, ରବୀନ୍ଦ୍ର ବେହେରା, ପରମାନନ୍ଦ ମଲ୍ଲିକ, କୃଷ୍ଣଚନ୍ଦ୍ର ଭୋଇ ଓ ଜୟଦେବ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

ତୈଳ ଦର ବୃଦ୍ଧି ପ୍ରତିବାଦରେ ଚୌଦ୍ୱାର ନଗର କଂଗ୍ରେସର କର୍ମୀମାନେ ଗାନ୍ଧୀଛକ ଠାରେ ଧାରଣା ଦେଇଥିଲେ। ନଗର କଂଗ୍ରେସ ସଭାପତି ବିଜୟ ବେହେରା ଏହି ଧାରଣାର ନେତୃତ୍ୱ ନେଇଥିବାବେଳେ ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ସ୍ୱାଇଁ, କୈଳାସ ଚନ୍ଦ୍ର ବରାଳ, ଧୀରେନ୍ଦ୍ର ଚୌଧୁରୀ, ରତ୍ନାକର ସେନାପତି, ରାଜୀବ ମହାନ୍ତି, ଜ୍ୟୋତି ରଞ୍ଜନ ପରିଜା, ହରିହର ପରିଡା ଓ ମୋନାଲିସା ମହାରଣା ପ୍ରମୁଖ ସାମିଲ ହୋଇଥିଲେ। ରାହୁଲ-ପ୍ରିୟଙ୍କା ଫୋରମର ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ ବାଇକ୍ ଶୋଭାଯାତ୍ରା ଚୌଦ୍ୱାର ପୌରପାଳିକା ଓ ଏହାର ଆଖପାଖ ୫ଟି ପଞ୍ଚାୟତ ପରିକ୍ରମା କରିଥିଲା। ଏହି ଅବସରରେ ଚୌଦ୍ୱାର ଅଞ୍ଚଳରେ ବ୍ୟବସାୟ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ବିଭିନ୍ନ କାର୍ଯ୍ୟାଳୟ ଓ ଯାନବାହନ ଚଳାଚଳ ବନ୍ଦ ରହିଥିଲା।

ତୈଳ ଦର ବୃଦ୍ଧି ପ୍ରତିବାଦରେ ଖୁଣ୍ଟୁଣୀ ବଜାରରେ କଂଗ୍ରେସ କର୍ମୀମାନେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ବନ୍ଦକୁ ସମର୍ଥନ ଜଣାଇ ଖୁଣ୍ଟୁଣୀ ଅଞ୍ଚଳର ସମସ୍ତ ଦୋକାନ, ଶିକ୍ଷାନୁଷ୍ଠାନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। କଂଗ୍ରେସ ନେତା କିଶୋର ସାମନ୍ତରାୟଙ୍କ ନେତୃତ୍ୱରେ ମୃତ୍ୟୁଞ୍ଜୟ ପଣ୍ଡା, ରଜନୀ ଜେନା, ବିଜୟ ସାହୁ, ନିଶିକାନ୍ତ ସ୍ୱାଇଁ, ଯୁଗଳ ବେହେରା ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଦୁର୍ଗାବଜାର ପେଟ୍ରାଲ ପମ୍ପ ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ। କଂଗ୍ରେସ କମିଟି ସଦସ୍ୟ ଅକ୍ଷୟ ତୁଙ୍ଗ ସାମନ୍ତ, ଅଭୟ ନାଏକ, ଝରିଆ ନାଏକ, ବିକାଶ ରାୟ ଓ ରତିରଞ୍ଜନ ପାଇକରାୟ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ସିଏମ୍‌ସିରେ ଯୋଗଦେଲେ ନୂତନ କମିଶନର

# 'ଆନ୍ତରିକତାର ସହ କାମ କରିବା ଭିନ୍ନ'



ଶରତ ଚନ୍ଦ୍ର ନାୟକ

**ସୌମ୍ୟରଞ୍ଜନ ଚୌଧୁରୀ**

**କଟକ ଅଫିସ, ୧୦।୯** ସୋମବାର ଅପରାହ୍ନରେ କଟକ ମହାନଗର ନିଗମ (ସିଏମ୍‌ସି)ର ନୂତନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଶରତ ଚନ୍ଦ୍ର ନାୟକ। ସହରର ସମସ୍ୟା ସମାଧାନ ପାଇଁ କିଭଳି ପଦକ୍ଷେପ ଗ୍ରହଣ କରିବେ ସେ ନେଇ କ୍ଷୁଦ୍ର ଆଳାପ।

**ପୂର୍ବରୁ ଅନେକ କମିଶନର ଯୋଗ ଦେଇଛନ୍ତି। ହେଲେ ସହରରେ କିଛି ସମସ୍ୟା ପୂର୍ବପରି ରହିଆସିଛି। ଏହାର ସମାଧାନ କେମିତି କରିବେ ବୋଲି ଭାବୁଛନ୍ତି?**

▶ ହଁ, ମୋ ଆଗରୁ ଏଠି କିଛି କମିଶନର କାମ କରି ଯାଇଛନ୍ତି। ହେଲେ ଚିରାଚରିତ ଢଙ୍ଗରେ କାମ କରିବା ଏବଂ ଆନ୍ତରିକତାର ସହିତ କାମ କରିବା ଦୁଇଟି ଭିନ୍ନ କଥା। ମୁଁ ସହରର ସବୁ ସମସ୍ୟା ଅନୁଧ୍ୟାନ କରିବା ପରେ ସରକାରୀ ବିଧିବ୍ୟବସ୍ଥା ସହିତ ଆନ୍ତରିକତାର ସହ ସମାଧାନ କରିବାକୁ ଚେଷ୍ଟା କରିବି।

**କାର୍ଯ୍ୟରେ ଯୋଗଦେବା ପରେ କାହା ସହ ଓ କ'ଣ ସବୁ ଆଲୋଚନା କଲେ?**

▶ ବିଧାୟକ ଦେବାଶିଷ ସାମନ୍ତରାୟ ମୋ ସହ ଫୋନ ଯୋଗେ ସହରର କିଛି ସମସ୍ୟା ବିଷୟରେ କଥା ହୋଇଛନ୍ତି। ସିଏମ୍‌ସି ଷ୍ଟାଣ୍ଡିଂ କମିଟିର କିଛି ସଦସ୍ୟଙ୍କ ସହ ପରିମଳ, ଡାଇକା, ପ୍ଲାଷ୍ଟିକ ବର୍ଜନ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଛି।

**ଅନେକ ସମୟରେ ସିଏମ୍‌ସିର ବିଭିନ୍ନ ଯୋଜନାକୁ ହାଇକୋର୍ଟଙ୍କ କାଠଗଡ଼ାକୁ ଟଣାଯାଉଛି। ଏ ଦିଗରେ ଆପଣ କ'ଣ ପଦକ୍ଷେପ ନେବେ?**

▶ ବ୍ୟକ୍ତିର ଆଇନଗତ ଅଧିକାର ରହିଛି ସରକାରୀ ଅନୁଷ୍ଠାନର ଯୋଜନାରେ ଦୁର୍ନୀତି ହୋଇଥିଲେ ଏ ନେଇ କୋର୍ଟକୁ ଯିବା। ଏଭଳି କ୍ଷେତ୍ରରେ ସିଏମ୍‌ସି ତରଫରୁ କୋର୍ଟରେ ଠିକ୍ ସମୟରେ ଉତ୍ତର ଦାଖଲ କରାଯିବ, ଯଦ୍ୱାରା ମାମଲାର ସମାଧାନ ହୋଇ ସହରରେ ଉନ୍ନୟନ କାର୍ଯ୍ୟ ଆଗକୁ ଯାଇପାରିବ।

**ଜଳବନ୍ଦୀ ସମସ୍ୟା ସହରବାସୀଙ୍କୁ ଚିନ୍ତାରେ ପକାଉଛି। ଏ ନେଇ କ'ଣ କରିବେ?**

▶ ଦେଖନ୍ତୁ, ଜଳ ନିଷ୍କାସନ ସମସ୍ୟା ଯୋଗୁ ବର୍ଷାଜଳ ନିଷ୍କାସିତ ହୋଇପାରୁନି ବୋଲି ଯାହା ମୁଁ ପ୍ରାଥମିକ ଭାବେ ଜାଣିଛି। ଏହା ବ୍ୟତୀତ ଜଳବନ୍ଦୀ ସମସ୍ୟାର ପ୍ରକୃତ କାରଣ କ'ଣ ତାହା ଖୋଜାଯିବ ଏବଂ ସହରର ପ୍ରତିଟି ଜଳନିଷ୍କାସନ ପଏଣ୍ଟର ସ୍ଥିତି ଯାଞ୍ଚ କରାଯିବ।

**ମୁଣ୍ଡ ଉପରେ ପୂଜା ସିଜନ୍। ସହରର ପରିମଳ ବିପର୍ଯ୍ୟସ୍ତ। ଅଳ୍ପ ଦିନ ଭିତରେ କିଭଳି ଏହାର ସମାଧାନ କରିବେ?**

▶ ବର୍ତ୍ତମାନ ପରିମଳ ବ୍ୟବସ୍ଥାକୁ ସିଏମ୍‌ସି କିଭଳି ପରିଚାଳନା କରୁଛି ତାହାକୁ ଅନୁଧ୍ୟାନ କରିବି। ଆବଶ୍ୟକ ପଡ଼ିଲେ ଅଧିକ ସଂଖ୍ୟକ ସଫେଇ କର୍ମଚାରୀ ନିଯୁକ୍ତି କରାଯିବ ଏବଂ ଡଷ୍ଟବିନ୍, ଅନ୍ୟାନ୍ୟ ସଫେଇ ସାମଗ୍ରୀ କିଣାଯିବା ନେଇ ବୈଠକରେ ଆଲୋଚନା କରାଯିବ।

**କାଉନସିଲ୍ ବୈଠକରେ ବିରୋଧୀ ଓ ଶାସକ କର୍ପୋରେଟରଙ୍କ ମଧ୍ୟରେ ବୁଝାମଣା ରହୁ ନ ଥିବାରୁ ବୈଠକ ଅଧାରୁ ଶେଷ ହେଉଛି। ଏ କ୍ଷେତ୍ରରେ ଆପଣଙ୍କ ଭୂମିକା କ'ଣ?**

▶ କର୍ପୋରେଟର ଶାସକ ଦଳର ହୁଅନ୍ତି କି ବିରୋଧୀ ଦଳର, ସେମାନେ ମହାନଗର ନିଗମର ଲୋକ ପ୍ରତିନିଧି। ନିଜ ଅଞ୍ଚଳରେ କାମ ନ ହେଲେ ଲୋକେ ତାଙ୍କୁ କହିବେ ଏବଂ ସେମାନେ ଏ ନେଇ ବୈଠକରେ କହିବେ। ହେଲେ ଆଲୋଚନା ଏବଂ ବୁଝାମଣା ମାଧ୍ୟମରେ ବୈଠକ ହେଲେ ସବୁ କର୍ପୋରେଟର ନିଜ ନିଜ ଅଞ୍ଚଳରେ ଉନ୍ନତିମୂଳକ କାର୍ଯ୍ୟ କରିପାରିବେ।





କଟକ ସାରଳା ଭବନରେ ଇଣ୍ଡିଆ ଥିଏଟର ଅଲିମ୍ପିଆଡର ସୋମବାର ଉଦ୍‌ଯାପନୀ ଦିବସରେ ଶାନ୍ତି ବାର୍ତ୍ତା ନେଇ ଶୋଭାଯାତ୍ରାରେ ବାହାରିବା ପୂର୍ବରୁ ବିଭିନ୍ନ ରାଜ୍ୟର କଳାକାର ଏକତ୍ରିତ ହୋଇଛନ୍ତି।

## ଦୁର୍ଘଟଣାରେ ମହିଳା ମୃତ

**କଟକ ଅଫିସ, ୧୦।୯**

ଅଜଣା ଗାଡି ଧକ୍କାରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ଜଣାପଡି ନ ଥିବାବେଳେ ବୟସ ୩୫ରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଏ ନେଇ ସିଡିଏ ଫେଜ୍-୨ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୋମବାର ସକାଳେ ଏହି ଥାନା ଅନ୍ତର୍ଗତ ନରାଜ ନିକଟରେ ମହିଳାଙ୍କୁ ଏକ ଗାଡି ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଅଘାତ ଲାଗିଥିଲା। ଖବରପାଇ ପୋଲିସ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ମୃତା ମହିଳା ମାନସିକ ବିକାରଗ୍ରସ୍ତ ଥିଲେ ବୋଲି ପୋଲିସ କହିଛି।



ମହତ ଲୋକର ବିଫଳ ଉଦ୍ୟମ ମଧ ଏ ସଂସାରରେ ସମୟେ ସମୟେ ବହୁ ଉପକାର କରିଅଛି।- ଜର୍ଜ ଜନ୍ ଡାଇଡନ



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ନାବାଳକଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୧୦।୯:** ଖୋର୍ଦ୍ଧା ସଦର ଥାନାର ଗୁଡୁମ ଗାଁରେ ବିଦ୍ୟୁତ୍ ଆଘାତରେ ବିଜୟ ବୈରିଗଞ୍ଜନଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର(୧୬)ଙ୍କର ମୃତ୍ୟୁ ହୋଇଯାଇଛି। ସୋମବାର ପୂର୍ବାହ୍ନ ୯ଟାରେ ପୂର୍ଣ୍ଣଚନ୍ଦ୍ର ଘର ମଧରେ ଥିବା ଏକ ଖୋଲା ତାରରେ ହାତ ମାରି ଦେଇଥିଲେ। ବିଦ୍ୟୁତ ଆଘାତ ଯୋଗୁ ସେ ତଳେ ପଡି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ପୂର୍ଣ୍ଣଙ୍କୁ ମୃତ ଘୋଷଣା କରିଥିଲେ। ପରେ ସଦର ଥାନା ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### କାଇପଦରରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ଦାବି

**ଖୋର୍ଦ୍ଧା ଅଫିସ,୧୦।୯:** ପୀରବାବାଙ୍କ ପୀଠ କାଇପଦରରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ସରକାର କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ଫାଇଲ ୩ ବର୍ଷ ହେଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟାଳୟରେ ଘୂରି ବୁଲୁଥିଲା। ଏବେ ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକୃତି ଅପେକ୍ଷାରେ ରହିଛି। ଏଠାରେ ପିଏଚସି ନୂଆ ଖୋଲିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତାବ ରହିଥିବା ଜଣାପଡିଛି। ନିକଟରେ ବେଗୁନିଆ ବ୍ଲକର ବଡବେରଣା ସ୍ୱାସ୍ଥ୍ୟକେନ୍ଦ୍ର ସରକାରୀ ମାନ୍ୟତା ପାଇଥିବାବେଳେ କାଇପଦରକୁ ଅଣଦେଖା କରା ନ ଯାଉ ବୋଲି ସାଧାରଣରେ ଦାବି ହୋଇଛି।

### ସ୍କୁଲରେ କୁଇଜ ପ୍ରତିଯୋଗିତା

**ଟାଙ୍ଗୀ(ଖୋର୍ଦ୍ଧା),୧୦।୯(ଡି.ଏନ.ଏ.)–** ଟାଙ୍ଗୀର ମାଉଣ୍ଟ ଲିଟେରା ଜୀ ସ୍କୁଲରେ ଛାତ୍ରୀଛାତ୍ରମାନଙ୍କ ମଧରେ ସାମାଜିକ ବିଜ୍ଞାନ ଉପରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧକ୍ଷ ନୀଳାଦ୍ରି ଭୂଷଣ ବେହେରା କୁଇଜ ବିଚାରପତି ଦାୟିତ୍ୱ ଗ୍ରହଣ କରିଥିବାବେଳେ ଶିକ୍ଷକ ଉମେଶ ସାହୁ, ନୀଳକଣ୍ଠ ଶତପଥୀ, ସୁବାସ ବେହେରା ଓ ଶିକ୍ଷୟିତ୍ରୀ ଅନସୂୟା ଦାସ ଓ ସ୍କୁଲର ଲୋକ ସମ୍ପର୍କ ଅଧିକାରୀ ପାର୍ଥସାରଥୀ ପ୍ରଧାନ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଲିଓନାର୍ଡୋ ଡା ଭିନ୍ସି ଗୃହର ଛାତ୍ରୀଛାତ୍ର ପ୍ରଥମ ସ୍ଥାନ ଓ ଆଲବର୍ଟ ଆଇନଷ୍ଟାଇନ ଛାତ୍ରୀଛାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ।

### ଐତିହାସିକ ବ୍ରଜବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ

**ଖୋର୍ଦ୍ଧା ଅଫିସ,୧୦।୯:** ଐତିହାସିକ, ବାଣପୁର ଇତିହାସର ଲେଖକ ବ୍ରଜବନ୍ଧୁ ଦାଶଙ୍କର ୪ର୍ଥ ଶ୍ରାଦ୍ଧୋତ୍ସବ ନାଚୁଣୀରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଜାଗୃତିକା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟିକ ରାମଚନ୍ଦ୍ର କର ସଭାପତିତ୍ୱ କରିଥିଲେ। କବି ଶିବ ପ୍ରସାଦ ତ୍ରିପାଠୀଙ୍କର ପ୍ରାରମ୍ଭିକ ସୂଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ବକ୍ତା ଐତିହାସିକଙ୍କର ସ୍ମୃତି ଚାରଣ କରିଥିଲେ। କବି ଶିବ ପ୍ରସାଦ ତ୍ରିପାଠୀଙ୍କ କବିତାରେ ଐତିହାସିକ ବ୍ରଜବନ୍ଧୁଙ୍କର ଯଶ, କୀର୍ତ୍ତି, କାର୍ଯ୍ୟକଳାପ ଶୁଣିବାକୁ ମିଳିଥିଲା।

## ■ ତୈଳ ଦର ବୃଦ୍ଧିର ପ୍ରତିବାଦ

# କଂଗ୍ରେସ, ବାମପନ୍ଥୀ ଦଳର ବନ୍ଦ ପାଳନ









ନିରାକାରପୁରଠାରେ ଜାତୀୟ ରାଜପଥରେ ଟାୟାର ଜାଳି କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କରାଯାଇଛି। ଜଟଣୀଠାରେ ଖୋର୍ଦ୍ଧାରୋଡ ଷ୍ଟେଶନରେ କଂଗ୍ରେସ ନେତା ଓ କର୍ମୀମାନେରେଳ ରୋକୋ କରିଛନ୍ତି। ଖୋର୍ଦ୍ଧାଠାରେ ଅନୁଷ୍ଠିତ ବନ୍ଦ ପାଳନରେ ବାମ ଦଳ ପକ୍ଷରୁ ନେତା ଓ କର୍ମୀମାନେ।

**ଖୋର୍ଦ୍ଧା ଅଫିସ,୧୦।୯:**

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ସହ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଇବା ଘଟଣାକୁ ନେଇ କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ସୋମବାର ଦିଆଯାଇଥିବା ବନ୍ଦ ଡାକରା ଖୋର୍ଦ୍ଧାରେ ସଫଳ ହୋଇଛି। ବ୍ୟବସାୟୀମାନେ ମନକୁମନ ଦୋକାନ ବନ୍ଦ କରି ଦେଇଥିଲେ। ସରକାରୀ ଅଫିସ, ବ୍ୟାଙ୍କ ମଧ ବନ୍ଦ ଥିଲା। ସକାଳ ୬ଟାରୁ ଆରମ୍ଭ ହୋଇଥିବା ବନ୍ଦ ପାଳନ ଅପରାହ୍ନ ୩ଟାରେ ଶେଷ ହୋଇଥିଲା। ଲୋକଙ୍କ ଅସୁବିଧା ନ ହେବା ପାଇଁ ଔଷଧ ଦୋକାନ, ପେଟ୍ରୋଲ ପମ୍ପ ଖୋଲା ଥିଲା। ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲା ସଦର ମହକୁମାରେ ଆନ୍ଦୋଳନ ଚାଲୁ ରହିଥିଲା। ନେତା ଓ କଂଗ୍ରେସ କର୍ମୀମାନେ ଜିଲାପାଳ, ପିଡିଡିଆରଡିଏ, ଖୋର୍ଦ୍ଧା ବ୍ଲକ, ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସହ ଜିଲାସ୍ତରୀୟ ଅଫିସକୁ ଯାଇ ବନ୍ଦ କରାଇଥିଲେ। ପ୍ରତିବାଦ ସଭାରେ ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଶିଶିର ପରିଡା, ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ସ୍ୱାଗତିକା ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟିର ସଂଖ୍ୟାଲଘୁ ଭାଇସ ଚେୟାରମ୍ୟାନ ମହମ୍ମଦ ଆରିଫ, ଖୋର୍ଦ୍ଧା ବ୍ଲକ ସଭାପତି ପଦ୍ମ ଚରଣ ରାୟ, ରଣଜିତ୍ ମହାପାତ୍ର, ପ୍ଲାବନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସହରର ସମବାୟ ଛକରେ ଟାୟାର ଜାଳି କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ସେହିପରି ବାମପନ୍ଥୀଙ୍କ ପକ୍ଷରୁ ସିପିଆଇ (ଏମ) ଓ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଦଳଙ୍କ ମିଳିତ ଶୋଭାଯାତ୍ରା ନୂଆ ବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରିଥିଲା। ଜୟୀ ରାଜଗୁରୁ ଭବନଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସିପିଆଇ(ଏମ) ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ସଙ୍ଗଠକ ଅଶୋକ ସାହୁ, ଶ୍ରମିକ ନେତା ଶୈଳେଶ ବଳିଆରସିଂ ପ୍ରମୁଖ ନିଜ ବକ୍ତବ୍ୟରେ ଦୋଷାରୋପ କରି ଏ କ'ଣ ଆଛାଦିନ ବୋଲି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଥିଲେ।

**ବାଲୁଗାଁ, (ଡି.ଏନ.ଏ.)–** ତୈଳ ଦର ବୃଦ୍ଧିକୁ ବିରୋଧରେ କଂଗ୍ରେସ ପକ୍ଷରୁ ଭାରତ ବନ୍ଦ ଚିଲିକା ନିର୍ବାଚନମଣ୍ଡଳୀର ବାଲୁଗାଁ ଓ ବାଣପୁର ଅଞ୍ଚଳରେ ଦେଖିବାକୁ ମିଳିଥିଲା। ନିର୍ବାଚନମଣ୍ଡଳୀର ନାଚୁଣୀ, ଗମ୍ଭାରୀମୁଣ୍ଡା, କୁହୁଡ଼ି ପ୍ରଭୃତି ବଜାର ବନ୍ଦ ରହିଥିଲା। ଚିଲିକାରେ କଂଗ୍ରେସର ନେତୃତ୍ୱ ନେଉଥିବା ପ୍ରଦୀପ କୁମାର ସ୍ୱାଇଁ ଶତାଧିକ କର୍ମୀଙ୍କ ଗହଣରେ ବାଇକ୍ ଶୋଭାଯାତ୍ରାରେ ବାହାରି ପିକେଟିଂ କରି ବନ୍ଦ କରିଥିଲେ। ଯାନବାହନ ଚଳାଚଳ ଠପ୍ ହୋଇଯାଇଥିବା ବେଳେ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ଅଫିସ ବନ୍ଦ ଯୋଗୁ ରାସ୍ତାଘାଟ ଶୁନଶାନ ହୋଇପଡ଼ିଥିଲା।



ଖୋର୍ଦ୍ଧାଠାରେ ଅନୁଷ୍ଠିତ ବନ୍ଦ ପାଳନରେ କଂଗ୍ରେସ ନେତା ଓ କର୍ମୀମାନେ।

**ଜଟଣୀ, (ଡି.ଏନ.ଏ):** ଜଟଣୀ ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଖୋର୍ଦ୍ଧାରୋଡ଼ ଷ୍ଟେଶନରେ ରେଳରୋକୋ କରିଥିଲେ। ଟ୍ରେନ୍ ସମ୍ମୁଖରେ ଧାରଣା ଦେଇ ପ୍ରଶାନ୍ତି ଓ ପୁରୀ ଏକ୍ସପ୍ରେସ୍‌କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକାଇ ରଖିଥିଲେ। ବନ୍ଦ ପ୍ରଭାବରେ ଏଠାରେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଏଥିରେ ଅନ୍ୟମାନଙ୍କ ମଧରେ ସୀତାକାନ୍ତ ଶତପଥୀ, କାଉନସିଲର ଶୁଭେନ୍ଦୁ ପରିଜା, ପୂର୍ବତନ ଜିଲା ପରିଷଦ ସଦସ୍ୟ ଉଲ୍ଲାସିନୀ ମଲ୍ଲିକ, ସରପଞ୍ଚ ସୁନୀଲ ରାଉତରାୟଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ସେହିପରି ସିପିଆଇ (ଏମ୍) ପକ୍ଷରୁ ସ୍ଥାନୀୟ ସୀତାରାମ ଛକରେ ଧାରଣା ଦିଆଯିବା ସହ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନର ଏଠାରେ ଥିବା ମୁଖ୍ୟ ଦପ୍ତର ସମ୍ମୁଖରେ ପିକେଟିଂ କରି ପ୍ରତିବାଦ କରିଥିଲେ। ସାରଙ୍ଗଧର ବେହେରା ଓ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ଏହାର ପ୍ରତିବାଦ ଜଣାଇଥିଲେ।

**ଯାଁଳା, (ଡି.ଏନ.ଏ.)–** ଯାଁଳାଠାରେ ୧୬ ନଂ. ଜାତୀୟ ରାଜପଥ ପିତାପଲ୍ଲୀ ଛକଠାରେ ପୂର୍ବାହ୍ନ ୧୦ଟାରେ ଗଙ୍ଗପଡା ପଞ୍ଚାୟତର ସମିତିସଭ୍ୟ ସୁନୀଲ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ରାସ୍ତାରୋକୋ କରାଯାଇଥିଲା। ଏଥିଯୋଗୁ ରାଜପଥ ଜନଶୂନ୍ୟ ହୋଇଯାଇଥିଲା। ଏହାର ପ୍ରଭାବରେ ଦୋକାନ ବଜାର ବନ୍ଦ ରହିଥିଲା। ଯାଁଳାଠାରେ ଶୁଭ୍ରାଂଶୁ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ପତାକା ଧରି ରାସ୍ତାରୋକୋ କରିଥିଲେ।

**ନିରାକାରପୁର, (ଡି.ଏନ.ଏ.)–** ନିରାକାରପୁରରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନକାରୀ ରାମେଶ୍ୱର ଛକ ନିକଟ ୧୬ ନଂ. ଜାତୀୟ ରାଜପଥକୁ ଟାୟାର୍ ଜାଳି ଅବରୋଧ କରିଥିଲେ। ଫଳରେ ଅନେକ ଗାଡ଼ି ମୋଟର ଯାତାୟାତ ବନ୍ଦ ରହିଥିଲା। ଏଠାରେ ସମସ୍ତ ଅନୁଷ୍ଠାନ ବନ୍ଦ ରହିଥିଲା। କର୍ମୀମାନେ ରେଳଧାରଣା ଉପରେ ବସି ରହିବାରୁ ହାଓଡ଼ା–ପଣ୍ଡିଚେରୀ, ସିକନ୍ଦରାବାଦ–ବିଶାଖା, ପଲାସା–ପୁରୀ ଓ ବିଭିନ୍ନ ଏକ୍ସପ୍ରେସ୍ ଟ୍ରେନ୍ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ରାମଚନ୍ଦ୍ର ମହାପାତ୍ର, ସମ୍ପାଦକ ବିପିନ କୁମାର ଜୟସିଂହ, ପ୍ରାକ୍ତନ ସଭାପତି ବିଶ୍ୱଭୂଷଣ ଛୋଟରାୟ ପ୍ରମୁଖ ଭାରତ ବନ୍ଦ ପାଳନର ନେତୃତ୍ୱ ନେଇଥିଲେ।

**କୃଷ୍ଣପ୍ରସାଦ,(ଡି.ଏନ.ଏ.)–** ତୈଳ ଦର ବୃଦ୍ଧି ପ୍ରତିବାଦରେ କୃଷ୍ଣପ୍ରସାଦ ବ୍ଲକ୍‌ରେ କଂଗ୍ରେସ କର୍ମୀମାନେ ରାସ୍ତାରୋକୋ କରିଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ବନ୍ଦ କରିବାକୁ କର୍ମୀମାନେ ଉଦ୍ୟମ କରିଥିଲେ। କଂଗ୍ରେସ କର୍ମୀ ସଞ୍ଜୟ କୁମାର ପ୍ରଧାନ, ବାନାମ୍ବର ବାରିକି ଏବଂ ସିପିଆଇ ପକ୍ଷରୁ ଜଗବନ୍ଧୁ ସେନାପତି ଓ ଜଗନ୍ନାଥ ପତି ପ୍ରମୁଖ ଭାରତ ବନ୍ଦର ନେତୃତ୍ୱ ନେଇଥିଲେ।

**ବୋଲଗଡ଼,(ଡି.ଏନ.ଏ.)–** ବୋଲଗଡ଼ ବ୍ଲକ ଅଞ୍ଚଳରେ ଭାରତ ବନ୍ଦ ପ୍ରଭାବ ଦେଖିବାକୁ ମିଳିଥିଲା। ବୋଲଗଡ଼, ରାଜସୁନାଖଳା, ଭିମପଡ଼ା ଓ ପିଚୁକୁଲିଠାରେ କଂଗ୍ରେସ କର୍ମୀମାନେ ରାଜପଥ ଅବରୋଧ କରିଥିଲେ। ଦଳୀୟ ନେତା ପ୍ରଭାତ କୁମାର ପରିଡ଼ା, ରମେଶ କୁମାର ପଟ୍ଟନାୟକ ଏବଂ ସିପିଆଇ ନେତା ଓ କର୍ମୀ ମଧ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗୋପବନ୍ଧୁ ଛକଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

**ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ.ଏ.)–** ତୈଳ ଦର ବୃଦ୍ଧି ବିରୋଧରେ ଟାଙ୍ଗୀ, କୁହୁଡ଼ି, ଭୂଷଣ୍ଡପୁରରେ କଂଗ୍ରେସ କର୍ମୀମାନେ ଦୋକାନ, ବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ କରିଥିଲେ। ଖୋର୍ଦ୍ଧା ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ମହାପାତ୍ର, ପ୍ରଦୀପ କୁମାର ମହାପାତ୍ର, ପୂର୍ବତନ ବ୍ଲକ୍ ଅଧକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ ପ୍ରମୁଖଙ୍କ ନେତୃତ୍ୱରେ ୧୬ ନଂ. ପୁରୁଣା ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ସେହିପରି କୁହୁଡ଼ିଠାରେ ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ବେହେରା, ଖୋର୍ଦ୍ଧା ଜିଲା କଂଗ୍ରେସ ସେବାଦଳର ସଭାପତି ଜୟଦେବ ବେହେରା ପ୍ରମୁଖ ରାସ୍ତାରୋକୋ କରିଥିଲେ।

## ସାହିତ୍ୟ ସଂସଦର ନୂତନ କାର୍ଯ୍ୟକାରିଣୀ ଘୋଷିତ

**ଖୋର୍ଦ୍ଧା ଅଫିସ,୧୦।୯:** ସ୍ଥାନୀୟ ଗାନ୍ଧୀ ପଡିଆସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ଖୋର୍ଦ୍ଧା ସାହିତ୍ୟ ସଂସଦର ଏକ ସାଧାରଣ ସଭା ଅନୁଷ୍ଠାନର ଉପଦେଷ୍ଟା ଆଇନଜୀବୀ ବିଧାନ ଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ସଭାପତି ଏବଂ ଶିକ୍ଷାବିତ୍ ଧୀରେନ୍ଦ୍ର ନନ୍ଦ ସମ୍ପାଦକ ଭାବେ ସର୍ବସମ୍ମତି ଭାବେ ମନୋନୀତ ହୋଇଛନ୍ତି। ସେହିପରି ଯୋଗେଶ ଚନ୍ଦ୍ର ରଥ ଓ ସସ୍ମିତା ପଟ୍ଟନାୟକ ଉପସଭାପତି, କୈଳାସ ଚନ୍ଦ୍ର ମହାରଣା ସହସମ୍ପାଦକ, ବିଭୂ ପ୍ରସାଦ ହରିଚନ୍ଦନ ସଙ୍ଗଠନ ସମ୍ପାଦକ, ତପନ କୁମାର ମହାପାତ୍ର ପାଠାଗାର ସମ୍ପାଦକ ଓ କୃଷ୍ଣଚନ୍ଦ୍ର ହରିଚନ୍ଦନ କୋଷାଧକ୍ଷ ଦାୟିତ୍ୱ ନେଇଛନ୍ତି। କାର୍ଯ୍ୟକାରୀ ସମିତି ସଦସ୍ୟ ଭାବରେ ନିରଞ୍ଜନ ମହାନ୍ତି, ପ୍ରମୋଦ ଚନ୍ଦ୍ର ଦାଶ, ବୃନ୍ଦାବନ ପଣ୍ଡା, ସରୋଜ ସୁନ୍ଦର ପଟ୍ଟନାୟକ, ପ୍ରଫୁଲ୍ଲ ସାମନ୍ତରାୟ ଏବଂ କବି ପଦ୍ମଜ ପାଳ, ପ୍ରଫେସର ନାରାୟଣ ରାଓ, ବଂଶୀଧର ରାଉତ, ବିଧାନ ଚନ୍ଦ୍ର ମହାନ୍ତି, ବୈକୁଣ୍ଠନାଥ ରାଜଗୁରୁ, ଭୀମସେନ ପ୍ରଧାନ ଏବଂ ଜ୍ଞାନ ରଞ୍ଜନ ଦାଶଙ୍କୁ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ଘୋଷଣା କରାଯାଇଛି।

## ବନ୍ଧୁ ମିଳନ

**ଖୋର୍ଦ୍ଧା ଅଫିସ,୧୦।୯:** ବରୁଣେଇଙ୍କ ପୀଠରେ ଖୋର୍ଦ୍ଧା ବିଜେବି ହାଇସ୍କୁଲର ୧୯୯୪ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୦ ବନ୍ଧୁ ଯୋଗଦେଇ ଭାବର ଆଦାନ ପ୍ରଦାନ ଓ ପୂର୍ବ ସ୍ମୃତିଚାରଣ କରିଥିଲେ। ଏଥିରେ ସୁନୀଲ ପାଇକେରା, ସମରେନ୍ଦ୍ର ସାମନ୍ତରାୟ, ଦେବ ରଥ, ମୋତିଲାଲ ସାହୁ, ଜିତେନ୍ଦ୍ର ଦୋରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଜୀବନବିନ୍ଦୁ କାର୍ଯ୍ୟକ୍ରମ: ୨୩୧ ୟୁନିଟ୍ ରକ୍ତ ସଂଗୃହୀତ

**ଖୋର୍ଦ୍ଧା ଅଫିସ/ ବାଲୁଗାଁ, ୧୦।୯(ଡି.ଏନ.ଏ.):** ବାଣପୁର ବିଜ୍ଞାପିତ ପରିଷଦ ଅଞ୍ଚଳର ଶହୀଦ୍ କୃତ୍ତିବାସ ଟାଉନ୍ ହଲଠାରେ ବିଜେଡି ପକ୍ଷରୁ ସୋମବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ଉଦ୍‌ଘାଟନ କରିଥିଲେ। କଟକ ବଡ ଡାକ୍ତରଖାନାର କେନ୍ଦ୍ରୀୟ ବ୍ଲଡ ବ୍ୟାଙ୍କର ଡ. ପ୍ରଶାନ୍ତ କୁମାର ଦାସ ସମେତ ୭ ଜଣ ସହଯୋଗୀ ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୨୩୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ବିଜେଡିର ଏନ୍‌ଏସି ସଭାପତି ଅଶ୍ୱିନି କୁମାର ଷଡଙ୍ଗୀ, ବ୍ଲକ ସଭାପତି ଭବାନୀ ଶଙ୍କର ବଳିୟାରସିଂହ, ନଗରପାଳ ପୁଷ୍ପାଳି ଜେନା, ଏନ୍‌ଏସି ଉପାଧକ୍ଷ ଦାଶରଥି ସାହୁ, ବ୍ଲକ ଅଧକ୍ଷା ରଞ୍ଜିତା ସେଠୀ, ପର୍ଯ୍ୟବେକ୍ଷକ ଭରତ ସାହୁ, ଯୁବନେତା ବିକ୍ରମ କେଶରୀ ଜେନା, ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଅସମ୍ପୂର୍ଣ୍ଣ ଚେକ୍ ଡ୍ୟାମ୍ ବନ୍ଧ ଭାଙ୍ଗିଲା

**ଖୋର୍ଦ୍ଧା ଅଫିସ,୧୦।୯:** ବାଣପୁର ବ୍ଲକ ଖୁଣ୍ଟିକଟା ନଦୀରେ ନିର୍ମିତ ଅସମ୍ପୂର୍ଣ୍ଣ ଚେକଡ୍ୟାମର ପଶ୍ଚିମ ପାର୍ଶ୍ୱ ବନ୍ଧ ଲଗାଣବର୍ଷାରେ ଭାଙ୍ଗିଯାଇଛି। ବନ୍ଧ ଭାଙ୍ଗିବା କାରଣରୁ ୧୦ରୁ ଊର୍ଦ୍ଧ୍ୱ ଚାଷୀଙ୍କର ଧାନ ଫସଲ ନଷ୍ଟ ହୋଇଛି। ଜଳ ଓ ମୃତ୍ତିକା ସଂରକ୍ଷଣ ପାଇଁ କାର୍ଯ୍ୟ କରୁଥିବା ମୃତ୍ତିକା ସଂରକ୍ଷଣ ବିଭାଗର ଚାଷୀ ମାରଣ ନୀତି ଏଥିରୁ ସ୍ପଷ୍ଟ ହେଉଛି। ଚାଷୀମାନେ ଅଯଥାରେ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଅଭିଯୋଗ ଉଠିଛି। ଏହାର ପ୍ରତିକାର କରା ନ ଗଲେ ପ୍ରତିବର୍ଷ ଏପରି କ୍ଷତି ଲାଗି ରହିବ ବୋଲି କୁହାଯାଇଛି। କେଇ ଜଣଙ୍କ ଲାଭ ପାଇଁ ସରକାରୀ ଅନୁଦାନକୁ ଶାଗ ମାଛରେ ଖର୍ଚ୍ଚ କରି ଆବଶ୍ୟକତା ନ ଥିବା ଅଞ୍ଚଳରେ ଚେକ ଡ୍ୟାମ କରାଯିବାରୁ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି।

ଜୀବନଦେଇପୁର, ସୁନାଖଳା, କହ୍ନେଇପୁର ମୌଜା ଦେଇ ଯାଇଥିବା ଖୁଣ୍ଟିକଟା ନଦୀର ଉପରମୁଣ୍ଡରେ ଏକ ଚେକଡ୍ୟାମ ରହିଛି। ଉପର ମୁଣ୍ଡର ଚେକଡ୍ୟାମଠାରୁ ମାତ୍ର ୨୦୦ ମିଟର ଦୂର କହ୍ନେଇପୁର ମୌଜା ହରିକୁଣ୍ଡ ପାହାଡ ତଳେ ଅନ୍ୟ ଏକ ଚେକ ଡ୍ୟାମ ନିର୍ମାଣ କରାଗଲା। ମୃତ୍ତିକା ସଂରକ୍ଷଣ ବିଭାଗର ଏହି ଚେକ ଡ୍ୟାମ ବର୍ଷାଋତୁର ପ୍ରାରମ୍ଭରେ ତରବରିଆ ଭାବେ ନିର୍ମାଣ ହୋଇଥିଲା। ନିର୍ମାଣ ସମୟରେ ଉଭୟପାର୍ଶ୍ୱର ମାଟି ବନ୍ଧକୁ ନିକଟସ୍ଥ ବିଲର ହୁଡାଠାରୁ ଉଚ୍ଚା କରି ନିର୍ମାଣ କରାଗଲାନାହିଁ। ବର୍ଷା ଋତୁରେ ନବନିର୍ମିତ ବନ୍ଧର କେଉଁ ଅଞ୍ଚଳ ଦୁର୍ବଳ ରହିଛି ତା'ର ସ୍ଥିତି ପରଖା ଗଲା ନାହିଁ। ବର୍ଷା ହେବାରୁ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରୁ ଅଧାପନ୍ତରିଆ କାମ କରି ପକାଇ ରଖାଗଲା। କହ୍ନେଇପୁର ମୌଜାରେ ଚେକ ଡ୍ୟାମର ଆବଶ୍ୟକତା ନ ଥିବା ସ୍ଥାନୀୟ ଚାଷୀମାନେ ବାରମ୍ବାର ବିଭାଗକୁ ଅବଗତ କରାଇଥିଲେ ମଧ ସେମାନଙ୍କ ଅଭିଯୋଗକୁ ଅଣଦେଖା କରାଗଲା। ଫଳ ସ୍ୱରୂପ ବନ୍ଧ ଭାଙ୍ଗିଲା। ଚାଷୀ କ୍ଷତିଗ୍ରସ୍ତ ହେଲେ। ସ୍ୱଳ୍ପ କ୍ଷତି ହୋଇଥିବା ଚାଷୀ କାମ ଚଳାଇ ନେଇଛନ୍ତି। କିନ୍ତୁ ସମୁଦାୟ କ୍ଷତିଗ୍ରସ୍ତ ଚାଷୀଙ୍କୁ କିଏ କ୍ଷତିପୂରଣ ଦେବ। ସେଇ ଚିନ୍ତାରେ କ୍ଷତିଗ୍ରସ୍ତ ଚାଷୀ ପଡିଛନ୍ତି। ଅନ୍ୟପକ୍ଷେ କିଛି ଚାଷୀଙ୍କ ଜମିରେ ଚେକ ଡ୍ୟାମ ନିର୍ମାଣ ପାଇଁ ଚିପସ୍, ସ୍ଥଳ ଜମା ହୋଇ ରହିଛି। ଧାନ ଫସଲ ହୋଇଥିଲେ ମଧ ସେଗୁଡିକ ସ୍ଥାନାନ୍ତର କରାଗଲାନାହିଁ। ଚାଷୀଙ୍କ ଉନ୍ନତି ପାଇଁ କାମ କରୁଥିବା ମୃତ୍ତିକା ସଂରକ୍ଷଣ ବିଭାଗର ଚେକ ଡ୍ୟାମ କାର୍ଯ୍ୟ ତଦନ୍ତ କରାଯାଇ ଅନିୟମିତତା କାର୍ଯ୍ୟରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ। ସେହିଭଳି ଚେକଡ୍ୟାମର ଅଧୁରା କାର୍ଯ୍ୟକୁ ଶେଷ କରାଯାଉ। ଚେକଡ୍ୟାମର ଉଭୟ ପାର୍ଶ୍ୱରେ ପଥର କଂକ୍ରିଟ ପ୍ୟାଚିଂ କରିବାକୁ ଦାବି ରହିଛି। ନଚେତ୍ ଚାଷୀମାନେ ଚାଷଜମିକୁ ରକ୍ଷା ପାଇଁ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।



ଭାଙ୍ଗି ଯାଇଥିବା ଚେକ୍ ଡ୍ୟାମ ବନ୍ଧ।

## ■ କମିଶନରେଟ୍ ପୋଲିସର ଜଟଣୀ ଗଣେଶପୂଜା ପ୍ରସ୍ତୁତି ବୈଠକ

# ବିଦ୍ୟୁତ୍, ରାସ୍ତା, ପରିମଳ ଉପରେ ଗୁରୁତ୍ୱାରୋପ

**ଜଟଣୀ,୧୦।୯(ଡି.ଏନ.ଏ):** ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଜଟଣୀ ଥାନାରେ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିସିପି ଅନୁପ ସାହୁ, ଅତିରିକ୍ତ ଡିସିପି ତପନ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଦିଲୀପ ଷଡଙ୍ଗୀ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଲଳିତା କପୁର, ପୌରାଧକ୍ଷ ସଂଗ୍ରାମ କେଶରୀ ରାଉତରାୟ, ଜଟଣୀ ବ୍ୟବସାୟୀ ମହାସଂଘର ସଭାପତି ସୁଦର୍ଶନ ସୁନ୍ଦରାୟଙ୍କ ସମେତ ପୂଜା ପେଣ୍ଡାଲ କର୍ମକର୍ତ୍ତା, ବିଭିନ୍ନ ବିଭାଗର ଅଧିକାରୀ, ବରିଷ୍ଠ ନାଗରିକ ତଥା ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ସେମାନେ ଉତ୍ସବକୁ ଶୃଙ୍ଖଳିତ ଭାବେ ସମାପନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

### ବିଦ୍ୟୁତ୍, ପୂର୍ତ୍ତ ବିଭାଗ ଉପରେ ଅସନ୍ତୋଷ

ବିଭିନ୍ନ ପୂଜା ପେଣ୍ଡାଲ କର୍ମକର୍ତ୍ତାଙ୍କ ସହ ଉପସ୍ଥିତ ଅନ୍ୟମାନେ ବିଶେଷ କରି ଉତ୍ସବ ସମୟରେ ଲକ୍ଷାଧିକ ଜନସମାଗମ ହେବା ଦୃଷ୍ଟିରେ ରଖି ବିଦ୍ୟୁତ୍‌କାଟ୍ ବନ୍ଦ ପାଇଁ ଗୁରୁତ୍ୱ ଦେଇଥିଲେ। ସେହିପରି ପୂର୍ତ୍ତ ବିଭାଗ ଅଧୀନରେ ଥିବା ବିପର୍ଯ୍ୟସ୍ତ ରାସ୍ତା ଓ ଡ୍ରେନ୍ ଯୋଗୁ ଅଧିକ ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଥିଲା।

### ଟ୍ରାଫିକ୍ ସମସ୍ୟା

ଏଠାରେ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ଟ୍ରାଫିକ ସମସ୍ୟା ଲାଗି ରହିଲେ ଉତ୍ସବ ସମୟରେ ପ୍ରଭାବ ପଡ଼ି ପୂର୍ବ ବର୍ଷ ପରି ଲୋକେ ହଇରାଣ ହେବେ ବୋଲି ଅନେକ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷକରି ସ୍ଥାନୀୟ ନୀଳଚକ୍ର ମାର୍କେଟ, ରାଜା ବଜାର, ମୁଖ୍ୟରାସ୍ତା, ହରିଭାଇନା ଛକରୁ ତଳଖୋଡା ଛକ ପର୍ଯ୍ୟନ୍ତ ସଡ଼କପଥରେ ଅଧିକ ଏହିସମସ୍ୟା ହେଉଥିବାରୁ ଏହା ପ୍ରତିକାର କରାଯାଉ। ଭାରିଯାନ ଚଳାଚଳ ଉପରେ ଅପରାହ୍ନ ୪ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ଥିବା କଟକଣାକୁ ରାତି ୧୨ଟା ପର୍ଯ୍ୟନ୍ତ ବୃଦ୍ଧି କରିବାକୁମଧ ଆଲୋଚନାରେ ସ୍ଥାନ ପାଇଥିଲା। ନିର୍ମାଣାଧୀନ ଫ୍ଲାଏ ଓଭରବ୍ରିଜ୍ ଯୋଗୁ କୁଦିଆରୀ ବଜାର ଓ ସୀତାରାମ ଛକରେ ହୋଇଥିବା ଗଭୀର ଖାଲଗୁଡ଼ିକୁ ତୁରନ୍ତ ବନ୍ଦ କରିବାକୁ ପ୍ରସ୍ତାବ ଆସିଥିଲା। ପୂଜା ସମୟରେ ଅଧିକ ଗହଳି ହେବା ଦୃଷ୍ଟିରୁ ବିପଦସଙ୍କୁଳ ଅବସ୍ଥାରେ ଥିବା ୫୦ରୁ ୬୦ ଫୁଟ ଗଭୀର ଏହି ଖାଲ ବନ୍ଦ ପାଇଁ ଅନେକ ମତ ରଖିଥିଲେ।

### ଅନ୍ୟାନ୍ୟ ସମସ୍ୟା

ଉତ୍ସବ ସମୟରେ ପାର୍କିଂ ସମସ୍ୟା, ନିୟମିତ ପାନୀୟ ଜଳଯୋଗାଣ, ଅସାମାଜିକ କାର୍ଯ୍ୟକଳାପ ବନ୍ଦ କରିବା, ସମସ୍ତ ଅନୁମତି ଡିସିପି ଅଫିସ ପରିବର୍ତ୍ତେ ଜଟଣୀ ଥାନାରୁ ପ୍ରଦାନ, କଡ଼ାକଡ଼ି ପାଟ୍ରୋଲିଂ, ଅଣ୍ଡରଗ୍ରାଉଣ୍ଡ ରାସ୍ତାରୁ ପାଣି ନିଷ୍କାସନ ପାଇଁ ଅଧିକ ମୋଟର ବ୍ୟବସ୍ଥା, ସଫେଇ, ବ୍ଲିଚିଂ ପକାଇବା ଉପରେ ପୂଜା ପେଣ୍ଡାଲର କର୍ମକର୍ତ୍ତା ଅନୁରୋଧ କରିଥିଲେ।




ଗଣେଶ ପୂଜା ଲାଗି ଅନୁଷ୍ଠିତ ପ୍ରସ୍ତୁତି ସମାବେଶରେ ପୋଲିସ ଅଧିକାରୀ ଓ ଅନ୍ୟମାନେ।

### ବିଭିନ୍ନ ବିଭାଗ ଅଧିକାରୀଙ୍କ ପ୍ରତିଶ୍ରୁତି

ପୂଜା ସମୟରେ ଯେପରିବିଦ୍ୟୁତ କାଟ୍ ନ ହେବ, ବିପଦ ସଙ୍କୁଳ ଅବସ୍ଥାରେ ଥିବା ରାସ୍ତାଘାଟର ମରାମତି ଓ ଅନ୍ୟ ସମସ୍ୟା ଦୂର ପାଇଁ ଉପସ୍ଥିତ ଥିବା ପୂର୍ତ୍ତ, ସେସୁ, ଫେଡ୍‌କୋ, ମ୍ୟୁନିସିପାଲିଟି, ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କ ପକ୍ଷରୁ ଦୃଢ଼ ପ୍ରତିଶ୍ରୁତି ଦିଆଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ସୀତାରାମ ଛକରେ ଅପରାହ୍ନ ୫ ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଦମକଳ ଗାଡ଼ି ରହିବା ନେଇ ସମ୍ପୃକ୍ତ ବିଭାଗ କର୍ମଚାରୀ କହିଥିଲେ। ସ୍ଥାନୀୟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଭିନ୍ନ ସ୍ଥାନରେ ଫାଷ୍ଟଏଡ୍ ବ୍ୟବସ୍ଥା, ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ସେବା ଯୋଗାଇବା ନେଇ ଆଲୋଚନାରେ ସ୍ଥାନ ପାଇଥିଲା। ତେବେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ବିଭାଗର କେହିଅଧିକାରୀ ଉପସ୍ଥିତ ନ ଥିଲେ।

### ଥାନାରେ ହେବ କଣ୍ଟ୍ରୋଲ ରୁମ୍

ବିଦ୍ୟୁତ୍ କାଟ, ପାଣି ତଥା ରାସ୍ତା, ଡ୍ରେନ୍ ଓ ଅନ୍ୟ ସମସ୍ୟା ନେଇ ଉପସ୍ଥିତ ଲୋକଙ୍କ ରୋଷକୁ ଦୃଷ୍ଟିରେ ରଖି ଉତ୍ସବ ସମୟରେ ଜଟଣୀ ଥାନା ପରିସରରେ ଏକ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରିବାକୁ ଡିସିପି ସାହୁ କହିଥିଲେ। କଣ୍ଟ୍ରୋଲ ରୁମ୍‌ରେ ବିଦ୍ୟୁତ୍, ପିଏଚ୍‌ଡି, ପୂର୍ତ୍ତ ଭଳି ଅତି ଆବଶ୍ୟକ ଥିବା ବିଭାଗର କର୍ମଚାରୀମାନେ ଉପସ୍ଥିତ ରହିବେ। ଉତ୍ସବ ସମୟରେ କୌଣସି ସମସ୍ୟା ଉପୁଜିଲେ ଏଠାକୁ ଫୋନ୍ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିପାଇଁ ତାଙ୍କ ବିଭାଗ ପକ୍ଷରୁ ଚିଠି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଅଧିକ ସଂଖ୍ୟକ ଅଧିକାରୀ, ହୋମ୍‌ଗାର୍ଡ ଯୋଗାଇ ଦିଆଯିବ। ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ସେ କହିଥିଲେ। ଯଦି କିଛି ଅଘଟଣ ଘଟେ ସମ୍ପୃକ୍ତ ବିଭାଗ ବିରୋଧରେ ଫୌଜଦାରି ମାମଲା କରାଯିବ ବୋଲି ସେ ତାଗିଦ୍ କରିଥିଲେ। ପ୍ରସ୍ତୁତି ବୈଠକ ପରିଚାଳନା କରିବାରେ ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ଓ ଅନ୍ୟ କର୍ମଚାରୀମାନେ ସହାୟତା କରିଥିଲେ।



ମହତ ଲୋକର ବିଫଳ ଉଦ୍ୟମ ମଧ୍ୟ ଏ ସଂସାରରେ ସମୟେ ସମୟେ ବହୁ ଉପକାର କରିଅଛି।
- ଜନ୍ ଡାଇଡନ



## ସଂକ୍ଷେପରେ

### ଏବିଭିପିର ଛାତ୍ର ସମାବେଶ ପୁରୀ ଜିଲ୍ଲାରୁ ଯୋଗଦେବେ ୨ ହଜାର ଛାତ୍ରଛାତ୍ରୀ

ପୁରୀ ଅଫିସ, ୧୦।୯: ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଓଡ଼ିଶା ପକ୍ଷରୁ ଭୁବନେଶ୍ୱରଠାରେ ମଙ୍ଗଳବାର ବିଶାଳ ଛାତ୍ର ସମାବେଶ ଅନୁଷ୍ଠିତ ହେବ। ଏଥିରେ ପୁରୀ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୨ହଜାର ଛାତ୍ରଛାତ୍ରୀ ଯୋଗଦେବେ ବୋଲି ଏବିଭିପିର ପୁରୀ ବିଭାଗ ସଂଯୋଜକ ରାଜେଶ କୁମାର ଦେବତା ଗୋଏଙ୍କା ଧର୍ମଶାଳାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଦେବତା କହିଲେ ଯେ, ଶିକ୍ଷା, ସୁରକ୍ଷା ଓ ରୋଜଗାର ପ୍ରସଙ୍ଗକୁ ନେଇ ଏହି ସମାବେଶ ଆୟୋଜନ କରାଯାଉଛି। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ବିଭିନ୍ନ ପ୍ରସଙ୍ଗ ସମାବେଶରେ ଆଲୋଚନା ହେବ ବୋଲି ସେ କହିଥିଲେ।

### ସ୍ୱାଧୀନ ମହାବିଦ୍ୟାଳୟ ବାର୍ଷିକୋତ୍ସବ

ନିମାପଡ଼ା,୧୦।୯(ଡି.ଏନ୍.ଏ.)-ନିମାପଡ଼ା ସ୍ୱାଧୀନ ମହାବିଦ୍ୟାଳୟର ୧୦ମ ବାର୍ଷିକୋତ୍ସବ, ପ୍ରତିଷ୍ଠା ଦିବସ ରବିବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପ୍ରଫେସର ଇଂ ମାନସ କୁମାର ଦାସ ଅଧକ୍ଷତା କରିଥିଲେ। ଅତିଥି ଭାବେ ଚଳଚ୍ଚିତ୍ରର ପ୍ରଯୋଜକ ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମ, ଭୁବନେଶ୍ୱର ଆୟକର ବିଭାଗର ଡେପୁଟି କମିଶନର ଅରୁଣ କୁମାର ଦାଶ, ଚଳଚ୍ଚିତ୍ର ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳ, ଅଭିନେତା ରାକେଶ ଦେଓ, ବିଷ୍ଣୁ ପ୍ରକାଶ ସାମଲ, ଅଭିନେତ୍ରୀ ସୁମନ ପ୍ରିୟଦର୍ଶିନୀ, ମୋନାଲିସା ନାୟକ, ଆଇନଜୀବୀ ରଣଜିତ ନାୟକ, ସ୍ୱାଧୀନ କଲେଜର ପରିଚାଳନାଗତ ନିର୍ଦ୍ଦେଶକ ସ୍ୱାଧୀନ କୁମାର ସାହୁ, ପରିଚାଳନା କମିଟି ସଭାପତି ଅଶୋକ କୁମାର ସାହୁ, ସମ୍ପାଦିକା ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟର ଉନ୍ନତି କାମନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ସୁନୀଲ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୩ଛାତ୍ରୀଛାତ୍ରଙ୍କୁ ପୁରସ୍କାର, ମାନପତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



ପୁରୀ ଅଠରନଳାଠାରେ କଂଗ୍ରେସ କର୍ମୀମାନେ ଟାୟାର ଜାଳି ରାସ୍ତାରୋକୋ କରୁଛନ୍ତି।




ପୁରୀ ରେଲୱେ ଷ୍ଟେଶନରେ ଜିଲା କଂଗ୍ରେସ କମିଟି ସଭାପତି ସତ୍ୟବ୍ରତ ପାତ୍ର ଓ ଅନ୍ୟମାନେ ରେଲରୋକୋ କରୁଛନ୍ତି।

# ପୁରୀରେ ବନ୍ଦ ଶାନ୍ତିପୂର୍ଣ୍ଣ

**ପୁରୀ ଅଫିସ, ୧୦।୯:**

ତୈଳ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ସୋମବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ପୁରୀରେ ବି ଦେଖିବାକୁ ମିଳିଥିଲା। ମୋଟାମୋଟି ଭାବେ ପୁରୀରେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିବା ବେଳେ ଯାନବାହନ ଚଳାଚଳ ଓ ଗମନାଗମନ ଏକରକମ ଠପ୍ ହୋଇଯାଇଥିଲା। ସହରର ସ୍କୁଲଗୁଡିକ ବନ୍ଦ ରହିଥିଲା। ସକାଳୁ କଂଗ୍ରେସ ଏବଂ ବାମଦଳ କର୍ମୀମାନେ ସାନ୍ତ୍ରାଗାଛି ଏକ୍ସପ୍ରେସ, ଗୁଣପୁର-ପୁରୀ ପାସେଞ୍ଜର, ପୁରୀ-କଟକ ପାସେଞ୍ଜର ଟ୍ରେନ ସମ୍ମୁଖରେ ବିକ୍ଷୋଭ କରି ରେଲରୋକୋ କରିଥିଲେ। ସକାଳ ୭ଟା ୨୦ରୁ ପ୍ରାୟ ୧୧ଟା ୩୦ ପର୍ଯ୍ୟନ୍ତ ପୁରୀ ଷ୍ଟେଶନରେ ରେଲରୋକୋ ଚାଲିଥିଲା। ପୂର୍ବତଟ ରେଳପଥ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବନ୍ଦ ଯୋଗୁ ସମ୍ବଲପୁର-ପୁରୀ-ସମ୍ବଲପୁର ଟ୍ରେନକୁ ଉଭୟ ପାର୍ଶ୍ୱରୁ ବାତିଲ କରାଯାଇଥିଲା। ପୁରୀ-କଟକ ପାସେଞ୍ଜର, ଖୋର୍ଦ୍ଧାରୋଡ-ପୁରୀ ପାସେଞ୍ଜର, ପୁରୀ-ଗୁଣପୁର ପାସେଞ୍ଜର, ପୁରୀ-ଖୋର୍ଦ୍ଧା ରୋଡ ପାସେଞ୍ଜରକୁ ମଧ୍ୟ ବାତିଲ କରାଯାଇଥିଲା। ପୁରୀ-ସାନ୍ତ୍ରାଗାଛି ପାସେଞ୍ଜର ଟ୍ରେନ ପୁରୀ ବଦଳରେ ଖୋର୍ଦ୍ଧାରୋଡଠାରୁ ଯାତ୍ରା କରିଛି। ପୁରୀ-ତାଳଚେର ଏକ୍ସପ୍ରେସ ମଧ୍ୟ ପୁରୀ ବଦଳରେ ଖୋର୍ଦ୍ଧା ରୋଡରୁ ଚଳାଚଳ କରିଛି। ସେହିପରି ପୁରୀ-ପାରାଦୀପ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ପୁରୀ ନ ଆସି କଟକରୁ ଚଳାଚଳ କରିଛି। ବନ୍ଦ ଯୋଗୁ କିଛି ଟ୍ରେନ ପୁରୀ ଷ୍ଟେଶନରୁ ବିଳମ୍ବରେ ଛାଡିଥିବା ବେଳେ କିଛି ଟ୍ରେନ ବିଳମ୍ବରେ ପହଞ୍ଚିଛି। ହାଓଡା-ପୁରୀ ତପସ୍ୱିନୀ ଏକ୍ସପ୍ରେସ ସକାଳ ୬ଟା ୩୫ରୁ ୮ଟା ୪୫ ପର୍ଯ୍ୟନ୍ତ ଖୋର୍ଦ୍ଧାରୋଡ ଷ୍ଟେଶନରେ ଅଟକି ରହିଥିଲା। ହାଓଡା-ପୁରୀ ଏକ୍ସପ୍ରେସ ମଧ୍ୟ ଖୋର୍ଦ୍ଧା ରୋଡରେ ଅଟକି ରହିଥିଲା। ପୁରୀ-ପାରାଦୀପ ଏବଂ ପୁରୀ-ବଡବିଲ ଏକ୍ସପ୍ରେସ ସକାଳ ୬ଟା ୨୨ରୁ ୮ଟା ୦୫ ପର୍ଯ୍ୟନ୍ତ ସାକ୍ଷୀଗୋପାଳରେ ଅଟକି ରହିଥିଲା। ପୁରୀ-ହାଓଡା ଶତାବ୍ଦୀ ଏକ୍ସପ୍ରେସ ଡେଲାଙ୍ଗ ଓ ଖୋର୍ଦ୍ଧାରୋଡରେ କିଛି ସମୟ ଲାଗି ଅଟକି ରହିଥିଲା। ସେହିପରି ଅହମ୍ମଦାବାଦ-ପୁରୀ ଏକ୍ସପ୍ରେସ ରମ୍ଭା ନିକଟରେ ସକାଳ ୬ଟା ୪୪ରୁ ୮ଟା ୪୫ ଯାଏ ଅଟକି ରହିଥିଲା। ଅନ୍ୟପକ୍ଷରେ କଂଗ୍ରେସ କର୍ମୀମାନେ ପୁରୀର ବିଭିନ୍ନ ସ୍ଥାନରେ ଲାଗିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୋଷ୍ଟର ଚିରିଥିଲେ। ଅଠରନଳା, ମଙ୍ଗଳାହାଟ, ବଡ଼ଦାଣ୍ଡ, ମେଡିକାଲ ଛକ, କଟେରି ଛକ ଆଦି ପ୍ରମୁଖ ସ୍ଥାନରେ କଂଗ୍ରେସ କର୍ମୀ ଓ ବାମଦଳ କର୍ମୀ ପିକେଟିଂ କରିଥିଲେ। ଅଠରନଳା ନିକଟରେ କଂଗ୍ରେସ କର୍ମୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କୁ ଅଠରନଳା ଠାରେ ସହର ମଧ୍ୟକୁ ଆସିବାକୁ ଦେଇ ନ ଥିଲେ। ବସ ଚଳାଚଳ ବନ୍ଦ ରହିଥିବାରୁ ପୁରୀ ବସଷ୍ଟାଣ୍ଡରେ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବନ୍ଦ ପ୍ରଭାବରେ ସହରର ରାସ୍ତାଗୁଡିକ ଦିନତମାମ ଖାଁ ଖାଁ ରହିଥିଲା। ବନ୍ଦ ପାଳନକାରୀ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ପୁରୀ ପୌର କାର୍ଯ୍ୟାଳୟ ଖୋଲା ରହିଥିଲା। କଂଗ୍ରେସ କର୍ମୀମାନେ ପଶି ଭଙ୍ଗାରୁଜା କରିଥିଲେ। ପିପିଲିର ତେଇଶିପୁର ନିକଟରେ କଂଗ୍ରେସ କର୍ମୀମାନେ ଜାତୀୟ ରାଜପଥକୁ ଅବରୋଧ କରିବାରୁ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଗମନାଗମନ ଠପ୍ ହୋଇଯାଇଥିଲା। ଏସ୍‌ବିଆଇ ମୁଖ୍ୟ ଶାଖା ସମେତ ସହର ବିଭିନ୍ନ ବ୍ୟାଙ୍କ ଖୋଲା ରହିଥିବା ବେଳେ କଂଗ୍ରେସ କର୍ମୀମାନେ ଯାଇ ବ୍ୟାଙ୍କଗୁଡ଼ିକୁ ବନ୍ଦ କରିଥିଲେ। ପୁରୀ ଜିଲା କଂଗ୍ରେସ କମିଟି ସଭାପତି ସତ୍ୟବ୍ରତ ପାତ୍ରଙ୍କ ନେତୃତ୍ୱରେ ହେଉଥିବା ଏହି ଆନ୍ଦୋଳନରେ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପିସିସି ସମ୍ପାଦକ ବିଶ୍ୱଜିତ ମହାନ୍ତି, ସ୍ମୃତିପ୍ରକାଶ ନନ୍ଦ, ବିନାୟକ ଦାସ ମହାପାତ୍ର, ସୁଜିତ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ସିପିଆଇ(ଏମ୍) ପକ୍ଷରୁ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ରେବତୀ ମହାପାତ୍ର ସିପିଆଇର ସମ୍ପାଦକ ପ୍ରଦୀପ ମହାନ୍ତି, ବିଦ୍ୟୁଲତା ପୃଷ୍ଟି, ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ପିକେଟିଂ କରିଥିଲେ।

**ଜନଜୀବନ ପ୍ରଭାବିତ**

- ରେଳ ଚଳାଚଳ ବାଧାପ୍ରାପ୍ତ, ୬ ଟ୍ରେନ୍ ବାତିଲ
- ପର୍ଯ୍ୟଟକ, ଯାତ୍ରୀ ହନ୍ତସନ୍ତ
- ପୌର କାର୍ଯ୍ୟାଳୟରେ ଭଙ୍ଗାରୁଜା



ପୁରୀ ପୌର କାର୍ଯ୍ୟାଳୟ ଭିତରକୁ ଆନ୍ଦୋଳନକାରୀମାନେ ଧସେଇ ପଶୁଛନ୍ତି।



ପୁରୀ ମେଡିକାଲ ଛକ ପେଟ୍ରୋଲ ପମ୍ପରେ ଲାଗିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୋଷ୍ଟରକୁ ଆନ୍ଦୋଳନକାରୀମାନେ ଚିରୁଛନ୍ତି।

# କାକଟପୁରରେ ତହସିଲ କର୍ମଚାରୀଙ୍କୁ ମାଡ଼ ମାରିଲେ ଆନ୍ଦୋଳନକାରୀ

**କାକଟପୁର/ସାକ୍ଷୀଗୋପାଳ/ ନିମାପଡ଼ା/ବ୍ରହ୍ମଗିରି/ଗୋପ/ କୋଣାର୍କ/କଣାସ/ପିପିଲି, ୧୦।୯(ଡି.ଏନ୍.ଏ.)**

ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଦଳ ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦର ପ୍ରଭାବ ପୁରୀ ଜିଲାରେ ମଧ୍ୟ ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀମାନେ ରାସ୍ତା ଅବରୋଧ କରିବା ସହ ପିକେଟିଂ କରିଥିଲେ। ଫଳରେ ଦୋକାନବଜାର, ସରକାରୀ କାର୍ଯ୍ୟାଳୟ ସହ ବସ୍ ଚଳାଚଳ ବନ୍ଦ ରହିବା ସହ ରାସ୍ତାଘାଟ ଜନଶୂନ୍ୟ ହୋଇପଡ଼ିଥିଲା। ଗୋଟିଏ ଦୁଇଟି ସ୍ଥାନକୁ ଛାଡିଦେଲେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିଲା।

କାକଟପୁର ବ୍ଲକ କଂଗ୍ରେସ ପକ୍ଷରୁ ମୁଖ୍ୟ ବଜାର ସହିତ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରାଯାଇଥିଲା। କର୍ମୀମାନେ କାକଟପୁର-ଅସ୍ତରଙ୍ଗ, କାକଟପୁର-କୋଣାର୍କ, କାକଟପୁର-ଚାରିଛକ ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ଶ୍ରୀଧର ନାୟକ, ବିଶ୍ୱଭୂଷଣ ଦାସ, ଶିବାନନ୍ଦ ଶତପଥୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। କଂଗ୍ରେସ କର୍ମୀମାନେ ତହସିଲ କାର୍ଯ୍ୟାଳୟ ପଛପଟ ଫାଟକ ଭାଙ୍ଗି କର୍ମଚାରୀ ଅବକାଶ ପାତ୍ରଙ୍କୁ ମାଡ଼ ମାରିଥିଲେ। କାର୍ଯ୍ୟାଳୟ ଭିତରେ ତହସିଲଦାର ରୋଜିନା ଦାଶ ଥିଲେ ମଧ୍ୟ ତାଙ୍କୁ କଂଗ୍ରେସ କର୍ମୀଙ୍କୁ ଅଟକାଇ ପାରି ନ ଥିଲେ। ଖବର ପାଇ ଆଇଆଇସି ସୁମତି ମହାନ୍ତି ଘଟଣାସ୍ଥଳରେ ପୋଲିସ ଫୋର୍ସ ସହିତ ପହଞ୍ଚି ଉତ୍ତ୍ୟକ୍ତ କଂଗ୍ରେସ କର୍ମୀଙ୍କୁ ବୁଝାଶୁଝା କରିବା ପରେ ଅବସ୍ଥା ଶାନ୍ତ ପଡ଼ିଥିଲା। ପରେ ତହସିଲଦାର କାର୍ଯ୍ୟାଳୟକୁ ବନ୍ଦ କରିଦେଇଥିଲେ। ଏ ସମ୍ପର୍କରେ ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ଆଇଆଇସି କହିଛନ୍ତି। ଅସ୍ତରଙ୍ଗରେ କଂଗ୍ରେସ ଓ ସିପିଆଇ ପକ୍ଷରୁ ପିକେଟିଂ କରାଯିବା ସହିତ ବ୍ଲକ ଛକ, ନୂଆଗଡ଼ ଛକ ଏବଂ ବସ୍‌ଷ୍ଟାଣ୍ଡରେ ଟାୟାର ଜାଳି କର୍ମୀମାନେ ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଅସ୍ତରଙ୍ଗ ବ୍ଲକ କଂଗ୍ରେସ ପକ୍ଷରୁ ବାଉରିବନ୍ଧୁ ମହାନ୍ତି, ଜିତେନ୍ଦ୍ର ନାୟକ, ପ୍ରଶାନ୍ତ ଭୋଳ ଏହାର ନେତୃତ୍ୱ ନେଇଥିଲେ।

**ସାକ୍ଷୀଗୋପାଳ:** ତୈଳଦର ବୃଦ୍ଧି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାୟୀ କରି ପୂର୍ବତନ ପସିସି ସଭାପତି ପ୍ରସାଦ ହରିଚନ୍ଦନ ଭୁବନେଶ୍ୱର-ପୁରୀ ୩୧୬ନଂ ଜାତୀୟ ରାଜପଥ ସତ୍ୟବାଦୀ ବ୍ଲକ ଛକରେ କର୍ମୀମାନଙ୍କ ସହିତ ଧାରଣା ଦେଇଥିଲେ। ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ କାମ କରୁଥିବା ଅଧିକାରୀମାନଙ୍କୁ କାର୍ଯ୍ୟାଳୟରୁ ବାହାର କରି ଆନ୍ଦୋଳନକାରୀମାନେ ତାଲା ପକାଇ ଦେଇଥିଲେ। ପୁରୀ ଜିଲା କଂଗ୍ରେସ ଉପସଭାପତି ବିରେନ୍ଦ୍ର ଭୂଷଣ ହୋତା, ସମ୍ପାଦକ ଦେବ ଲୋଭାନ, ଶଙ୍କର୍ଷଣ ପ୍ରଧାନ, ଦେବାଶିଷ ମିଶ୍ର, ଦୁର୍ଗାପ୍ରସାଦ ମିଶ୍ର ପ୍ରମୁଖ କର୍ମୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ନିମାପଡ଼ା:** ନିମାପଡ଼ା, ଚାରିଛକ, ଖେଲାର ଅଞ୍ଚଳରେ ଶାନ୍ତିପୂର୍ଣ୍ଣଭାବେ ବନ୍ଦ ପାଳନ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସତ୍ୟବ୍ରତ ପାତ୍ର, ବ୍ଲକ କଂଗ୍ରେସ କମିଟି ସଭାପତି ଜୟଦେବ ବରାଳ, ପ୍ରଗତି ବରାଳ, ସରୋଜ କୁମାର ସାହୁ, ସମୀର କୁମାର ସାମନ୍ତରାୟ, ସୁବାସ ମଲ୍ଲିକ, କୈଳାସ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା।

**ବ୍ରହ୍ମଗିରି :** ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଭାରତ ବନ୍ଦ ଡାକରା ଦେଇଥିବାବେଳେ ବାମପନ୍ଥୀ ଦଳମାନଙ୍କ ସହ ଅନ୍ୟମାନେ ଏହାକୁ ସମର୍ଥନ କରିଥିଲେ। ମାତ୍ର ବ୍ରହ୍ମଗିରିରେ କଂଗ୍ରେସର ପ୍ରଭାବ କମ୍ ଥିବାବେଳେ ସିପିଏମ୍ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା।

**ଗୋପ :** ଗୋପ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଥିଲା। ଗୋପ ବ୍ଲକ କଂଗ୍ରେସ କମିଟି ସଭାପତି ଲକ୍ଷ୍ମୀଧର ପ୍ରଧାନ ଓ ସିପିଆଇ ନେତା ମନୋଜ ପରିଡ଼ାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ଓ ସିପିଆଇ କର୍ମୀ ଏକ ମୋଟରସାଇକେଲ ଶୋଭାଯାତ୍ରାରେ ବାହାରି ଗୋପ ବଜାର, ନାଗପୁର, ଛଇତନା, ବେଗୁନିଆ ବଜାରକୁ ବନ୍ଦ କରିଥିଲେ।



ଆନ୍ଦୋଳନକାରୀମାନେ ତହସିଲ କର୍ମଚାରୀଙ୍କୁ ମାଡ଼ ମାରୁଛନ୍ତି।

**କୋଣାର୍କ :** ବନ୍ଦ ଯୋଗୁ ସୂର୍ଯ୍ୟମନ୍ଦିର ପର୍ଯ୍ୟଟକଶୂନ୍ୟ ହେବା ସହ ଆସିଥିବା ପର୍ଯ୍ୟଟକମାନେ ମନ୍ଦିର ବୁଲି ନ ପାରି ବେଢାରେ ବୁଲି ନିରାଶରେ ଫେରିଥିବା ଦେଖିବାକୁ ମିଳିଥିଲା। କଂଗ୍ରେସ ନଗର କମିଟି ସଭାପତି ଭରତଚନ୍ଦ୍ର ପାଢୀ ଓ ସିପିଆଇ ନେତା ସୁକାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ଓ ସିପିଆଇ କର୍ମୀ ମୋଟରସାଇକେଲ ଶୋଭାଯାତ୍ରାରେ ପିକେଟିଂ କରି ଦୋକାନବଜାର ବନ୍ଦ କରିଥିଲେ।

**କଣାସ :** କଣାସ ବ୍ଲକ, ତହସିଲ, ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ଓ ପେଟ୍ରୋଲ୍ ପମ୍ପ ବନ୍ଦ ଥିବାବେଳେ କଂଗ୍ରେସ ଓ ସିପିଆଇ (ଏମ୍) କର୍ମୀମାନେ ରାସ୍ତା ଅବରୋଧ କରି ବସି ରହିଥିଲେ। ଏହାକୁ ଜିତେନ୍ଦ୍ର ମହାପାତ୍ର, ପ୍ରତାପ ପଟ୍ଟନାୟକ, ରାମଚନ୍ଦ୍ର ମହାପାତ୍ର, ସ୍ମୃତିରଞ୍ଜନ ଦାସ, ଦୀନବନ୍ଧୁ ଦାସ ପ୍ରମୁଖ କର୍ମୀମାନେ ବନ୍ଦ ପାଳନରେ ଅଂଶଗ୍ରହଣ କରିଥିଲେ।

**ପିପିଲି :** ପିପିଲି ହାଟଛକ, ଗୁଡ଼ିଆ ପୋଖରୀ, ଦାଣ୍ଡମୁକୁନ୍ଦପୁର, ମଙ୍ଗଳପୁର, ସାତଶଙ୍ଖ ଛକରେ ଶତାଧିକ କଂଗ୍ରେସ କର୍ମୀ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ନେତୃତ୍ୱରେ ପୁରୀ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଅଜିତ ମଙ୍ଗରାଜ, ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଏହାର ପ୍ରଭାବରେ ତହସିଲ, ବ୍ଲକ କାର୍ଯ୍ୟାଳୟ ସହିତ ବ୍ୟାଙ୍କ ବନ୍ଦ ରହିଥିଲା।

## 'କ୍ୟାମ୍ପସ ଟାଇମ୍ସ' ଉନ୍ମୋଚିତ

**ପୁରୀ ଅଫିସ,୧୦।୯:**

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ମହାବିଦ୍ୟାଳୟରେ ଚାଲିଥିବା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଷ୍ଟଡି ସେଣ୍ଟରର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏସ୍‌ସିଏସ୍ କଲେଜ କେନ୍ଦ୍ରର ସଂଯୋଜକ ଡ. ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ କଲେଜ ଅଧକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର ମୁଖ୍ୟଅତିଥି, ବିଏଡର ଅଧକ୍ଷ ଡ. ଶଙ୍କର୍ଷଣ ଦାସ, ପୂର୍ବତନ କଲେଜ ଅଧକ୍ଷ ପ୍ରଫେସର ତପନ କାନୁନ୍‌ଗୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ପାଦିତ 'କ୍ୟାମ୍ପସ ଟାଇମ୍ସ' ମାସିକ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

■ ସରକାରୀ ମହିଳା ମହାବିଦ୍ୟାଳୟ

## ସମସ୍ୟା ନେଇ ମନ୍ତ୍ରୀଙ୍କୁ ଭେଟିଲେ ଛାତ୍ରୀ

**ପୁରୀ ଅଫିସ,୧୦।୯:**

ସରକାରୀ ମହିଳା ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଏକ ଛାତ୍ରୀ ପ୍ରତିନିଧି ଦଳ କଲେଜ ଗଭର୍ଣ୍ଣିଂ ବଡି ଚେୟାରମ୍ୟାନ ତଥା ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କୁ ଭେଟି ଆଲୋଚନା କରିଛନ୍ତି। କଲେଜରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ପୂରଣ, ଛାତ୍ରୀ ନିବାସକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ପଢିବା ଭଳି ଲାଇବ୍ରେରି ହଲ୍, ଅତ୍ୟାବଶ୍ୟକ ପାଠ୍ୟପୁସ୍ତକ ବ୍ୟବସ୍ଥା, ସାଇକେଲ ଷ୍ଟାଣ୍ଡ, ୱାଇଫାଇ କ୍ୟାମ୍ପସ, ଲାଙ୍ଗୁଏଜ୍ ଲାବ ଲାଗି ସେମାନେ ଦାବି କରିଥିଲେ। ପର୍ଯ୍ୟାୟ କ୍ରମେ କଲେଜର ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଛାତ୍ରୀ ସଂସଦ ସମ୍ପାଦିକା ସୁମିତ୍ରା ଦଳାଇ କହିଛନ୍ତି। କଲେଜର ଛାତ୍ରୀ ସଂସଦ ସମ୍ପାଦିକା ଦଳାଇଙ୍କ ନେତୃତ୍ୱରେ ବର୍ଷା ସାହୁ, କାଜଲ ସାହୁ, ଅର୍ପିତା ବେଉରା, ରାଜଲକ୍ଷ୍ମୀ ମହାପାତ୍ର, ଆଲିଶା ମେକାପ ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ। ଏଥିସହିତ କଲେଜର ପୂର୍ବତନ ଛାତ୍ରୀ ମାନଙ୍କୁ ନେଇ ଏକ ଆଲୁମ୍ନି ଗଠନ ଲାଗି କେତେଜଣ ପୂର୍ବତନ ଛାତ୍ରୀନେତ୍ରୀ ମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ।



ଛାତ୍ରୀମାନେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କୁ ଭେଟୁଛନ୍ତି।

# 'ମୁଁ ଓ ମୋର ଅଧିକାର' ଆଲୋଚନାଚକ୍ର

**ପୁରୀ ଅଫିସ, ୧୦।୯:**

ରାଜ୍ୟ ସରକାର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ତେବେ ଏହାର ସୁଫଳ ପାଉନାହାନ୍ତି ପ୍ରକୃତ ହିତାଧିକାରୀ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ତଥା ସ୍ଥାନୀୟ ପ୍ରଶାସନର ଅବହେଳାରୁ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ଜନତା। ବର୍ଷ ବର୍ଷ ଧରି ଅବହେଳିତ ଅବ୍ୟବସ୍ଥାରେ ରହିଥିବା କେତେଜଣ ପୀଡିତ ପରିବାର ସୋମବାର ପୁରୀ ଜିଲା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଆୟୋଜିତ 'ମୁଁ ଓ ମୋ ଅଧିକାର' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ନିଜ ପ୍ରତିକ୍ରିୟା ରଖିଥିଲେ। କିଭଳି ସେମାନେ ନିଜ ସମସ୍ୟା ଲାଗି ଏ କାର୍ଯ୍ୟାଳୟରୁ ସେ କାର୍ଯ୍ୟାଳୟକୁ ଦୌଡୁଛନ୍ତି, ସେ ସମ୍ପର୍କରେ କହିଥିଲେ। ସୂଚନା ଅଧିକାର ଅଭିଯାନର ଜିଲା ଆବାହକ ଆଇନଜୀବୀ ଚିନ୍ମୟ ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଉପଜିଲାପାଳ ଭବତାରଣ ସାହୁ ମୁଖ୍ୟଅତିଥି, ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ, ସାମାଜିକ କର୍ମୀ ନାରାୟଣ ଦାଶ, ବ୍ରଜବନ୍ଧୁ ମହାରଣା, ଶ୍ୟାମପ୍ରକାଶ ସେନାପତି, ରାଜେଶ ମିଶ୍ର, ବିଶ୍ୱରାଜ ପଟ୍ଟନାୟକ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ଦାଶ, ପୂର୍ବତନ ସିଡବ୍ଲୁସି ଚେୟାରମ୍ୟାନ ସିଦ୍ଧାର୍ଥ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ଜିଲାର ବିଭିନ୍ନ ସ୍ଥାନରୁ ୨୩ଟି ପରିବାର ଯୋଗ ଦେଇଥିଲେ।

**ଦିବ୍ୟାଙ୍ଗ ଭତ୍ତାରେ ଚଳୁଛି ପରିବାର**

ପୁରୀ ସଦର ବ୍ଲକ ଅନ୍ତର୍ଗତ ଗଙ୍ଗାନାରାୟଣପୁର ପଞ୍ଚାୟତର ଠେକୁଆପଡାର ମନୋରଞ୍ଜନ ସାହୁ (୪୯)। ସ୍ତ୍ରୀ ନୟନା, ଦୁଇ ପୁଅ ସୋମନାଥ ଓ ଓମ୍‌ପ୍ରକାଶଙ୍କୁ ନେଇ ତାଙ୍କ ପରିବାର। ୧୦ବର୍ଷ ତଳେ ଘର ଅଗଣାରେ ଥିବା ନଡ଼ିଆ ଗଛରୁ ପଇଡ଼ ତୋଳିବା ବେଳେ ତଳେ ପଡି ଗୁରୁତର ଆହତ ହୋଇଥିଲେ। ପକ୍ଷାଘାତରେ ଆକ୍ରାନ୍ତ ହୋଇ ତାଙ୍କ ଦୁଇ ଗୋଡ ଅଚଳ ହୋଇପଡିଛି। ସରକାରଙ୍କ ପକ୍ଷରୁ କେବଳ ଦିବ୍ୟାଙ୍ଗ ଭତ୍ତା ପାଉଛନ୍ତି। ପରିବାରରେ ଆଉ କେହି ରୋଜଗାରିଆ ନ ଥିବାରୁ ମନୋରଞ୍ଜନଙ୍କ ପରିବାର ଦୁର୍ବିଷହ ହୋଇପଡିଛି। ଅନ୍ୟପଟେ ଆର୍ଥିକ ଅନଟନରୁ ତାଙ୍କ ଚାଳ ଛପର ଘରଟି ଭାଙ୍ଗିଗଲାଣି। ଇନ୍ଦିରା ଆବାସ ଅଥବା ମୋ କୁଡିଆ ଯୋଜନାରେ ତାଙ୍କ ପରିବାରକୁ ସାମିଲ କରିବା ଲାଗି ମନୋରଞ୍ଜନ ନିବେଦନ କରିଛନ୍ତି।



ପରିବାର ସହ ଦିବ୍ୟାଙ୍ଗ ମନୋରଞ୍ଜନ ସାହୁ।

**୧୯ବର୍ଷ ଧରି ଚର୍ମରୋଗରେ ପୀଡିତ ଗୀତାଞ୍ଜଳି**

୧୯ବର୍ଷ ଧରି ଗୀତାଞ୍ଜଳି ସ୍ୱାଇଁ ଚର୍ମରୋଗରେ ପୀଡିତ ଅଛନ୍ତି। ପରିବାରର ଆର୍ଥିକ ଅଭାବ ତାଙ୍କ ଚିକିତ୍ସାରେ ବାଧକ ସାଜିଛି। ସଦର ବ୍ଲକ କେରାଣ୍ଡିପୁର ଗ୍ରାମର ବାଙ୍କନିଧି ସ୍ୱାଇଁଙ୍କ ଝିଅ ଗୀତାଞ୍ଜଳିଙ୍କର ଜନ୍ମରୁ ଚର୍ମରୋଗ ହୋଇଛି। ରାଜମିସ୍ତ୍ରି କାମ କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ବାଙ୍କନିଧି ଝିଅର ଚିକିତ୍ସା ଲାଗି ନିଜର ଅଜସ୍ର ଅର୍ଥ ଖର୍ଚ୍ଚ କରିସାରିଲେଣି। ଚିକିତ୍ସାରେ ସହାୟତା ଲାଗି ଜିଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଥିଲେ ବି କୌଣସି ସୁଫଳ ପାଇ ନ ଥିବା ବାଙ୍କନିଧି କହିଛନ୍ତି। ଭାଗ୍ୟକୁ ଆଦରି ଝିଅ ସେବା ଶୁଶ୍ରୁଷା କରୁଛନ୍ତି। ଗୀତାଞ୍ଜଳି ଏବେ ପାଠପଢାରୁ ମଧ୍ୟ ବଞ୍ଚିତ।

**ନଗରପାଳଙ୍କ ଭାଷଣକୁ ନେଇ ଚର୍ଚ୍ଚା**

କେତେଜଣ ଭ୍ରଷ୍ଟାଚାରୀ ନେତା ଏବଂ ଅସାଧୁ ପ୍ରଶାସନିକ ଅଧିକାରୀଙ୍କ ଯୋଗୁ ସରକାରୀ ଯୋଜନା କାର୍ଯ୍ୟକାରିତାରେ ବାଧକ ସୃଷ୍ଟି ହୋଇଛି। ଉପେକ୍ଷିତ ହେଉଛନ୍ତି ଜନତା। କିନ୍ତୁ ନେତା ଜନତାର ସେବକ। ଜନତାର ସେବା କରିବା ସେମାନଙ୍କ ପ୍ରଥମ କର୍ତ୍ତବ୍ୟ। ଭୋଟରଙ୍କୁ ବିକାଶର ଚିତ୍ର ଦେଖାଇ ନିଜ କାୟାବିସ୍ତାରରେ ଲାଗିଛନ୍ତି ବୋଲି କହିଛନ୍ତି ପୁରୀ ନଗରପାଳ ଜୟନ୍ତ ଷଡ଼ଙ୍ଗୀ। ଜିଲା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଚାଲିଥିବା ଆଲୋଚନାଚକ୍ରରେ ଜୟନ୍ତଙ୍କ ଏହି ମନ୍ତବ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି।